

অଲ୍ଲୁଙ୍କ ଫିଲ୍ମରେ କାଜଲଙ୍କ ଏଣ୍ଟ୍ରି

▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-201 ♦FRIDAY ♦16 JANUARY 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୨୦୧ ♦ଶୁକ୍ରବାର ♦୧୬ ଜାନୁଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


# ଇରାନ ମୁହାଁ ଆମେରିକା ଯୁଦ୍ଧ ଜାହାଜ

## ଚୀନ ସାଗରରୁ ବାହାରି ମଧ୍ୟପ୍ରାଚ୍ୟ ଯାଉଛି ଷ୍ଟ୍ରାଇକ୍ ଗ୍ରୁପ୍

■ ୱାସିଂଟନ, ୧୫।୧ (ଏଜେନ୍ସି): ଇରାନରେ ସୁପ୍ରିମ ନେତା ଅଲ୍ଲୀ ଖାମନେଇଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ ଜାରି ରହିଥିବା ବେଳେ ସରକାର ମଧ ଦମନଲୀଳା ଜାରି ରଖିଛନ୍ତି। ଏଥିରେ କ୍ଷୁବ୍ଧ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ଉପରେ ଆକ୍ରମଣ କରିବାକୁ ସ୍ଥିର କରିଥିବା ଜଣାପଡ଼ିଛି। ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ବିଭିନ୍ନ ସ୍ଥାନରେ ଥିବା ଆମରିକାର ଯୁଦ୍ଧ ଜାହାଜ ଏବେ ଇରାନ ଆଡ଼କୁ ମାଡ଼ିଯାଉଥିବା ଖବର ମିଳିଛି। ଇରାନକୁ ଚାରିପଟୁ ଘେରାଉ କରିବା ପରେ ଇରାନର ସାମରିକ ପ୍ରତିଷ୍ଠାନ ଉପରେ ଆକ୍ରମଣ କରିପାରନ୍ତି ଆମେରିକା ସେନା। ।ତେବେ ଟ୍ରମ୍ପଙ୍କ ଧମକ ପରେ ଇରାନ ବିକ୍ଷୋଭକାରୀଙ୍କୁ ମୃତ୍ୟୁଦଣ୍ଡ ଦେବା ସ୍ଥଗିତ ରଖିଥିବାରୁ ଇରାନ ଉପରେ ଆମେରିକା ଏବେ ଆକ୍ରମଣ କରିନପାରେ ବୋଲି କୁହାଯାଉଛି। ମିଳିଥିବା ସୂଚନା ଅନୁଯାୟୀ ମୃତ୍ୟୁଦଣ୍ଡ ନଦେବାଲାଗି ଇରାନ ପ୍ରତିଶ୍ରୁତି ଦେବାପରେ ଟ୍ରମ୍ପ ଆକ୍ରମଣ ଯୋଜନାକୁ ସ୍ଥଗିତ ରଖିଛନ୍ତି। ଇରାନ ଆକ୍ରମଣ ଆଶଙ୍କାରେ କତାରରୁ

**ଟ୍ରମ୍ପଙ୍କ ଧମକ ପରେ ନରମିଲା ଇରାନ**

**ଫାଶୀ ଦଣ୍ଡ ସ୍ଥଗିତ**

**ଏବେ ଯୁଦ୍ଧ ହୋଇନପାରେ**

**ବାୟୁ ସୀମା ଖୋଲିଲା ଇରାନ**



ସେନା ପ୍ରତ୍ୟାହାର କରିଥିବା ଆମେରିକା ଏହି ସେନାକୁ ପୁଣି କତାର ପଠାଇଛି। ପରିସ୍ଥିତି ଶାନ୍ତ ପଡୁଥିବାରୁ ଇରାନ ଏହାର ଆକାଶ ସୀମାକୁ ମଧ ଖୋଲିଦେଇଛି।

ଅନ୍ୟପକ୍ଷରେ ଇରାନର ଆଖପାଖ ଅଞ୍ଚଳରେ ନିଜର ସାମରିକ ଉପସ୍ଥିତିକୁ ବୃଦ୍ଧି କରିବାକୁ ପ୍ରସ୍ତୁତି ଆରମ୍ଭ କରିଛି ଆମେରିକା। ନୌସେନାର ୟୁଏସ୍‌ଏସ୍ ଆବ୍ରାହମ ଲିଙ୍କନ କ୍ୟାରିୟର ଷ୍ଟ୍ରାଇକ୍ ଗ୍ରୁପ୍ ଦକ୍ଷିଣ ଚୀନ୍ ସାଗରରୁ ମଧ୍ୟପ୍ରାଚ୍ୟକୁ ଯାତ୍ରା କରିବା ଆରମ୍ଭ କରିଛି। ୟୁଏସ୍‌ଏସ୍ ଆବ୍ରାହାମ ଲିଙ୍କନ ହେଉଛି ଆମେରିକା ନୌସେନାର ଏକ ପରମାଣୁ ଶକ୍ତିସମ୍ପନ୍ନ ଯୁଦ୍ଧ ବିମାନ ବାହକ। ଏହାକୁ ବିଶ୍ୱର ସବୁଠାରୁ ବଡ଼ ଓ ସବୁଠାରୁ ଶକ୍ତିଶାଳୀ ଯୁଦ୍ଧଜାହଜଗୁଡିକ ମଧ୍ୟରେ ଗୋଟିଏ ବୋଲି ବିବେଚନା କରାଯାଏ। ଆମେରିକା ସମାଚାର ୱେବ୍‌ସାଇଟ୍ ନ୍ୟୁଜ ନେସନର ଏକ ରିପୋର୍ଟ ଅନୁଯାୟୀ, ଇରାନ ଆକାଶ ସୀମା ବନ୍ଦ ହେବାର ମାତ୍ର ଗୋଟିଏ ଘଣ୍ଟା ପରେ ଏହି ନିଷ୍ପତ୍ତି ନିଆଯାଇଛି। ରିପୋର୍ଟ ଅନୁସାରେ ଚୀନ କାର୍ଯ୍ୟକଳାପ ଉପରେ ନଜର ରଖିବା ପାଇଁ ଏହି ଷ୍ଟ୍ରାଇକ ଗ୍ରୁପ୍ ଦକ୍ଷିଣ ଚୀନ ସାଗରରେ ମୁତୟନ କରାଯାଇଥିଲା। କିନ୍ତୁ ଏବେ ଏହା ଇରାନ ଆଡକୁ ଯିବା ଲକ୍ଷ୍ୟ କରାଯାଇଛି। କିନ୍ତୁ ମଧ୍ୟପ୍ରାଚ୍ୟରେ ଏହା ପହଞ୍ଚିବାକୁ ଅତିକମ୍‌ରେ ଗୋଟିଏ ସପ୍ତାହ ସମୟ ଲାଗିବ। ଏପର୍ଯ୍ୟନ୍ତ ଆମେରିକା ଅଧିକାରୀମାନେ ଏ ସଂକ୍ରାନ୍ତରେ କୌଣସି ସୂଚନା ଦେଇନାହାନ୍ତି ବା କିଛି ସ୍ୱଷ୍ଟ କରିନାହାନ୍ତି। ଆକ୍ରମଣ କରିବା ପୂର୍ବରୁ ଆମେରିକା ସମାନ ଢଙ୍ଗରେ ଭେନେଜୁଏଲା ଉପକୂଳରେ ଏହାକୁ ମୁତୟନ କରିଥିଲା। ଏହି ଷ୍ଟ୍ରାଇକ ଗ୍ରୁପ୍ ଏବେ ଦକ୍ଷିଣ ଚୀନ ସାଗରରୁ ସେଣ୍ଟ୍ରାଲ କମାଣ୍ଡ (ସିଇଏନଟିସିଓଏମ୍) କ୍ଷେତ୍ର ଆଡକୁ ଗତି କରୁଛି। ଏହା ମଧ୍ୟପ୍ରାଚ୍ୟ, ଉତ୍ତରପୂର୍ବ ଆଫ୍ରିକା, କେନ୍ଦ୍ର ଏସିଆ ଓ ଦକ୍ଷିଣ ଏସିଆର ୨୧ଟି ଦେଶକୁ କଭର କରିବ। ଏବେ କିନ୍ତୁ ମଧ୍ୟପ୍ରାଚ୍ୟରେ ଆମେରିକାର କୌଣସି ଷ୍ଟ୍ରାଇକ୍ ଗ୍ରୁପ୍ ମୁତୟନ ହୋଇନାହିଁ। ▶ପୃଷ୍ଠା-୭

### ଆଇ-ପ୍ୟାକ୍ କାର୍ଯ୍ୟାଳୟରେ ଇଡି ଚଢ଼ଉ ମାମଲା

# ସୁପ୍ରିମକୋର୍ଟରେ ମମତାଙ୍କୁ ଝଟ୍‌କା



■ନୂଆଦିଲ୍ଲୀ, ୧୫ ।୧ (ଏଜେନ୍ସି): କୋଇଲା ଦୁର୍ନୀତି ମାମଲାରେ ଆଇ-ପାକ୍ ଅଫିସରେ ଚଢ଼ଉକୁ ନେଇ ପଶ୍ଚିମ ବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଲାଗି ରହିଥିବା ବେଳେ ଏହି ମାମଲାରେ ସୁପ୍ରିମ କୋର୍ଟରେ ମମତା ବାନାର୍ଜୀଙ୍କୁ ଝଟକା ଲାଗିଛି। ଇଡି ଚଢ଼ଉ ଚଳାଇଥିବା ବେଳେ ମମତା ଏବଂ ତାଙ୍କର ଅଧିକାରୀ ଏଥିରେ ଯେଉଁପ୍ରକାର ବାଧା ସୃଷ୍ଟି କଲେ, ତାହାକୁ ନେଇ କୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହା ଏକ ଗମ୍ଭୀର ମାମଲା ହୋଇଥିବାରୁ ସର୍ବୋଚ୍ଚ ଅଦାଲତ ମମତା ବାନାର୍ଜୀ ଏବଂ ତାଙ୍କ ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ଏହାସହିତ ଇଡି ଅଧିକାରୀଙ୍କ ବିରୋଧରେ ରାଜ୍ୟ ପୁଲିସର ଏଫଆଇଆର ଉପରେ ରୋକ୍ ଲଗାଇଛନ୍ତି।

**ଏଜେନ୍ସିର କାର୍ଯ୍ୟରେ ବାଧା ଏକ ଗୁରୁତର ପ୍ରସଙ୍ଗ: ସୁପ୍ରିମ୍‌କୋର୍ଟ**

**କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନୋଟିସ**

**ଇଡି ଅଧିକାରୀଙ୍କ ବିରୋଧରେ ଏଫ୍‌ଆଇଆର୍ ଉପରେ ରୋକ୍**

ଜଷ୍ଟିସ ପ୍ରଶାନ୍ତ କୁମାର ମିଶ୍ର ଓ ଜଷ୍ଟିସ ବିପୁଲ ପାଞ୍ଚୋଲିଙ୍କ ଖଣ୍ଡପୀଠ ଆଜି ଶୁଣାଣି ବେଳେ ଇଡି ବନାମ୍ ମମତା ଘଟଣାକୁ ନେଇ ଚିନ୍ତା ପ୍ରକଟ କରିଥିଲେ। ଖଣ୍ଡପୀଠ କହିଥିଲେ ଯେ କେନ୍ଦ୍ରୀୟ ଏଜେନ୍ସିର ତଦନ୍ତ ଏବଂ ଏଥିରେ ରାଜ୍ୟ ଏଜେନ୍ସି ଦ୍ୱାରା ହସ୍ତକ୍ଷେପ ସଂପର୍କରେ ଇଡି ଏହାର ପିଟିସନରେ ଯେଉଁ ପ୍ରସଙ୍ଗ ଉଠାଉଛି, ତାହା ଅତି ଗୁରୁତର ଥିବା ଜଣାପଡୁଛି। ଏଥିରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ରହିଛି, ଯାହାର ଉତ୍ତର ଦିଆଯିବା ଦରକାର। ଏହାର ଉତ୍ତର ନମିଳିଲେ ବିଶୃଙ୍ଖଳା ସୃଷ୍ଟି ହେବ। ଯଦି ଏକ କେନ୍ଦ୍ରୀୟ ତଦନ୍ତ ଏଜେନ୍ସି ଗୁରୁତର ମାମଲାର ତଦନ୍ତ କରୁଛି, ସେଥିରେ ଦଳୀୟ କର୍ମକର୍ତ୍ତା ବାଧା ଦେବା ଉଚିତ କି? ସରକାର ଇଡିର କାର୍ଯ୍ୟରେ ହସ୍ତକ୍ଷେପ କରିବା ଉଚିତ ନୁହେଁ ଓ ଏଜେନ୍ସିଗୁଡିକୁ ସେମାନଙ୍କ କାର୍ଯ୍ୟ କରିବାକୁ ଦିଆଯିବା ▶ପୃଷ୍ଠା-୭

**ମହଙ୍ଗା ପଡ଼ିଲା ଦଳବିରୋଧୀ କାର୍ଯ୍ୟ**

# ବିଜେଡିରୁ ନିଲମ୍ବିତ ହେଲେ ବିଧାୟକ ସନାତନ, ଅରବିନ୍ଦ

■ ଭୁବନେଶ୍ୱର, ୧୫।୧ (ସମିସ): ଦଳରେ ବିଶୃଙ୍ଖଳା ସର୍ବୋପରି। ଯିଏ ଯେତେ ଶକ୍ତିଶାଳୀ ହୁଅନ୍ତୁ ପଛେ, ବିଜେଡିରେ ବିଶୃଙ୍ଖଳିତ ନେତା ଓ କର୍ମୀଙ୍କର ସ୍ଥାନ ନାହିଁ। ଦଳୀୟ ଅନୁଶାସନ ଭଙ୍ଗ ଓ ଦଳ ବିରୋଧୀ କାର୍ଯ୍ୟକୁ କେବେ ବି ପ୍ରଶ୍ରୟ ଦିଆଯିବ ନାହିଁ। ବିଜେଡି ସୁପ୍ରିମୋ ବିଭିନ୍ନ ସମୟରେ ଦଳର ନେତା ଓ କର୍ମୀମାନଙ୍କୁ ଏ ସମ୍ପର୍କରେ ସଙ୍କେତ ଦେଇଛନ୍ତି। ସରକାର ଥିବା ସମୟରେ ଦଳ ବିରୋଧୀ କାର୍ଯ୍ୟ ଯୋଗୁଁ ବହୁ ଟାଣୁଆ ନେତାଙ୍କୁ ନବୀନ ଦଳରୁ ନିଲମ୍ବିତ ଓ ବହିଷ୍କାର କରିଛନ୍ତି। ସେହିକ୍ରମରେ ଦଳ ବିରୋଧୀ କାର୍ଯ୍ୟକଳାପ ପାଇଁ ଆଜି ନବୀନ ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ ଓ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କୁ ଦଳରୁ ନିଲମ୍ବନ କରିଛନ୍ତି। ଏନେଇ ଗୁରବାର ଦଳ ପକ୍ଷରୁ ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଦଳ ପକ୍ଷରୁ ଉଭୟ ବିଧାୟକଙ୍କ ନିଲମ୍ବନ ସମ୍ପର୍କରେ ବିଧାନସଭାର ବାଚସ୍ପତିଙ୍କୁ ଅବଗତ କରାଯାଇଛି।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବିଗତ କିଛି ମାସ ଧରି ଉଭୟଙ୍କ ବିରୋଧରେ ଦଳ ବିରୋଧୀ କାର୍ଯ୍ୟକଳାପ ଅଭିଯୋଗ





**ଦଳୀୟ ଶୃଙ୍ଖଳାଠାରୁ କେହି ଉର୍ଦ୍ଧ୍ୱରେ ନୁହନ୍ତି ବୋଲି ନବୀନଙ୍କ ବାର୍ତ୍ତା**

**କିଛି ମାସ ଧରି ଉଭୟଙ୍କ ଆଚରଣକୁ ନିରୀକ୍ଷଣ କରୁଥିଲେ ନବୀନ**

**ସଭାପତି ସବୁବେଳେ ଭାବିଚିନ୍ତି ନିଷ୍ପତ୍ତି ନେଇଥାନ୍ତି: ଦିବ୍ୟଶଙ୍କର**

**ଦଳ ବିରୋଧୀ କାର୍ଯ୍ୟକଳାପ ପାଇଁ କାର୍ଯ୍ୟାନୁଷ୍ଠାନ ହୋଇଛି: ଗଣେଶ୍ୱର**

ଆସିବା ପରେ ନବୀନ ସେମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖିଥିଲେ। ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ ସର୍ବସାଧାରଣରେ ବିଜେଡି ସରକାରଙ୍କୁ ସମାଲୋଚନା କରି ଆସୁଥିଲେ। ଏପରିକି ଚମ୍ପୁଆ ତଥା କେନ୍ଦୁଝର ଜିଲ୍ଲାରେ ସେ ଦଳର ସଂଗଠନକୁ ଦୁର୍ବଳ କରୁଥିବା ନେଇ ନବୀନଙ୍କ ପାଖରେ ଖବର ପହଞ୍ଚିଥିଲା। ସେହିପରି ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ମଧ୍ୟ ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ଥିବା ନେଇ ନବୀନ ଜାଣିବାକୁ ପାଇଥିଲେ। କିଛିମାସ ଧରି ନିରବରେ ନବୀନ ଉଭୟଙ୍କ ଆଚରଣକୁ ନିରୀକ୍ଷଣ କରିବା ସହ ତ୍ରୁଟି ସୁଧାରିବାକୁ ମଧ୍ୟ ସୁଯୋଗ ଦେଇଥିଲେ। ମାତ୍ର ତ୍ରୁଟି ସୁଧାରିବା ପରିବର୍ତ୍ତେ ଉଭୟ ପୂର୍ବପରି ଦଳ ବିରୋଧୀ କାର୍ଯ୍ୟରେ ଜଡ଼ିତ ଜଣା ପଡ଼ିବା ପରେ ଉଭୟଙ୍କୁ ବିଜେଡିରୁ ନିଲମ୍ବନ କରାଯାଇଛି। ଦଳର ଯେତେବେଡ଼ ନେତା ଯେଉଁ ପଦବୀରେ ଥାଆନ୍ତୁ ପଛେ, ଦଳର ଶୃଙ୍ଖଳା ସର୍ବୋପରି। ଶୃଙ୍ଖଳା ସୀମାରେଖାକୁ ଯିଏ ଅତିକ୍ରମ କରିବ, ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନବୀନ ଶକ୍ତ ଏବଂ ସ୍ୱଷ୍ଟ ବାର୍ତ୍ତା ପ୍ରଦାନ କରିଛନ୍ତି। ଅପରପକ୍ଷେ ନବୀନଙ୍କ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ନେଇ ବିଜେଡିର ବରିଷ୍ଠ ବିଧାୟକ ଦିବ୍ୟଶଙ୍କର ▶ପୃଷ୍ଠା-୭

### ସୁନ୍ଦରଗଡ଼ରେ ଗୋଷ୍ଠୀ ସଂଘର୍ଷ

# ୧୬୩ ଧାରା ଜାରି; ଇଣ୍ଟରନେଟ୍ ବନ୍ଦ

■ ରାଉରକେଲା, ୧୫।୧ (ସମିସ): ଗୁରୁବାର ସୁନ୍ଦରଗଡ଼ ସହରରେ ଗୋଷ୍ଠୀ ସଂଘର୍ଷ ଘଟିଛି। ଗୋଟିଏ ଗୋଷ୍ଠୀ ପକ୍ଷରୁ ଇଟା ପଥର ମାଡ଼ ହେବାରୁ ଅନ୍ୟ ଗୋଷ୍ଠୀ ସହ ପ୍ରଥମେ ଉଚ୍ଚବାଚ ଓ ପରେ ସଂଘର୍ଷ ଘଟିଥିଲା। ଏଥିରେ ୪ ଜଣ ପୁଲିସ କର୍ମଚାରୀଙ୍କ ସମେତ ୧୦ଜଣ ଆହତ ହୋଇଥିବା ସୂଚନା ମିଳିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ସୁନ୍ଦରଗଡ଼ ସହରରେ ଭାରତୀୟ ନ୍ୟାୟ ସଂହିତା(ବିଏନଏସ) ର ୧୬୩ ଧାରା ଜାରି କରାଯିବା ସହ ଗୁରୁବାର ସଂଧ୍ୟା ୬ଟାରୁ ଶୁକ୍ରବାର ସଂଧ୍ୟା ୬ଟା ପର୍ଯ୍ୟନ୍ତ ଇଣ୍ଟରନେଟ୍ ସେବାକୁ ବନ୍ଦକରି ଦିଆଯାଇଛି। ଘଟଣାସ୍ଥଳରେ ବରିଷ୍ଠ ପୁଲିସ ପ୍ରଶାସନିକ ଅଧିକାରୀଙ୍କ ସହ ସୁନ୍ଦରଗଡ ଏସ୍‌ପି ଅମ୍ରିତପାଲ କୌର, ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ କୁମାର ରାଏ ଏବଂ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର ଉପସ୍ଥିତ ରହି ପରିସ୍ଥିତି ପ୍ରତି ସତର୍କ ଦୃଷ୍ଟି ରଖିଛନ୍ତି।

ସୂଚନା ମୁତାବକ, ଗୁରୁବାର ସୁନ୍ଦରଗଡ଼ ଟାଉନ୍ ଥାନା ଅଧୀନ ରିଜେଣ୍ଟ ମାର୍କେଟରେ କୌଣସି ଏକ ନିର୍ଦ୍ଦିଷ୍ଟ ଘରେ ଗୋ-ମାଂସ ମହଜୁଦ ରଖାଯାଇଥିବା ନେଇ ପୁଲିସକୁ ସୂଚନା ଦିଆଯାଇଥିଲା। ଏହି ଖବର ପାଇ ସୁନ୍ଦରଗଡ ଟାଉନ ଥାନା ପୁଲିସ ସମ୍ପୃକ୍ତ ଘରେ ସର୍ଚ୍ଚ ଅପରେସନ କରିଥିଲା। ହେଲେ ସେଠାରେ କୌଣସି ଗୋମାଂସ ନ ମିଳିବାରୁ ପୁଲିସ ଉଭୟ ଗୋଷ୍ଠୀଙ୍କୁ



ବୁଝାସୁଝା କରି ଫେରି ଯାଇଥିଲା। ତେବେ ପୁଲିସକୁ କାହିଁକି ମିଥ୍ୟା ସୂଚନା ଦିଆଗଲା ବୋଲି ପ୍ରସଙ୍ଗକୁ ନେଇ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ପାଟିତୁଣ୍ଡ, ଉଚ୍ଚବାଚ

**ଇଟା, ପଥର ମାଡ଼ ଓ ଭଙ୍ଗାରୁଜା**

**୪ ପୁଲିସ ସମେତ ୧୦ ଆହତ**

ଆରମ୍ଭ ହୋଇଥିଲା। ଏହାପରେ ଗୋଟିଏ ଗୋଷ୍ଠୀ ପକ୍ଷରୁ ପଥର ମାଡ଼ ହେବାରୁ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ଆରମ୍ଭ ହୋଇଯାଇଥିଲା। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଉଦ୍ୟମ କରିଥିଲା। ଏସ୍‌ପି ଅମ୍ରିତପାଲ କୌର, ଅତିରିକ୍ତ ଏସ୍‌ପି ଶାନ୍ତା ନୂତନ ସାମଦ, ମହେନ୍ଦ୍ର କୁମାର ମୁର୍ମୁ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ସହରରେ ଆଇନଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ୧୦ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା।

ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଥିବାରୁ ସହରର ସମସ୍ତ ଦୋକାନ ବଜାର, ବସ୍ ଚଳାଚଳ, ଯାତାୟାତକୁ ବନ୍ଦ ରଖାଯାଇଛି। ତୁରନ୍ତ ଏକ ଶାନ୍ତି କମିଟି ଗଠନ କରି ବୈଠକ ଡାକିବାକୁ ଏସପିଙ୍କୁ ଡିଆଇଜି ଶ୍ରୀ ରାଏ ନିର୍ଦ୍ଦେଶ ଦେଇଛନ୍ତି। ସେପଟେ ଏହି ଘଟଣା ଯେପରି ସୋସିଆଲ ମିଡିଆରେ ନ ବ୍ୟାପିବ ସେଥିପାଇଁ ସୁନ୍ଦରଗଡ଼ ସହରରେ ଇଣ୍ଟରନେଟ ସେବାକୁ ୨୪ ଘଣ୍ଟା ପାଇଁ ବନ୍ଦ ରଖାଯାଇଛି ବୋଲି ଜିଲ୍ଲାପାଳ ଡ. ମହାପାତ୍ର କହିଛନ୍ତି। ପରିସ୍ଥିତିକୁ ଦୃଷ୍ଟିରେ ରଖି ସହରରେ ଶୁକ୍ରବାର ସମସ୍ତ ସ୍କୁଲ କଲେଜ ବନ୍ଦ ରଖିବାକୁ ସ୍ଥିର କରାଯାଇଛି।

# ଅସଂରକ୍ଷିତ ବର୍ଗରେ ନିଯୁକ୍ତି ପାଇଁ ସଂରକ୍ଷିତ ବର୍ଗଙ୍କୁ ମିଳିବନି ବୟସ କୋହଳ ସୁବିଧା: ହାଇକୋର୍ଟ

■ କଟକ, ୧୫।୧ (ସମିସ): ନିଯୁକ୍ତି କ୍ଷେତ୍ରରେ ସଂରକ୍ଷଣ ଓ ବୟସ କୋହଳ ନୀତିକୁ ନେଇ ଓଡ଼ିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ଯଦି କୌଣସି ନିର୍ଦ୍ଦିଷ୍ଟ ବର୍ଗ ପାଇଁ ପଦ ସଂରକ୍ଷିତ ନାହିଁ, ତେବେ ସେହି ବର୍ଗର ପ୍ରାର୍ଥୀମାନେ ଅଣସଂରକ୍ଷିତ ବର୍ଗରେ ଆବେଦନ କରିବା ସମୟରେ ବୟସ କୋହଳ ସୁବିଧା ଦାବି କରିପାରିବେ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ନିର୍ତୋଷ କୁମାର ଦାସଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ ଏପରି ରାୟ ପ୍ରଦାନ କରିଛନ୍ତି। ଏହାସହ ପୂର୍ବରୁ ଯଦି କୌଣସି ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶ ଦିଆଯାଇଥାଏ, ତାହା ମଧ ରଦ୍ଦ ହୋଇଛି। ସଂରକ୍ଷିତ ବର୍ଗର ଜଣେ ପ୍ରାର୍ଥୀ ସେତେବେଳେ ଅଣସଂରକ୍ଷିତ ବର୍ଗକୁ ସ୍ଥାନାନ୍ତର କରିପାରିବେ, ଯଦି ସେହି ନିଯୁକ୍ତି ନିୟମ ବା ବିଜ୍ଞାପନରେ ଏହାର ସ୍ୱଷ୍ଟ ବ୍ୟବସ୍ଥା ରହିଥିବ। ଯଦି ସଂରକ୍ଷିତ ପଦବୀ ନଥାଇ ମଧ ସଂରକ୍ଷିତ ବର୍ଗର ପ୍ରାର୍ଥୀଙ୍କୁ ବୟସ କୋହଳ ସୁବିଧା ଦିଆଯାଏ, ତେବେ ତାହା ଅନ୍ୟ ସାଧାରଣ ବର୍ଗର ପ୍ରାର୍ଥୀଙ୍କ ପ୍ରତି ବୈଷମ୍ୟ ସୃଷ୍ଟି କରିବ ଏବଂ ସମ୍ବିଧାନର ଧାରା ୧୪ ଓ ୧୬ ର ଉଲ୍ଲଂଘନ ହେବ ବୋଲି ହାଇକୋର୍ଟ କହିଛନ୍ତି।

ମାମଲାରୁ ପ୍ରକାଶ ଯେ ଆବେଦନକାରୀ ଓଡ଼ିଶା ହାଇଡ୍ରୋପାୱାର କର୍ପୋରେସନ ଲିମିଟେଡ (ଓଏଚପିସିଏଲ)ରେ ମ୍ୟାନେଜମେଣ୍ଟ ଟ୍ରେନି-ହ୍ୟୁମାନ ରିସୋର୍ସ ପଦ ପାଇଁ ଆବେଦନ କରିବାକୁ ଚାହୁଁଥିଲେ। ସେ ଏସଇବିସି ବର୍ଗର ହୋଇଥିବା ବେଳେ ତାଙ୍କ ବୟସ ଅଣସଂରକ୍ଷିତ ବର୍ଗର ସର୍ବୋଚ୍ଚ ସୀମା (୩୨ ବର୍ଷ) ଅତିକ୍ରମ କରିସାରିଥିଲା। ଯଦିଓ ବିଜ୍ଞାପନରେ ଏସଇବିସି ପାଇଁ ବୟସ କୋହଳ ବ୍ୟବସ୍ଥା ଥିଲା, ମାତ୍ର ସେହି ନିର୍ଦ୍ଦିଷ୍ଟ ପଦରେ ଏସଇବିସି ବର୍ଗ ପାଇଁ କୌଣସି ପଦ ସଂରକ୍ଷିତ ନଥିଲା।

### ପରିବହନ ପ୍ରାଧିକରଣକୁ ଘାରିଛି ଜୋରିମାନା ନିଶା

# ଲୋକଙ୍କୁ ଭୁଆଁ ବୁଲାଉଛନ୍ତି ମନ୍ତ୍ରୀ-ଅଧିକାରୀ

■ ଭୁବନେଶ୍ୱର, ୧୫ ।୧ (ସମିସ): ଜରିମାନା ଆଦାୟ ମୋହରୁ ଉଠି ପାରୁନି ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ)। ଏସ୍‌ଟିଏକୁ ଘାରିଥିବା ଟଙ୍କା ନିଶା ଉତୁରୁ ନାହିଁ। ତେଣୁ ପୂର୍ବବତ୍ ଏବେ ବି ରାଜ୍ୟର ବିଭିନ୍ନ ଟୋଲଗେଟ୍‌ରେ ଲଗାଯାଇଥିବା ଇ-ଡିଟେକ୍ସନ ବ୍ୟବସ୍ଥା ଚାଲୁ ରଖି ଏସ୍‌ଟିଏ ଲୋକଙ୍କ ଉପରେ ଜୋରିମାନା କଷୁଛି। ତେବେ ଆଶ୍ଚର୍ଯ୍ୟର କଥା ହେଉଛି ଯେ ଏହି ଡିଟେକ୍ସନ ବ୍ୟବସ୍ଥାରେ ବୈଧ ଇନ୍‌ସ୍ୟୁରାନ୍ସଧାରୀଙ୍କୁ ମଧ୍ୟ ଚାଲାଣ ପଠାଯାଉଛି। ଏମିତି କି




**▶ ଗାଡ଼ି ମାଲିକଙ୍କୁ ଏସ୍‌ଟିଏର ବେଢ଼ି ଉପରେ କୋରଡ଼ା**

**▶ ଟୋଲଗେଟ୍‌ରେ ବନ୍ଦ ହେଲାନି ଇ-ଡିଟେକ୍ସନ ବ୍ୟବସ୍ଥା**

**▶ ବୈଧ ଇନସ୍ୟୁରାନ୍ସ ସତ୍ତ୍ୱେ ଆସୁଛି ଏକାଧିକ ଚାଲାଣ**

କେତେକ ଗାଡ଼ିମାଲିକଙ୍କୁ ୨-୩ ଦିନ ମଧ୍ୟରେ ଏକାଧିକ ଚାଲାଣ ଆସୁଛି। ଏଭଳି ଚାଲାଣ ଦେଖିବା ପରେ ଏସ୍‌ଟିଏର ଜରିମାନାଖୋର୍ ମନୋଭାବ ପଦାକୁ ଆସିଛି। ରାଜ୍ୟରେ ପିୟୁସିସି ସହିତ ପୁରୁଣା ଜରିମାନାକୁ ଯୋଡ଼ି ପରିବହନ ବିଭାଗ ମୋଟା ଅଙ୍କର ଟଙ୍କା ରୋଜଗାର ପାଇଁ ଯେଉଁ ଉଦ୍ୟମ କରିଥିଲା, ତାକୁ ନେଇ ସାରା ରାଜ୍ୟରେ ବିବାଦ ତେଜିଛି। ଏହାସହିତ ଯେଉଁ ଗାଡ଼ିଗୁଡ଼ିକର ପିୟୁସିସି କିମ୍ବା କୌଣସି ଇନ୍‌ସ୍ୟୁରାନ୍ସର ବୈଧତା ଶେଷ ହୋଇଛି, ସେମାନଙ୍କଠାରୁ ମୋଟା ଅଙ୍କର ଜରିମାନା କରିବା ପାଇଁ ରାଜ୍ୟର ▶ପୃଷ୍ଠା-୭


SIKSHA 'O' ANUSANDHAN
SIKSHA 'O' ANUSANDHAN (DEEMED TO BE UNIVERSITY)
SAAT-2026
Empowering students for a brighter future
B.TECH PROGRAMMES IN CORE COMPUTING
Computer Science and Engineering
Computer Science and Information Technology
APPROVAL & RECOGNITIONS
Approved by UGC and AICTE
Re-accredited by NAAC with A++ Grade
Granted with Category-1 Graded Autonomy by UGC
NBA Accredited Programmes
NIRF INDIA RANKINGS 2025
15th Best in University Category
22nd Best in Engineering Category
INTERNATIONAL RANKINGS 2026
Ranked in QS World Rankings 2026
Ranked in Times World Rankings 2026
To apply for admission through SAAT, Please visit: www.soa.ac.in



# ଦେଶ ବିଦେଶ

ସକାଳ THE SAKALA
www.sakalaepaper.com

## ଖାମନେଇଙ୍କ ସମର୍ଥନରେ କାର୍ଗିଲ, ଲାଲ୍ ଚୌକରେ ସିଆ ସମ୍ପ୍ରଦାୟର ଶୋଭାଯାତ୍ରା

କାର୍ଗିଲ, ୧୫।୧(ଏଜେନ୍ସି): ଜମ୍ମୁ-କଶ୍ମୀର ତଥା ଲଦାଖର କାର୍ଗିଲରେ ଇରାନ ସର୍ବୋଚ୍ଚ ନେତା ଆୟୋତୋଲ୍ଲା ଖାମନେଇଙ୍କ ସମର୍ଥନରେ ଏକ ବିଶାଳ ଶୋଭାଯାତ୍ରାର ଆୟୋଜନ କରାଯାଇଛି। ବୁଧବାର ଆୟୋଜିତ ଏହି ରାଲିରେ ସିଆ ସମ୍ପ୍ରଦାୟର ହଜାର ହଜାର ଲୋକ ଏକାଠି ହୋଇଥିଲେ। ଇମାମ ଖୋମେନି ମେମୋରିଆ ଟ୍ରଷ୍ଟ (ଆଇକେଏମ୍‌ଟି) ଦ୍ୱାରା ଆୟୋଜିତ ଏହି ରାଲି ।।ରେ ପ୍ରଦର୍ଶନକାରୀମାନେ ଭାରତ ଓ ଇରାନ ପତାକା ଧରି ଖାମନେଇ ସମର୍ଥନରେ ସ୍ଲୋଗାନମାନ ଦେଇଥିଲେ। ଆମେରିକା ଓ ଇସ୍ରାଏଲର ବୈଦେଶିକ ନୀତିକୁ ବିରୋଧ କରାଯିବା ସହ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ବିରୋଧରେ ସ୍ଲୋଗାନ ଦିଆଯାଇଥିଲା। ରାସ୍ତାରେ ଟ୍ରମ୍ପ ଓ ନେତାନ୍ୟାହୁଙ୍କ ପ୍ରତୀକାତ୍ମକ ଶବଧାରା ମଧ୍ୟ ରଖାଯାଇଥିଲା। ଏହି ରାଲି ଜାମିଆ ମସଜିଦ, ଜୈନାବିୟା ଚୌକ ଓ ଲାଲ ଚୌକ ଦେଇ ଅତିକ୍ରମ କରି ପୁରୁଣା ଟ୍ୟାକ୍ସି ଷ୍ଟାଣ୍ଡରେ ପହଞ୍ଚିଥିଲା।

## ଦୁଇ ପୁଅଙ୍କ ହତ୍ୟା ଅଭିଯୋଗରେ ଆମେରିକାରେ ଭାରତୀୟ ମହିଳା ଗିରଫ



ନ୍ୟୁୟର୍କ, ୧୫।୧(ଏଜେନ୍ସି): ଆମେରିକାର ନ୍ୟୁଜର୍ସିରେ ଜଣେ ଭାରତୀୟ ବଂଶୋଦ୍ଭବ ମହିଳା ନିଜ ଦୁଇ ନାବାଳକ ପୁଅଙ୍କୁ ହତ୍ୟା ଅଭିଯୋଗରେ ଗିରଫ ହୋଇଛନ୍ତି। ଏହି ମହିଳା ହେଉଛନ୍ତି ୩୫ ବର୍ଷୀୟା ପ୍ରିୟଦର୍ଶନୀ ନଟରାଜନ। ସେ ନ୍ୟୁଜର୍ସିର ହିଲ୍ସବରୋ ଟାଉନସିପ୍‌ର ବାସିନ୍ଦା। ତାଙ୍କ ଦୁଇ ପୁଅଙ୍କ ବୟସ ଯଥାକ୍ରମେ ୫ ଓ ୭ ବର୍ଷ। ଗତ ଜାନୁଆରୀ ୧୩ରେ ପିଲାମାନଙ୍କ ବାପା ଅର୍ଥାତ ପ୍ରିୟଦର୍ଶନୀଙ୍କ ସ୍ୱାମୀ ଅଫିସରୁ ଫେରିବା ପରେ ଦୁଇ ପୁଅଙ୍କୁ ଶୋଇବା ଘରେ ଅଚେତ ଅବସ୍ଥାରେ ପାଇଥିଲେ। ପୁଲିସ ଓ ମେଡିକାଲ ଟିମ ଘଟଣାସ୍ଥଳରେ ପହଞ୍ଚି ପିଲାମାନଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ଶେଷରେ ସେମାନଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ପ୍ରିୟଦର୍ଶନୀଙ୍କ ବିରୋଧରେ ଦୁଇଟି ମର୍ଡର ଓ ବେଆଇନ୍ ଭାବେ ଅସ୍ତ୍ରଶସ୍ତ୍ର ରଖିବା ଅଭିଯୋଗ ଦାଏର କରାଯାଇଛି। ଏବେ ତାଙ୍କୁ ଗିରଫ କରାଯାଇ ସୋମରସେଟ କାଉଣ୍ଟି ଜେଲ୍‌ରେ ରଖାଯାଇଛି। ଦୁଇ ପିଲାଙ୍କ ମୃତ୍ୟୁର ସଠିକ୍ କାରଣ ଜାଣିବା ପାଇଁ ଶବ ବ୍ୟବଚ୍ଛେଦ କରାଯାଉଛି। ଅଧିକ ତଦନ୍ତ ପରେ ସ୍ଥିତି ସ୍ପଷ୍ଟ ହେବ ବୋଲି ପୁଲିସ କହିଛି।

## କେରଳ ସାଇ ହଷ୍ଟେଲରେ ୨ ନାବାଳିକା କ୍ରୀଡ଼ାବିତ୍‌ଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

କୋଲାମ, ୧୫।୧(ଏଜେନ୍ସି): କେରଳ କୋଲାମସ୍ଥିତ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ହଷ୍ଟେଲ୍‌ରେ ଦୁଇଜଣ ତାଲିମପ୍ରାପ୍ତ ନାବାଳିକା କ୍ରୀଡ଼ାବିତ୍‌ଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ପୁଲିସ ଏହାକୁ ଅସ୍ୱାଭାବିକ୍ ମୃତ୍ୟୁ ଭାବେ ମାମଲା ପଞ୍ଜୀକରଣ କରି ତଦନ୍ତ ଆରମ୍ଭ କରିଛି। ଏହି ଦୁଇ ମୃତକ ମହିଳା କ୍ରୀଡ଼ାବିତ୍ ହେଲେ କୋଝିକୋଡ଼ ଜିଲ୍ଲାର ୧୭ ବର୍ଷୀୟା ସାନ୍ଦ୍ରା ଓ ତିରୁଅନନ୍ତପୁରମ ଜିଲ୍ଲାର ୧୫ ବର୍ଷୀୟା ବୈଷ୍ଣବୀ। ସାନ୍ଦ୍ରା ଜଣେ ତାଲିମପ୍ରାପ୍ତ ଆଥଲେଟିକ୍ସ ଥିବା ବେଳେ ବୈଷ୍ଣବୀ କବାଡ଼ି ଖେଳାଳି ଥିଲେ। ଗୁରୁବାର ସକାଳ ୫ଟାରେ ଏହି ଘଟଣା ସାମ୍ନାକୁ ଆସିଥିଲା। ଏହି ଦୁଇଜଣ ତାଲିମ ପାଇଁ ଉପସ୍ଥିତ ହୋଇ ନଥିଲେ। ହଷ୍ଟେଲ କର୍ତ୍ତୃପକ୍ଷ ବାରମ୍ବାର କବାଟ ବାଡ଼େଇବା ପରେ ଉତ୍ତର ମିଳିନଥିଲା। ଫଳରେ କବାଟ ଭାଙ୍ଗି ଭିତରକୁ ଯିବା ପରେ ଦୁଇଜଣଙ୍କ ଝୁଲନ୍ତା ମୃତହେଦ ଉଦ୍ଧାର କରାଯାଇଥିଲା। ଘଟଣାସ୍ଥଳରୁ କୌଣସି ସୁଇସାଇଡ ନୋଟ୍ ମିଳିନାହିଁ ବୋଲି ପୁଲିସ କହିଛି। ଶବ ବ୍ୟବଚ୍ଛେଦ ଓ ତଦନ୍ତ ପରେ ସ୍ଥିତି ସ୍ପଷ୍ଟ ହେବ ବୋଲି କୁହାଯାଇଛି।

## ଇରାନ ଆକାଶରେ ଇଣ୍ଡିଗୋ

ନୂଆଦିଲ୍ଲୀ, ୧୫।୧(ଏଜେନ୍ସି): ଇରାନରେ ସରକାର ବିରୋଧୀ ଆନ୍ଦୋଳନ ଦିନକୁ ଦିନ ଉଗ୍ରରୂପ ଧାରଣ କରୁଥିବା ବେଳେ ତେହେରାନ କର୍ତ୍ତୃପକ୍ଷ ଜାନୁଆରୀ ୧୫ରେ ନିଜର ଆକାଶମାର୍ଗକୁ ବନ୍ଦ କରିଦେଇଥିଲା। ଏଭଳି ସ୍ଥିତିରେ ଇରାନ ଆକାଶମାର୍ଗ ବନ୍ଦ ହେବାର ମାତ୍ର କିଛି ମିନିଟ ପୂର୍ବରୁ ଇଣ୍ଡିଗୋ ବିମାନ ୬ଇ ୧୮୦୮ ଜର୍ଜିଆର ତିବିଲିସ୍‌ରୁ ଦିଲ୍ଲୀ ଆସୁଥିଲା। ଗୁରୁବାର ପ୍ରାୟ ଭୋର ୨.୩୫ ମିନିଟରେ ଏହି ବିମାନ ଇରାନର ଆକାଶମାର୍ଗ ଅତିକ୍ରମ କରିଥିଲା। ଏହାର ମାତ୍ର କିଛି ମିନିଟ୍ ପରେ ଅର୍ଥାତ ଭୋର ୩ଟାରେ ଇରାନ ତା'ର ଆକାଶମାର୍ଗ ବନ୍ଦ କରିଥିଲା। ଇରାନ ଏହି ପଦକ୍ଷେପ ଯୋଗୁଁ ଅନେକ ଅନ୍ତର୍ଜାତୀୟ ବିମାନ ଉଡାଣ ପ୍ରଭାବିତ ହୋଇଛି। ଇଣ୍ଡିଗୋର ବାକୁ- ଦିଲ୍ଲୀ ବିମାନକୁ ଅଧାବାଟରୁ ଫେରିବାକୁ ପଡ଼ିଥିଲା। ବିମାନଗୁଡିକ ବିକଳ୍ପ ରୁଟ୍‌ରେ ଯାଉଥିବାରୁ ଉଡ଼ାଣ ବିଳମ୍ବ କିମ୍ବା ବାତିଲ ହେବାର ସମ୍ଭାବନା ରହିଛି।

## ଗଣତନ୍ତ୍ର ଦିବସରେ ମୁଖ୍ୟ ଅତିଥି ହେବେ ୟୁରୋପୀୟ ସଂଘ ଅଧକ୍ଷ

ନୂଆଦିଲ୍ଲୀ, ୧୫।୧ (ଏଜେନ୍ସି): ଜାନୁଆରୀ ୨୬ରେ ଭାରତ ୭୭ତମ ଗଣତନ୍ତ୍ର ଦିବସ ପାଳନ କରିବାକୁ ଯାଉଥିବା ବେଳେ ମୁଖ୍ୟ ଉତ୍ସବରେ ଯୋଗ ଦେବାକୁ ଥିବା ମୁଖ୍ୟ ଅତିଥିଙ୍କ ନାମ ଘୋଷଣା କରାଯାଇଛି।



ୟୁରୋପୀୟ ସଙ୍ଘ (ଇୟୁ) ଅଧକ୍ଷ ଆଣ୍ଟୋନିଓ ଲୁଇସ୍ ସାଣ୍ଟୋସ୍ ଓ ୟୁରୋପୀୟ କମିସନ ଅଧକ୍ଷା ଉର୍ସୁଲା ଭାନ ଡେର ଲେଏନ୍ ଏଥର ମୁଖ୍ୟ ଅତିଥିଭାବେ ।।ହେବେ ବୋଲି ବୈଦେଶିକ ମନ୍ତ୍ରଣାଳୟ ଘୋଷଣା କରିଛି। ମନ୍ତ୍ରଣାଳୟ ତରଫରୁ କୁହାଯାଇଛି ଯେ, ଭାରତ ଓ ୟୁରୋପୀୟ ସଙ୍ଘ ୨୦୦୪ରୁ ରଣନୈତିକ ଅଂଶୀଦାର ରହିଆସିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଭୟ ନେତାଙ୍କୁ ଏହି ଉତ୍ସବରେ ଯୋଗ ଦେବାକୁ ନିମନ୍ତ୍ରଣ କରିଛନ୍ତି। ଏହି ନେତାମାନେ ଜାନୁଆରୀ ୨୭ରେ ୧୬ତମ ଭାରତ- ୟୁରୋପୀଆନ ୟୁନିୟନ ଶିଖର ସମ୍ମିଳନୀରେ ସହ-ଅଧକ୍ଷତା କରିବେ।

## ଶ୍ରୀନଗରରେ ବିଯୁକ୍ତ ୫.୨ ଡିଗ୍ରୀ, 'ଡାଲ୍'ରେ ଜମିଲା ବରଫ



ନୂଆଦିଲ୍ଲୀ, ୧୫।୧(ଏଜେନ୍ସି): ସମଗ୍ର ଉତ୍ତର ଭାରତରେ ପ୍ରବଳ ଥଣ୍ଡା ଓ ଶୀତ ଲହର ଜାରି ରହିଛି। କଶ୍ମୀରରେ ଗତ କିଛିଦିନ ଧରି ସର୍ବନିମ୍ନ ତାପମାତ୍ରା ଶୂନ ଡିଗ୍ରୀ ତଳେ ରହିଛି। ଏହି କାରଣରୁ ଡାଲ ହ୍ରଦ ସମେତ କଶ୍ମୀର ଅନ୍ୟାନ୍ୟ ଜଳ ଉତ୍ସଗୁଡିକ ବରଫରେ ପରିଣତ ହୋଇଛି। ଗୁରୁବାର ରାଜଧାନୀ ଶ୍ରୀନଗରର ତାପମାତ୍ରା ବିଯୁକ୍ତ ୫.୨ ଡିଗ୍ରୀ ରେକର୍ଡ କରାଯାଇଛି। ସେପଟେ ରାଜସ୍ଥାନର ତାପମାତ୍ରା ମଧ୍ୟ ଶୂନ ତଳକୁ ଖସିଛି। ପ୍ରସିଦ୍ଧ ଶୈଳନିବାସ ମାଉଣ୍ଟ ଆବୁରେ ସର୍ବନିମ୍ନ ତାପମାତ୍ରା ବିଯୁକ୍ତ ୩ ଡିଗ୍ରୀ ରେକର୍ଡ କରାଯାଇଛି। ସିକରର ଫତେପୁରରେ ସର୍ବନିମ୍ନ ତାପମାତ୍ରା ୦.୨ ଡିଗ୍ରୀ ରେକର୍ଡ କରାଯାଇଛି। ଜାନୁଆରୀ ୧୯ରେ ରାଜ୍ୟରେ ହାଲକା ବର୍ଷା ହେବାର ସମ୍ଭାବନା ରହିଛି। ପାର୍ବତ୍ୟାଞ୍ଚଳରୁ ପ୍ରବାହିତ ଥଣ୍ଡା ପବନ ଯୋଗୁଁ ହରିୟାଣାରେ ଶୀତ ବୃଦ୍ଧି ପାଇଛି। ଏହି ରାଜ୍ୟରେ ୮ଟି ଜିଲ୍ଲାରେ ପାରଦ ୮ ଡିଗ୍ରୀକୁ ଖସିଛି। ହିସାରର ପୂର୍ବ ଦୁଇବର୍ଷର ଥଣ୍ଡା ରେକର୍ଡ ଭାଙ୍ଗିଛି ଓ ସର୍ବନିମ୍ନ ତାପମାତ୍ରା ୦.୫ ଡିଗ୍ରୀ ରେକର୍ଡ କରାଯାଇଛି। ପୂର୍ବରୁ ହିସାରରେ ସର୍ବନିମ୍ନ ତାପମାତ୍ରା ୨୦୨୫ ଜାନୁଆରୀ ୧୫ରେ ୩.୫ ଓ ୨୦୨୪ ଡିସେମ୍ବର ୧୬ରେ ୧.୧ ଡିଗ୍ରୀ ରେକର୍ଡ କରାଯାଇଥିଲା। ସେହିପରି ଉତ୍ତରାଖଣ୍ଡର ହରିଦ୍ୱାର ଓ ଉଦ୍ଧମ ସିଂହ ନଗରରେ ପ୍ରବଳ ଥଣ୍ଡା ଯୋଗୁଁ ଗୁରୁବାର ଦିନ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ବନ୍ଦ କରାଯାଇଛି। ଉତ୍ତରକାଶୀ, ରୁଦ୍ରପ୍ରୟାଗ, ଚାମୋଲୀ ଓ ପିଥୋରାଗଡ଼ରେ ବର୍ଷା ଓ ତୁଷାରପାତ ସତର୍କତା ଜାରି କରାଯାଇଛି। ନଦୀ ଓ ଜଳପ୍ରପାତଗୁଡିକ ଜମାଟ ବାନ୍ଧିଛି।

## ମକରସଂକ୍ରାନ୍ତି: ପ୍ରୟାଗରାଜରେ ୯୧ଲକ୍ଷ ଶ୍ରଦ୍ଧାଳୁ



ନୂଆଦିଲ୍ଲୀ, ୧୫।୧(ଏଜେନ୍ସି): ଦେଶବ୍ୟାପୀ ପ୍ରବଳ ଉତ୍ସାହରେ ପବିତ୍ର ମକର ସଂକ୍ରାନ୍ତି ପାଳନ କରାଯାଇଛି। ସକାଳୁ ଲକ୍ଷ ଲକ୍ଷ ଲୋକ ଗଙ୍ଗା, ଯମୁନା, ନର୍ମଦା ଭଳି ପ୍ରମୁଖ ନଦୀକୂଳରେ ପବିତ୍ର ବୁଡ଼ ପକାଇଛନ୍ତି। ପ୍ରୟାଗରାଜରେ ମାଘମେଳାର ମକର ସଂକ୍ରାନ୍ତି ସ୍ନାନ ଉତ୍ସବ ଥିଲା। ତ୍ରିବେଣୀ ସଙ୍ଗମରେ ସନ୍ଧ୍ୟା ସୁଦ୍ଧା ୯୧ ଲକ୍ଷ ଶ୍ରଦ୍ଧାଳୁ ସ୍ନାନ କରିଛନ୍ତି। ଆଜି ପାଖାପାଖି ଦେଢ଼ କୋଟି ଶ୍ରଦ୍ଧାଳୁ ସଙ୍ଗମରେ ପହଞ୍ଚିବା ଆଶା କରାଯାଉଛି। ଏହି ସଂକ୍ରାନ୍ତିରେ ଗୁଡ଼ି ଉଡାର ପରମ୍ପରା ରହିଛି। ଗୁଡ଼ି ଉଡାଇବା ଘଟଣାରେ ଦୁଇ ଦିନ ମଧ୍ୟରେ ଏପର୍ଯ୍ୟନ୍ତ ୧୭ ଜଣ ମୃତ୍ୟୁବରଣ କରିଛନ୍ତି। ଗୁଜରାଟରେ ୯, ରାଜସ୍ଥାନରେ ୬, ଉତ୍ତରପ୍ରଦେଶ ଓ କର୍ଣ୍ଣାଟକରେ ଜଣେ ଲେଖାଏ ଲୋକ ମୃତ୍ୟୁବରଣ କରିଛନ୍ତି। ଉତ୍ତରପ୍ରଦେଶର ବାରାଣାସୀ ଘାଟ ଓ ପଶ୍ଚିମବଙ୍ଗର ଗଙ୍ଗାସାଗରରେ ସ୍ନାନ ପାଇଁ ଲୋକଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ସେହିପରି ପଞ୍ଜାବରେ ଅମୃତସରରେ ବହୁ ସଂଖ୍ୟାରେ ଲୋକ ସଚଖଣ୍ଡ ଶ୍ରୀ ଦରବାର ସାହିବରେ ବହୁ ସଂଖ୍ୟକ ଭକ୍ତ ବୁଡ଼ ପକାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମକର ସଂକ୍ରାନ୍ତି ଅବସରରେ ତାଙ୍କ ବାସଭବନରେ ଗାଈମାନଙ୍କୁ ଖାଦ୍ୟ ଖୁଆଇ ଥିଲେ। ଉଜ୍ଜୟିନୀର ବିଶ୍ୱ ପ୍ରସିଦ୍ଧ ଶ୍ରୀ ମହାକାଳେଶ୍ୱର ମନ୍ଦିରରେ ମହାକାଳଙ୍କୁ ତିଳ ତେଲରେ ଅଭିଷେକ କରାଯାଇଥିଲା। ଭସ୍ମ ଆରତୀରେ ତିଳ ଅର୍ପଣ କରାଯାଇଥିଲା ଓ ତିଳ ଲଡ୍ଡୁ ପ୍ରସାଦ ଭାବେ ଅର୍ପଣ କରାଯାଇଥିଲା।

# ପାକିସ୍ତାନ, ବାଂଲାଦେଶ ସମେତ ୭୫ଟି ଦେଶର ଭିସା ବନ୍ଦ କଲେ ଟ୍ରମ୍ପ



ୱାଶିଂଟନ, ୧୫।୧(ଏଜେନ୍ସି): ଆମେରିକା ଜାନୁଆରୀ ୨୧ରୁ ପାକିସ୍ତାନ ଓ ବାଂଲାଦେଶ ସମେତ ୭୫ଟି ଦେଶର ଭିସା ସେବା ପ୍ରକ୍ରିୟା ସ୍ଥଗିତ କରିବାକୁ ନିଷ୍ପତ୍ତି ନେଇଛି। ଫକ୍ସ ନ୍ୟୁଜ୍ ଅନୁଯାୟୀ, ଆମେରିକା ବୈଦେଶିକ ବିଭାଗର ଏକ ମେମୋ ଆଧାରରେ ଏହି ନିଷ୍ପତ୍ତି ନିଆଯାଇଛି। ଆମେରିକାକୁ ଆସୁଥିବା ବିଦେଶୀଙ୍କ ସଂଖ୍ୟା ହ୍ରାସ କରିବା ହେଉଛି ଏହାର ମୂଳ ଲକ୍ଷ୍ୟ। ଆମେରିକା ବୈଦେଶିକ ବିଭାଗ କହିଛି ଯେ, ଏହା ଏବେ ଆମେରିକାକୁ ଆସିବା ପରେ ସରକାରୀ ସହାୟତା କିମ୍ବା କଲ୍ୟାଣ କାର୍ଯ୍ୟକ୍ରମ ଉପରେ ନିର୍ଭରଶୀଳ ହେବାର ସନ୍ଦେହ କରୁଥିବା ବ୍ୟକ୍ତିମାନଙ୍କୁ ଭିସା ସେବା ସ୍ଥଗିତ ରଖିବା ପାଇଁ ଏହାର ଆଇଗତ କ୍ଷମତା ବ୍ୟବହାର କରିବ। ସ୍କ୍ରିନିଂ ଓ ଯାଞ୍ଚ୍ ପ୍ରକ୍ରିୟାର ପୁନଃ ମୂଲ୍ୟାୟନ ନହେବା ପର୍ଯ୍ୟନ୍ତ ଆମେରିକୀୟ ଦୂତାବାସ ଓ କନ୍ସୁଲେଟର ଅଧିକାରୀମାନଙ୍କୁ ଭିସା ଆବେଦନଗୁଡିକୁ ପ୍ରତ୍ୟାଖାନ କରିବାକୁ କୁହାଯାଇଛି। ତେବେ ଏହି ସ୍ଥଗିତାଦେଶ କେତେ ସମୟ ପାଇଁ ରହିବ ସେ ବିଷୟରେ କୌଣସି ସୂଚନା ଦିଆଯାଇନାହିଁ। ୭୫ଟି ଦେଶର ତାଲିକା ଘୋଷଣା କରାଯାଇଛି। ଏହି ତାଲିକାରେ ଭାରତର ୬ଟି ପଡୋଶୀ ଦେଶ ସାମିଲ ରହିଛି। ଏହି ଦେଶଗୁଡିକ ହେଲା ଆଫଗାନିସ୍ତାନ, ବାଂଲାଦେଶ, ଭୁଟାନ, ମ୍ୟାଁମାର, ନେପାଳ ଓ

- ତାଲିକାରେ ଭାରତର ୬ଟି ପଡୋଶୀ ଦେଶ
- ବିଦେଶୀଙ୍କ ସଂଖ୍ୟା ହ୍ରାସ କରିବାକୁ ଲକ୍ଷ୍ୟ

ପାକିସ୍ତାନ। ଏହି ତାଲିକାରେ ଏସିଆ, ଆଫ୍ରିକା, ୟୁରୋପ, କ୍ୟାରିବିୟାନ, ଉତ୍ତର ଓ ଦକ୍ଷିଣ ଆମେରିକାର ଏକାଧିକ ଦେଶ ଅନ୍ତର୍ଭୁକ୍ତ।

ଟ୍ରମ୍ପ ପ୍ରଶାସନ ଆମେରିକୀୟ ପ୍ରବାସ ବ୍ୟବସ୍ଥାର ଅପବ୍ୟବହାର ବନ୍ଦ କରିବାକୁ ଓ ଆମେରିକୀୟ ଜନସାଧାରଣଙ୍କ ପାଣ୍ଠିର ଶୋଷଣକୁ ରୋକିବା ପାଇଁ ଏହି ନିଷ୍ପତ୍ତି ନେଇଛି। ତେବେ ଏହି ନୂଆ ନିଷ୍ପତ୍ତି ପର୍ଯ୍ୟଟକ, ବ୍ୟବସାୟ କିମ୍ବା ଅନ୍ୟ ଅସ୍ଥାୟୀ ଭିସାକୁ ପ୍ରଭାବିତ କରିବ ନାହିଁ ବୋଲି କୁହାଯାଇଛି। ଏଥିରେ ଚଳିତ ବର୍ଷ ଫୁଟବଲ ବିଶ୍ୱକପ୍ ଦେଖିବାକୁ ଯାତ୍ରା କରିବାକୁ ଥିବା ବ୍ୟକ୍ତିମାନେ ମାନେ ମଧ୍ୟ ଅନ୍ତର୍ଭୁକ୍ତ। ତଥାପି, ସମସ୍ତ ଭିସା ଆବେଦନକାରୀଙ୍କ ସୋସିଆଲ ମିଡିଆ ଆକାଉଣ୍ଟ ସମୀକ୍ଷା କରାଯିବ ବୋଲି ଟ୍ରମ୍ପ ପ୍ରଶାସନ ସ୍ପଷ୍ଟ କରିଛି। ଟ୍ରମ୍ପ ଅଣ-ୟୁରୋପୀୟ ଦେଶଗୁଡିକର ପ୍ରବାସ ହ୍ରାସ କରିବାକୁ ଚାହୁଁଛନ୍ତି। ଆମେରିକା ପ୍ରବାସ ଉପରେ କ୍ରମାଗତ କଠୋର ନିଷ୍ପତ୍ତି ନେବାରୁ ଏହା ସ୍ପଷ୍ଟ ହେଉଛି।

## ଗୋଲ୍‌ଡେନ୍ ଡୋମ୍ ପ୍ରକଳ୍ପ ପାଇଁ ଗ୍ରୀନ୍‌ଲାଣ୍ଡ ଆବଶ୍ୟକ: ଆମେରିକା

ୱାସିଂଟନ, ୧୫।୧(ଏଜେନ୍ସି): ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣିଥରେ ଗ୍ରୀନ୍‌ଲାଣ୍ଡକୁ ଆମେରିକାରେ ମିଶାଇବା ନେଇ ତାଙ୍କ ଇଚ୍ଛାକୁ ଦୋହରାଇଛନ୍ତି। ଏ ନେଇ କିଛି ନା କିଛି ସମାଧାନ ମିଳିଯିବ ବୋଲି ସେ କହିଛନ୍ତି। ଟ୍ରମ୍ପ ଗ୍ରୀନଲାଣ୍ଡକୁ ଗୋଲଡେନ୍ ଡୋମ ନାମକ ଏକ ପ୍ରମୁଖ ପ୍ରତିରକ୍ଷା ପ୍ରକଳ୍ପ ପାଇଁ ନିହାତି ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରିଛନ୍ତି। ଗୋଲଡେନ ଡୋମ ହେଉଛି ଇସ୍ରାଏଲର ଆଇରନ୍ ଡୋମ୍ ଦ୍ୱାରା ଅନୁପ୍ରାଣିତ ଏକ ଆମେରିକୀୟ କ୍ଷେପଣାସ୍ତ୍ର ପ୍ରତିରକ୍ଷା ପ୍ରକଳ୍ପ। ଚୀନ ଓ ରୁଷ ଭଳି ଦେଶଗୁଡିକରୁ ଆମେରିକାକୁ ରକ୍ଷା କରିବା ପାଇଁ ଗୋଲଡେନ ଡୋମ୍‌ର ଲକ୍ଷ୍ୟ ରହିଛି। ଆମେରିକା, ଡେନମାର୍କ ଓ ଗ୍ରୀନ୍‌ଲାଣ୍ଡର ଅଧିକାରୀମାନଙ୍କ ମଧ୍ୟରେ ହ୍ୱାଇଟ୍ ହାଉସ୍‌ରେ ଏକ ଉଚ୍ଚସ୍ତରୀୟ କମିଟି ବୈଠକ ପରେ ଟ୍ରମ୍ପଙ୍କ ଏହି ବିବୃତି ଦେଇଛନ୍ତି। ତେବେ ବୈଠକରେ କୌଣସି ପ୍ରମୁଖ ଚୁକ୍ତି ହୋଇନାହିଁ। ବୈଠକରେ ପରେ ଗ୍ରୀନ୍‌ଲାଣ୍ଡ ବୈଦେଶିକ ମନ୍ତ୍ରୀ ଭିଭିଆନ ମୋଟୋଜଫେଲ୍ଡ କହିଛନ୍ତି ଯେ, ସେ ଆମେରିକା ସହିତ ସମ୍ପର୍କ ଦୃଢ଼ କରିବାକୁ ଆଶା କରୁଛନ୍ତି। କିନ୍ତୁ ଗ୍ରୀନଲାଣ୍ଡ ଉପରେ ଆମେରିକାର କୌଣସି ନିୟନ୍ତ୍ରଣକୁ ଗ୍ରହଣ କରାଯାଇପାରିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଆମେରିକା ସହିତ ସହଯୋଗ ସୁଦୃଢ କରିବାକୁ ଆମେ ପ୍ରସ୍ତୁତ। କିନ୍ତୁ ଏହାର ଅର୍ଥ ନୁହଁ ଯେ, ଆମେ ଆମେରିକାର ଦାସ ହେବାକୁ ଚାହୁଁ ବୋଲି ସେ କହିଛନ୍ତି। ସେପଟେ ଏହି ମାମଲାରେ ଟ୍ରମ୍ପ କହିଛନ୍ତି ଯେ, ଆମେରିକାକୁ ଗ୍ରୀନଲାଣ୍ଡ ଦେବା ପାଇଁ ନାଟୋ ସାହାଯ୍ୟ କରିବା ଉଚିତ। ତେବେ ଗ୍ରୀନ୍‌ଲାଣ୍ଡକୁ ନେଇ ଚର୍ଚ୍ଚା କରିବାକୁ ଏକ ୱାର୍କିଂ ଗ୍ରୁପ୍ ଗଠନ କରିବାକୁ ସମମତି ପ୍ରକାଶ ପାଇଛି।



## ଆଜି ପ୍ରଥମ ପର୍ଯ୍ୟାୟର ଭାରତୀୟ ଛାତ୍ର ଇରାନରୁ ଫେରିବେ

ନୂଆଦିଲ୍ଲୀ, ୧୫।୧(ଏଜେନ୍ସି): ଇରାନରେ ସରକାର ବିରୋଧୀ ଆନ୍ଦୋଳନ, ହିଂସାତ୍ମକ ପ୍ରଦର୍ଶନ, ସୁରକ୍ଷା ତଥା ଅରାଜକତା ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ସେଠାରେ ରହୁଥିବା ଭାରତୀୟ ଛାତ୍ରମାନଙ୍କ ସୁରକ୍ଷା ଓ ପ୍ରତ୍ୟାବର୍ତ୍ତନ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଭଳି ସ୍ଥିତିରେ ଭାରତ ସରକାର ଛାତ୍ରମାନଙ୍କୁ ଫେରାଇ ଆଣିବାକୁ ପ୍ରସ୍ତୁତି ଆରମ୍ଭ କରିଛି। ଏହିକ୍ରମରେ ଇରାନରୁ ପ୍ରଥମ ପର୍ଯ୍ୟାୟର ଭାରତୀୟ ଛାତ୍ରମାନେ ଶୁକ୍ରବାର ଦେଶକୁ ଫେରିବେ ବୋଲି ଜମ୍ମୁ-କଶ୍ମୀର ଛାତ୍ର ସଂଘ (ଜେକେଏସ୍‌ଏ) ତରଫରୁ କୁହାଯାଇଛି। ତେବେ ଏ ନେଇ ଆନୁଷ୍ଠାନିକ ଭାବେ ସରକାରଙ୍କ ତରଫରୁ କୌଣସି ସୂଚନା ଦିଆଯାଇନାହିଁ। ଇରାନରେ ପାଖାପାଖି ୧୦, ୦୦୦ ଭାରତୀୟ ଛାତ୍ର ଫସି ରହିଛନ୍ତି। ଇରାନର ପରିସ୍ଥିତି ଓ ଛାତ୍ରମାନଙ୍କୁ ଆଣିବା ପାଇଁ ଜାମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଉମର ଅବଦୁଲ୍ଲା ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କରଙ୍କ ସହ କଥା ହୋଇଛନ୍ତି। ଫସି ରହିଥିବା ଛାତ୍ରଙ୍କୁ ଭାରତ ଆଣିବା ପାଇଁ ଆଶ୍ୱାସନା ଦିଆଯାଇଛି। ଇରାନରେ ବର୍ତ୍ତମାନ ଥିବା ଭାରତୀୟ ଛାତ୍ର, ତୀର୍ଥଯାତ୍ରୀ, ବ୍ୟବସାୟୀ କିମ୍ବା ପର୍ଯ୍ୟଟକମାନଙ୍କୁ ବାଣିଜ୍ୟିକ ବିମାନ ସମେତ ଉପଲବ୍ଧ ଯାତାୟାତ ମାଧ୍ୟମରେ ଇରାନ ଛାଡିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତଙ୍କୁ ବିକ୍ଷୋଭ ସ୍ଥାନରୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଇଛି। ଇରାନରେ ରହୁଥିବା ସବୁ ଭାରତୀୟଙ୍କୁ ଯଦି କରି ନଥିବେ, ତେବେ ଭାରତୀୟ ଦୂତାବାସରେ ନିଜର ପଞ୍ଜୀକରଣ କରାଇବାକୁ କୁହାଯାଇଛି। ଅଧିକାଂଶ ଭାରତୀୟ ଛାତ୍ର ଇରାନ୍‌ର ଗୋଲଷ୍ଟାନ ବିଶ୍ୱବିଦ୍ୟାଳୟ, ସହିଦ ବେହେସ୍ତି ୟୁନିଭର୍ସିଟି ଅଫ୍ ମେଡିକାଲ ସାଇନ୍ସ, ତେହେରାନ ୟୁନିଭର୍ସିଟି ଅଫ୍ ମେଡିକାଲ ସାଇନ୍ସରେ ପଢୁଛନ୍ତି।

## ଆମେରିକାର ଧମକ ପରେ ନରମିଲା ଇରାନ

ୱାଶିଂଟନ/ ତେହେରାନ, ୧୫।୧(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଧମକ ପରେ ଇରାନ ଆନ୍ଦୋଳନକାରୀଙ୍କୁ ମୃତ୍ୟୁଦଣ୍ଡ ତଥା ଫାଶୀ ଦେବାର ନିଷ୍ପତ୍ତିରୁ ଓହରିଛି। ରଏଟର୍ସର ଏକ ରିପୋର୍ଟ ଅନୁଯାୟୀ, ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାକଚି ବୁଧବାର କହିଛନ୍ତି ଯେ, ଇରାନରେ କୌଣସି ଲୋକଙ୍କୁ ମୃତ୍ୟୁଦଣ୍ଡ ଦେବାର ଯୋଜନା ନାହିଁ। ସେପଟେ ଟ୍ରମ୍ପ କହିଛନ୍ତି ଯେ, ଇରାନରେ ପ୍ରଦର୍ଶନକାରୀଙ୍କ ହତ୍ୟା ବନ୍ଦ ହୋଇଛି। ପୂର୍ବରୁ ଇରାନ ସରକାର ଆନ୍ଦୋଳନକାରୀଙ୍କ ଦ୍ରୁତ ବିଚାର ଓ ଶୀଘ୍ର ମୃତ୍ୟୁଦଣ୍ଡ ଦେବାକୁ ଘୋଷଣା କରିଥିଲା। ବୁଧବାର ଇରାନ ୨୬ ବର୍ଷୀୟ ବିକ୍ଷୋଭକାରୀ ଏରଫାନ ସୋଲତାନିଙ୍କୁ ମୃତ୍ୟୁଦଣ୍ଡ ଦେବାକୁ ସ୍ଥିର କରିଥିଲା। ଏହାପରେ ଟ୍ରମ୍ପ ଇରାନକୁ କଡ଼ା ଜବାବ ଦେବାକୁ ଧମକ ଦେଇଥିଲେ। ଯଦି ସେମାନେ ମୃତ୍ୟୁଦଣ୍ଡ କାର୍ଯ୍ୟକାରୀ କରନ୍ତି, ତେବେ ସ୍ଥିତି ଭୟଙ୍କର ହେବ ବୋଲି ଟ୍ରମ୍ପ ଧମକ ଦେଇ କହିଥିଲେ। ପୂର୍ବରୁ ମଧ୍ୟ ଇରାନ ସରକାର ଟ୍ରମ୍ପଙ୍କ ବିରୋଧରେ ସିଧାସଳଖ ହତ୍ୟା ଧମକ ଦେଇଥିଲେ।

## ମହାରାଷ୍ଟ୍ର ପୌର ନିର୍ବାଚନ: ବିଜେପି ମେଣ୍ଟ ଆଗୁଆ

ମୁମ୍ବଇ, ୧୫।୧(ଏଜେନ୍ସି): ମହାରାଷ୍ଟ୍ରର ପୌର ନିର୍ବାଚନ ଗୁରୁବାର ଅନୁଷ୍ଠିତ ହୋଇଛି। ୨୯ଟି ପୌର ପରିଷଦ ପାଇଁ ସକାଳ ୭.୩୦ରୁ ସନ୍ଧ୍ୟା ୫.୩୦ ମଧ୍ୟରେ ମତଦାନ ହୋଇଥିଲା। ମୋଟ୍ ୮୯୩ ୱାର୍ଡର ୨, ୮୬୯ ଆସନ ପାଇଁ ୧୫, ୯୩୧ ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିଲେ। ପ୍ରାଥମିକ ରିପୋର୍ଟ ଅନୁସାରେ, ମତଦାନ ଶେଷ ହେବା ବେଳକୁ ଭୋଟ ହାର ପାଖାପାଖି ୫୦ ପ୍ରତିଶତ ରହିବା ନେଇ ଅନୁମାନ କରାଯାଉଛି। ମହାରାଷ୍ଟ୍ରର ପ୍ରମୁଖ ସହର ମୁମ୍ବଇ (ବିଏମ୍‌ସି), ପୁଣେ, ନାଶିକ ଓ କୋହ୍ଲାପୁର ଭଳି ପ୍ରମୁଖ ସହର ସମେତ ଛୋଟଛୋଟ ସହରଗୁଡିକରେ ମଧ୍ୟ ମତଦାନ ହୋଇଥିଲା। ୧୬ ତାରିଖ ଅର୍ଥାତ ଶୁକ୍ରବାର ନିର୍ବାଚନ ଫଳାଫଳ ପ୍ରକାଶିତ ହେବ। ଏକ୍ଜିଟ ପୁଲ୍ ଅନୁସାରେ ବିଜେପି ନେତୃତ୍ୱାଧୀନ ମହାୟୁତି (ବିଜେପି- ସିଣ୍ଡେ ଶିବସେନା- ଅଜିତ ପାୱାର ଏନ୍‌ସିପି) ମେଣ୍ଟ ଆଗରେ ରହିଥିବା ଆକଳନ କରାଯାଇଛି। ପ୍ରାୟ ସବୁ ପ୍ରମୁଖ ପୌର ପରିଷଦରେ ମହାୟୁତି ଓ ମହା ବିକାଶ ଅଘାଡି (ଏମ୍‌ଭିଏ) ମଧ୍ୟରେ ସିଧାସଳଖ ମୁକାବିଲା ହୋଇଛି। ଏମ୍‌ଭିଏରେ ଉଦ୍ଧବ ବାଲାସାହେବ ଠାକରେ (ୟୁବିଟି) ଶିବସେନା, ଏମ୍‌ଏନ୍‌ଏସ୍, ଏନ୍‌ସିପି (ଶରତ ପାୱାର) ସାମିଲ ରହିଛନ୍ତି। କଂଗ୍ରେସ ମଧ୍ୟ ତା'ର ପ୍ରାର୍ଥୀ ଛିଡ଼ା କରିଛି। ଶିବସେନାର ବହୁ ଚର୍ଚ୍ଚିତ ନିର୍ବାଚନରେ ମୁମ୍ବାଇ ମ୍ୟୁନିସପାଲ କର୍ପୋରେସନ ପାଇଁ ଏହ ହେଉଛି ପ୍ରଥମ ବଡ଼ ନିର୍ବାଚନ। ଫଳରେ ଏହି ନିର୍ବାଚନର ଗୁରୁତ୍ୱ ବୃଦ୍ଧି ପାଇଛି। ପୁଣି ଏହି ନିର୍ବାଚନରେ ମହାୟୁତି ମେଣ୍ଟ ସମେତ ବିଭିନ୍ନ ରାଜନୈତିକ ଦଳର ଲୋକପ୍ରିୟତାର ପରୀକ୍ଷା ମଧ୍ୟ ହେବ।

# ନାସା ଇତିହାସରେ ପ୍ରଥମ: ସମୟ ପୂର୍ବରୁ ୪ ମହାକାଶଚାରୀଙ୍କୁ ଫେରାଇଲା

କେପ କାନାଭେରାଲ, ୧୫।୧(ଏଜେନ୍ସି): ପ୍ରଥମଥର ପାଇଁ ୨୫ ବର୍ଷର ଇତିହାସରେ ନାସା ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ ଅନ୍ତର୍ଜାତୀୟ ମହାକାଶ ଷ୍ଟେସନ (ଆଇଏସ୍‌ଏସ୍)ରୁ ୪ ଜଣ ମହାକାଶଚାରୀଙ୍କୁ ସମୟ ପୂର୍ବରୁ ଫେରାଇ ଆଣିବା ସହ ତା'ର ମିସନକୁ ସ୍ଥଗିତ ରଖିଛି। ଜଣେ ମହାକାଶଚାରୀଙ୍କୁ ଚିକିତ୍ସା ଆବଶ୍ୟକତା ଥିଲା। ବୁଧବାର ଦିନ, ୪ ଜଣ ମହାକାଶଚାରୀ ଏକ ସ୍ପେସ୍‌ଏକ୍ସ କ୍ୟାପସୁଲ୍‌ରେ ଆଇଏସ୍‌ଏସ୍ ଛାଡ଼ିଛନ୍ତି। ଏମାନଙ୍କ ମଧ୍ୟରେ ଆମେରିକା, ରୁଷିଆ ଓ ଜାପାନର ମହାକାଶଚାରୀ ଅନ୍ତର୍ଭୁକ୍ତ। ଏମାନେ ଆଜି କାଲିଫର୍ନିଆ ନିକଟସ୍ଥ ପ୍ରଶାନ୍ତ ମହାସାଗରରେ ଅବତରଣ କରିବେ। ମିସନରେ ନାସାର ଜେନା କାର୍ଡମ୍ୟାନ, ମାଇକ ଫିଙ୍କେ, ଜାପାନର କିମିଆ ୟୁଇ ଓ ରୁଷର ଓଲେଗ ପ୍ଲାଟୋନୋଭ ଥିଲେ। ଏହି ୪ ମହାକାଶଚାରୀଙ୍କୁ ୨୦୨୫ ଅଗଷ୍ଟରେ ଆଇଏସ୍‌ଏସ୍‌କୁ ପଠାଯାଇଥିଲା ଓ ଫେବୃଆରୀ ଶେଷ ସୁଦ୍ଧା ଫେରିବାକୁ ସ୍ଥିର କରାଯାଇଥିଲା। କିନ୍ତୁ ଜାନୁଆରୀ ୭ରେ ନାସା ହଠାତ କାର୍ଡମ୍ୟାନ ଓ ଫିଙ୍କେଙ୍କ ସ୍ପେଶୱାର୍କ ବାତିଲ କରିଥିଲା।




ଅର୍ଥାତ ଏମାନେ ଏହି ମହକାଶଚାରୀ ଦଳ ଆଇଏସ୍‌ଏସ୍‌ରେ ୧୬୭ ଦିନ ଅବସ୍ଥାନ କରିବା ସହ ମାଇକ୍ରୋଗ୍ରାଭିଟିରେ ଷ୍ଟେମ୍ ସେଲ୍‌ଫ ଗବେଷଣା ସମେତ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷଣ କରିଥିଲେ। ପରେ କ୍ରୁ ମେମ୍ବରଙ୍କ ଶୀଘ୍ର ଫେରିବା ସମ୍ପର୍କରେ ଘୋଷଣା କରିଥିଲା। ତେବେ ଚିକିତ୍ସା ସ୍ପେଶୱାକ ସହିତ ସମ୍ପର୍କିତ ନୁହେଁ ବୋଲି ନାସା ତରଫରୁ କୁହାଯାଇଛି। ଗୋପନୀୟତା ରକ୍ଷା କରି ଏ ନେଇ ଅଧିକ କୌଣସି ବିବରଣୀ ପ୍ରଦାନ କରାଯାଇନାହିଁ। ଉଲ୍ଲେଖଥାଉ କି, ପୂର୍ବରୁ ମଧ୍ୟ ନାସା ମହାକାଶଚାରୀଙ୍କ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇଥିଲା। କିନ୍ତୁ ଏହା କାରଣରୁ ନାସାର ସମଗ୍ର ମିଶନ ପ୍ରଭାବିତ ହୋଇ ନଥିଲା। ୨୦୧୮, ୨୦୨୦ ଓ ୨୦୦୮ରେ ନାସା ମିଶନର ମହାକାଶଚାରୀମାନେ ସ୍ୱାସ୍ଥ୍ୟଗତ ସମସ୍ୟାର ସମ୍ମୁଖୀନ ହୋଇଥିଲେ।

## ଜିଆର୍‌ଏସ୍‌ଙ୍କୁ ମିଳିପାରିବନି ପିଇଓ ପଦୋନ୍ନତି: ହାଇକୋର୍ଟ

କଟକ,୧୫ ।୧(ସମିସ): ଗ୍ରାମ ରୋଜଗାର ସେବକ (ଜିଆରଏସ)ଙ୍କ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ପଦକୁ ପଦୋନ୍ନତି ପ୍ରସଙ୍ଗରେ ରୁଜୁ ମାମଲାକୁ ହାଇକୋର୍ଟ ଆଜି ଖାରଜ କରିଦେଇଛନ୍ତି। ଚୁକ୍ତିଭିତ୍ତିକ କର୍ମଚାରୀ ଭାବେ କାର୍ଯ୍ୟରତ ଜିଆରଏସଙ୍କ ପଦୋନ୍ନତି ବା ନିୟମିତ ପାଇଁ କୌଣସି ସ୍ଥାୟୀ ବା ନ୍ୟସ୍ତ ଅଧିକାର ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ନିଯୁକ୍ତି ନିୟମାବଳୀ-୨୦୨୧କୁ ଚ୍ୟାଲେଞ୍ଜ କରି ପ୍ରକାଶ କୁମାର ଛାଟୋଇ ଓ ଅନ୍ୟମାନଙ୍କ ପକ୍ଷରୁ ଦାୟର ହୋଇଥିବା ରିଟ୍ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ରାୟ ଶୁଣାଇଛନ୍ତି।

୨୦୨୧ ନିୟମାବଳୀରେ କୌଣସି ଅସାମ୍ବିଧାନିକ ବା ମନମୁଖୀ ପଦକ୍ଷେପ ରହିନାହିଁ। ଏଥିରେ ଜିଆରଏସ୍‌ଙ୍କୁ ବୟସ କୋହଳ (୪୫ ବର୍ଷ ପର୍ଯ୍ୟନ୍ତ) ଏବଂ ପ୍ରତି ବର୍ଷର ଅଭିଜ୍ଞତା ପାଇଁ ଅତିରିକ୍ତ ମାର୍କ (ସର୍ବାଧିକ ୧୫%) ର ସୁବିଧା ପ୍ରଦାନ କରାଯାଇଛି, ଯାହା ସେମାନଙ୍କ ସ୍ୱାର୍ଥର ସୁରକ୍ଷା କରୁଛି। ସେହିଭଳି ଓଡ଼ିଶା ଆକାଉଣ୍ଟାଣ୍ଟ-କମ୍-ଡାଟା ଏଣ୍ଟ୍ରି ଅପରେଟର୍ ନିୟମାବଳୀ-୨୦୨୪ ମାଧ୍ୟମରେ ଜିଆରଏସ୍‌ଙ୍କ ସ୍ୱାର୍ଥରକ୍ଷା ପାଇଁ ସରକାର ଅନ୍ୟ ସୁଯୋଗ ସୃଷ୍ଟି କରିଛନ୍ତି ବୋଲି ମାମଲା ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା। ମାମଲାରୁ ପ୍ରକାଶ ଯେ ଆବେଦନକାରୀ କେତେକ ଗ୍ରାମ ରୋଜଗାର ସେବକ ୨୦୨୧ ମସିହାରେ ପ୍ରଣୟନ ହୋଇଥିବା ନୂତନ ନିଯୁକ୍ତି ନିୟମାବଳୀକୁ ବିରୋଧ କରିଥିଲେ। ସେମାନଙ୍କ ଯୁକ୍ତି ଥିଲା ଯେ ୨୦୦୮ ନିୟମାବଳୀ (୨୦୧୨ ଓ ୨୦୧୩ରେ ସଂଶୋଧିତ) ଅନୁଯାୟୀ ସେମାନଙ୍କ ପଦୋନ୍ନତି ପାଇଁ ନ୍ୟାୟ ସଙ୍ଗତ ଆଶା ରହିଥିଲା, ଯାହାକୁ ୨୦୨୧ ନିୟମାବଳୀ ସଙ୍କୁଚିତ କରିଦେଇଛି। ୨୦୨୧ ନିୟମାବଳୀ ଅନୁଯାୟୀ, ପିଇଓ ପଦ ପାଇଁ ବୟସ ସୀମା ଏବଂ ଲିଖିତ ପରୀକ୍ଷା ଭଳି କଠୋର ଯୋଗ୍ୟତା ମାନଦଣ୍ଡ ଲାଗୁ କରାଯାଇଥିଲା। ତେବେ ଆବେଦନକାରୀମାନେ ୨୦୧୩ ମସିହାର ଏକ ଗ୍ରେଡେସନ ତାଲିକା ଆଧାରରେ ପଦୋନ୍ନତି ପାଇଁ ଦାବି କରିଆସୁଥିଲେ। ସରକାର ନିଜର ନୀତିଗତ ନିଷ୍ପତ୍ତି ଅନୁଯାୟୀ ନିଯୁକ୍ତି ନିୟମାବଳୀରେ ପରିବର୍ତ୍ତନ କରିପାରିବେ ଏବଂ ଶୂନ୍ୟପଦ ପୂରଣ ପାଇଁ ନୂତନ ମାନଦଣ୍ଡ ସ୍ଥିର କରିପାରିବେ ବୋଲି ହାଇକୋର୍ଟ କହିବା ସହ ମାମଲାକୁ ଖାରଜ କରିଛନ୍ତି।

## ଦିନକ ପରେ କମିବ ଶୀତ

ଭୁବନେଶ୍ୱର, ୧୫।୧ (ସମିସ): ରାଜ୍ୟରୁ ଧୀରେ ଧୀରେ ଶୀତ କମିବ। ଏବେ ଗୋଟିଏ ପଶ୍ଚିମା ଝଡ଼ ସକ୍ରିୟ ହେଉଛି। ତେଣୁ ଏହା ପ୍ରଭାବରେ ୧୭ ତାରିଖରୁ ରାଜ୍ୟରେ ରାତିର ତାପମାତ୍ରା ୨-୪ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ। ୧୯ ତାରିଖରେ ପୁଣି ଏକ ପଶ୍ଚିମା ଝଡ଼ ସକ୍ରିୟ ହେବା ସହ ଏହା ରାଜ୍ୟରେ ତାପମାତ୍ରାକୁ ଆହୁରି ବଢ଼ାଇବ ବୋଲି କୁହାଯାଉଛି।

ଅନ୍ୟପଟେ ଗତ ୨୪ ଘଣ୍ଟା ରାଜ୍ୟର କିଛି ସ୍ଥାନରେ ପ୍ରବଳ ଶୀତ ଅନୁଭୂତ ହୋଇଛି। ୫.୨ ଡିଗ୍ରୀ ସହ ଜି ଉଦୟଗିରିରେ ସବୁଠୁ ଅଧିକ ଥଣ୍ଡା ଅଞ୍ଚଳର ମାନ୍ୟତା ପାଇଛି। ସେହିପରି ରାଉରକେଲା ୬.୬, ସେମିଳିଗୁଡ଼ା ୭.୭, ଫୁଲବାଣୀ ୭.୩, ଝାରସୁଗୁଡା ୭.୮, କେନ୍ଦୁଝର ୯.୪, ସମ୍ବଲପୁର ୧୧.୬, ଭୁବନେଶ୍ୱର ୧୧.୮ ଓ ହୀରାକୁଦରେ ତାପମାତ୍ରା ୧୨.୮ ଡିଗ୍ରୀ ରେକର୍ଡ ହୋଇଛି। ଏହି ସ୍ଥିତି ଆହୁରି ଗୋଟିଏ ଦିନ ଜାରି ରହିବ। ଶୁକ୍ରବାର ରାତିରୁ ଶନିବାର ସକାଳ ମଧ୍ୟରେ ଅନୁଗୁଳ, ଝାରସୁଗୁଡ଼ା, ଢେଙ୍କାନାଳ, ସୁନ୍ଦରଗଡ଼, ଖୋର୍ଦ୍ଧା, କଟକ, ଜଗତସିଂହପୁର ଓ କେନ୍ଦ୍ରାପଡ଼ାରେ ପ୍ରବଳ ଶୀତ ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକୁ ୟେଲୋ ଆଲର୍ଟ ଜାରି କରିଛି।

### ନବୀନ ନିବାସରେ ସୁପ୍ରିମୋଙ୍କୁ ଭେଟିଲେ ୧୦ ବିଜେଡି ବିଧାୟକ

## ସରକାରଙ୍କ ଜନବିରୋଧୀ କାର୍ଯ୍ୟ ଲୋକଙ୍କୁ ଜଣାଅ: ନବୀନ

ଭୁବନେଶ୍ୱର,୧୫।୧(ସମିସ): ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ନିୟମିତ ଭାବେ ଦଳର ବିଧାୟକଙ୍କୁ ଭେଟି ସେମାନଙ୍କ ସହ ସଂଗଠନ ସୁଦୃଢ଼ୀକରଣ ସମ୍ପର୍କରେ ଆଲୋଚନା କରୁଛନ୍ତି। ଏହାସହ ରାଜ୍ୟସ୍ୱାର୍ଥ ସହ ଜଡ଼ିତ ପ୍ରତିଟି

### ରାଜ୍ୟରେ ଧାନ କିଣା ସ୍ଥିତି ଓ ଚାଷୀଙ୍କ ସମସ୍ୟା ପଚାରି ବୁଝିଲେ



ପ୍ରସଙ୍ଗକୁ ଦୃଢ଼ ଭାବରେ ଉପସ୍ଥାପନ ପାଇଁ ମଧ୍ୟ ପରାମର୍ଶ ଦେଉଛନ୍ତି। ଏହିକ୍ରମରେ ଗୁରବାର ସନ୍ଧ୍ୟାରେ ନବୀନ ନିବାସରେ ୧୦ ଜଣ ବିଧାୟକ ନବୀନଙ୍କୁ ସାକ୍ଷାତ କରିଛନ୍ତି। ଏହିଅବସରରେ ନବୀନ ସେମାନଙ୍କ ନିର୍ବାଚନ ମଣ୍ଡଳୀର ସମସ୍ୟା ଓ ଦଳୀୟ ସଂଗଠନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହ ରାଜ୍ୟ ସରକାରଙ୍କ ଜନ ବିରୋଧୀ କାର୍ଯ୍ୟଗୁଡ଼ିକ ସମ୍ପର୍କରେ ଲୋକଙ୍କ ମଧ୍ୟରେ ସଚେତନତା ଜାଗ୍ରତ ପାଇଁ ପରାମର୍ଶ ଦେଇଛନ୍ତି।

ଦଳୀୟ କାର୍ଯ୍ୟକ୍ରମକୁ ଗାଁ ଗାଁରେ ବ୍ୟାପକ କରିବା ସହ ଲୋକମାନେ ସମ୍ମୁଖୀନ ହେଉଥିବା ସମସ୍ୟାର ସମାଧାନ କରିବା ଓ ସରକାରଙ୍କ ଲୋକ ବିରୋଧୀ କାର୍ଯ୍ୟକୁ ତୃଣମୂଳସ୍ତରରେ ପହଞ୍ଚାଇବାକୁ ନବୀନ ଏହି ଅବସରରେ ପରାମର୍ଶ ଦେଇଛନ୍ତି। ଅନୁରୂପ ଭାବରେ ସେମାନଙ୍କ ନିର୍ବାଚନ ମଣ୍ଡଳୀର ବିକାଶ କାମ ବିଷୟରେ ବିଶେଷ କରି ଚାଷୀଙ୍କ ସମସ୍ୟା, ଧାନ କିଣା ସ୍ଥିତି ସମ୍ପର୍କରେ ମଧ୍ୟ ପଚାରି ବୁଝିଛନ୍ତି। ବିଜୁ ଜନତା ଦଳର ଆଦର୍ଶରେ ଲୋକଙ୍କ ସେବା ଜାରି ରଖିବା ପାଇଁ ଶ୍ରୀ ପଟ୍ଟନାୟକ ଏହି ଅବସରରେ ବିଧାୟକମାନଙ୍କୁ ପରାମର୍ଶ ଦେଇଥିବା ସୂଚନା ମିଳିଛି। ବୈଠକରେ ବିଧାୟିକା ବର୍ଷା ସିଂହ ବରିହା, ବିଧାୟକ ମନୋହର ରନ୍ଧାରୀ, ଧ୍ରୁବଚରଣ ସାହୁ, ରମେଶ ଚନ୍ଦ୍ର ବେହେରା, ଗଣେଶ୍ୱର ବେହେରା, ପ୍ରଶାନ୍ତ କୁମାର ବେହେରା, ନଳିନୀକାନ୍ତ ପ୍ରଧାନ, ଦିବ୍ୟଶଙ୍କର ମିଶ୍ର, ପ୍ରଦୀପ କୁମାର ଦିଶାରୀ ଓ ଅଭିମନ୍ୟୁ ସେଠୀ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ।

## ଇଚ୍ଛାମୃତ୍ୟୁ ସମ୍ପର୍କିତ ଚୂଡ଼ାନ୍ତ ନିଷ୍ପତ୍ତି ଜଣାଇବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ,୧୫।୧(ସମିସ): ଇଚ୍ଛାମୃତ୍ୟୁ ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ଦିଗରେ ରାଜ୍ୟ ସରକାର ଚୂଡ଼ାନ୍ତ ନିଷ୍ପତ୍ତି ନେଇଛନ୍ତି କି ନାହିଁ ତାହା ଜଣାଇବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆଇନଜୀବୀ ଡକ୍ଟର କହ୍ନେୟାଲାଲ୍ ଶର୍ମାଙ୍କ ଜନସ୍ୱାର୍ଥ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଫେବୃଆରୀ ୩କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରିଛନ୍ତି ଅଦାଲତ।

ମାମଲା ଶୁଣାଣି ବେଳେ ରାଜ୍ୟ ସରକାରଙ୍କ ତରଫରୁ ହାଇକୋର୍ଟରେ ଜବାବ ଦାଖଲ କରାଯାଇ କୁହାଯାଇଥିଲା ଯେ ସୁପ୍ରିମକୋର୍ଟଙ୍କ ୨୦୨୩, ଜାନୁଆରୀ ୨୪ର ନିର୍ଦ୍ଦେଶ ଅନୁସାରେ ଏକ କମିଟି ୨୦୨୩, ସେପ୍ଟେମ୍ବର ୭ରେ ଗଠନ କରାଯାଇଥିଲା। ଏହି କମିଟିର ପୁନର୍ଗଠନ କରାଯିବା ନେଇ ଗତ ୨୦୨୫, ଏପ୍ରିଲ ୨୨ରେ ବିଜ୍ଞପ୍ତି ପ୍ରକାଶ ପାଇବା ସହ କମିଟିର ବୈଠକ ଇତିମଧ୍ୟରେ ଅନୁଷ୍ଠିତ ହୋଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବାକୁ କମିଟିର ଚିଠା ପ୍ରସ୍ତାବ ଉପରେ ଆଇନ ବିଭାଗ, ସାଧାରଣ ପ୍ରଶାସନ ବିଭାଗ ସମେତ ବିଭିନ୍ନ ବିଭାଗରୁ ମତାମତ ମିଳିସାରିଛି। ଏହା ଉପରୋକ୍ତ ଉଚ୍ଚ କ୍ଷମତା ସମ୍ପନ୍ନ କମିଟିର ବିଚାରାଧୀନ ଅଛି।

ମାମଲାରୁ ପ୍ରକାଶ ଯେ ଯଦି କୌଣସି ରୋଗରୁ ବ୍ୟକ୍ତି ଆରୋଗ୍ୟ ହେବାର ସମ୍ଭାବନା ନଥାଏ ତେବେ ସେ ନିଜ ଇଚ୍ଛା ଅନୁସାରେ ଜୀବନ ଯେପରି ତ୍ୟାଗ କରିପାରିବେ ସେଥି ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଆଇନଗତ ବ୍ୟବସ୍ଥା ହେବା ଉଚିତ। କୌଣସି ଦୁରାରୋଗ୍ୟରେ ପୀଡିତଙ୍କ ଇଚ୍ଛାକୁ ସମ୍ମାନ ଦେଇ ତାଙ୍କୁ ପ୍ରଦାନ କରାଯାଉଥିବା ଚିକିତ୍ସା ବନ୍ଦ ପୂର୍ବକ ମୃତ୍ୟୁ ପାଇଁ ପଥ ପରିଷ୍କାର କରାଯାଇପାରିବ। ସୁପ୍ରିମକୋର୍ଟଙ୍କ ଏ ସମ୍ପର୍କିତ ଏକ ଆଦେଶନାମା ରହିଥିବା ବେଳେ ରାଜ୍ୟରେ ଏହା କାର୍ଯ୍ୟକାରୀ କରାଯାଉନାହିଁ ବୋଲି ଆବେଦନରେ ଉଲ୍ଲେଖ କରାଯାଇଛି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ପାର୍ଥ ମୁଖାର୍ଜୀ ଓ ସରକାରଙ୍କ ପକ୍ଷରୁ ଏଜିଏ ଦେବାଶିଷ ତ୍ରିପାଠୀ ମାମଲା ପରିଚାଳନା କରୁଛନ୍ତି।

### ନୂତନ ବିଧାନସଭା ଓ ଲୋକସେବା ଭବନ ନିର୍ମାଣର ଯୌକ୍ତିକତାକୁ ନେଇ ପ୍ରଶ୍ନ ଉଠାଇଲା ବିଜେଡି

## ଚାଷୀଙ୍କୁ ୮୦୦ ଟଙ୍କା ବୋନସ୍ ମନା; ୩,୬୨୩ କୋଟି ବ୍ୟୟରେ ନିର୍ମାଣ କାହିଁକି?

ଭୁବନେଶ୍ୱର,୧୫।୧(ସମିସ): ରାଜ୍ୟ ବିଜେପି ସରକାରଙ୍କ ଦ୍ୱାରା ନୂତନ ବିଧାନସଭା ଓ ଲୋକସେବା ଭବନ ନିର୍ମାଣ ପାଇଁ ନିକଟରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହାର ଆବଶ୍ୟକତାକୁ ନେଇ ପ୍ରଶ୍ନ ଉଠାଇଛି ବିଜେଡି। ରାଜ୍ୟରେ ବିଭିନ୍ନ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ବିଫଳତା କାରଣରୁ ରାଜ୍ୟବାସୀ ସରକାରଙ୍କ ବିରୋଧରେ ଆକ୍ରୋଶ ଶିଖର ଛୁଇଁଥିବାରୁ ଏଥିରୁ ନଜର ହଟାଇବା ପାଇଁ ସରକାର ଏଭଳି ଭେଳିକି ପ୍ରକଳ୍ପ ସାମ୍ନାକୁ ଆଣିଛନ୍ତି ବୋଲି ବିଜେଡି କହିଛି।

ଗୁରବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ବିଧାୟକ ଗୌତମବୁଦ୍ଧ ଦାସ ଓ ମିଡିଆ ସଂଯୋଜକ ଡ. ଲେନିନ ମହାନ୍ତି ରାଜ୍ୟ ବିଜେପି ସରକାର ନିଜର ବିଫଳତାକୁ ଲୁଚାଇବା ଉଦ୍ଦେଶ୍ୟରେ ଏହି ପ୍ରକଳ୍ପର ଶିଳାନ୍ୟାସ କରିଥିବା ଅଭିଯୋଗ କରିଛନ୍ତି। ଶ୍ରୀ ଦାସ କହିଛନ୍ତି ଯେ କୃଷକମାନଙ୍କୁ ୮୦୦ ଟଙ୍କା ବୋନସ୍ ଦେବାକୁ ସରକାର କରୁଛନ୍ତି, ଅନ୍ୟପକ୍ଷରେ ୩,୬୨୩ କୋଟିରେ ନିର୍ମିତ ହେବାକୁ ଥିବା ଏହି ପ୍ରକଳ୍ପ ପାଇଁ ରାଜ୍ୟ ବଜେଟରେ ପ୍ରାବଧାନ ହୋଇଛି କି ନାହିଁ, ସେନେଇ କୌଣସି ସ୍ପଷ୍ଟତା ନାହିଁ। ବିଭିନ୍ନ କ୍ଷେତ୍ରରେ ବିଫଳତା ଯୋଗୁଁ ରାଜ୍ୟ ସରକାରଙ୍କ ବିରୋଧରେ ଜନ ଆକ୍ରୋଶ ବୃଦ୍ଧି ପାଉଥିବାରୁ ଏଥିରୁ ବର୍ତ୍ତିବା ପାଇଁ ରାଜ୍ୟ ସରକାର ଏଭଳି ଭେଳିକି ସୃଷ୍ଟି କରିଛନ୍ତି। ରାଜ୍ୟ ସରକାର ଯେଉଁ ଡିଲିମିଟେସନ



କଥା ଉଲ୍ଲେଖ କରି ବିଧାନସଭା ସିଟ୍ ସଂଖ୍ୟା ୨୦୦କୁ ବୃଦ୍ଧି ପାଇପାରେ ବୋଲି କହୁଛନ୍ତି, ସେନେଇ କୌଣସି ସ୍ପଷ୍ଟତା ଆସିନାହିଁ। ଗତ ୧୮ ମାସର ବିଜେପି ଶାସନରେ ଓଡ଼ିଶା ଗୋଟିଏ ଋଣଗ୍ରସ୍ତ ରାଜ୍ୟରେ ପରିଣତ ହେବାକୁ ଯାଉଛି। ୨୦୨୪ ମସିହାରେ ନବୀନ ସରକାର କ୍ଷମତାରୁ ଯିବା ସମୟରେ ରାଜ୍ୟର ଋଣ ଭାର ୭୮,୦୦୦ କୋଟି ଟଙ୍କା ଥିଲାବେଳେ ବିଜେପି ସରକାର ମାତ୍ର ଗତ ଦେଢ଼ ବର୍ଷରେ ୯୧,୦୦୦ କୋଟି ଟଙ୍କା ଋଣ କରି ସାରିଲେଣି। କେନ୍ଦ୍ରରୁ ଅନୁଦାନ ୧୮.୧୯ ପ୍ରତିଶତ କମିଛି । ନବୀନ ସରକାରଙ୍କ ସମୟରେ ୪,୪୭୪ କୋଟି ଟଙ୍କାରେ ଏମ୍ବ ପ୍ଲସ

- ବିଫଳତାରୁ ନଜର ହଟାଇବା ପାଇଁ ଡିଲିମିଟେସନ ନାଁରେ ସରକାରଙ୍କ ଭେଳିକି
- ଡିଲିମିଟେସନ ପରେ ସିଟ୍ ବଢିବା ନେଇ ଏଯାଏ ଆସିନାହିଁ କୌଣସି ସ୍ପଷ୍ଟ ଚିତ୍ର

ପ୍ରକଳ୍ପର ପ୍ରାୟ ୩୦ ପ୍ରତିଶତ କାର୍ଯ୍ୟ ଶେଷ ହୋଇ ସାରିଥିଲା। ବିଜେପି କ୍ଷମତାକୁ ଆସିବା ପରେ ଏ ପ୍ରକଳ୍ପ କାମ ଆଗେଇ ପାରୁନାହିଁ। ଏହି ପ୍ରକଳ୍ପକୁ ଆଗେଇବା ପରିବର୍ତ୍ତେ ନୂତନ ବିଧାନସଭା ଓ ଲୋକସେବା ଭବନ ନିର୍ମାଣ ପାଇଁ ଶିଳାନ୍ୟାସ କରୁଛନ୍ତି। କେଉଁଟା ପ୍ରାଥମିକତା ହେବା କଥା, ତାହା ଓଡ଼ିଶାବାସୀ ବିଚାର କରିବେ । ପଲ୍ୟୁସନ ସାର୍ଟିଫିକେଟକୁ ନେଇ ଆଜି ସମଗ୍ର ରାଜ୍ୟବାସୀ ହନ୍ତସନ୍ତ ହେଉଛନ୍ତି । ରାଜ୍ୟ ସରକାର ଏହି ସବୁ ବିଫଳତା ଉପରୁ ନଜର ହଟାଇବା ପାଇଁ ଡିଲିମିଟେସନ ନାଁରେ ପ୍ରହସନ କରୁଛନ୍ତି ।

ଡ. ଲେନିନ ମହାନ୍ତି କହିଛନ୍ତି ଯେ ୮ ଲକ୍ଷ ନୂଆ ହିତାଧିକାରୀ ମଧୁବାବୁ ପେନସନ ଅପେକ୍ଷାରେ, ୧୨ ଲକ୍ଷ ନୂଆ ହିତାଧିକାରୀ ନୂଆ ରାସନ କାର୍ଡ ଅପେକ୍ଷାରେ, ୬ ଲକ୍ଷ ହିତାଧିକାରୀ ସୁଭଦ୍ରା ଯୋଜନାରୁ ବାଦ ପଡିଛନ୍ତି। ରାଜ୍ୟ ବ୍ୟାପୀ ଶିକ୍ଷକ, ଡାକ୍ତର ଓ ଅଙ୍ଗନବାଡି କର୍ମୀ ନିଜ ଦରମା ବଢାଇବା ପାଇଁ ବହୁ ଦିନରୁ ଆନ୍ଦୋଳନ କରୁଛନ୍ତି। ରାଜ୍ୟରେ ଠିକ୍ ସମୟରେ ହିତାଧିକାରୀଙ୍କୁ ରାସନ ଏବଂ ଛାତ୍ରଛାତ୍ରୀମାନଙ୍କୁ ସ୍କୁଲ ୟୁନିଫର୍ମ ପ୍ରଦାନ କରାଯାଉନାହିଁ । ଅନ୍ୱେଷା ଯୋଜନାରେ ଆଦିବାସୀ ଛାତ୍ରଛାତ୍ରୀମାନଙ୍କୁ ଗତ ୫ ମାସ ହେଲା କୌଣସି ଆର୍ଥିକ ସହାୟତା ଦିଆଯାଉନାହିଁ। ମାତ୍ର ଏହାର ସମାଧାନ ପରିବର୍ତ୍ତେ ରାଜ୍ୟ ସରକାର ନୂଆ ବିଧାନସଭା ଓ ଲୋକସେବା ଭବନ ନିର୍ମାଣର ଭେଳିକି ଦେଖାଉଛନ୍ତି। ବିଲ୍ଡିଂ ନିର୍ମାଣ କରି କେବଳ ପିସି ହାତେଇବା ପାଇଁ ରାଜ୍ୟ ସରକାରଙ୍କ ଲକ୍ଷ୍ୟ। ଏହି ପ୍ରକଳ୍ପର ଆବଶ୍ୟକତା ବର୍ତ୍ତମାନ ସମୟରେ ଆଦୌ ନାହିଁ ବୋଲି ସେ କହିଛନ୍ତି।

### ବହୁଚର୍ଚ୍ଚିତ ନାଲକୋନଗର ମଧୁସ୍ମିତା ହତ୍ୟାକାଣ୍ଡର ପର୍ଦ୍ଦାଫାସ୍

## ପ୍ରେମ ନିବେଦନ ପ୍ରତ୍ୟାଖ୍ୟାନ କରିବାରୁ ତଣ୍ଟିଚିପି ହତ୍ୟା

ଅନୁଗୋଳ,୧୫ ।୧(ସମିସ): ନାଲକୋ ନଗର କଲୋନୀ କ୍ୱାର୍ଟର୍ସରେ ଦିନ ଦ୍ୱିପ୍ରହରରେ ଜଣେ ମହିଳାଙ୍କୁ ତଣ୍ଟିଚିପି ହତ୍ୟା ଘଟଣାର ଦେଢ଼ମାସ ପରେ ପୁଲିସକୁ ସଫଳତା ମିଳିଛି। ଅଭିଯୁକ୍ତକୁ ପୁଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଅନୁଗୋଳ ସଦର ଥାନା ବାରସିଂହା ଗ୍ରାମର ଜୀବନ ସାହୁଙ୍କ ପୁଅ ତପନ ସାହୁ (୨୭)। ପ୍ରେମ ନିବେଦନ ପ୍ରତ୍ୟାଖ୍ୟାନ କରିବାରୁ ତପନ ମହିଳାଙ୍କୁ ତଣ୍ଟିଚିପି ହତ୍ୟା କରିଥିଲା। ଏପରିକି ତଦନ୍ତକୁ ଦିଗହରା କରିବା ପାଇଁ ତପନ ମହିଳାଙ୍କ କାନ ଓ ବେକରୁ ସୁନାଗହଣା ଖୋଲିନେଇ ଏହାକୁ ଏକ ଚୋରି ମାମଲାର ରୂପ ଦେବାକୁ ଉଦ୍ୟମ କରିଥିଲା ବୋଲି ଅନୁଗୋଳ ଏସ୍‌ପି ରାହୁଲ ଜୈନ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ପୁଲିସ ତପନ ନିକଟରୁ ଏକ ବାଇକ, ଗୋଟିଏ ମୋବାଇଲ, ମୃତକଙ୍କ ସୁନା କାନଫୁଲ ଓ ମଙ୍ଗଳସୂତ୍ର ଜବତ କରିଥିବା ଏସ୍‌ପି ଜୈନ କହିଛନ୍ତି। ନାଲକୋ କଲୋନୀ ପରିସର ତିନିମହଲା ଅଞ୍ଚଳରେ କ୍ୱାର୍ଟର୍ସ ନମ୍ବର ବି-୨୦୦୧ରେ ରହୁଥିବା ନାଲକୋ କର୍ମଚାରୀ କାର୍ତ୍ତିକ ଚନ୍ଦ୍ର ପ୍ରଧାନଙ୍କ ପତ୍ନୀ ମଧୁସ୍ମିତା ପ୍ରଧାନ (୩୭)ଙ୍କର ସନ୍ଦେହଜନକ ମୃତ୍ୟୁ ହୋଇଥିଲା।

- ପାଇପ କାମ ବାହାନାରେ ଘରେ ପଶିଥିଲା ମିସ୍ତ୍ରି
- ଏକାକୀ ଥିବା ମହିଳାଙ୍କୁ କରିଥିଲା ପ୍ରେମ ନିବେଦନ
- ତଦନ୍ତ ଦିଗହରା କରିବାକୁ କାନରୁ ନେଇଥିଲା ଗହଣା
- ଦେଢ଼ ମାସ ପରେ ଧରାପଡ଼ିଲା ଅଭିଯୁକ୍ତ ଯୁବକ

ମଧୁସ୍ମିତା କ୍ୱାର୍ଟର୍ସରେ ଏକାକୀ ଥିବାବେଳେ କେହି ତାଙ୍କୁ ହତ୍ୟା କରିଥିବା ଗତ ଡିସେମ୍ବର ୧ ତାରିଖ କାର୍ତ୍ତିକ ନାଲକୋ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ଅନୁଗୋଳ ଏସ୍‌ପିଙ୍କ ତତ୍ତ୍ୱାବଧାନରେ ଏକ ଆଠ ଜଣିଆ ଇନ୍ସପେକ୍ଟର ଟିମ୍ ବିଭିନ୍ନ ଦିଗରୁ ତଦନ୍ତ କରିଥିଲା। ପୁଲିସର ସ୍ୱତନ୍ତ୍ର ଅଭିଯାନ "ଅପରେସନ୍ ସାଇଲେଣ୍ଟ କୋବ୍ରା' ଜରିଆରେ ପୁଲିସ ଅପରାଧୀ ପାଖରେ ପହଞ୍ଚିବା ପାଇଁ ନିରନ୍ତର ପ୍ରୟାସ ଜାରି ରଖିଥିଲା। ପୁଲିସ



କଲୋନୀ ପରିସରରେ ଥିବା ସମସ୍ତ ସିସିଟିଭି ଫୁଟେଜକୁ ତନ୍ନ ତନ୍ନ କରି ଯାଞ୍ଚ କରିଥିଲା। ଦୀର୍ଘ ଦେଢ଼ମାସ ପରେ ଗୁରୁବାର ପୁଲିସକୁ ଏହି ମାମଲାରେ ସଫଳତା ମିଳିଛି। ସିସିଟିଭି ଫୁଟେଜରୁ ଘଟଣା ଦିନ ତପନ ମଧୁମିତାଙ୍କ ଘରେ ପଶିଥିବା ସ୍ପଷ୍ଟ ହୋଇଥିଲା। ପୁଲିସ ତାଙ୍କୁ ଉଠାଇ ନେଇ ପଚରାଉଚରା ବେଳେ ସେ ସବୁକଥା ମାନିଯାଇଥିଲେ। ଏସ୍‌ପିଙ୍କ ସୂଚନା ଅନୁଯାୟୀ ଅଭିଯୁକ୍ତ ତପନ ପେସାରେ ଜଣେ ପାଇପ୍ ମିସ୍ତ୍ରି ଏବଂ ନାଲକୋର ଠିକାଦାରଙ୍କ କର୍ମଚାରୀ। ତେଣୁ ନାଲକୋ ପରିସରରେ ଥିବା ବିଭିନ୍ନ କ୍ୱାର୍ଟର୍ସକୁ ତାଙ୍କର ନିୟମିତ ଯାତାୟାତ ଥାଏ। ଘଟଣା ଦିନ ପାଇପ୍ କାମ କରିବା ବାହାନାରେ ତପନ ମଧୁମିତାଙ୍କ ଘରେ ପଶି ତାଙ୍କୁ ପ୍ରେମ ନିବେଦନ କରିଥିଲେ। ତେବେ ମଧୁସ୍ମିତା ଏହାକୁ ତୀବ୍ର ବିରୋଧ କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ତପନ ମଧୁମିତା ପିନ୍ଧିଥିବା ଚୁନ୍ନି ଦ୍ୱାରା ତାଙ୍କ ତଣ୍ଟିଚିପି ହତ୍ୟା କରିଥିଲେ। ତଦନ୍ତକୁ ବିଭ୍ରାନ୍ତ କରିବା ଏହାକୁ ଡକାୟତି ଓ ହତ୍ୟାର ରୂପ ଦେବା ପାଇଁ ତପନ ମଧୁମିତାଙ୍କ ସୁନାଗହଣା କାଢ଼ି ନେଇ ସେଠାରୁ ଫେରାର ହୋଇଯାଇଥିଲେ ବୋଲି ଏସ୍‌ପି କହିଛନ୍ତି। ନାଲକୋ ଟାଉନସିପ୍ ଥାନା ଆଇଆଇସି ଇନ୍ସପେକ୍ଟର ନମିତା ନାୟକଙ୍କ ନେତୃତ୍ୱରେ ଗଠିତ ତଦନ୍ତ ଟିମ୍‌ରେ ଏଏସଆଇ ଦୀପକ କୁମାର ସିଂହ, ସୁବ୍ରତ ପାଢ଼ୀ, ପବିତ୍ର ନାଗ ପ୍ରମୁଖ ସାମିଲ ଥିଲେ।

## କଣ୍ଠଶିଳ୍ପୀ କୁନି ଛତ୍ରିଆଙ୍କ ପରଲୋକ

ବଲାଙ୍ଗିର,୧୫।୧(ସମିସ): ବଲାଙ୍ଗିର ଜିଲ୍ଲା ତୁଷୁରାର ଯୁବ କଣ୍ଠଶିଳ୍ପୀ କୁନି ଛତ୍ରିଆ ଆଉ ନାହାନ୍ତି। ମଞ୍ଚରେ ଘୁଡକା ଗୀତ ଗାଇ ଦର୍ଶକଙ୍କୁ ବାନ୍ଧି ରଖିପାରୁଥିବା କୁନିଙ୍କ ମାତ୍ର ୩୫ ବର୍ଷ ବୟସରେ



ଦେହାନ୍ତ ହୋଇଛି। ଫୁସଫୁସ ଜନିତ ସମସ୍ୟା ଯୋଗୁ କିଛି ଦିନ ହେଲା ସେ ଚିକିତ୍ସାଧୀନ ଥିଲେ। "ଏ ମୋର ଘୁଡକାବାଲା...ହାଏରେ ଘୁଡକାବାଲା...ହାଏରେ ଘୁଡକାବାଲା...ମୋତେ ରସେଇଦେଲା.. ମୋତେ ଫସେଇଦେଲା...ହାଏରେ ରସେଇଦେଲା....' ଗୀତ ଯେତେବେଳେ ବିଭିନ୍ନ ସାଂସ୍କୃତିକ ମଞ୍ଚରେ ଶୁଭୁଥିଲା ଦର୍ଶକଙ୍କ ତାଳିରେ ଅଞ୍ଚଳ କମ୍ପି ଉଠୁଥିଲା। କୁନି ହେଉଛନ୍ତି ତୁଷୁରା ଘୁଡୁକା ସାଂସ୍କୃତିକ ଦଳର ବଡ ଛତ୍ରିଆଙ୍କ ସ୍ତ୍ରୀ। କୁନିଙ୍କ ଘୁଡକା ଗୀତ ଓ ବଡସାନଙ୍କ ଘୁଡକା ନାଚ ଜିଲ୍ଲା, ରାଜ୍ୟ ତଥା ରାଜ୍ୟ ବାହାରେ ମଧ୍ୟ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲା। ଘୁଡକାବାଲା ଗୀତ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା କୁନି ଆହୁରି ଅନେକ ସମ୍ବଲପୁରୀ ଓ ଭଜନ ମଧ୍ୟ ଗୀତ ଗାଇଛନ୍ତି। କିଛି ଦିନ ପୂର୍ବରୁ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ସାରି ଫେରିବା ପରେ କୁନି ହଠାତ ଅସୁସ୍ଥ ହୋଇ ପଡିଥିଲେ। ତାଙ୍କୁ ପ୍ରଥମେ ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନା ଓ ପରେ ବୁର୍ଲା ମେଡିକାଲ କଲେଜ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଗୁରୁବାର ତୁଷୁରାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କ ମୃତ୍ୟୁରେ ସାରା ପଶ୍ଚିମ ଓଡ଼ିଶାର କଳାକାରଙ୍କ ମଧ୍ୟରେ ଶୋକ ପ୍ରକାଶ ପାଇଛି।

### କାହା ସ୍ୱାର୍ଥରେ ମହାପ୍ରୟାଣ ଯୋଜନା ?

## ବାଇକ୍‌ରେ ବୁହାହେଲା ମୃତଦେହ

ଗୁମ୍ମା,୧୫ ।୧(ସମିସ): ପୁଣି ସ୍ୱାସ୍ଥ୍ୟ ସେବାର ବିକଳ ଚିତ୍ର ଦେଖିବାକୁ ମିଳିଛି ଗଜପତି ଜିଲ୍ଲା ଗୁମ୍ମା ବ୍ଲକର ଉପାନ୍ତ ଅଞ୍ଚଳରେ। ମହାପ୍ରୟାଣ ଗାଡ଼ି ନମିଳିବାରୁ ବାଇକ୍‌ରେ ବୋହି ମୃତଦେହ ନେଇଥିଲେ ସମ୍ପର୍କୀୟ। ପୂର୍ବର ବିଜେଡ଼ି ସରକାର ଶବକୁ ସସମ୍ମାନେ ମେଡ଼ିକାଲରୁ ଘରକୁ ନେବାକୁ ମହାପ୍ରୟାଣ ଗାଡ଼ି ପ୍ରଚଳନ କରିଥିଲେ। ୨୦୧୬ ମସିହାରେ ଦାନ ମାଝୀ ଶବ ବୁହା ଘଟଣା ସାରା ବିଶ୍ୱରେ ଚର୍ଚ୍ଚାର ବିଷୟ ହେବା ପରେ ରାଜ୍ୟ ସରକାର ରାଜ୍ୟରେ ଆରମ୍ଭ କରିଥିଲେ 'ମହାପ୍ରୟାଣ' ଯୋଜନା। ହେଲେ ଏବେ ଏହି ଯୋଜନା ବାଟବଣା ହେବାରେ ଲାଗିଛି। ସରକାର ବଦଳିବା ପରେ ସ୍ଥିତି ବଦଳିଛି। ବିଭିନ୍ନ ସ୍ଥାନରେ ଆଉ ଏହି ସେବା ଆଗପରି ମିଳୁନାହିଁ। ଏଭଳି ଅବ୍ୟବସ୍ଥା ଦେଖିବାକୁ ମିଳିଛି ଗଜପତି ଜିଲ୍ଲା ଗୁମ୍ମା ସ୍ୱାସ୍ଥ୍ୟକେନ୍ଦ୍ରରେ। ଯାହା ସ୍ୱାସ୍ଥ୍ୟ ବିଭାଗର ପାରିବାପଣିଆକୁ ପଦାରେ ପକାଇଛି।

ସୂଚନା ଅନୁଯାୟୀ, ଗଜପତି



ଜିଲ୍ଲା ଗୁମ୍ମା ବ୍ଲକ ଅନ୍ତର୍ଗତ ସେରଙ୍ଗ ଗ୍ରାମର ଚନ୍ଦ୍ରଧ୍ୱଜ ସିଂ(୬୩)ଙ୍କ ସ୍ୱାସ୍ଥ୍ୟବସ୍ଥା ସଂକଟାପନ୍ନ ହୋଇପଡିଥିଲା। ପରିବାର ଲୋକେ ତାଙ୍କୁ ଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଗୁରୁବାର ସକାଳ ୮ଟାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଗୁମ୍ମା ସ୍ୱାସ୍ଥ୍ୟକେନ୍ଦ୍ରରେ ମହାପ୍ରୟାଣ ଗାଡ଼ି ନଥିବାରୁ ମୃତଦେହ କିପରି ଗାଁକୁ ନେବେ ପରିବାର ଲୋକଙ୍କ ଚିନ୍ତା ବଢ଼ିଥିଲା। ଅଟୋରେ ନେବା ପାଇଁ ସୁରକ୍ଷା କର୍ମୀମାନେ କହିଥିଲେ। ବୁଝାବୁଝି କରିବା ପରେ ଅଟୋରେ ନେଲେ ୮ରୁ୯ ହଜାର ଭଡ଼ା ଲାଗିବ ବୋଲି କୁହାଯାଇଥିଲା। ମାତ୍ର ଅର୍ଥ ଅଭାବରୁ ସମ୍ପର୍କିୟ ମୃତଦେହକୁ ବାଇକରେ ଧରି ନିଜ ଗାଁକୁ ନେଇଥିଲେ। ଜଣେ ବାଇକ୍ ଚଳାଉଥିବାବେଳେ ଅନ୍ୟଜଣେ ମୃତଦେହ ଧରି ପଛରେ ବସିଥିଲେ। ବାଟରେ ଯିଏ ଏହି ଦୃଶ୍ୟ ଦେଖୁଥିଲା ଘଡ଼ିଏ ରହିଯାଉଥିଲା। ଏପରି ଘଟଣା ସାଧାରଣରେ ଅସନ୍ତୋଷ ଓ ପ୍ରତିକ୍ରିୟା ସୃଷ୍ଟି କରିଛି।

### ଯାତ୍ରା ପେଣ୍ଡାଲରେ ଅଶ୍ଳୀଳତା

## ନାଚିଲେ ନିଶା; ବନ୍ଧାହେଲେ ଦୁଇ ଆୟୋଜକ

ବଲାଙ୍ଗିର,୧୫ ।୧(ସମିସ): ଛତିଶଗଡ଼ରେ ଯାତ୍ରା ପେଣ୍ଡାରେ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନକୁ ନେଇ ସାହୁ ଭାଉଜ ଓ ଆୟୋଜକଙ୍କ ନାମରେ ମାମଲା ରୁଜୁ ହୋଇଛି। ଏହି ଘଟଣାରେ ଏକାଧିକ ଆୟୋଜକ ଗିରଫ ହୋଇଛନ୍ତି। ଏବେ ବଲାଙ୍ଗିରରେ ମଧ୍ୟ ଏହିଭଳି ଏକ ଘଟଣା ଘଟିଛି। ବଲାଙ୍ଗିର ସଦର ଥାନା ଚନ୍ଦନଭାଟି ଗାଁରେ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ କରିବା ନେଇ ଅଭିଯୋଗ ହେବା ପରେ ୨ ଜଣ ଆୟୋଜକଙ୍କୁ ପୁଲିସ ଗିରଫ କରିଛି। ଏହି ୨ ଜଣ ହେଲେ ସୁରେନ୍ଦ୍ର ନାଗ ଓ ରାଧେଶ୍ୟାମ ମେହେର। ଚନ୍ଦନଭାଟିରେ ଗତ ୮ ତାରିଖରୁ ଅପେରା ଦୁର୍ଗା ମନ୍ଦିର ଯାତ୍ରା ପ୍ରଦର୍ଶନ କରିଥିଲା। ୧୨ ତାରିଖ ଶେଷ ଦିନରେ ଏହି ଯାତ୍ରା ପେଣ୍ଡାଲରେ ବିବାଦୀୟ ନିଶା ମହାରଣା ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ କରିଥିଲେ। ଏହାର ଭିଡିଓ ଦେଖିବା ପରେ ଚନ୍ଦନଭାଟି ଫାଣ୍ଡି ଅଧିକାରୀ ରଞ୍ଜିତ ପଧାନ ସଦର ଥାନାରେ ରିପୋର୍ଟ ପ୍ରଦାନ କରିଥିଲେ। ଏନେଇ ସଦର ଥାନାରେ ୨୯/୨୦୨୬ରେ ଆୟୋଜକ ଓ ନିଶା ମହାରଣାଙ୍କ ନାମରେ ମାମଲା ରୁଜୁ କରି ପୁଲିସ ତଦନ୍ତ କରିଥିଲା। ଏହି ମାମଲାରେ ପୁଲିସ ଗୁରୁବାର ସୁରେନ୍ଦ୍ର ଓ ରାଧେଶ୍ୟାମଙ୍କୁ ଗିରଫ କରିଛି। ତେବେ ନିଶା ମହାରଣା, ଶଙ୍କର ସେନାପତି ଓ ଅନ୍ୟମାନେ ଫେରାର ଥିବା ପୁଲିସ ସୂଚନା ଦେଇଛି। ତେବେ ଆଗକୁ ଏହି ଅଭିଯୁକ୍ତମାନଙ୍କୁ ପୁଲିସ ଗିରଫ କରିବ ନା ଦୁଇ ଜଣଙ୍କୁ ଗିରଫ କରି ମାମଲା ଚାପିଦେବ ତାକୁ ନେଇ ପ୍ରଶ୍ନ ଉଠିଛି।

### ମିଶନ ଶକ୍ତି ଏବଂ ପର୍ଯ୍ୟଟନ ଓ ଆତିଥ୍ୟେୟତା ଦକ୍ଷତା ପରିଷଦ ମଧ୍ୟରେ ବୁଝାମଣା

## ଟେଣ୍ଟ ଓ କ୍ୟାଟରିଂ ସେବା ଯୋଗାଇବେ ମହିଳା

ଭୁବନେଶ୍ୱର,୧୫ ।୧(ସମିସ): ଏଣିକି ମହିଳାମାନେ ଯୋଗାଇବେ ଟେଣ୍ଟ ଓ କ୍ୟାଟରିଂ ସେବା। ବିବାହ, ବ୍ରତଘର, ଜନ୍ମଦିନ ହେଉ ଅବା କୌଣସି କାର୍ଯ୍ୟକ୍ରମକୁ ଆକର୍ଷଣୀୟ କରିବେ ଏସ୍‌ଏଚ୍‌ଜି ସଦସ୍ୟା।

### ୪ ହଜାର ମହିଳା ଏସ୍‌ଏଚ୍‌ଜି ସଦସ୍ୟା ନେବେ ପ୍ରଶିକ୍ଷଣ: ଖର୍ଚ୍ଚ ହେବ ୯.୩ କୋଟି

ଆଗକୁ ରାଜ୍ୟରେ ଟେଣ୍ଟ ଓ କ୍ୟାଣ୍ଟରିଂ ଭଡ଼ା ଓ କ୍ୟାଟରିଂ ପରିଚାଳନା ସେବା କ୍ଷେତ୍ରରେ ଉଦ୍ୟୋଗିତା ପାଇଁ ମହିଳା ଏସଏଚଜି ସଦସ୍ୟମାନଙ୍କୁ ଦିଆଯିବ ପ୍ରଶିକ୍ଷଣ। ଏହି ଲକ୍ଷ୍ୟରେ ସ୍ଥାନୀୟ ମିଶନ ଶକ୍ତି ଭବନଠାରେ ଗୁରୁବାର ମିଶନ ଶକ୍ତି ବିଭାଗ ଏବଂ ପର୍ଯ୍ୟଟନ ଓ ଆତିଥ୍ୟେୟତା ଦକ୍ଷତା ପରିଷଦ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି।

ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ାଙ୍କ ଉପସ୍ଥିତିରେ ମିଶନ ଶକ୍ତି ନିର୍ଦ୍ଦେଶିକା ଡ. ମୋନିକା ପ୍ରିୟଦର୍ଶିନୀ ଏବଂ ପର୍ଯ୍ୟଟନ ଓ ଆତିଥ୍ୟେୟତା ଦକ୍ଷତା ପରିଷଦର ସିଇଓ ରାଜନ ବାହାଦୁର ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି। ବୁଝାମଣା ଅନୁସାରେ, ବ୍ୟବସାୟ ୟୁନିଟ୍‌ର ସ୍ଥାୟୀ ପରିଚାଳନା, ବୃତ୍ତିଗତ ଦକ୍ଷତା ବୃଦ୍ଧି, ଏଫ୍‌ଏସ୍‌ଏସ୍‌ଏଆଇ ପ୍ରମାଣପତ୍ର ପ୍ରଦାନ, ଡିପିଆର୍ ପ୍ରସ୍ତୁତି, ଉପକରଣ କ୍ରୟ, ବ୍ୟବସାୟରେ ଅଭିବୃଦ୍ଧି ଆଦି ବିଭିନ୍ନ ପ୍ରସଙ୍ଗରେ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯିବ। ଏକ ହଜାର ସ୍ୱୟଂସହାୟକ ଗୋଷ୍ଠୀର ୪,୦୦୦ ମହିଳା ସଦସ୍ୟା ଖାଦ୍ୟ ଯୋଗାଣ, ଇଭେଣ୍ଟ ପରିଚାଳନା, ଟେଣ୍ଟ ଓ କ୍ୟାଟରିଂ ସେବା ଉପରେ ପ୍ରଶିକ୍ଷିତ ହେବେ। ଏହି ଯୋଜନା ପାଇଁ ୯.୩ କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିବା ବିଭାଗୀୟ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି।

ଦକ୍ଷତା ବିକାଶ ଏବଂ ଉଦ୍ୟୋଗୀତା ମାଧ୍ୟମରେ ମହିଳାଙ୍କ ଆର୍ଥିକ ସଶକ୍ତୀକରଣ କ୍ଷେତ୍ରରେ ଏହା ଏକ ମାଇଲଖୁଣ୍ଟ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଆଶା ବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ମିଶନ ଶକ୍ତି ଆୟୁକ୍ତ ତଥା ସଚିବ ଗିରିଶ ଏସ୍‌ଏନ୍ ସ୍ୱାଗତ ଭାଷଣ ଦେବା ସହ ବୁଝାମଣାପତ୍ରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ବିବରଣୀ ପ୍ରଦାନ କରିଥିଲେ।

# ପୂର୍ବ ସରକାରଙ୍କ ଅନୁଦାନକୁ ନିଜର କହି ବାଃବାଃ ନେବାର ଚକ୍ରାନ୍ତ

## ନଦୀ ଖନନ ଅର୍ଥ ମଞ୍ଜୁର କରିଥିଲେ ନବୀନ
## ଉଦ୍‌ଘାଟନ କରିବେ ମୋହନ




**କଣାସ,୧୫।୧(ସମିସ):** ପୁରୀ ଜିଲ୍ଲା ସତ୍ୟବାଦୀ ନିର୍ବାଚନମଣ୍ଡଳୀ କଣାସ ବ୍ଲକ୍‌ର ଚାଷୀମାନଙ୍କ ଜୀବନ ରେଖା ହେଉଛି କଣାସ ବ୍ଲକ୍ ଦେଇ ବହିଯାଇଥିବା ଉଭୟ ଲୁଣା ଏବଂ ଦୟା ନଦୀ। ଚାଷୀମାନଙ୍କ ଦୈନନ୍ଦିନ ଆବଶ୍ୟକତା ସହିତ ଜନସାଧାରଣଙ୍କ ଦୈନନ୍ଦିନ କାର୍ଯ୍ୟରେ ଏହି ଦୁଇଟି ନଦୀ ଆବଶ୍ୟକତା ପୂର୍ଣ୍ଣ କରିଥାଏ। କିନ୍ତୁ ଧୀରେ ଧୀରେ ଏହି ନଦୀର ଖନନ ଓ ଉଦ୍ଧାର ଅବହେଳାରୁ ଦଳ ଭର୍ତ୍ତି ହୋଇ ପାଣି ଆବଶ୍ୟକ ମୁତାବକ ଅଭାବ ଦେଖାଦେଇଥିଲା। ଫଳରେ ହନ୍ତସନ୍ତ ହେଉଥିଲେ ଚାଷୀ ଓ ଜନ ସାଧାରଣ। ଏହାକୁ ଦୃଷ୍ଟିରେ ରଖି ପୂର୍ବ ସରକାରଙ୍କ ସମୟରେ ସ୍ଥାନୀୟ ବିଧାୟକ ଉମାକାନ୍ତ ସାମନ୍ତରାୟ, ସେ ସମୟର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅବଗତ କରାଇଥିଲେ ଏବଂ ପରବର୍ତ୍ତି ସମୟରେ ନବୀନ ପଟ୍ଟନାୟକ ଉପସଚିବ ରବୀନ୍ଦ୍ର ନାଥ ଚିନାରା ବିଭାଗୀୟ ମୁଖ୍ୟଯନ୍ତ୍ରୀଙ୍କୁ ୨୦୨୨ ଅକ୍ଟୋବର ୨୯ ରେ ଏକ ଚିଠି ମାଧ୍ୟମରେ ଦୃଷ୍ଟି ଆକର୍ଷଣ କରିଥିଲେ। ପରବର୍ତ୍ତୀ ସମୟରେ ସେ ସମୟର ଉପ ସଚିବ ଭାଗିରଥି ପାଢ଼ୀ ଜଳସେଚନ ବିଭାଗର ମୁଖ୍ୟଯନ୍ତ୍ରୀ ଯଥାଶୀଘ୍ର ଏହାର ପୁନରୁଦ୍ଧାର ପାଇଁ ନିର୍ଦ୍ଦେଶ ଦେଇଥିଲେ। ଯେଉଁଥିରେ ଦୟା, ଲୁଣା ନଦୀ ଡ୍ରେଜିଂ ପାଇଁ ୫୨.୪୮ କୋଟି ଓ ୩୪.୯୬ କୋଟିରୁ ଉର୍ଦ୍ଧ୍ୱ କୋଟି ଟଙ୍କା ସର୍ବମୋଟ ୮୭.୪୪ କୋଟି ଟଙ୍କା ମଞ୍ଜୁର କରିଥିଲେ। କିନ୍ତୁ ପରବର୍ତ୍ତୀ ମୁହୂର୍ତ୍ତରେ ସରକାର ପରିବର୍ତ୍ତନ ହୋଇଥିଲା ଓ ନୂଆ ସରକାର ଆସିବା ପରେ ସ୍ଥାନୀୟ ବିଧାୟକ ଏହି ଅର୍ଥରାଶିକୁ ନିଜ ସରକାର ଓ ତାଙ୍କ ଦ୍ୱାରା ଏହି ଅର୍ଥରାଶି ଗୃହୀତ ହୋଇଛି କହି ଖୁବ୍‌ଶୀଘ୍ର ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ହେବ ବୋଲି ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଛି ବୋଲି ଗୁରୁବାର କଣାସ ବ୍ଲକ୍ ଜଙ୍କିଆ ଗଡ଼ସାହି ପଞ୍ଚାୟତ ମେଳଣ ପଡ଼ିଆରେ ପୁରୀ ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ ଏକ ସାମ୍ବାଦିକ ସମ୍ମିଳନୀ କରି ରାଜ୍ୟ ସରକାରଙ୍କ ଉପରେ ଜୋର୍‌ଦାର ବର୍ଷିବା ସହିତ କେଉଁଭଳି ଭାବରେ ବର୍ତ୍ତମାନ ସରକାର ଓ ସ୍ଥାନୀୟ ବିଧାୟକ ଜନସାଧାରଣଙ୍କୁ ଭୁଆଁ ବୁଲାଇ ପୂର୍ବତନ ସରକାରଙ୍କ ଏହି ଅନୁଦାନକୁ ନିଜର କହି ବାଃବାଃ ନେବା ପାଇଁ ଯୋଜନା କରୁଛନ୍ତି ବୋଲି ଉପସ୍ଥିତ ଜନସାଧାରଣ ଓ ସାମ୍ବାଦିକମାନଙ୍କୁ ଅବଗତ କରାଇଥିଲେ।

ସିଏମ୍‌ଏସ୍, ଏସ୍‌ପିଏଫ୍, ୫ଟି, ବିଧାୟକ ପାଣ୍ଠି, ୪୧ ଏ ଏବଂ ବିଭିନ୍ନ ଯୋଜନାରେ ହୋଇଥିବା ୨୭କୋଟି ଟଙ୍କାକୁ ପ୍ରତିହାର କରି ଅନ୍ୟତ୍ର ନିଜ ସରକାରୀ ଯୋଜନା ମାଧ୍ୟମରେ ଅନୁଦାନ ରାଶି ପୂର୍ବକ ପ୍ରଦାନ କରିବା ପାଇଁ ପ୍ରୟାସ ଆରମ୍ଭ କରିଛନ୍ତି। ଅନ୍ୟପଟେ ସତ୍ୟବାଦୀ ବ୍ଲକ୍‌ର ଗୋପୀନାଥ ଦେବ ମନ୍ଦିର, ବରାଳ ବାଲୁଙ୍କେଶ୍ୱର ମନ୍ଦିର, ତୃତୀୟ ଦେବ ମନ୍ଦିର, ପଞ୍ଚସଖା ପଡ଼ିଆ ଷ୍ଟାଡିୟମ୍ ପାଇଁ ଘୋଷଣା କରାଯାଇଥିବା ଅର୍ଥରାଶିକୁ ଅନ୍ୟତ୍ର କେଉଁ କାର୍ଯ୍ୟରେ ବ୍ୟବହାର କରିବା ପାଇଁ ଉଦ୍ୟମକୁ ବିରୋଧ କରିବା ସହ ଏହାକୁ ନାପସନ୍ଦ କରିଥିଲେ। ଏମିତିକି ବକୁଳବନ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ହଷ୍ଟେଲ, ବାତ୍ୟା/ବନ୍ୟା ଆଶ୍ରୟସ୍ଥଳୀକୁ ପୂର୍ବତନ ସରକାର ଏଥିପାଇଁ ଅର୍ଥ ମଞ୍ଜୁର କରିଥିବାବେଳେ ଏହାର ଉଦ୍‌ଘାଟନ କରିବା ସହିତ ଶ୍ରେୟ ନେବାକୁ ଯେଉଁଭଳି ଭାବରେ କଲବଲ ହେଉଛନ୍ତି ତାହା ଅତି ଦୁର୍ଭାଗ୍ୟର ବିଷୟ। ନିର୍ବାଚନ ସମୟରେ ବର୍ତ୍ତମାନର ସରକାର ଦେଇଥିବା ପ୍ରତିଶ୍ରୁତି ପାଣିରେ ଗାର ପକାଇବା ସଦୃଶ ହୋଇଛି। ଏମିତିକି ଅନ୍ତ୍ୟୋଦୟ ଗୃହ ଯୋଜନାରେ ଅନିୟମିତତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଘର ଅନିୟମିତତା, ବାର୍ଦ୍ଧକ୍ୟ ଭତ୍ତା ପାଇଁ ୧୫ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ଅପେକ୍ଷାରେ ରହିଥିବାବେଳେ, ନୂତନ ରାସନ କାର୍ଡରେ ଯୋଗଦାନ ପାଇଁ ୨୦ହଜାରରୁ ଉର୍ଦ୍ଧ୍ୱ ଲୋକ ମଧ୍ୟ ଅପେକ୍ଷାରେ ରହିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ବିଜୁ ଜନତା ଦଳର ବ୍ଲକ୍ ସଭାପତି ସୁରେନ୍ଦ୍ର ସାହୁ, ସତ୍ୟବାଦୀ ବ୍ଲକ୍ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା, ଯୁବ କର୍ମୀ ରାଜେଶ ହରିଚନ୍ଦନ, ଅରୁଣ କୁମାରଙ୍କ ସହିତ ଅନ୍ୟାନ୍ୟ ଜନପ୍ରତିନିଧିମାନେ ଯୋଗଦେଇ ସରକାରଙ୍କ ଏଭଳି ନିଷ୍ପତ୍ତିକୁ ତାଚ୍ଛଲ୍ୟ କରିଥିଲେ। ସୂଚନା ଅନୁଯାୟୀ, ଶୁକ୍ରବାର ଦୋକନ୍ଦା ମେଳଣ ପଡ଼ିଆରେ ଜଳ ସମ୍ପଦ ବିଭାଗ ପକ୍ଷରୁ ଏକ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଓ ସଭାରେ ଯୋଗଦେବେ ସତ୍ୟବାଦୀ ବିଧାୟକ, ପୁରୀ ସାଂସଦଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

**● ମେଧାବୀ ଛାତ୍ରର ଦୁଇ କିଡ୍‌ନୀ ଅଚଳ; ଅର୍ଥାଭାବରୁ ଚିକିତ୍ସାରେ ବାଧା**

# ସବୁଜ ଶାଖା ପକ୍ଷରୁ ୫୦ ହଜାର ଟଙ୍କା ଓ ରାସନ ସହାୟତା

**ଅସ୍ତରଙ୍ଗ,୧୫।୧(ସମିସ):** ରାମଚନ୍ଦ୍ରପୁରର ପଞ୍ଚାନନ ସ୍ୱାଇଁଙ୍କ ପୁତ୍ର ସତ୍ୟପ୍ରକାଶ ସ୍ୱାଇଁ(୧୫)ଙ୍କ ଦୁଇଟି କିଡ୍‌ନୀ ଖରାପ ହୋଇଯାଇଛି। ଚିକିତ୍ସାରେ ଅର୍ଥାଭାବ ବାଧକ ସାଜିଛି। ଚିକିତ୍ସା ପାଇଁ ଲକ୍ଷ ଲକ୍ଷ ଟଙ୍କାର ଆବଶ୍ୟକତା ଥିବାବେଳେ ଏହି ଅର୍ଥ କେଉଁଠୁ ଆସିବ ସେ ନେଇ ଏବେ ପୂରା ପରିବାରକୁ ଚିନ୍ତା ଘାରିଛି। ସାହାଯ୍ୟ ସହାନୁଭୂତି ପାଇଁ ଆକୁଳ ନିବେଦନ ପରେ ଅସ୍ତରଙ୍ଗ ସବୁଜ ଶାଖା ଅନୁଷ୍ଠାନ ଗୁରୁବାର ଏହି ପରିବାରକୁ ଭେଟିଥିଲା।



ଦିବାକର ଛାଟୋଇ ଓ ରମାକାନ୍ତ ବସ୍ତିଆଙ୍କ ନେତୃତ୍ୱରେ ସଦସ୍ୟମାନେ ତାଙ୍କ ଘରେ ପହଞ୍ଚି ରୋଗାକ୍ରାନ୍ତ ପିଲାର ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ବୁଝିଥିଲେ। ଚିକିତ୍ସା ପାଇଁ ୫୦ ହଜାର ଟଙ୍କାର ଏକ ଚେକ୍ ଓ ରାସନ ସାମଗ୍ରୀ ସହାୟତା ପ୍ରଦାନ କରିଛନ୍ତି। ପରିବାରର ଦୁଃଖ ଦେଖି ସବୁଜଶାଖା ସଦସ୍ୟଙ୍କ ସହ ଯାଇଥିବା ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି ୫ ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ଏଥିସହ ଏହି ଅନୁଷ୍ଠାନ ଅନ୍ୟମାନଙ୍କୁ ଯୋଗାଯୋଗ କରି ସାହାଯ୍ୟ ସହାନୁଭୂତି ଯୋଗାଇ ଦେବାକୁ ନିବେଦନ କରିଛି। ପ୍ରକାଶ ଥାଉକି, ରାମଚନ୍ଦ୍ରପୁର ପଞ୍ଚାନନ ଜଣେ ଦିନମଜୁରିଆ ଓ ଭାଗବଖରା ଚାଷ କରି ପରିବାରର ଗୁଜୁରାଣ ମେଣ୍ଟାଉଥିଲା ବେଳେ ଦୁଇଝିଅ ଓ ଗୋଟିଏ ପୁଅଟିକୁ ପାଠ ପଢ଼ାଉଥିଲେ। ପୁଅ ସତ୍ୟପ୍ରକାଶ ନିକଟସ୍ଥ ସ୍ୱାମୀଜୀ ପୂର୍ଣ୍ଣାନନ୍ଦ ଲବଣ ସତ୍ୟାଗ୍ରହୀ ହାଇସ୍କୁଲରେ ଭଲ ପାଠ ପଢୁଥିଲେ। ସେ ଚଳିତ ବର୍ଷ ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷା ଦେବେ। ପରୀକ୍ଷା ଆଉ ଅଳ୍ପ ଦିନ ଥିଲାବେଳେ ଦଇବ ଦାଉ ସାଧି ତାଙ୍କର ଦୁଇଟିଯାକ କିଡ୍‌ନୀ ଖରାପ ହେବାରୁ ପାଠପଢ଼ାରେ ଏବେ ଡୋରି ବନ୍ଧାଯାଇଛି। ଚିକିତ୍ସା ପାଇଁ ଗରିବ ବାପଟିଏ ପୁଳାପୁଳା ଟଙ୍କା ଖର୍ଚ୍ଚ କରି ନୟାନ୍ତ ହେବା ପରେ ପରବର୍ତ୍ତୀ ଚିକିତ୍ସା ପାଇଁ ଲକ୍ଷ ଲକ୍ଷ ଟଙ୍କାର ଆବଶ୍ୟକତା ରହିଛି। ପୁଅ କଥା ଭାବି ଭାବି ଘରେ ଚୁଲି ଜଳୁନି।

# ଉତ୍ତରାୟଣୀ ବିଦ୍ୟାପୀଠର ବାର୍ଷିକ ଉତ୍ସବ



**ସାକ୍ଷୀଗୋପାଳ,୧୫।୧(ସମିସ):** ଉତ୍ତରାୟଣୀ ବିଦ୍ୟାପୀଠ ସାତଶଙ୍ଖର ୭୧ତମ ପ୍ରତିଷ୍ଠା ଦିବସ ତଥା ବାର୍ଷିକ ଉତ୍ସବ ବିଦ୍ୟାପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସନ୍ତୋଷ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ରୂପେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସମ୍ମାନିତ ଅତିଥି ରୂପେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବୈକୁଣ୍ଠ ବିଶ୍ୱାଳ, ସାମ୍ବାଦିକ ଅଶୋକ ବେହେରା, ପୁରାତନ ଛାତ୍ର ସଂସଦ ସଭାପତି ଶିବସୁନ୍ଦର ଜେନା, ଯଶୁଆପୁର ସରପଞ୍ଚ ଅକ୍ଷୟ ବେହେରା, ରଥ ପୁରୁଷୋତ୍ତମପୁର ସରପଞ୍ଚ ସୁବାସ ପଲେଇ, ପ୍ରାକ୍ତନ ଶିକ୍ଷକ ଅଜୟ ଷଡ଼ଙ୍ଗୀ, ପିପିଲି ମଣ୍ଡଳ ଶିକ୍ଷାଧିକାରୀ ପୀତବାସ ସେଠୀ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ପୁଷ୍ପଲତା ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ପଟ୍ଟନାୟକ ବିଦ୍ୟାପୀଠର ରୋଷଘର ଓ ଡାଇନିଂ ହଲ୍ ନିର୍ମାଣ ନିମନ୍ତେ ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ୫ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ ନିମନ୍ତେ ଘୋଷଣା କରିଥିଲେ। ବିଦ୍ୟାପୀଠ ଖେଳ ପଡ଼ିଆର ବିକାଶ ନିମନ୍ତେ ୪ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଛି, ଆଉ ୫ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରାଯିବ ବୋଲି ଘୋଷଣା କରିଥିଲେ। ବିଦ୍ୟାପୀଠ ପରିସରରେ ଏକ ସମ୍ମିଳନୀ କକ୍ଷ ନିର୍ମାଣ ସହିତ ବିଦ୍ୟାପୀଠ ଚତୁଃପାର୍ଶ୍ୱରେ ପ୍ରାଚୀର ନିର୍ମାଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଶିକ୍ଷକ ତୃପ୍ତି ରଞ୍ଜନ ରାଉତ ଓ ଜୟନ୍ତ ମଲ୍ଲିକ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଶୁଭଶ୍ରୀ ପ୍ରିୟଦର୍ଶିନୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ମା’ ମଙ୍ଗଳାଙ୍କ ମନ୍ଦିରରେ ମକରବେଢ଼ା

**କାକଟପୁର,୧୫।୧(ସମିସ):** କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା’ ମଙ୍ଗଳାଙ୍କ ପୀଠରେ ମକର ସଂକ୍ରାନ୍ତି ଉପଲକ୍ଷେ ମକରବେଢ଼ା ନୀତି ପାଳିତ ହୋଇଯାଇଛି। ଅପରାହ୍ଣରେ ମନ୍ଦିର ପହୁଡ଼ ଖୋଲିବା ପରେ ପୂଜାପଣ୍ଡା ସେବକ ଶରତ କୁମାର ଦୀକ୍ଷିତ ମା’ଙ୍କ ନିକଟରେ ଲାଗିହୋଇଥିବା ୩ଟି ମକର ଚୂଳକୁ ପର୍ଯ୍ୟାୟ କ୍ରମେ ତିନିଥର ଶୋଭାଯାତ୍ରାରେ ମନ୍ଦିର ପରିକ୍ରମା କରିବା ପରେ ମକର ଚାଉଳ ଧୂପନୀତି ଅନୁଷ୍ଠିତ ହୋଇଥିଲା। ସେବାୟତମାନେ ନୂଆ ଅରୁଆ ଚାଉଳ, ଛେନା, କଦଳୀ, ଅଦା, ଗୁଡ଼, ଚିନି, ଫଳମୂଳ ଆଦି ଦ୍ରବ୍ୟ ପକାଇ ମକର ଚାଉଳ ପ୍ରସ୍ତୁତ କରି ମା’ଙ୍କୁ ନୈବେଦ୍ୟ ଅର୍ପଣ କରିଥିଲେ। ମା’ଙ୍କ ଏହି ପ୍ରସାଦ ପାଇବା ପାଇଁ ବହୁ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା।

# ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

**ବଳଙ୍ଗା,୧୫।୧(ସମିସ):** ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଦ୍ୱାରା ନିମାପଡ଼ା ନିର୍ବାଚନମଣ୍ଡଳୀର ଶାଇଁସଶାସନ ପଞ୍ଚାୟତ ଅଧୀନ ମାଣ୍ଡିଆକୁଦଠାରେ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ରାଜ୍ୟ ସରକାରଙ୍କ ଜଳସମ୍ପଦ ବିଭାଗ ପକ୍ଷରୁ ନୂଆଗାଁ ଡିଷ୍ଟ୍ରିବ୍ୟୁଟାରୀ କେନାଲର ଶାଇଁସଶାସନଠାରୁ ନୂଆସନ୍ଥ ପର୍ଯ୍ୟନ୍ତ ପରେ ଭାର୍ଗବୀ ନଦୀ ବନ୍ଧର ବାମ ପାର୍ଶ୍ୱରେ ଉନ୍ନତିକରଣ, ଚିଉଳପୁରଠାରୁ ହରିପୁର, ଭାର୍ଗବୀ ନଦୀ ବନ୍ଧର ବାମ ପାର୍ଶ୍ୱରେ ଉନ୍ନତିକରଣ, ମୋରମ୍ ମେଟାଲିଙ୍ଗ୍ ରାସ୍ତା, ଗୋପିନାଥପୁରରୁ ନୂଆଗାଁ ଡିଷ୍ଟ୍ରିବ୍ୟୁଟାରୀ କେନାଲର କାଶୀପୁର ପର୍ଯ୍ୟନ୍ତ ମେଣ୍ଟାଲ ମୋରମ୍, ପରେ ବାୟାବର ଏଫ୍‌ସି କେନାଲର ଡାହାଣ ପାର୍ଶ୍ୱରେ ନୂଆଗୋପାଳପୁର ଏବଂ ବାୟାବର ମେଣ୍ଟାଲ ଓ ମୋରମ୍ ଏବଂ ପିଚୁ ରାସ୍ତା ନିର୍ମାଣ, ରେଞ୍ଚ ଶାସନଠାରୁ ଖଜାପୁର ପର୍ଯ୍ୟନ୍ତ ୨ ଏଲ୍ ମାଇନର କେନାଲ ରାସ୍ତାର ଉନ୍ନତିକରଣ କାର୍ଯ୍ୟ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି କାର୍ଯ୍ୟପାଇଁ ୩୦ କୋଟି ୬୮ ଲକ୍ଷ ଟଙ୍କା ଅଟକଳ କରାଯାଇଥିବା ବିଭାଗୀୟ ଅଧିକାରୀ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବଳଙ୍ଗା ମଣ୍ଡଳ ସଭାପତି ଦେବାଶିଷ ଆଚାର୍ଯ୍ୟ, ଜଳସମ୍ପଦ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଅମିୟ ପ୍ରୀତମ୍ ଚେତନ ପୋଥାଲ, ସରପଞ୍ଚ ଜୟନ୍ତୀ ବିଶ୍ୱାଳ, ଅର୍ଜୁନ ବରାଳ, ପ୍ରସନ୍ନ ଦାଶ, ସାଂସଦ ପ୍ରତିନିଧି ମୀନଲତା ମହାନ୍ତି, ସମାଜସେବୀ ଯତିନ୍ଦ୍ର ସ୍ୱାଇଁ, ପ୍ରଭାକର ନାୟକ, ସାଇପ୍ରୀତମ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।



**ଚାରିଛକ:** ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଦ୍ୱାରା ନିମାପଡ଼ା ଜଳସେଚନ ବିଭାଗର ୧କୋଟି ୪୩ଲକ୍ଷ ଟଙ୍କା ବ୍ୟୟରେ ୩ଟି ପ୍ରକଳ୍ପର ଶିଳାନ୍ୟାସ ହୋଇଯାଇଛି। କୁଣ୍ଢେଇ ଡିଷ୍ଟ୍ରିବ୍ୟୁଟାରୀ ମୁଖ୍ୟ କେନାଲ ଦକ୍ଷିଣ ପାର୍ଶ୍ୱବନ୍ଧ ବାଇଦପଡ଼ାରୁ-ଟିଟିଙ୍ଗାପଡ଼ା, ନୟାହାଟରୁ-ପାଣିଛତ୍ର ରାସ୍ତା ୮୨ଲକ୍ଷ, ଜଳଛତ୍ର ମାଇନର କେନାଲ ବନ୍ଧ ଦକ୍ଷିଣପଟ ରାସ୍ତାର ଉନ୍ନତୀକରଣ ପାଇଁ ୩୫ଲକ୍ଷ, ବିଶୁଳିପଡ଼ା ମାଇନର ପାଇଁ ୨୫ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି। ଉତ୍ସବରେ ଉପମୁଖ୍ୟମନ୍ତ୍ରୀଙ୍କ ସହ ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ପ୍ରୀତମ୍ ଚେତନ ପୋଥାଲ, ସହକାରୀ ନିର୍ବାହୀ ଯନ୍ତ୍ରୀ ରାକେଶ ସାହୁ, କନିଷ୍ଠ ଯନ୍ତ୍ରୀ ରବୀନ୍ଦ୍ର ଦାସ, ସାଂସଦଙ୍କ ନିମାପଡ଼ା ବ୍ଲକ୍ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ଏନ୍‌ଏସି ପ୍ରତନିଧି ମୀନଲତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

**ନିମାପଡ଼ାରେ ଜିଲ୍ଲାସ୍ତରୀୟ ଧାନମଣ୍ଡି ଉଦ୍‌ଘାଟିତ**

# ୧୨.୦୪ ଲକ୍ଷ କ୍ୱିଣ୍ଟାଲ ଧାନ କ୍ରୟ ଲକ୍ଷ୍ୟ ଧାର୍ଯ୍ୟ

**ନିମାପଡ଼ା,୧୫।୧(ସମିସ):** ଗୁରୁବାରଠାରୁ ପୁରୀ ଜିଲ୍ଲାରେ ୨୦୨୫-୨୬ ମସିହା ଖରିଫ ଋତୁ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିମାପଡ଼ା ନିୟନ୍ତ୍ରିତ ବଜାର କମିଟି ପରିସରରେ ଧାନମଣ୍ଡିରେ ଧାନ କ୍ରୟର ଶୁଭ ଉଦ୍‌ଘାଟନ ହୋଇଛି। ଏହି ଜିଲ୍ଲାସ୍ତରୀୟ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ଜିଲ୍ଲାରେ ସମସ୍ତ ଧାନ ମଣ୍ଡିରେ ଶାନ୍ତି ଶୃଙ୍ଖଳାର ସହ ଚାଷୀଙ୍କଠାରୁ ଧାନ କ୍ରୟ କରାଯିବ। ଚଳିତବର୍ଷ ଧାନ ସଂଗ୍ରହକୁ ଅଧିକ କ୍ରିୟାଶୀଳ କରିବା ଲକ୍ଷ୍ୟରେ ଅଧିକ ୯ଟି ଅର୍ଥାତ୍ ୧୯୬ଟି ମଣ୍ଡି ଖୋଲିବାର ବ୍ୟବସ୍ଥା କରାଯାଇଛି ବୋଲି କହିଥିଲେ। ନିଜ ଉତ୍ପାଦିତ ଫସଲର ସ୍ୱାଦ ନିଆରା। ତେଣୁ ଆବଶ୍ୟକତା ଅନୁସାରେ ନିଜ ପରିବାର ପାଇଁ ପ୍ରଥମେ ଉତ୍ପାଦିତ ଧାନକୁ ରଖି ବଳକା ଧାନକୁ ବିକ୍ରି ପାଇଁ ଆଣିବାକୁ ଉପମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଉପଜିଲ୍ଲାପାଳ ରାଜ କିଶୋର ଜେନା, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ଉପମୁଖ୍ୟମନ୍ତ୍ରୀ ନଡ଼ିଆ ଭାଙ୍ଗି ମଣ୍ଡି ଉଦ୍‌ଘାଟନ କରିଥିଲେ। ଚଳିତ ବର୍ଷ ଜିଲ୍ଲାରେ ମୋଟ ୫୯ ହଜାର ୯୯୮ ଜଣ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ବର୍ତ୍ତମାନ ସୁଦ୍ଧା ୫୦ ହଜାର ୫୫୨ ଟୋକନ୍ ବଣ୍ଟନ କରାଯାଇଛି। ଚଳିତ ବର୍ଷ ପ୍ରଥମ ପର୍ଯ୍ୟାୟରେ ୧୨.୦୪ଲକ୍ଷ କ୍ୱିଣ୍ଟାଲ ଧାନ ସଂଗ୍ରହର ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଛି। ପଞ୍ଜିକୃତ ହୋଇଥିବା ମୋଟ୍ ୧୯୩ଟି ପ୍ରାଥମିକ କୃଷି ସମବାୟ ସମିତି, ଗୋଟିଏ ଅତିରିକ୍ତ ସମିତି ଏବଂ ୩ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ମାଧ୍ୟମରେ ଧାନ କ୍ରୟ କରାଯିବ ବୋଲି ଯୋଗାଣ ଅଧିକାରୀ ଓ ଡିଆର୍‌ସିଏସ୍ ସୂଚନା ଦେଇଛନ୍ତି। ପ୍ରାରମ୍ଭରେ ଡିଆର୍‌ସିଏସ୍ ସରୋଜିନୀ ଜେନା ସମସ୍ତଙ୍କୁ ସ୍ୱାଗତ କରିବା ସହ ଚଳିତ ବର୍ଷ ଧାନ ସଂଗ୍ରହ ସମ୍ପର୍କରେ ବିବିଧ ସୂଚନା ଦେଇଥିଲେ।

ମୁଖ୍ୟ ଯୋଗାଣ ଅଧିକାରୀ ସଞ୍ଜୀବ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ନିମାପଡ଼ା ବିଡିଓ ଡ. ଅଭିଜିତ ଷଡ଼ଙ୍ଗୀ, ତହସିଲ୍‌ଦାର ଡ. ମନୋଜ କୁମାର ପ୍ରଧାନ, ଜଗତସିଂହପୁର ସାଂସଦଙ୍କ ପ୍ରତିନିଧି ଯତିନ୍ଦ୍ର ସ୍ୱାଇଁ, ମୀନଲତା ମହାନ୍ତି, କୋଟସଙ୍ଗ ଓ ଶଗଡ଼ା ପଞ୍ଚାୟତ ସରପଞ୍ଚ, ନିମାପଡ଼ା ଆର୍‌ଏମ୍‌ସିର ସମ୍ପାଦକ ସୁଶାନ୍ତ ରାଉତ, ଏଆର୍‌ସିଏସ୍ ସନାତନ ବେହେରା, ଏସ୍‌ଆର୍‌ସିଏସ୍ ଦିଲ୍ଲୀପ ବେହେରା ପ୍ରମୁଖ ଯୋଗଦେଇଥିଲେ। ଶ୍ୟାମ ପ୍ରକାଶ ସେନାପତି ମଞ୍ଚ ସଞ୍ଚାଳନ କରିଥିଲେ।



# ଶତାୟୁ ସ୍ୱାଧୀନତା ସଂଗ୍ରାମୀ ସୋମନାଥ ପାତ୍ରଙ୍କ ପରଲୋକ



**କାକଟପୁର/କୁଣ୍ଢେଇ/ନିମାପଡ଼ା,,୧୫।୧(ସମିସ)** କାକଟପୁର ଅଞ୍ଚଳର ଶତାୟୁ ସ୍ୱାଧୀନତା ସଂଗ୍ରାମୀ ତଥା କୁଣ୍ଢେଇ ପଞ୍ଚାୟତର ପ୍ରଥମ ସରପଞ୍ଚ ସୋମନାଥ ପାତ୍ର(୧୦୨)ଙ୍କ ଗୁରୁବାର ପରଲୋକ ହୋଇଯାଇଛି। ୧୯୫୭ରୁ ୧୯୬୭ ପର୍ଯ୍ୟନ୍ତ ଦୁଇ ଦୁଇ ଥର କୁଣ୍ଢେଇ ପଞ୍ଚାୟତ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ସୋମନାଥ ପାତ୍ର ବାଜପୁର ଗ୍ରାମରେ ୧୯୨୪ରେ ଜନ୍ମଗ୍ରହଣ କରିଥିଲେ। ୧୯୪୩ରେ ସେ କମ୍ୟୁନିଷ୍ଟ ପାର୍ଟିରେ ଯୋଗଦେଇ ପୁରୀ ଜିଲ୍ଲା ସମ୍ପାଦକ ଓ ରାଜ୍ୟ କୃଷକ ସଭାର ସଭାପତି ଥିଲେ। ପୁରୀ ଜିଲ୍ଲାର ସାଧାରଣ ଜନଜୀବନରେ ସୋମନାଥ ପାତ୍ର ଥିଲେ ଜଣେ ପରିଚିତ ବ୍ୟକ୍ତିତ୍ୱ। କାକଟପୁରଠାରୁ ରାଜଧାନୀ ଭୁବନେଶ୍ୱର ପର୍ଯ୍ୟନ୍ତ ବିଭିନ୍ନ ସଭା ସମିତିରେ ତାଙ୍କର ଉପସ୍ଥିତି ଦେଖିବାକୁ ମିଳୁଥିଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପୁଅ, ବୋହୂ ଓ ବନ୍ଧୁ ପରିଜନ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ଭାରତ କଂଗ୍ରେସ କମିଟି କିଷାନ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ତଥା ଉତ୍କଳ ସଂଗ୍ରାମୀ ସ୍ମୃତି ସମିତିର ସଭାପତି ଅମିୟ ପଟ୍ଟନାୟକ, କାକଟପୁର ବିଧାୟକ ତୁଷାରକାନ୍ତୀ ବେହେରା, କମ୍ୟୁନିଷ୍ଟ ନେତା ଆଶିଷ କୁମାର କାନୁନ୍‌ଗୋ, ନିରଦ ବରଣ ମହାନ୍ତି, ସ୍ୱପ୍ନେଶ୍ୱର ସାହୁ, କାଳିନ୍ଦୀ ଚରଣ ଛାଟୋଇ, ପୁରୀ ଜିଲ୍ଲା କମ୍ୟୁନିଷ୍ଟ ପାର୍ଟିର ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ରାଉତ, ବରିଷ୍ଠ ନେତା ସନାତନ ପାତ୍ର, ଦେବେନ୍ଦ୍ରନାଥ ସାହୁ, ନିମାପଡ଼ା ଏନ୍‌ଏସି ଉପାଧ୍ୟକ୍ଷ ସନ୍ତୋଷ କୁମାର ଦାଶ, ଅନ୍ତର୍ଯ୍ୟାମୀ ବିଶ୍ୱାଳ ପ୍ରମୁଖ ଗଭୀର ଦୁଃଖ ପ୍ରକାଶ କରିଛନ୍ତି।




# ଅଳକୁଣ୍ଡ ପଞ୍ଚାୟତ ହାଇସ୍କୁଲରେ ତାଲା ପକାଇଲେ ଗ୍ରାମବାସୀ

**ଚାରିଛକ,୧୫।୧(ସମିସ):** ଚାରିଛକ ନିକଟସ୍ଥ ଅଳକୁଣ୍ଡ ପଞ୍ଚାୟତ ହାଇସ୍କୁଲ ଗେଟ୍‌ରେ ପୁନର୍ବାର ଗୁରୁବାର ଗ୍ରାମବାସୀମାନେ ତାଲା ପକାଇଥିବା ଜଣାପଡ଼ିଛି। ସୂଚନା ମୁତାବକ, ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀଙ୍କ ଅନ୍ୟତ୍ର ବଦଳି ଓ ଖାଲିଥିବା ଶିକ୍ଷକ ପଦ ପୂରଣ ଦାବିରେ ଗତ ମାସ ୧୭ ତାରିଖ ଦିନ କେତେକ ଗ୍ରାମବାସୀ ଓ ଅଭିଭାବକମାନେ ମୁଖ୍ୟ ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ। ୩ ଦିନ ଧାରଣାରେ ବସିବା ପରେ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ବ୍ଲକ୍ ଅତିରିକ୍ତ ଶିକ୍ଷାଧିକାରୀ ସୁଦର୍ଶନ ଭୋଇ ଘଟଣାସ୍ଥଳରେ ପହଞ୍ଚି ସମସ୍ତ ଦାବି ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣାରୁ ଓହରିଥିଲେ। ମାତ୍ର ୧ ମାସ ବିତିଯାଇଥିଲେ ମଧ୍ୟ କୌଣସି ଦାବି ପୂରଣ କରାଯାଇ ନ ଥିବାରୁ ଗ୍ରାମବାସୀମାନେ ଗୁରୁବାର ପୁନର୍ବାର ଧାରଣାରେ ବସିଥିଲେ। ଯଦି ପ୍ରଶାସନ ତୁରନ୍ତ ଦାବି ପୂରଣ ନ କରନ୍ତି, ତେବେ ଆସନ୍ତା ସୋମବାରଠାରୁ ରାଜରାସ୍ତାକୁ ଓହ୍ଲାଇବେ ବୋଲି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁବାସ ଚନ୍ଦ୍ର ବାରିକ, ପୂର୍ବତନ ସଭାପତି ବଟକୃଷ୍ଣ ସ୍ୱାଇଁ, ସମିତି ସଭ୍ୟା ଲକିବାଳା ନାୟକ, ସୁଧିର ନାୟକ, ବିମ୍ବାଧର ନାୟକ, କୃଷ୍ଣଚନ୍ଦ୍ର ବେହେରା, ଲିଙ୍ଗରାଜ ନାୟକ, ବିପିନ ପ୍ରଧାନ, ଅଭିଭାବକ ବଳରାମ ନାୟକ, ସାଲୁ ବେହେରା, ପବିତ୍ର ବେହେରା, ବଳରାମ ବେହେରା, ଶିବ ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ଖଟୋଇ, ତପନ ପ୍ରଧାନ ପ୍ରମୁଖ ଚେତାବନୀ ଦେଇଛନ୍ତି।















# ଶ୍ରୀକ୍ଷେତ୍ର ସିଟି

୧୫/୧/୨୦୨୬ (ଗୁରୁବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୧୧,୨୮,୯୭୦/- ସୁନା:୧୩.୬୫୦ ଗ୍ରାମ୍ ରୁପା: ୨୫୩.୦୦୦ ଗ୍ରାମ୍





## ଶ୍ରୀମନ୍ଦିର ହୁଣ୍ଡିରୁ ବାହାରିଲା ୧୧.୨୮ ଲକ୍ଷ ଟଙ୍କା

ପୁରୀ,୧୫।୧(ସମିସ): ବୁଧବାର ଥିଲା ମକର ସଂକ୍ରାନ୍ତି। ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା। ମକର ସଂକ୍ରାନ୍ତିର ସ୍ୱତନ୍ତ୍ର ନୀତିକାନ୍ତି ସାଙ୍ଗକୁ ମହାସ୍ନାନ ପାଇଁ ନୀତି ବିଳମ୍ବ ହୋଇଥିଲା। ଫଳରେ ବୁଧବାର ରାତ୍ର ପହୁଡ଼ ହୋଇ ନ ଥିବାବେଳେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଭକ୍ତ ଦର୍ଶନ କରିଥିଲେ। ଗୁରୁବାର ବି ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। ଏହି ଦୁଇଦିନ ଭିଡ଼ର ପ୍ରଭାବ ହୁଣ୍ଡିରେ ପ୍ରତିଫଳିତ ହୋଇଛି। ଗୁରୁବାର ହୁଣ୍ଡିରୁ ବାହାରିଛି ୧୧ଲକ୍ଷ ୨୮ ହଜାର ୯୭୦ ଟଙ୍କା। ଏଥିସହ ୧୩ ଗ୍ରାମ୍ ୬୫୦ ମିଲିଗ୍ରାମ୍ ସୁନା ଏବଂ ୨୫୩ ଗ୍ରାମ୍ ରୁପା ମିଳିଥିବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଆସୁଥିବା ଭକ୍ତମାନେ ଏଥିରେ ଟଙ୍କା, ସୁନା, ରୁପା ଇତ୍ୟାଦି ପକାଇଥା'ନ୍ତି। କେହି କେହି ମାନସିକ କରି ହୁଣ୍ଡିରେ ବିଭିନ୍ନ ପ୍ରକାର ବସ୍ତ୍ର ମଧ ପକାଇଥା'ନ୍ତି। ଏହି ଦାନ ଅର୍ଥ ଏବଂ ସୁନା, ଅଳଙ୍କାର ଆଦି ପ୍ରତିଦିନ ସନ୍ଧ୍ୟାରେ ଗଣତି କରାଯାଇଥାଏ। ଶ୍ରୀମନ୍ଦିର ବେଢ଼ା ପରିସର ଶାଖା କାର୍ଯ୍ୟାଳୟରେ ଏହି ଗଣତି ହୁଏ। ପ୍ରତିଦିନ ହୁଣ୍ଡିରୁ କେତେ ଟଙ୍କା ମିଳେ ତାହାକୁ ଶ୍ରୀମନ୍ଦିର ପ୍ରଶାସନ ସର୍ବସାଧାରଣରେ ଅବଗତ କରାଇଥାଏ। ଏବେ ସାଧାରଣ ଦିନମାନଙ୍କରେ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହୁଣ୍ଡିରୁ ବାହାରିଥାଏ। କିନ୍ତୁ କୌଣସି ପର୍ବପର୍ବାଣୀ ବା ଛୁଟି ଦିନମାନଙ୍କରେ ଏହି ଟଙ୍କା ପରିମାଣ ବଢ଼ିଥାଏ।

## ଫକୀର ମୋହନ ଜୟନ୍ତୀ ପାଳିତ

ପୁରୀ,୧୫।୧(ସମିସ): ସ୍ଥାନୀୟ ସଞ୍ଜୀବନୀ ହସ୍ପିଟାଲ ପରିସରରେ ବୁଧବାର ଆଇନଜୀବୀଙ୍କୁ ନେଇ ପ୍ରତିଷ୍ଠିତ ପ୍ରତିଭା ପୂଜା ପରିଷଦ ପକ୍ଷରୁ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ଓ ମକର ଉତ୍ସବ ପାଳିତ ହୋଇଛି। ପରିଷଦ ସଭାପତି ଗୁଣ୍ଡିଚା ବରାଳଙ୍କ ଅଧକ୍ଷତାରେ ଓଡିଆ ଭାଷା ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ଡ. କୈଳାଶ ଚନ୍ଦ୍ର ଟିକାୟତରାୟ, ଏସ୍‌ସିଏସ୍ କଲେଜର ପ୍ରାକ୍ତନ ଅଧକ୍ଷ ଭଗବାନ ଜୟସିଂହ, ସ୍ତମ୍ଭକାର ଗୌରାଙ୍ଗ ଚରଣ ପରିଡ଼ା, ଡାକ୍ତର ଦେବେନ୍ଦ୍ରନାଥ ତରେଇ, ଗବେଷକ ନୀଳମଣି ଗୁରୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷା ପ୍ରତି ଫକୀର ମୋହନଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ପରିଷଦର ସମ୍ପାଦକ ଡ. ପ୍ରଧାନ ଧୀରେନ୍ଦ୍ର ରାୟ ବିବରଣୀ ପାଠ କରିଥିଲେ। ସଭ୍ୟ ସୁବାସ ଚନ୍ଦ୍ର ପରିଡ଼ା, ବିପିନ ବିହାରୀ ଦଳାଇ, ପ୍ରମୋଦ ପ୍ରଧାନ, ଅରୁଣ କୁମାର ଗଜେନ୍ଦ୍ର, ନରେଶ ମହାନ୍ତି, ଅଭୟ ସ୍ୱାଇଁ, ସଞ୍ଜୟ ରାଉତରାୟ, ପ୍ରମୋଦ ପାଣ୍ଡି, ସୌମ୍ୟରଞ୍ଜନ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଅଯଥା ଓ ଅତ୍ୟଧିକ ଜରିମାନା**

# ରାସ୍ତାରେ ଗାଡ଼ି ଗଡ଼ାଇବାକୁ ଭୟ କଲେଣି ମାଲିକ

ପୁରୀ,୧୫।୧(ସମିସ): ମନମାନୀ ଚଳାଇଛି ପରିବହନ ବିଭାଗ। ଜିଲ୍ଲାସ୍ତରରେ ବି ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ଜୁଲମ୍ ବଢ଼ିଚାଲିଛି। କୌଣସି ପୂର୍ବ ସୂଚନା ବିନା ମନଇଚ୍ଛା ଫାଇନ କଟାଯାଉଛି। ଟ୍ରାଫିକ ନିୟମ ଉଲ୍ଲଂଘନ କରିଥାନ୍ତୁ ବା ନ କରିଥାନ୍ତୁ ଅନେକଙ୍କ ମୋବାଇଲକୁ ଚାଲାଣ ପଳାଇ ଆସୁଛି। ପୁରୀ-ଭୁବନେଶ୍ୱର ୩୧୬ ନମ୍ବର ଜାତୀୟ ରାଜପଥରେ ତ ଗାଡ଼ି ଚଳାଚଳ କରିବାକୁ ଭୟ କଲେଣି ମାଲିକ ଓ ଚାଳକ। ଏମିତି ବି ଆଲୋଚନା ହେଉଛି ଏହି ରାଜପଥରେ ଗାଡ଼ି ନେଇ ଯାଇଛ ଅର୍ଥ ଜରିମାନା ନିଶ୍ଚିତ। ସେହିଭଳି କୋଣାର୍କରେ ପାର୍କିଂ କଲେ ଆପଣଙ୍କୁ ଡଣ୍ଡ ଗଣିବାକୁ ପଡ଼ିବ। ନୋ ପାର୍କିଂ ଜୋନ୍ କହି ୫୦୦ ଟଙ୍କାର ଚାଲାଣ ଆସୁଛି। ଗୋଟିଏ ଭଡ଼ାରୁ ଯେତିକି ଲାଭ ନ ଆସିବ ତା'ଠୁ ଅଧିକ ଫାଇନ୍‌ରେ ପଳାଇବାର ଭୟ ଘାରିଛି। ଏଭଳି ସ୍ଥିତିରେ ଚିନ୍ତାରେ ପଡ଼ିଗଲେଣି ନୀଳାଚଳ ଲାଇଟ୍ ଯାନବାହନ ମାଲିକ ସଂଘ। ଏ ନେଇ ମାଲିକମାନେ ଗୁରୁବାର ଦ୍ୱିତୀୟ ଥର ପାଇଁ ଆର୍‌ଟିଓଙ୍କୁ ଭେଟି ତାଙ୍କ ଅସୁବିଧା ବିଷୟରେ ଜଣାଇବା ସହ ସ୍ମାରକପତ୍ର ପ୍ରଦାନ କରିଛନ୍ତି।



ମାଲିକ ସଂଘ ପକ୍ଷରୁ କୁହାଯାଇଛି, ପୁରୀ-ଭୁବନେଶ୍ୱର ୩୧୬ ନମ୍ବର ଜତୀୟ ରାଜପଥରେ ଲାଗିଥିବା କ୍ୟାମେରା ମାଧ୍ୟମରେ ଅନେକ ସମୟରେ ଅଯଥା ଓ ଅତ୍ୟଧିକ ଜରିମାନା କରାଯାଉଛି। ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସ୍ପିଡ୍ ଲିମିଟ୍ ଗୋଟିଏ ପ୍ରକାର ଲେଖା ଥିଲାବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଭିନ୍ନ ଲେଖାଯାଇଛି। ବାସ୍ତବରେ ଗାଡ଼ି ଚାଳକମାନେ କାହାକୁ ମାନି କେତେ ସ୍ପିଡ୍‌ରେ ଗାଡ଼ି ଚଲାଇବେ ସେ ନେଇ ଦ୍ୱନ୍ଦ୍ୱରେ ପଡୁଛନ୍ତି। ୬୦ ସ୍ପିଡ୍ ଥିବାବେଳେ ୫୦ ସ୍ପିଡ୍‌ରେ ବି ଚାଲାଣ ଆସିଯାଉଛି। ତେଣୁ ସରକାର ସାଧାରଣ ଜନତାଙ୍କ ହିତ ପାଇଁ କେତେ ସ୍ପିଡ୍‌ରେ କେଉଁ ଯାନ ଯିବ ବିଭିନ୍ନ ସ୍ଥାନରେ ବୋର୍ଡ ମାରି ଅବଗତ କରାଇବା ଦରକାର। ସେହିପରି ପୁରୀ ସହର ମଧ୍ୟରେ ପାର୍କିଂକୁ ନେଇ ଅଯଥା ଚାଲାଣ କଟାଯାଉଛି। ଯାତ୍ରୀଙ୍କୁ ଓହ୍ଲାଇବା ଏବଂ ଚଢ଼ାଇବା ପାଇଁ ରାସ୍ତାକଡ଼ରେ ଗାଡ଼ି ରଖିଲେ ଇଲିଗାଲ ପାର୍କିଂ କହି ସଙ୍ଗେ ସଙ୍ଗେ ଫାଇନ କଟାଯାଉଛି। କୋଣାର୍କରେ ମଧ ସମାନ ଅବସ୍ଥା। ରାସ୍ତାର ଯେ କୌଣସି ଜାଗାରେ ଯାତ୍ରୀଙ୍କ ସୁବିଧା ପାଇଁ ଗାଡି ପାର୍କିଂ କଲେ ସଙ୍ଗେ ସଙ୍ଗେ ଚାଲାଣ କଟାଯାଉଛି। ଏହାଦ୍ୱାରା ଗାଡ଼ି ମାଲିକ ଏବଂ ଚାଳକମାନେ ବହୁତ ହଇରାଣ ହେଉଛନ୍ତି। ଅଧିକାଂଶ ମାଲିକ ଋଣ ଆଣି ଗାଡ଼ି କରିଛନ୍ତି। ଯଦି ଏହିପରି ଭାବେ ଅଯଥା ଜରିମାନା ପଡ଼େ ଅଧିକାଂଶ ମାଲିକ ଇଏମ୍‌ଆଇ ଦେଇପାରିବେ ନାହିଁ। କାରଣ ଗୋଟିଏ ଭଡ଼ାରେ ଯଦି ୫୦୦ ଟଙ୍କା ଆୟ ହେଉଛି ଜରିମାନା କେତେବେଳେ ଏହାର ଦୁଇଗୁଣା କଟାଯାଉଛି। ତେଣୁ ଗାଡ଼ି ମାଲିକମାନେ ରାସ୍ତାରେ ଗାଡ଼ି ଗଡ଼ାଇବାକୁ ଭୟ କଲେଣି। ବାସ୍ତବତାକୁ ଅନୁଭବ କରି ଏ ଦିଗରେ ବିହୀତ ପଦକ୍ଷେପ ନେବାକୁ ସେମାନେ ଆର୍‌ଟିଓଙ୍କୁ ଅନୁରୋଧ କରିଥିଲେ। ସୂଚନା ଅନୁଯାୟୀ, ଆର୍‌ଟିଓ ସନ୍ଧ୍ୟାରେ ମାଲିକ ସଂଘକୁ ଡାକି ଆଲୋଚନା କରିଛନ୍ତି। ଆଉ ଅଯଥା ଫାଇନ କଟାଯିବ ନାହିଁ। ଜାତୀୟ ରାଜପଥରେ ୬୦ ଭିତରେ ଗାଡ଼ି ଚଳାଇବାକୁ କୁହାଯାଇଛି। ସେହିପରି ସହର ଭିତରେର ଇଲିଗାଲ ପାର୍କିଂ ନାଁରେ ଯେଉଁ ଫାଇନ କଟାଯାଇଛି ତାହା ଆଲୋଚନା ମାଧ୍ୟମରେ ସମାଧାନ ହେବ ବୋଲି ଆଶ୍ୱାସନା ଦିଆଯାଇଥିବା ଜଣାପଡ଼ିଛି।

**• ସାଇବର ଅପରାଧ ବିରୋଧରେ ସଫଳତା**

## ୨୦୨୫ରେ ୫୮ କୋଟି ଟଙ୍କା ଫ୍ରିଜ୍ ହୋଇଛି

ପୁରୀ,୧୫।୧(ସମିସ): ସାଇବର ଅପରାଧ ଏବେ ସମସ୍ତଙ୍କ ଚିନ୍ତା ବଢ଼ାଇ ଦେଲାଣି। ସାମାନ୍ୟ ସତର୍କ ନ ହେଲେ ଯେ କୌଣସି ମୁହୂର୍ତ୍ତରେ କେହି ବି ସାଇବର ଠକଙ୍କ ଶିକାର ହୋଇପାରନ୍ତି। ତେବେ ଏଭଳି ଠକେଇ ବିରୋଧରେ ପୁରୀ ସାଇବର ଥାନାକୁ ବିଶେଷ ସଫଳତା ମିଳିଛି। ଡିଜିଟାଲ୍ ଯୁଗରେ ବଢୁଥିବା ସାଇବର ଅପରାଧ, ଅନ୍‌ଲାଇନ୍ ଠକେଇ, ନକଲି ସୋସିଆଲ୍ ମିଡିଆ ଆକାଉଣ୍ଟ, ନକଲି ୱେବ୍‌ସାଇଟ୍ ଓ ଭୁଲ୍ ମୋବାଇଲ ନମ୍ବର ମାଧ୍ୟମରେ ହେଉଥିବା ଅପରାଧକୁ ରୋକିବା ଉଦ୍ଦେଶ୍ୟରେ ପୁରୀ ପୁଲିସ ଅଧୀନସ୍ଥ ସାଇବର ଥାନା ଗତବର୍ଷ ଅର୍ଥାତ୍ ୨୦୨୫ରେ ସକ୍ରିୟ ଓ ପ୍ରଭାବଶାଳୀ ହୋଇପାରିଛି। ଏହି ଗୋଟିଏ ବର୍ଷରେ ସାଇବର ଥାନାରେ ସମୁଦାୟ ୩୧ଟି ସାଇବର ସମ୍ପର୍କିତ ମାମଲା ପଞ୍ଜୀକରଣ ହୋଇଛି। ସବୁ ମାମଲାକୁ ଗୁରୁତ୍ୱର ସହିତ ତଦନ୍ତ କରାଯାଇ ୮ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଯେଉଁମାନେ ଅନ୍‌ଲାଇନ୍ ଆର୍‌ôଥକ ଠକେଇ, ଡିଜିଟାଲ୍ ଓ ନକଲି ପରିଚୟ ମାଧ୍ୟମରେ ଲୋକମାନଙ୍କୁ ଠକିଥିଲେ। ସାଇବର ଥାନା ପକ୍ଷରୁ ମୋଟ ୫୮ କୋଟି ୪୦ ଲକ୍ଷ ଟଙ୍କା ଫ୍ରିଜ୍ କରାଯାଇଛି ବୋଲି ଏସ୍‌ପି ପ୍ରତୀକ୍ ସିଂ ସୂଚନା ଦେଇଛନ୍ତି।

ସାଇବର ଠକେଇ ଦ୍ୱାରା ପୀଡ଼ିତମାନେ ଆର୍ଥିକ କ୍ଷତି ଏବଂ ମାନସିକ ଅଶାନ୍ତିର ସାମ୍ନା କରନ୍ତି। ସାଇବର ଠକେଇ କେବଳ ଗୋଟିଏ ଦୁଇଟି ପଦ୍ଧତି ମଧ୍ୟରେ ଆଉ ସୀମିତ ନାହିଁ। ବରଂ ନୂଆ ନୂଆ ପ୍ରଯୁକ୍ତି ଏବଂ ବ୍ୟବହାରକାରୀଙ୍କ ଆଚରଣକୁ ଆଧାର କରି ସାଇବର ଅପରାଧୀମାନେ ଠକେଇ ପାଇଁ ନୂଆ ନୂଆ ଉପାୟ ଏବଂ ପଦ୍ଧତି ଅବଲମ୍ବନ କରୁଛନ୍ତି। ତେଣୁ ସାଇବର ଅପରାଧ ଦ୍ୱାରା ହେଉଥିବା ଆର୍‌ôଥକ କ୍ଷତିକୁ ରୋକିବା ପାଇଁ ପୁରୀ ସାଇବର ଥାନା ତ୍ୱରିତ ଓ ପ୍ରଭାବଶାଳୀ ପଦକ୍ଷେପ ଗ୍ରହଣ କରିଛି। ୨୦୨୫ରେ ମୋଟ ୫୮କୋଟି ୪୦ ଲକ୍ଷ ଟଙ୍କା ରାଶିକୁ ହୋଲ୍ଡ କରାଯାଇ ଅନେକ ନିର୍ଦ୍ଦୋଷ ନାଗରିକଙ୍କୁ ବଡ଼ ଆର୍‌ôଥକ କ୍ଷତିରୁ ରକ୍ଷା କରାଯାଇଛି। ନକଲି ସୋସିଆଲ୍ ମିଡିଆ, ୱେବ୍‌ସାଇଟ୍ ଓ ମୋବାଇଲ୍ ନମ୍ବର ଉପରେ କଠୋର କାର୍ଯ୍ୟାନୁଷ୍ଠାନ ସାଇବର ଅପରାଧୀଙ୍କ ନେଟ୍‌ୱର୍କକୁ ଭାଙ୍ଗିବା ଉଦ୍ଦେଶ୍ୟରେ ପୁରୀ ସାଇବର ଥାନା ଦ୍ୱାରା ୨୩୦ଟି ନକଲି, ଅପରାଧିକ ସୋସିଆଲ୍ ମିଡିଆ ଆକାଉଣ୍ଟ ବ୍ଲକ୍, ୭୦ଟି ନକଲି ୱେବ୍‌ସାଇଟ୍ ବ୍ଲକ୍, ୬୪ଟି ନକଲି ମୋବାଇଲ୍ ନମ୍ବର ବ୍ଲକ୍ କରାଯାଇଛି। ଏହା ଫଳରେ ଭବିଷ୍ୟତରେ ଅନେକ ସମ୍ଭାବ୍ୟ ସାଇବର ଠକେଇକୁ ଅଟକାଯିବା ସମ୍ଭବ ହୋଇପାରିଛି।

ଏସ୍‌ପି ଶ୍ରୀ ସିଂ କହିଛନ୍ତି, ସାମ୍ପ୍ରତିକ ସମାଜରେ ସାଇବର ଅପରାଧ ଏକ ବଡ଼ ଚ୍ୟାଲେଞ୍ଜ। ପୁରୀ ପୁଲିସ ସାଧାରଣ ଜନତାଙ୍କ ଆର୍‌ôଥକ ଓ ଡିଜିଟାଲ୍ ସୁରକ୍ଷା ପାଇଁ ପୂର୍ଣ୍ଣ ଭାବେ ପ୍ରତିଶ୍ରୁତିବଦ୍ଧ। ସାଇବର ଅପରାଧ ଘଟିଲେ ତୁରନ୍ତ ଅଭିଯୋଗ କଲେ ଟଙ୍କା ଫେରି ପାଇବାର ସମ୍ଭାବନା ବଢ଼ିଥାଏ। ଲୋକମାନେ ସଚେତନ ରୁହନ୍ତୁ ଓ ସନ୍ଦିଗ୍ଧ ଲିଙ୍କ୍, କଲ୍ ଏବଂ ଓଟିପିଠାରୁ ଦୂରେଇ ରୁହନ୍ତୁ। କୌଣସି ପ୍ରକାର ଡିଜିଟାଲ୍ କିମ୍ବା ସାଇବର ଅପରାଧ ଘଟିଲେ ତୁରନ୍ତ ହେଲ୍ପଲାଇନ୍ ନମ୍ବର ୮୨୮୦୪୯୧୩୦୦ରେ ସମ୍ପର୍କ କରିବାକୁ ଏସ୍‌ପି ଶ୍ରୀ ସିଂ ଅନୁରୋଧ କରିଛନ୍ତି। ପୁରୀ ସାଇବର ଥାନା ଆଗାମୀ ଦିନରେ ମଧ ସାଇବର ଅପରାଧ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଜାରି ରଖି ପୁରୀ ଜିଲ୍ଲାକୁ ଏକ ସୁରକ୍ଷିତ ଡିଜିଟାଲ୍ ଜିଲ୍ଲା ଭାବେ ଗଢ଼ି ତୋଳିବାକୁ ପ୍ରତିବଦ୍ଧ ବୋଲି ସେ କହିଛନ୍ତି।

## ଲନ୍ ବଲ୍ ଖେଳାଳିଙ୍କ ବଲାଙ୍ଗିର ଯାତ୍ରା



ପୁରୀ,୧୫।୧(ସମିସ): ଚଳିତ ମାସ ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ବଲାଙ୍ଗିରଠାରେ ଅନୁଷ୍ଠିତ ହେବ ତୃତୀୟ ରାଜ୍ୟସ୍ତରୀୟ ଲନ୍ ବଲ୍ ପ୍ରତିଯୋଗିତା। ଏହି ପ୍ରତିଯୋଗିତାର ଅଂଶଗ୍ରହଣ କରିବା ଲାଗି ଗୁରୁବାର ପୁରୀ ଲନ୍ ବଲର ଖେଳାଳିମାନେ ଟ୍ରେନ୍ ଯୋଗେ ବଲାଙ୍ଗିର ଅଭିମୁଖେ ଯାତ୍ରା କରିଛନ୍ତି। ପୁରୀ ଜିଲ୍ଲା ଲନ୍ ବଲ୍‌ର ସମ୍ପାଦକ ହରେଶ କୁମାର ମିଶ୍ର, ଝଡ଼େଶ୍ୱରୀ କ୍ଲବ୍‌ର ସମ୍ପାଦକ ପାର୍ଥସାରଥୀ ମହାପାତ୍ର, ଜିତେନ୍ଦ୍ର ନାଥ ଦାସ ପ୍ରମୁଖ ଝାଡ଼େଶ୍ୱରୀ କ୍ଲବ୍ ପ୍ରାଙ୍ଗଣରେ ଏହି ୭ ଜଣିଆ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି। ସେମାନଙ୍କର ଯାତ୍ରା ସଫଳତା କାମନା କରିବା ସହ ଭଲ ପ୍ରଦର୍ଶନ କରନ୍ତୁ ବୋଲି ପ୍ରାର୍ଥନା କରିଛନ୍ତି।

## ରାସ୍ତାରୁ ହଟିଲା ଜବରଦଖଲ

ପୁରୀ,୧୫।୧(ସମିସ): ପୌରପାଳିକା ପକ୍ଷରୁ ଗୁରୁବାର ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ ଘାଟକୁ ପଡ଼ିଥିବା ରାସ୍ତାରୁ ଅବରୋଧ ହଟାଯାଇଛି। କିଛି ଦୋକାନ ରାସ୍ତାର ଉଭୟ ପାର୍ଶ୍ୱକୁ ମାଡ଼ି ଆସିଥିବାରୁ ଉଚ୍ଛେଦ କରାଯାଇଛି। ପୌରପାଳିକା



ପକ୍ଷରୁ ଚାଲିଥିବା ଜବରଦଖଲ ଉଚ୍ଛେଦ ଅଭିଯାନରେ ସାଗର ବିଜେସ୍ଥଳୀ ସଂଲଗ୍ନ ରାସ୍ତାରେ ଏହି ଉଚ୍ଛେଦ ହୋଇଛି। ପୌରଅଧିକାରୀଙ୍କ ସୂଚନା ମୁତାବକ, ସ୍ୱର୍ଗଦ୍ୱାର ନିକଟରେ ଥିବା ସାଗର ବିଜେ ରାସ୍ତାରେ କିଛି ଦୋକାନୀ ରାସ୍ତା ଉପରକୁ ମାଡ଼ି ଆସିଥିଲେ। ସାଗର ବିଜେ ରାସ୍ତାକୁ ଅବରୋଧ କରିଥିବାରୁ ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ ବେଳେ ସମସ୍ୟା ଉପୁଜୁଛି। ଏ ନେଇ ଅଭିଯୋଗ ଆସିବା ପରେ ଉଚ୍ଛେଦ କରାଯାଇଛି। ଏହାବ୍ୟତୀତ ବେଳାଭୂମିରେ ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ ବାଟରେ ଥିବା କିଛି ଦୋକାନକୁ ମଧ ହଟାଯାଇଛି।

## ପଦ୍ମ ବିଭୂଷଣ ଜଗଦ୍‌ଗୁରୁ ରାମ ଭଦ୍ରାଚାର୍ଯ୍ୟଙ୍କ ଜୟନ୍ତୀ



ପୁରୀ,୧୫।୧(ସମିସ): ଶ୍ରୀରାମ ସୁନ୍ଦରକାଣ୍ଡ ଚାରିଟେବୁଲ ଟ୍ରଷ୍ଟ ଏବଂ ରାଘବ ପରିବାର ଓଡିଶା ତରଫରୁ ଆଳିପଡା ଗ୍ରାମସ୍ଥିତ ଗୋବିନ୍ଦ ଗୋଧାମ ଗୋଶାଳାରେ ଚିତ୍ରକୂଟ ତୁଳସୀ ପିଠାଧୀଶ୍ୱର ଜଗତଗୁରୁ ପଦ୍ମ ବିଭୂଷଣ ସ୍ୱାମୀ ରାମ ଭଦ୍ରାଚାର୍ଯ୍ୟଙ୍କ ୭୭ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ୯ଦିନ ଧରି ଚାଲିଥିବା ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଗୁରୁବାର ଉଦ୍‌ଯାପିତ ହୋଇଛି। ଜୟନ୍ତୀ ଅବସରରେ ଟ୍ରଷ୍ଟର ପ୍ରତିଷ୍ଠାତା ଓ ସମ୍ପାଦକ ତଥା ଜଗଦ୍‌ଗୁରୁଙ୍କ ଶିଷ୍ୟ ପଣ୍ଡିତ ବିଷ୍ଣୁ ଚରଣ ପଣ୍ଡାଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ନେବଳ ଦାସ ମଠ ମହନ୍ତ ଡ. ରାମ ଚରଣ ଦାସ, ହାତୀ ଆଖଡ଼ା ମଠ ମହନ୍ତ ସୁଖରାମ ଦାସ, ପଣ୍ଡିତ ସୌମ୍ୟରଞ୍ଜନ ଆଚାର୍ଯ୍ୟ, ମହନ୍ତ କୃଷ୍ଣ ଚନ୍ଦ୍ର ଦାସ ମହାରାଜ ପ୍ରମୁଖ ଯୋଗଦେଇ ଜଗଦ୍‌ଗୁରୁଙ୍କ ଦୀର୍ଘାୟୁ କାମନା କରାଯାଇଥିଲା। ଏହି ଅବସରରେ ଗ୍ରାମବାସୀ ଭଜନ କୀର୍ତ୍ତନ କରିଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ସାମ୍ବାଦିକ ବିଷ୍ଣୁଦତ୍ତ ଦାସ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପରେ ଜଗଦ୍‌ଗୁରୁଙ୍କ ଶିଷ୍ୟ ପଣ୍ଡିତ ବିଷ୍ଣୁ ଚରଣ ପଣ୍ଡା ମହାପ୍ରଭୁଙ୍କ ମହାପ୍ରସାଦ ନେଇ ରାଜସ୍ଥାନର ଜୟପୁରଠାରେ ଅବସ୍ଥାନ କରୁଥିବା ଜଗଦ୍‌ଗୁରୁ ରାମ ଭଦ୍ରାଚାର୍ଯ୍ୟଙ୍କୁ ପ୍ରଦାନ କରିଥିଲେ।






**ଜିଲ୍ଲା କ୍ରୀଡ଼ା ସଂସଦ ରଦ୍ଦକୁ ୩ ବର୍ଷ ପୂରିବ**

# ନୂଆ ସଂସଦ ଗଠନ ନ କରିବାକୁ ଷଡ଼ଯନ୍ତ୍ର

ପୁରୀ,୧୫।୧(ସମିସ): ରାଜ୍ୟରେ କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରି ପ୍ରତିଭାବାନ୍ କ୍ରୀଡ଼ା ପ୍ରତିଭାଙ୍କୁ ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦେଇଥିଲେ ପୂର୍ବର ବିଜେଡି ସରକାର। ଏଥିପାଇଁ ରାଜ୍ୟର ସବୁ ଜିଲ୍ଲାରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ କରିଥିଲେ। ଏହି ମହତ୍ ଲକ୍ଷ୍ୟ ରଖି ପୁରୀ ପେଣ୍ଠକଟାରେ ନୂତନ ଷ୍ଟାଡିୟମ୍ ନିର୍ମାଣ କରିଥିଲେ। ଜିଲ୍ଲାର କ୍ରୀଡ଼ା ପ୍ରତିଭାଙ୍କୁ ଉନ୍ନତ ଭିତ୍ତିଭୂମି ଯୋଗାଇଦେବା ଲକ୍ଷ୍ୟରେ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି। କିନ୍ତୁ ପରିତାପର ବିଷୟ ହେଉଛି ପ୍ରାୟ ୩ ବର୍ଷ ହୋଇଯିବ ଏ ପର୍ଯ୍ୟନ୍ତ ଗଠନ ହୋଇପାରିନି ପୁରୀ ଜିଲ୍ଲା କ୍ରୀଡ଼ା ସଂସଦ। ରଦ୍ଦ ସମୟରେ ଯେଉଁଭଳି ତତ୍ପରତା ଦେଖିବାକୁ ମିଳିଥିଲା ପରବର୍ତ୍ତୀ ସମୟରେ ତାହା ଶିଥିଳ ପଡ଼ିଯାଇଛି। ଫଳରେ ଜିଲ୍ଲା କ୍ରୀଡ଼ା ସଂସଦ କେବେ ଗଠନ ହେବ ତାକୁ ନେଇ ଦେଖାଦେଇଛି ଅନିଶ୍ଚିତତା। କାରଣ ନୂଆ ସଂସଦ ଗଠନ ପାଇଁ ପ୍ରକ୍ରିୟା ଆରମ୍ଭ ହେବା ମାତ୍ରେ କୋର୍ଟଙ୍କ ନୋଟିସ୍ ଚାଲିଆସୁଛି, ଯଦ୍ୱାରା ଗଠନ ହୋଇପାରୁନାହିଁ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଖେଳାଳିମାନେ କୌଣସି ଅନିୟମିତତା କିମ୍ବା ଚୟନରେ ପକ୍ଷପାତିତାର ଶିକାର ହୋଇଥିବା ଅନୁଭବ କରନ୍ତି ତେବେ ସେମାନେ କାହା ପାଖରେ ଆପତ୍ତି ଅଭିଯୋଗ କରିବେ? ସେହିପରି କାହାଠାରୁ ଉପଯୁକ୍ତ ଦିଗ୍‌ଦର୍ଶନ ନେବେ ତାକୁ ନେଇ ଦ୍ୱନ୍ଦ୍ୱରେ ରହିଛନ୍ତି।

ପୁରୀ ଜିଲ୍ଲାରେ କ୍ରୀଡ଼ାର ବିକାଶ ତଥା ଯୁବ କ୍ରୀଡ଼ାବିତ୍‌ଙ୍କୁ ଉଚିତ୍ ଦିଗ୍‌ଦର୍ଶନ ଦେବା ଉଦ୍ଦେଶ୍ୟରେ ୨୦୨୩ ଏପ୍ରିଲ୍ ମାସରେ ପୁରାତନ ଜିଲ୍ଲା କ୍ରୀଡ଼ା ସଂସଦକୁ ରଦ୍ଦ କରାଯାଇଥିଲା। ଖୁବ୍‌ଶୀଘ୍ର ନୂତନ କ୍ରୀଡ଼ା ସଂସଦ ଗଠନ ହେବ ବୋଲି କୁହାଯାଇଥିଲା। ଜିଲ୍ଲା କ୍ରୀଡ଼ା ସଂସଦ ରଦ୍ଦ ନେଇ ପ୍ରଶାସନ ପକ୍ଷରୁ ନୋଟିସ୍ ବାହାରିଥିଲା। ସେତେବେଳେ ସାଧାରଣ ସମ୍ପାଦକଙ୍କୁ ସାଧାରଣ ପରିଷଦ ସଦସ୍ୟଙ୍କ ତାଲିକା, ଆଜୀବନ ସଭ୍ୟଙ୍କ ତାଲିକା, ସହବନ୍ଧିତ କ୍ଲବ୍, ବାଇ'ଲ, ବୈଠକ ରିଜୋଲ୍ୟୁସନ ଖାତା ଏବଂ ଅନ୍ୟାନ୍ୟ କାଗଜପତ୍ର ୭ ଦିନ ମଧ୍ୟରେ ଜିଲ୍ଲା କ୍ରୀଡ଼ା ଅଧିକାରୀଙ୍କୁ ହସ୍ତାନ୍ତର କରିବା ପାଇଁ କୁହାଯାଇଥିଲା। ଦୀର୍ଘଦିନ ପରେ ପ୍ରଶାସନର ଏଭଳି ପଦକ୍ଷେପକୁ ସ୍ୱାଗତ କରିଥିଲେ ବହୁ ପୁରୁଖା କ୍ରୀଡ଼ାବିତ୍। ନୂତନ ଭାବେ ଗଢ଼ା ହେବାକୁ ଥିବା କ୍ରୀଡ଼ା ସଂସଦ ସଭ୍ୟ ଭାବେ କ୍ରୀଡ଼ାବିତ୍‌ଙ୍କୁ ପ୍ରାଧାନ୍ୟ ଦେବାକୁ ସେମାନେ ଦାବି କରିଥିଲେ।

ବିଜ୍ଞପ୍ତି ଅନୁଯାୟୀ, ପୂର୍ବତନ ସାଧାରଣ ସମ୍ପାଦକ ଆବଶ୍ୟକ କାଗଜପତ୍ର ଜିଲ୍ଲା କ୍ରୀଡ଼ା ଅଧିକାରୀଙ୍କୁ ହସ୍ତାନ୍ତର କରିଥିଲେ। ଇତିମଧ୍ୟରେ ୩ ବର୍ଷ ବିତିବାକୁ ବସିଛି, କିନ୍ତୁ ନୂତନ କ୍ରୀଡ଼ା ସଂସଦ ଗଠନ ହୋଇପାରି ନାହିଁ। କିନ୍ତୁ ବିଭିନ୍ନ ସମୟରେ ପୁରୀ ଜିଲ୍ଲାର ଖେଳାଳିମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ଚୟନ ବେଳେ ପକ୍ଷପାତିତାର ଶିକାର ହେଉଥିବା ଅଭିଯୋଗ ଉଠିଛି। ଗତ ସେପ୍ଟେମ୍ବର ମାସରେ ଜଣେ କ୍ରିକେଟର ଖେଳାଳି ଚୟନରେ ଅନିୟମିତତାର ଅଭିଯୋଗ ଆଣି ଜିଲ୍ଲାପାଳଙ୍କୁ ଫେରାଦ ହୋଇଥିଲେ। କେବଳ ସମ୍ପୃକ୍ତ କ୍ରିକେଟର ନୁହନ୍ତି ବିଭିନ୍ନ କ୍ରୀଡ଼ାର ଖେଳାଳିମାନେ ଆପତ୍ତି ଅଭିଯୋଗ ଆଣୁଥିଲେ ମଧ ସଠିକ୍ ଫୋରମ୍‌ରେ ଉପସ୍ଥାପନ କରିପାରୁ ନାହାନ୍ତି। ଯଦି କ୍ରୀଡ଼ା ସଂସଦ ଥାଆନ୍ତା, ତେବେ ସେଠାରେ ଅଭିଯୋଗ ଉଠାଇ ନ୍ୟାୟ ପାଇବା ସହଜ ହୋଇପାରିଥା'ନ୍ତା ବୋଲି ଅନେକ କ୍ରୀଡ଼ାବିତ୍ କହିଛନ୍ତି। ତେବେ ଦୀର୍ଘ ୩ ବର୍ଷ ହେବ କାହିଁକି ଜିଲ୍ଲା କ୍ରୀଡ଼ା ସଂସଦ ଗଠନ ହୋଇପାରୁ ନାହିଁ ସେ ସମ୍ପର୍କରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ କହିଛନ୍ତି, ନିଶ୍ଚିତ ଏହା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ। ନୂଆ କ୍ରୀଡ଼ା ସଂସଦ ଗଠନ ଏତେ ବିଳମ୍ବ ହେବା କଥା ନୁହେଁ। କିନ୍ତୁ ଆଇନଗତ ବିବାଦ ଏଥିରେ ପ୍ରତିବନ୍ଧକ ସାଜୁଛି। ସେ ୪ ଥର ନୂଆ ସଂସଦ ଗଠନ ପାଇଁ ପ୍ରକ୍ରିୟା ଆରମ୍ଭ କଲେଣି। ହେଲେ ପ୍ରକ୍ରିୟା ଆଗେଇବା ପୂର୍ବରୁ କୋର୍ଟଙ୍କ ନୋଟିସ୍ ପହଞ୍ଚି ଯାଉଛି। ଫଳରେ କାମ ଆଗେଇପାରୁ ନାହିଁ। କେହି ବ୍ୟକ୍ତି କୋର୍ଟରେ ପିଟିସନ ଫାଇଲ୍ କରିବା ପରେ ଆମ ପାଖକୁ ନୋଟିସ୍ ପଳାଇ ଆସୁଛି। ଆମେ ବାଧ ହୋଇ ଏହି ପ୍ରକ୍ରିୟାକୁ ଚୂଡ଼ାନ୍ତ ରୂପ ଦେଇପାରୁ ନାହୁଁ ବୋଲି ଜିଲ୍ଲା କ୍ରୀଡ଼ା ଅଧିକାରୀ କହିଛନ୍ତି। ତେବେ କିଏ ସେହି ଷଡ଼ଯନ୍ତ୍ରକାରୀ, କ'ଣ ତାଙ୍କର ଉଦ୍ଦେଶ୍ୟ ତାହା ସ୍ପଷ୍ଟ ହୋଇନାହିଁ।

ସୂଚନାଥାଉକି, ଶେଷଥର ପାଇଁ ୨୦୦୪ରେ ପୁରୀ ଜିଲ୍ଲା କ୍ରୀଡ଼ା ସଂସଦ କାର୍ଯ୍ୟକର୍ତ୍ତାଙ୍କ ନିର୍ବାଚନ ହୋଇଥିଲା। ସେବେଠାରୁ ଆଉ କାର୍ଯ୍ୟକର୍ତ୍ତା ଚୟନ ହୋଇନାହାନ୍ତି। ଦୀର୍ଘବର୍ଷ ହେବ କ୍ରୀଡ଼ା ସଂସଦ କେବଳ ନାମକୁ ମାତ୍ର ରହିଥିଲା। ଏହାର କାର୍ଯ୍ୟକାରିତାକୁ ନେଇ ଅସନ୍ତୋଷ ଦେଖାଦେବାରୁ ୨୦୧୫ରେ ଜଣେ ବ୍ୟକ୍ତି ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ୨୦୧୬ରେ ଉଚ୍ଚ ନ୍ୟାୟାଳୟ ନିର୍ବାଚନ କରି ନୂତନ କର୍ମକର୍ତ୍ତା ଚୟନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏହାକୁ କାର୍ଯ୍ୟକାରୀ କରାଯାଇ ପାରି ନ ଥିବାବେଳେ ୨୦୨୩ ଏପ୍ରିଲ ୫ରେ ଜିଲ୍ଲା କ୍ରୀଡ଼ା ସଂସଦ ସଭାପତି ଜିଲ୍ଲାପାଳ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ସଂସଦକୁ ରଦ୍ଦ କରିଥିଲେ।

ସକାଳ
THE SAKALA

# ତୈଳକୂଟ

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ସମୟରୁ ସଦ୍ୟତମ ଭେନେଜୁଏଲା ଉପରେ ଆମେରିକାର ସାମରିକ କାର୍ଯ୍ୟାନୁଷ୍ଠାନ ପର୍ଯ୍ୟନ୍ତ ଯେତେ ଯୁଦ୍ଧ ଓ ସାମରିକ ଅଭିଯାନ ହୋଇଛି ସେ ସବୁର ମୂଳରେ ରହିଛି ଜୀବାଶ୍ମ ଇନ୍ଧନ ବା ତୈଳ କୂଟନୀତି। ବିଶେଷକରି ବିଶ୍ୱର ସମୃଦ୍ଧ ତୈଳ ଭଣ୍ଡାର ଉପରେ ଆଧିପତ୍ୟ ବିସ୍ତାର କରିବା ପାଇଁ ଆମେରିକାର ଦୁର୍ବାର ଲୋଭ ହିଁ ଅଧିକାଂଶ ଯୁଦ୍ଧକୁ ଜନ୍ମ ଦେଇଛି ଏବଂ ସ୍ୱାଭାବିକ ଭାବରେ ଯୁଦ୍ଧର କେନ୍ଦ୍ରରେ ବିଶ୍ୱର ସେହି ସର୍ବଶକ୍ତିମାନ ରାଷ୍ଟ୍ର ହିଁ ରହିଛି। ତେଣୁ ଆମେରିକାର ସମ୍ଭାବ୍ୟ ଇରାନ୍ ଆକ୍ରମଣର ଲକ୍ଷ୍ୟ ଓ ଫଳାଫଳ ମଧ୍ୟ ସେହି ତୈଳକୂଟରୁ ଆରମ୍ଭ ହୋଇ ତୈଳକୂପ ଅକ୍ତିଆରରେ ଶେଷ ହେବ ବୋଲି ଅନୁମାନ କରିବାରେ କିଛି ଭୁଲ୍ ହେବ ନାହିଁ। ଅଧୁନା ଜଗତିକରଣକୁ ଜୀବାଶ୍ମ ଇନ୍ଧନ ଗତିଶୀଳ କରୁଥିବାରୁ ବିଶ୍ୱ ଭୂରାଜନୀତିରେ ତୈଳକୂଟନୀତି ସ୍ୱତନ୍ତ୍ରତା ହାସଲ କରିଛି ଏବଂ ସ୍ୱାଭାବିକ ଭାବେ ବିଶ୍ୱର ସର୍ବବୃହତ୍ ତୈଳଭଣ୍ଡାର ମଧ୍ୟପ୍ରାଚ୍ୟ ହିଁ ଏହାର ପ୍ରମୁଖ ପ୍ରୟୋଗଶାଳା ହୋଇଛି। ଏହାଛଡ଼ା ଭାରତ ଉପରେ ଆମେରିକାର ଆକ୍ରୋଶ, ଚୀନ୍ ସହିତ ବାଣିଜ୍ୟ ଯୁଦ୍ଧ, ରୁଷ ଓ ଇରାନ୍ ଉପରେ କଟକଣା ଆଦି ପଛରେ ମଧ୍ୟ ଏହି ତୈଳକୂଟ ହିଁ ନିର୍ଣ୍ଣାୟକ ହୋଇଛି।

ଭେନେଜୁଏଲା ସହିତ ଆମେରିକାର ତିକ୍ତ ସମ୍ପର୍କ ଆଜିର ନୁହେଁ। କିନ୍ତୁ ସମସ୍ତ ଅନ୍ତଃରାଷ୍ଟ୍ରୀୟ ନୀତିନିୟମକୁ ଉଲ୍ଲଙ୍ଘନ କରି ଏବେ ହଠାତ୍ ସାମରିକ କାର୍ଯ୍ୟାନୁଷ୍ଠାନ ଜରିଆରେ ସେହି ସାର୍ବଭୌମ ରାଷ୍ଟ୍ରର ରାଷ୍ଟ୍ରପତିଙ୍କୁ ହରଣଚାଳ କରି ନିଆଯିବା ପଛରେ ସାମ୍ନାକୁ ଆସିଥିବା ପ୍ରଥମ କାରଣଟି ଭେନେଜୁଏଲା-ଚୀନ୍ ତୈଳବାଣିଜ୍ୟ ଚୁକ୍ତି ପ୍ରତି ଇଙ୍ଗିତ କରୁଛି। ଆଗାମୀ ଦଶନ୍ଧି କିମ୍ବା ଦୁଇଦଶନ୍ଧି ପର୍ଯ୍ୟନ୍ତ ତୈଳ-ଇନ୍ଧନ ଚାହିଦା ପୂରଣ ପାଇଁ ଚୀନ୍ ବିଶାଳ ତୈଳଭଣ୍ଡାରମାନ ନିର୍ମାଣ କରୁଛି ଏବଂ ବିପୁଳ ପରିମାଣର ଜୀବାଶ୍ମ ଇନ୍ଧନ ଆମଦାନୀ କରୁଛି। ଚୀନ୍‌ର ଏହି ଯୋଜନାରେ ମୁଖ୍ୟ ସହାୟକ ହୋଇଛି ଭେନେଜୁଏଲା। ଭେନେଜୁଏଲାରେ ବିଶ୍ୱର ସର୍ବାଧିକ ୧୭% ଜୀବାଶ୍ମ ଇନ୍ଧନ ଗଚ୍ଛିତ ରହିଛି ଏବଂ ସେହି ଦେଶ ଉତ୍ପାଦନ କରୁଥିବା ଦୈନିକ ୧୦ ଲକ୍ଷ ବ୍ୟାରେଲ୍ ପେଟ୍ରୋଲିୟମ୍‌ର ୯୦ ପ୍ରତିଶତ ଚୀନ୍ ଆମଦାନୀ କରୁଛି। ତେଣୁ ଚୀନ୍‌ର ସ୍ୱତନ୍ତ୍ର ପ୍ରତିନିଧି ଭେନେଜୁଏଲା ରାଷ୍ଟ୍ରପତିଙ୍କୁ ଭେଟିବାର ୨୪ ଘଣ୍ଟା ନ ପୁରୁଣୁ ଆମେରିକାର ଅତିକ୍ରିୟା ଦେଖିବାକୁ ମିଳିଛି।

ଭେନେଜୁଏଲାର ଶାସନ କ୍ଷମତା ନିଜ ଅକ୍ତିଆରକୁ ଆଣିବା ପରେ ସେଠାକାର ତୈଳକୂପମାନଙ୍କରୁ ପର୍ଯ୍ୟାପ୍ତ ତୈଳ ଉତ୍ତୋଳନ କରିବାକୁ ଟ୍ରମ୍ପ ତାଙ୍କ ଦେଶର ଶିଳ୍ପସଂସ୍ଥାମାନଙ୍କୁ ଆହ୍ୱାନ ଦେଇଛନ୍ତି। ଏଥିସହିତ ଭାରତକୁ ମଧ୍ୟ ଭେନେଜୁଏଲାରୁ ପେଟ୍ରୋଲିୟମ୍ କିଣିବା ପାଇଁ ପ୍ରସ୍ତାବ ଦେଇଛନ୍ତି, ଯାହା ଭାରତକୁ ଏକପ୍ରକାର ଦୋଛକିରେ ଛାଡ଼ିଦେଇଛି। ଭାରତ ଯଦି ଟ୍ରମ୍ପଙ୍କ ପ୍ରସ୍ତାବରେ ରାଜି ନ ହୁଏ ତେବେ ଆଗାମୀ ଦିନରେ ଭାରତୀୟ ଉତ୍ପାଦ ଉପରେ ଆମେରିକାରେ ଆମଦାନୀ ଶୁଳ୍କ ୫୦୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ହୋଇପାରେ। ଯଦି ଟ୍ରମ୍ପଙ୍କ ପ୍ରସ୍ତାବକୁ ଭାରତ ଗ୍ରହଣ କରେ ତେବେ ଭାରତକୁ ଚାରିପଟୁ ଘେରିବାକୁ ଯୋଜନା କରୁଥିବା ଚୀନ୍ ଆହୁରି ଆକ୍ରମଣାତ୍ମକ ହେବ। ସେହିପରି ଆମେରିକା କଥାରେ ଭାରତ ଭେନେଜୁଏଲାମୁଖୀ ହେଲେ ପୁରୁଣା ଓ ବିଶ୍ୱସ୍ତ ବନ୍ଧୁ ରୁଷ୍ ଅସୁଖୀ ହୋଇପାରେ। ତେଣୁ ଆଗାମୀ ଦିନରେ ତୈଳ କୂଟନୀତିର ଆହ୍ୱାନକୁ ଭାରତ କିଭଳି ମୁକାବିଲା କରୁଛି ତା'ଉପରେ ବିଶ୍ୱର ଦୃଷ୍ଟି ରହିବ।


ଅପରପକ୍ଷରେ ଭେନେଜୁଏଲାର ଶାସନ କ୍ଷମତାକୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ନିଜ ଅକ୍ତିଆରରେ ରଖିବା ଏବଂ ତୈଳଭଣ୍ଡାର ଉପରେ ଆଧିପତ୍ୟ ଘୋଷଣା ପଛରେ ଆମେରିକାର ଏକମାତ୍ର ଲକ୍ଷ୍ୟ ହେଉଛି ବିଶ୍ୱର ସର୍ବବୃହତ୍ ଇନ୍ଧନଭଣ୍ଡାରଣର ମାନ୍ୟତା। ଏହାଦ୍ୱାରା ଆମେରିକା ଏକପକ୍ଷରେ ଚୀନ୍ ଓ ରୁଷ୍‌କୁ ଟକ୍କର ଦେଇପାରିବ ଏବଂ ଅପରପକ୍ଷରେ ସାମାନ୍ୟ ଦୁର୍ବଳ ହୋଇପଡ଼ିଥିବା 'ପେଟ୍ରୋଡଲାର'ର ଭବିଷ୍ୟତକୁ ଆହୁରି ସୁଦୃଢ଼ କରିପାରିବ। ୧୯୭୦ ମସିହାରେ ସାଉଦୀ ଆରବ ନେତୃତ୍ୱରେ ଗଠିତ ତୈଳ ରପ୍ତାନୀକାରୀ ରାଷ୍ଟ୍ର ସଂଘ(ଓପେକ୍) ଓ ଆମେରିକା ମଧ୍ୟରେ ହୋଇଥିବା ଚୁକ୍ତି ଅନୁଯାୟୀ ଓପେକ୍ ତୈଳ ବାଣିଜ୍ୟରେ ବିନିମୟର ଏକମାତ୍ର ମାଧ୍ୟମ ରୂପେ ଆମେରିକୀୟ ଡଲାରକୁ ଗ୍ରହଣ କରିବ ଏବଂ ପ୍ରତିବଦଳରେ ଆମେରିକା ଓପେକ୍ ସଦସ୍ୟ ରାଷ୍ଟ୍ରଙ୍କୁ ସାମରିକ ସୁରକ୍ଷା ଓ ପ୍ରତିରକ୍ଷା ସହାୟତା ଯୋଗାଇଦେବ। ଏହି ଚୁକ୍ତି ଫଳରେ ବିଶ୍ୱସ୍ତରରେ ତୈଳ କାରବାର କେବଳ ଆମେରିକୀୟ ଡଲାରରେ ହୋଇଆସୁଛି ଏବଂ ପେଟ୍ରୋଡଲାରର ସ୍ଥିତି ଅଧିକରୁ ଅଧିକ ସୁଦୃଢ଼ ହୋଇଛି। ବିଶ୍ୱର ସର୍ବଶକ୍ତିମାନ ଅର୍ଥନୀତିର ମାନ୍ୟତା ଆମେରିକା ପାଇଛି। ଅପରପକ୍ଷରେ ଚୁକ୍ତିର ସର୍ତ୍ତ ଅନୁଯାୟୀ ଇରାକ୍ ଉପରେ ଆମେରିକା ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ଏବଂ ଏବେ ଇରାନ୍ ଉପରେ ସମାନ କାର୍ଯ୍ୟାନୁଷ୍ଠାନ ନେବାକୁ ମସୁଧା କରୁଛି।

ପ୍ରାୟ ତିନି ଦଶନ୍ଧି ଧରି ବିଶ୍ୱ ବାଣିଜ୍ୟରେ ପେଟ୍ରୋଡଲାର ଜରିଆରେ ଆଧିପତ୍ୟ ଜାରି ରଖିଥିବା ଆମେରିକୀୟ ଡଲାରର ସ୍ଥିତିରେ ସାମାନ୍ୟ ବ୍ୟତିକ୍ରମ ଦେଖାଦେଇଛି। ଆମେରିକା ବିଶ୍ୱର ସବୁଠାରୁ ଅଧିକ ତୈଳ ଆମଦାନୀ କରୁଥିବାରୁ ଡଲାରର ବହିଃଗମନ ବଢ଼ିବାରେ ଲାଗିଛି। ଏହାଦ୍ୱାରା ଓପେକ୍ ସହିତ ଆମେରିକାର ବାଣିଜ୍ୟ ନିଅଣ୍ଟ ବଢ଼ିଛି ଏବଂ ଆମେରିକାର ଟ୍ରେଜେରି ବଣ୍ଡର ମୂଲ୍ୟ ବିଶ୍ୱବଜାରରେ ହ୍ରାସ ପାଇବାରେ ଲାଗିଛି। ଅପରପକ୍ଷରେ ଓପେକ୍ ରାଷ୍ଟ୍ରଗୁଡ଼ିକ ଆମେରିକାର ପ୍ରତିଭୂତି ବଜାରରୁ ବିପୁଳ ଲାଭାଂଶ ସଂଗ୍ରହ କରିଆସୁଛନ୍ତି। ଏହି ସ୍ଥିତିର ମୁକାବିଲା ପାଇଁ ଆମେରିକା ଘରୋଇ ସେଲ୍‌ଫ କମ୍ପାନୀମାନ ପ୍ରତିଷ୍ଠା କରି ଜୀବାଶ୍ମ ଇନ୍ଧନ ଉତ୍ତୋଳନକୁ ଉଲ୍ଲେଖନୀୟ ଭାବେ ବୃଦ୍ଧି କରିପାରିଥିଲେ ମଧ୍ୟ ଡଲାରର ଅନ୍ତଃଆଗମନ ସେଭଳି ଆଶାନୁରୂପ ହୋଇପାରିନାହିଁ। ସେହିପରି ଚୀନ୍‌ର ଆବିର୍ଭାବ ପରେ ଆମେରିକାକୁ ବଡ଼ ଆହ୍ୱାନର ସମ୍ମୁଖୀନ ହେବାକୁ ପଡ଼ିଛି। ବିଗତ ଦଶନ୍ଧିରେ ଦକ୍ଷିଣ-ବିଶ୍ୱ ସହିତ ଆମେରିକାର ସମ୍ପର୍କରେ ଅବନତି ଏବଂ ରୁଷ୍, ଇରାନ୍ ପରି କେତେକ ତୈଳ ଉତ୍ପାଦନକାରୀ ରାଷ୍ଟ୍ରମାନଙ୍କ ଉପରେ କଟକଣା ପରେ ଡଲାରକୁ ବାଦ୍ ଦେଇ ସ୍ୱଦେଶୀ ମୁଦ୍ରାକୁ ତୈଳ କାରବାରର ବିନିମୟ ମାଧ୍ୟମ କରିବାର ଉଦ୍ୟମ ଆରମ୍ଭ ହୋଇଛି। ବିଶେଷକରି 'ବ୍ରିକ୍‌ସ' ଦେଶମାନେ ନିଜସ୍ୱ ମୁଦ୍ରାରେ ଅଧିକରୁ ଅଧିକ ବାଣିଜ୍ୟ କାରବାରକୁ ଅଗ୍ରାଧିକାର ଦେବା ପରେ ପେଟ୍ରୋଡଲାରର ଆଧିପତ୍ୟ ହ୍ରାସ ପାଇଛି। ଏଥିରେ ବିଚଳିତ ଟ୍ରମ୍ପ ଏବେ ଭେନେଜୁଏଲାର ତୈଳକୂପଗୁଡ଼ିକୁ ନିଜ ଅକ୍ତିଆରକୁ ନେଇ ସେଠାରୁ ତୈଳ ରପ୍ତାନି କରି ଡଲାର ସଂଗ୍ରହ କରିବାର ଯୋଜନା କରିଛନ୍ତି।

ଇତିମଧ୍ୟରେ ଇରାନ୍ ଉପରେ ଆକ୍ରମଣ ପାଇଁ ଆମେରିକା ଚୂଡ଼ାନ୍ତ ପ୍ରସ୍ତୁତି ଆରମ୍ଭ କରିଛି ଏବଂ ମୁକାବିଲା ପାଇଁ ଯେକୌଣସି ପଦକ୍ଷେପ ନେବାକୁ ପ୍ରସ୍ତୁତ ବୋଲି ଇରାନ୍ ଧମକ ଦେଇଛି। ତେଣୁ ନିକଟ ଭବିଷ୍ୟତରେ ଏହି ତୈଳକୂଟ ବିଶ୍ୱକୁ ଅଧିକ ଅଶାନ୍ତ କରିବାକୁ ଯାଉଛି। ଯୁଦ୍ଧରେ କିଏ ଜିତିବ ବା ହାରିବ - ତା'ଠାରୁ ବଡ଼ ପ୍ରଶ୍ନ ହେଉଛି ତୈଳକୂଟର ପ୍ରକୋପରୁ ତୈଳକୂପଗୁଡ଼ିକ କେତେ ସୁରକ୍ଷିତ ରହିପାରିବ? ଏବଂ ଗୋଷ୍ଠୀନିରପେକ୍ଷ ନୀତିରେ ବିଶ୍ୱାସ ରଖୁଥିବା ଭାରତ ଏହି ତୈଳକୂଟରୁ କିଭଳି ନିଜକୁ ସୁରକ୍ଷା ଦେଇ ସମଦୂରତ୍ୱ ବଜାୟ ରଖିବ। ●



# ସମ୍ପାଦକୀୟ



ଆଣବିକ ଶକ୍ତିର ପରିପ୍ରକାଶ କେବଳ ଆମ ଚିନ୍ତାଧାରାକୁ ଛାଡ଼ି ଆଉ ସବୁକିଛି ପରିବର୍ତ୍ତନ କରିଦେଇଛି।
- ଆଲବର୍ଟ ଆଇନଷ୍ଟାଇନ୍

# ଶିକ୍ଷିତ ବନାମ ଅଶିକ୍ଷିତ

ବୈକୁଣ୍ଠନାଥ ମିଶ୍ର



ନିକଟରେ ଏକ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳନ ଅବସରରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜନୈକ କେନ୍ଦ୍ର ମନ୍ତ୍ରୀ କହିଥିଲେ ଯେ ଶିକ୍ଷିତ ଲୋକେ ବହୁସଂଖ୍ୟାରେ ସମାଜ ବିରୋଧୀ କାର୍ଯ୍ୟରେ ଲିପ୍ତ ରହି ଦେଶର ସାର୍ବଭୌମତ୍ୱ ଓ ଅଖଣ୍ଡତା ପ୍ରତି ଘୋର ବିପତ୍ତିର କାରଣ ସାଜୁଛନ୍ତି। ସେ ଏକଥା ମଧ୍ୟ କହିଥିଲେ ଯେ ଶିକ୍ଷିତ ଲୋକଙ୍କ ଯୋଗୁଁ ଦେଶରେ ଆତଙ୍କବାଦ ମୁଣ୍ଡଟେକିଛି।

ମନ୍ତ୍ରୀ ମହୋଦୟଙ୍କ କଥା କେତେକାଂଶରେ ଠିକ୍ ମନେହୁଏ। କାରଣ ଆଜିର ଡିଜିଟାଲ ଯୁଗରେ ଅପରାଧ କୌଶଳ (କ୍ରାଇମ୍ ଟେକ୍‌ନିକ୍) ଏତେ ବୃଦ୍ଧି ପାଇଛି ଯେ ପୁଲିସ୍ ସାଇବର ଏକ୍ସପର୍ଟ ବା ଅପରାଧ ନିୟନ୍ତ୍ରଣର ସମସ୍ତ କୌଶଳ ବେଳେବେଳେ ଅସଫଳ ହେଉଛି। କିଛିଲୋକଙ୍କର ଅବିଚାରିତ କର୍ମ ଦେଶଦ୍ରୋହ ପାଇଁ ଉଦ୍ଦିଷ୍ଟ। ଦେଶଦ୍ରୋହ ଭଳି ଷଡ଼ଯନ୍ତ୍ରରେ ଲିପ୍ତ ସମସ୍ତ ତତ୍ତ୍ୱମାନଙ୍କୁ ଅବିଳମ୍ବେ ଧରି କଠୋରରୁ ଅତି କଠୋର ଶାସ୍ତି ବିଧାନ କରିବାର ଆବଶ୍ୟକତା ଅଛି। କିନ୍ତୁ କେବଳ ଶିକ୍ଷିତ ସମାଜକୁ ସାମଗ୍ରିକ ଭାବେ ଦେଶବିରୋଧୀ ଆଖ୍ୟା ଦେବା ଠିକ୍ ନୁହେଁ। କିଛିଦିନ ତଳେ ଶିକ୍ଷିତ ସହରବାସୀଙ୍କ ପ୍ରତି 'ଅର୍ବାନ ନକ୍ସଲ' ଭଳି ଅଭିଯୋଗ ମଧ୍ୟ ଉଠିଛି। ଏଭଳି ଅଭିଯୋଗ ପଛରେ ଯେଉଁ ବିଷମ କଥାଟି ଲୁକ୍କାୟିତ ଅଛି, ତାହା ହେଲା ସରକାରଙ୍କର ଦୋଷତ୍ରୁଟିକୁ ଶିକ୍ଷିତ ଲୋକମାନେ ବରଦାସ୍ତ ନ କରି ପଦାରେ ପକାଇବାର ଯେଉଁ ପ୍ରୟାସ କରନ୍ତି ତଦ୍ଦ୍ୱାରା ସରକାର ଅନେକ କ୍ଷେତ୍ରରେ ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହୁଅନ୍ତି।

କୁହାଯାଏ, ସମାଲୋଚନା ହିଁ ଉଚିତ ସିଦ୍ଧାନ୍ତ ନେବାର ପଥ ସୁଗମ କରେ। ସମାଲୋଚନାକୁ ଭୟକରି ଶିକ୍ଷିତମାନଙ୍କୁ ଦୋଷାରୋପ କରିବା କେତେଦୂର ଠିକ୍ ତାହା ଚିନ୍ତା କରିବା ଆବଶ୍ୟକ। ତେବେ କ'ଣ ଦେଶବାସୀ ଅଶିକ୍ଷିତ ରହିବା ଏବଂ ସମାଲୋଚନାରୁ କ୍ଷାନ୍ତ ରହିବା ବର୍ତ୍ତମାନର ଆବଶ୍ୟକତା? ବ୍ୟବସ୍ଥାର ଦୋଷତ୍ରୁଟିକୁ ସାର୍ବଜନୀନ କରିବା ଜଣେ ସଚେତନ ନାଗରିକର କର୍ତ୍ତବ୍ୟ। ଏଥିରେ ବ୍ୟଥିତ ନହୋଇ ବରଂ ନିଜ ତ୍ରୁଟି ସୁଧାରିବାର ପ୍ରୟାସ କରିବା ଉଚିତ।

ଗୋଟିଏ ଦେଶର ବିକାଶ ମୂଳରେ ଶିକ୍ଷିତ-ଅଶିକ୍ଷିତ ସମସ୍ତଙ୍କର ସମପରିମାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଗ୍ରାମୀଣ ଅନ୍ନଦାତାଙ୍କର ଅକ୍ଲାନ୍ତ ପରିଶ୍ରମରେ ଦେଶର ଖାଦ୍ୟ ସମସ୍ୟା ଦୂର ହୋଇପାରୁଛି। କଳକାରଖାନାରେ କାର୍ଯ୍ୟରତ ଅସଂଖ୍ୟ ଅପାଠୁଆ ଶ୍ରମିକମାନଙ୍କର ଅବଦାନକୁ ଅସ୍ୱୀକାର କରାଯାଇ ନ ପାରେ। ସେହିମାନଙ୍କର ପରିଶ୍ରମର ଫଳ ଦେଶର ଆର୍ଥିକ ବିକାଶର ମୂଳପିଣ୍ଡ। ଶିକ୍ଷିତମାନେ ଯୋଜନା କରନ୍ତି। କିନ୍ତୁ ଅପାଠୁଆମାନେ ତା'ର ରୂପାୟନରେ ସହାୟତା କରନ୍ତି। ଏଠାରେ ଏକ ଗଳ୍ପର ପ୍ରାସଙ୍ଗିକତା ପ୍ରଣିଧାନଯୋଗ୍ୟ।

ଗୋଟିଏ ଗାଁରେ ଚାରିଜଣ ବାଳକଙ୍କ ମଧ୍ୟରେ ଥିଲା ନିବିଡ଼ ବନ୍ଧୁତା। ସେମାନଙ୍କ ଭିତରୁ ତିନିଜଣ ମେଧାବୀ ଓ ଜଣେ ଥିଲା ଅପାଠୁଆ। ସମୟକ୍ରମେ ତିନି ମେଧାବୀ ବନ୍ଧୁ ବିଦେଶ ଯାଇ ଉଚ୍ଚଶିକ୍ଷା ଲାଭ କଲେ। କିନ୍ତୁ ଅପାଠୁଆ କୃଷିକର୍ମରେ ଲିପ୍ତ ରହିଲା। କିଛିବର୍ଷ ପରେ ଉଚ୍ଚଶିକ୍ଷିତ ତିନିବନ୍ଧୁ ଗ୍ରାମକୁ ଫେରିଲେ ଏବଂ ଅପାଠୁଆ ସହ ଚାରି ବନ୍ଧୁ ହସଖୁସିରେ କିଛିଦିନ ମାତିଗଲେ। ଥରେ ଚାରି ସାଙ୍ଗ ଭୋଜି କରିବାକୁ ଜଙ୍ଗଲକୁ ଗଲେ। ଜଙ୍ଗଲରେ ଏକ ସିଂହର ବିକ୍ଷିପ୍ତ କଙ୍କାଳ ପଡ଼ିଥିବାର ଦେଖିଲେ। ଆୟତ୍ତ କରିଥିବା ବିଦ୍ୟା ପ୍ରୟୋଗର ଏହାଏକ ପ୍ରକୃଷ୍ଟ କ୍ଷେତ୍ର ଭାବି ପରୀକ୍ଷାରେ ଲାଗିପଡ଼ିଲେ। ପ୍ରଥମ ବନ୍ଧୁ ନିଜ ବିଦ୍ୟାବଳରେ ହାଡ଼ଗୁଡ଼ିକୁ ଏକାଠିକରି ସଜେଇ ଦେଲା, ଦ୍ୱିତୀୟ ବନ୍ଧୁଟି ନିଜ ବିଦ୍ୟାବଳରେ ସେଥିରେ ରକ୍ତମାଂସ ଭରିଦେଲା ଏବଂ ତୃତୀୟ ବନ୍ଧୁଟି ତାକୁ ଜୀବନ୍ୟାସ ଦେବାକୁ ଉଦ୍ୟତ ହେବା ବେଳେ ଅପାଠୁଆ ବନ୍ଧୁଟି ତା'କୁ ସେଥିରୁ ବିରତ ହେବାକୁ ଅନୁରୋଧ କଲା। ଅପାଠୁଆ ବନ୍ଧୁର କହିବା କଥା ସିଂହଟି ଜୀବନ୍ୟାସ ପାଇଲେ ପ୍ରଥମେ ଆମକୁ ହିଁ ଭକ୍ଷଣ କରିବ। କାରଣ ସେ ଅନେକ ଦିନ ହେଲା ଭୋକିଲା ଅଛି। ତା' କଥାକୁ ଅନ୍ୟ ତିନିବନ୍ଧୁ ଉପହାସ କରି ନିଜ କାମରେ ଲାଗିଗଲେ। ବିଚରା ଅପାଠୁଆ ବନ୍ଧୁଟି ସେଠାରୁ ନିରାପଦ ଦୂରତାକୁ ଯାଇ ଏକ ବୃକ୍ଷ ଉପରେ ବସିଲା। ସତକୁ ସତ ସିଂହଟି ଜୀବନ୍ୟାସ ପାଇ ତିନିବନ୍ଧୁଙ୍କୁ ମାରିଦେଲା। ଏକଥା ଦେଖି ଅପାଠୁଆ ବନ୍ଧୁଟି କାନ୍ଦିକାନ୍ଦି ଘରକୁ ଫେରିଲା।

ଏଥିରୁ ଗୋଟିଏ କଥା ସ୍ପଷ୍ଟ ଯେ ଶିକ୍ଷିତମାନେ ସବୁବେଳେ ବୁଦ୍ଧିମାନ ନୁହନ୍ତି କିମ୍ବା ଅପାଠୁଆ ବୁଦ୍ଧିହୀନ ନୁହନ୍ତି। ବେଳେବେଳେ ଅପାଠୁଆଙ୍କର ବିଚକ୍ଷଣ ବୁଦ୍ଧିମତ୍ତା ସମସ୍ୟା ସମାଧାନର ପଥ ଉନ୍ମୁକ୍ତ କରିଥାଏ। ବିଶିଷ୍ଟ ପ୍ରାବନ୍ଧିକ ସି.ଇ.ଏମ୍. ଜୋଡ୍ ତାଙ୍କ ପ୍ରବନ୍ଧ 'ଏ ଡାଇଲଗ୍ ଅନ ସିଭିଲାଇଜେସନ'ରେ କହନ୍ତି ଯେ କୌଣସି ଦ୍ରବ୍ୟର ବ୍ୟବହାରକାରୀ ବାସ୍ତବରେ ସଭ୍ୟ ନୁହନ୍ତି। ସେ ହିଁ ସଭ୍ୟପଦବାଚ୍ୟ ଯେ ଦ୍ରବ୍ୟ ତିଆରି କରେ। ଉଦାହରଣ ସ୍ୱରୂପ ଜୋତା ପିନ୍ଧିବା ଲୋକ ସଭ୍ୟ ନୁହେଁ ; ମାତ୍ର ଜୋତା ତିଆରି କରିବା ହିଁ ବାସ୍ତବ ସଭ୍ୟତା। ତାଜମହଲ ନିର୍ମାଣରେ ଶାହାଜାହାନଙ୍କ ଅପେକ୍ଷା ଶିଳ୍ପୀକୁଳର ଗରିମାକୁ ଶ୍ରେୟ ଦିଆଯିବା ଆବଶ୍ୟକ। କୌଣସି ସ୍ଥାପତ୍ୟର କଳାକୁଶଳତାର ଶ୍ରେୟ ଶିଳ୍ପୀକୁଳର ପ୍ରାପ୍ୟ। ଶିଳ୍ପୀକୁଳ ଅପାଠୁଆ ହୋଇପାରନ୍ତି; ମାତ୍ର ବୁଦ୍ଧିହୀନ ନୁହନ୍ତି।

ସରକାରଙ୍କ ଅନେକ ଯୋଜନା ବିଫଳ ହୁଏ। ସେହି ବିଫଳତାକୁ ସମାଲୋଚନା କରୁଥିବା ବ୍ୟକ୍ତିକୁ ଆକ୍ଷେପ କରିବା ଠିକ୍ ନୁହେଁ। ପୂର୍ବରୁ ଅନେକ ସରକାର ତାଙ୍କ ସମାଲୋଚକମାନଙ୍କୁ ନାନା ଭାବରେ ଦଣ୍ଡିତ କରିଥିବାର ଦୃଷ୍ଟାନ୍ତ ରହିଛି। ଶିକ୍ଷିତମାନେ ଦେଶଦ୍ରୋହୀ - ଏହା କହିବା ମୂଳରେ ଭୟ ରହୁଛି ଯେ ଶିକ୍ଷିତମାନେ ସବୁକଥାରେ ସରକାରଙ୍କୁ ସମର୍ଥନ କରୁନାହାନ୍ତି। ଅବଶ୍ୟ ଯେଉଁମାନେ ଦେଶର ନାଗରିକ ହୋଇ ଦେଶର ଅନିଷ୍ଟ କରିବାକୁ ଚିନ୍ତା କରୁଛନ୍ତି, ସେହି ତତ୍ତ୍ୱମାନଙ୍କୁ ଗୁଇନ୍ଦାବିଭାଗ ଦ୍ୱାରା ଧରାଯାଇ ଦଣ୍ଡିତ କରିବାର ଆବଶ୍ୟକତା ଅଛି। ତା' ନ କରି ଶିକ୍ଷିତମାନଙ୍କୁ ସାମଗ୍ରିକ ଭାବେ ଦେଶଦ୍ରୋହୀ କହିବା ଅଶୋଭନୀୟ।

ସରକାର ସବୁବେଳେ ସ୍ୱଚ୍ଛ ହେବା ଦରକାର। ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀ କହିଥିଲେ ଯେ ଲୋକଙ୍କୁ ମାଗଣାରେ ଅର୍ଥ, ଖାଦ୍ୟଶସ୍ୟ କିମ୍ବା ଅନ୍ୟ କୌଣସି ଦ୍ରବ୍ୟ ଯୋଗାଣ ଦେଶର ବିକାଶ ପରିପନ୍ଥୀ। ଏବେ ଆମେ ଦେଖୁଛେ ସରକାରମାନେ ମାଗଣାରେ ସବୁକିଛି ଦାନ କରୁଛନ୍ତି। ମାଗଣା ଖାଦ୍ୟ ଶସ୍ୟ, ବାର୍ଦ୍ଧକ୍ୟ ଭତ୍ତା, ମହିଳାଙ୍କୁ ନଗଦ ଅର୍ଥ ଯୋଜନା ଦେଶ ପ୍ରଗତିର ବାଧକ। ଅବଶ୍ୟ ଅତିବୃଦ୍ଧ, ଅସହାୟ, ଭୂମିହୀନମାନଙ୍କୁ ମୌଳିକ ସୁବିଧା ଯୋଗାଇ ଦେବା ଗୋଟିଏ କଲ୍ୟାଣକାରୀ ରାଷ୍ଟ୍ରର ପ୍ରାଥମିକତା ହେବା ଉଚିତ। କିନ୍ତୁ ନିର୍ବାଚନକୁ ଦୃଷ୍ଟିରେ ରଖି ଅର୍ଥ ଓ ଉପହାର ପ୍ରଦାନ ନିନ୍ଦନୀୟ। ବିହାର ନିର୍ବାଚନ ପୂର୍ବରୁ ୨୦୨୫ ସେପ୍ଟେମ୍ବର ୨୬ ତାରିଖରେ ସେ ରାଜ୍ୟର ମହିଳାଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଦଶହଜାର ଟଙ୍କାର ସହାୟତା ରାଶି ଦିଆଗଲା। ଏହା କ'ଣ ଦେଶହିତକର କାର୍ଯ୍ୟର ନମୁନା? ବାସହୀନକୁ ବାସଗୃହ, ବୁଭୁକ୍ଷୁକୁ ଅନ୍ନଦାନ, ଏସବୁ ଯେକୌଣସି ସରକାରର ଉତ୍ତମ କାର୍ଯ୍ୟାବଳୀର ଅଂଶବିଶେଷ। ଏହାକୁ ସମାଲୋଚନା କରିବାର କ୍ଷମତା କାହାର ନାହିଁ। କିନ୍ତୁ ଭୋଟବେଳେ ଅର୍ଥଦାନର ଦୁରଭିସନ୍ଧି ଥାଏ ଯେ ବିପୁଳ ଭୋଟ ପାଇ ଜୟଯୁକ୍ତ ହେବା। ଶିକ୍ଷିତ ଅଶିକ୍ଷିତ ନିର୍ବିଶେଷରେ ଭୁଲ ଯେ କେହି କରିପାରେ। ଏହା ବୁଝିବା ଦରକାର। ●

ସିଦ୍ଧଳ(ଜଗତସିଂହପୁର),
ମୋ: ୯୯୩୭୪୫୦୫୪୦

# ସୃଜନଶୀଳତାର ଯୁଗଳବନ୍ଦୀ

ବିଜୟାନନ୍ଦ ଶତପଥୀ

ହିନ୍ଦୀ ସାହିତ୍ୟରେ ଏମିତି ଏକ ଦୋହା ରହିଛି, ଯାହା ଦୁଇ ମହାକବିଙ୍କ ମଧ୍ୟରେ ମାନସିକ ସହ-ସୃଜନଶୀଳତାର ଯୁଗଳବନ୍ଦୀ ସର୍ଜନା କରିଥିଲା। ଏହାର ପ୍ରାମାଣିକତା କେତେଦୂର ସତ୍ୟ ତାହା ନିଶ୍ଚିତ ନୁହେଁ, କିନ୍ତୁ ସେହି ମାର୍ମିକ ରଚନାର ପୁନଃ ମନନ ନିମନ୍ତେ ଏହି ସନ୍ଦର୍ଭଟି ଉପସ୍ଥାପିତ ହୋଇଛି। ଏହି ଦୋହାର ସୃଷ୍ଟି ପଛରେ ଏକ ଅତ୍ୟନ୍ତ ସୁନ୍ଦର ଓ ଅଦ୍ଭୁତ ପ୍ରସଙ୍ଗ ଲୁଚିରହିଛି, ଯାହା ଆକବରଙ୍କ ଭଳି ଜଣେ ମୋଗଲ ବାଦଶାହାଙ୍କ ହିନ୍ଦୁ ସନ୍ଥଙ୍କ ପ୍ରତି ରହିଥିବା ଶ୍ରଦ୍ଧା, ଉଦାରତା, ଅନ୍ୟ ଧର୍ମ ପ୍ରତି ସମ୍ମାନର ପ୍ରମାଣ ଦିଏ। ଏହି ପ୍ରସଙ୍ଗ ଉଭୟ ହିନ୍ଦୁ ଏବଂ ମୁସଲମାନ ସମ୍ପ୍ରଦାୟ ମଧ୍ୟରେ ମାନସିକ, ବୌଦ୍ଧିକ ଓ ଆତ୍ମିକ ସହସମ୍ବନ୍ଧକୁ ଦୃଢ଼କରେ। ତତସହିତ ସାହିତ୍ୟପ୍ରେମୀଙ୍କ ରୋମାବଳିରେ ଅପୂର୍ବ ପୁଲକ ସୃଷ୍ଟି କରେ। ଏହି ପ୍ରସଙ୍ଗ ଏହା ମଧ୍ୟ ସାବ୍ୟସ୍ତ କରେ ଯେ, ସାହିତ୍ୟ ହେଉଛି ମଣିଷ ସହ ମଣିଷକୁ ଯୋଡ଼ିବାର ଏକ ମାଧ୍ୟମ ଏବଂ ପୂର୍ବକାଳରେ କିପରି ଜାତି-ଧର୍ମ-ବର୍ଣ୍ଣ ନିର୍ବିଚାରରେ ସାହିତ୍ୟ ମେଧାବୀମାନଙ୍କ ମଧ୍ୟରେ ମାଧୁର୍ଯ୍ୟପୂର୍ଣ୍ଣ ସମ୍ବନ୍ଧ ସ୍ଥାପନ ହୋଇପାରିଥିଲା।

ପଞ୍ଚଦଶ ଶତକର ଉତ୍ତରାର୍ଦ୍ଧ ଓ ଷୋଡ଼ଶ ଶତକର ପ୍ରଥମାର୍ଦ୍ଧରେ ଜନବସତିରୁ ଦୂରରେ ଚିତ୍ରକୂଟରେ ନିସଙ୍ଗବାସରେ ଥିଲେ ଗୋସ୍ୱାମୀ ତୁଳସୀ ଦାସ। ଇଷ୍ଟ ଶ୍ରୀରାମଙ୍କ ଗାଥା ବର୍ଣ୍ଣନା କରି ସେ ସମୟରେ ସେ 'ଶ୍ରୀରାମଚରିତ ମାନସ' ରଚନା କରୁଥା'ନ୍ତି। ଗ୍ରନ୍ଥର ନିର୍ବିଘ୍ନ ପରିସମାପ୍ତି ନିମନ୍ତେ ସେ ନିଜର ଅବସ୍ଥାନ ଅତ୍ୟନ୍ତ ଗୋପନ ରଖିଥିଲେ। କିନ୍ତୁ ସତ୍‌କର୍ମର ସୁଗନ୍ଧ କେବେ ଲୁଚି ରହିପାରେ ନାହିଁ। 'ଶ୍ରୀରାମଚରିତ ମାନସ' ଗ୍ରନ୍ଥର ପ୍ରଶସ୍ତି ଶୁଣି ପ୍ରତିଭା ଓ ଯୋଗ୍ୟତାର ମୂଲ୍ୟ ବୁଝୁଥିବା ଆକବର ଗୋସ୍ୱାମୀ ତୁଳସୀ ଦାସଙ୍କୁ ଭେଟିବାକୁ ଅତ୍ୟନ୍ତ ବ୍ୟଗ୍ର ହୋଇ ଉଠିଲେ। କିନ୍ତୁ ତୁଳସୀ ଦାସଙ୍କୁ ବାଦ୍‌ଶାହାଙ୍କ ଗୁପ୍ତଚରମାନେ ମଧ୍ୟ ସନ୍ଧାନ କରିପାରୁ ନଥିଲେ।

ଆକବରଙ୍କ ମନ୍ତ୍ରୀ ବୈରାମ ଖାଁଙ୍କର ପୁତ୍ର ରହିମ୍ ସେ ସମୟର ଜଣେ ଉଚ୍ଚକୋଟୀର ହିନ୍ଦୀ ସାହିତ୍ୟିକ ଥିଲେ। ରହିମ୍‌ଙ୍କ ରଚିତ ଦୋହା ଏବଂ ତାଙ୍କ କାବ୍ୟପ୍ରତିଭା ସମ୍ପର୍କରେ ଆକବର ସଚେତନ ଥିଲେ। ବାଦ୍‌ଶାହାଙ୍କର ମନକୁ ଆସିଲା, ଗୋସ୍ୱାମୀ ତୁଳସୀ ଦାସଙ୍କୁ ରହିମ୍ ହିଁ ଠାବ କରିବାରେ ସମର୍ଥ ହେବେ। ତେଣୁ ଆକବର ଏହି ଦାୟିତ୍ୱ ରହିମଙ୍କୁ ଦେଲେ। ସଂଯୋଗବଶତଃ ସେ ସମୟରେ ବାଦଶାହ ହାତୀପିଠିରେ ବସି ଭ୍ରମଣ କରୁଥିଲେ। ମଝିରେ ମଝିରେ ହାତୀଟି ଥୋରପାହାରରେ ଭୂମିରୁ ଧୂଳି ନେଇ ନିଜ ମଥା ଉପରେ ଢାଳୁଥିଲା। ତାହାକୁ ଲକ୍ଷ୍ୟକରି ରହିମଙ୍କ ମନରେ ଏକ ପ୍ରଶ୍ନମୂଳକ ପଂକ୍ତି ଉଦ୍ରେକ ହେଲା। ସେହି ଆଧାରରେ ସେ ଏକଧାଡ଼ି ବିଶିଷ୍ଟ ଏକ ଦୋହା ରଚନା କରି ଘୋଷଣା କଲେ ଯେ 'ଦୋହାର ଅପର ଧାଡ଼ି ଯେଉଁ ବିଦ୍ୱାନ ପୂରଣ କରିବେ ତାଙ୍କୁ ଏକଶତ ସ୍ୱର୍ଣ୍ଣମୁଦ୍ରା ପୁରସ୍କାର ମିଳିବ। ରହିମ୍ ରଚନା କରିଥିବା ଦୋହାର ପ୍ରଥମ ଧାଡ଼ିଟି ଥିଲା - 'ଧୂରି ଧରତ ଗଜ ଶୀଶ ପର, କହି ରହିମ କେହି କାଜ?' ରହିମଙ୍କ ପୂର୍ଣ୍ଣ ବିଶ୍ୱାସ ଥିଲା ଯେ କେବଳ ସନ୍ଥ ତୁଳସୀ ହିଁ ତାଙ୍କ ମନବୋଧ ହେବା ଭଳି ଦ୍ୱିତୀୟ ଧାଡ଼ିଟି ରଚନା କରିପାରିବେ।

ଏହି ପ୍ରତିଯୋଗିତାର ଖବର ସାରା ଦେଶରେ ପ୍ରଚାରିତ ହୋଇଗଲା। ଅନେକ ବିଦ୍ୱାନ ଆସି ଏହି ପ୍ରଶ୍ନୋତ୍ତର ସମ୍ବଳିତ ପ୍ରତିଯୋଗିତାରେ ଅଂଶଗ୍ରହଣ କଲେ, ମାତ୍ର କେହି ରହିମଙ୍କୁ ସନ୍ତୋଷ କରିପାରିଲେ ନାହିଁ। ଚିତ୍ରକୂଟରେ ଏକ ଗରିବ ବ୍ରାହ୍ମଣ ପରିବାର ବାସ କରୁଥିଲେ। ସେ କାଠ ହାଣି ପରିବାର ପ୍ରତିପୋଷଣ କରୁଥିଲେ। ତାଙ୍କର ଦୁଇଟି କନ୍ୟା ବିବାହଯୋଗ୍ୟା ହୋଇଥିଲେ ମଧ୍ୟ ଅର୍ଥାଭାବରୁ ବିବାହ ସମ୍ପନ୍ନ କରି ପାରୁ ନଥିଲେ। ଦିନେ ବ୍ରାହ୍ମଣ ଜଣକ ମହାତ୍ମା ତୁଳସୀ ଦାସଙ୍କୁ ଆଶ୍ରମରେ ଭେଟି ରହିମ୍‌ଙ୍କ ଦୋହା ଓ ପୁରସ୍କାର ବିଷୟରେ ଜଣାଇ ତାଙ୍କର ସାହାଯ୍ୟ ଭିକ୍ଷା କଲେ। ଦ୍ୱିତୀୟ ଧାଡ଼ିଟି ଲେଖିଦେଲେ ତାହାକୁ ରାଜ ଦରବାରରେ ଉପସ୍ଥାପନ କରି ଏକଶତ ସ୍ୱର୍ଣ୍ଣମୁଦ୍ରା ପାଇପାରିବେ ଏବଂ ସେଥିରେ ତାଙ୍କର କନ୍ୟମାନଙ୍କର ବିବାହ ସମ୍ପନ୍ନ ହୋଇପାରିବ ବୋଲି ବ୍ରାହ୍ମଣ ମହାତ୍ମା ତୁଳସୀ ଦାସଙ୍କୁ ଅନୁରୋଧ କଲେ। କିନ୍ତୁ ଏହି ପ୍ରତିଯୋଗିତା ପଛରେ କିଛି ଚାଲ ରହିଥିବା ଅନୁମାନ କରି ସନ୍ଥ ତୁଳସୀ ଦାସ କହିଲେ, 'ହେ ବ୍ରାହ୍ମଣ ଦେବତା! ତୁମେ ଯଦି ନିଜେ ଏହି ସମାଧାନ ସୂଚକ ଦୋହାଟି ଲେଖିଛ ବୋଲି କହିବ ତେବେ ଏହା ମୁଁ ତୁମ ପାଇଁ ରଚନା କରିଦେବି।' ବ୍ରାହ୍ମଣ ଏହି କଥାରେ ରାଜି ହେଲେ ଏବଂ ସନ୍ଥ ବ୍ରାହ୍ମଣଙ୍କ ପାଇଁ ପର ପଦ ଦୋହା ଲେଖିଦେଲେ। ପର ପଦ ଦୋହାଟି ଏମିତି ଥିଲା - 'ଯେହି ରଜ ମୁନି ନାରୀ ତରୀ, ତେହି ଧୁଣ୍ଡତ ଗଜରାଜ।' ଏବେ ସଂପୂର୍ଣ ଦୋହାଟି ଏମିତି ହେଲା - 'ଧୂରି ଧରତ ଗଜ ଶୀଶ ପର, କହି ରହିମ କେହି କାଜ? ଯେହି ରଜ ମୁନି ନାରୀ ତରୀ, ତେହି ଧୁଣ୍ଡତ ଗଜରାଜ।'

ବହୁକଷ୍ଟରେ ସେ ଗରିବ ବ୍ରାହ୍ମଣ ବାଦଶାହ ଆକବରଙ୍କ ରାଜସଭାରେ ଦୋହାଟି ସ୍ପଷ୍ଟ ଉପସ୍ଥାପନ କଲେ। ଏହି ପଦଟି ଶୁଣିବା ପରେ ରହିମ ଆନନ୍ଦରେ ଅଧୀର ହୋଇ ଉଠିଲେ। କିନ୍ତୁ ତାଙ୍କ ମନରେ ସନ୍ଦେହ ହେଲା। ରହିମ୍ ଯେତେବେଳେ ବ୍ରାହ୍ମଣଙ୍କୁ ଦଣ୍ଡ ଦେବାର ଭୟ ଦେଖାଇଲେ ସେ ଏହା ସନ୍ଥ ତୁଳସୀ ଦାସଙ୍କ ରଚନା ବୋଲି କହିଲେ। ବ୍ରାହ୍ମଣଙ୍କୁ ଯଥେଷ୍ଟ ଧନ ସମ୍ପଦ ପୁରସ୍କାର ଦିଆଯିବା ପରେ ସେ ବାଦଶାହ ଆକବରଙ୍କ ସହ ସନ୍ଥ ତୁଳସୀ ଦାସଙ୍କର ସାକ୍ଷାତ କରାଇଦେଲେ। ଉଭୟ ରହିମ ଓ ଆକବର ସନ୍ଥ ତୁଳସୀଙ୍କ ଦର୍ଶନ କରି ଖୁସି ହେଲେ, ସେ ତୁଳସୀଙ୍କ ଗ୍ରନ୍ଥ ରଚନାରେ କେହି ପ୍ରତିବନ୍ଧକ ସୃଷ୍ଟି କରିବେ ନାହିଁ ବୋଲି ଆଶ୍ୱାସନା ଦେଲେ।

ଏବେ ଏହି ଦୋହାର ଅର୍ଥ ଜାଣିବା। 'ଧୂରି ଧରତ ଗଜ ଶୀଶ ପର, କହି ରହିମ କେହି କାଜ?' ଏହି ଦୋହାରେ ରହିମ କହୁଛନ୍ତି, 'କେଉଁ କାରଣରୁ ଏ ହାତୀ ନିଜ ମସ୍ତକରେ ଧୂଳି ଢାଳୁଛି?' ଦ୍ୱିତୀୟ ଧାଡ଼ି - 'ଯେହି ରଜ ମୁନି ନାରୀ ତରୀ, ତେହି ଧୁଣ୍ଡତ ଗଜରାଜ' ରେ ସନ୍ଥ ତୁଳସୀ ଉତ୍ତର ଦେଉଛନ୍ତି, 'ଯେଉଁ ଧୂଳି ସ୍ପର୍ଶରେ ଗୌତମ ମୁନିଙ୍କ ନାରୀ ପଥର ରୂପରୁ ସ୍ୱରୂପ ପ୍ରାପ୍ତ ହୋଇଥିଲେ ସେହି ଧୂଳି ଏହି ଧୂଳି କି ନୁହେଁ ସେ କଥା ପରୀକ୍ଷା କରିବା ପାଇଁ ଗଜ ନିଜ ମଥାରେ ଏ ଧୂଳି ଢାଳୁଛି।' ଗୋଟିଏ ପଦରେ ରହିମଙ୍କ ପ୍ରଶ୍ନ ଓ ଅପର ପଦରେ ସନ୍ଥ ତୁଳସୀଙ୍କ ସମାଧାନ ଏକ ପାରସ୍ପରିକ ସାରସ୍ୱତ ଯୁଗଳବନ୍ଦୀ ସୃଜନ ଥିଲା, ଯାହା ପରସ୍ପର ପ୍ରତି ସ୍ନେହ, ଶ୍ରଦ୍ଧା ଓ ସମ୍ମାନକୁ ପ୍ରଦର୍ଶିତ କରୁଥିଲା। ●

(ଦର୍ଶନାଧ୍ୟାପକ,
ଦଧିବାମନ ସଂସ୍କୃତ ମହାବିଦ୍ୟାଳୟ, କୁରାଳ)

# ବେଙ୍ଗ ମନ୍ଦିର

## ବିଚିତ୍ର ବିଶ୍ୱାସ

ଓଜସ୍ୱିନୀ

ବେଦ ଉପନିଷଦରୁ ଆରମ୍ଭ କରି ବିଭିନ୍ନ ସଭ୍ୟତା ପର୍ଯ୍ୟନ୍ତ ମଣ୍ଡୁକ ବା ବେଙ୍ଗ ସମ୍ପର୍କିତ ଅନେକ ବର୍ଣ୍ଣନା ରହିଛି। ଅନେକ ଦେଶର ସଂସ୍କୃତି ଓ ପରମ୍ପରାରେ ମଧ୍ୟ ବେଙ୍ଗ ପୂଜନର ବିଧି ପ୍ରଚଳିତ। ଫେଙ୍ଗସୁଇ ତତ୍ତ୍ୱରେ ଆର୍ଥିକ ଉନ୍ନତି ପାଇଁ ବେଙ୍ଗକୁ ବହୁତ ପ୍ରାଧାନ୍ୟ ଦିଆଯାଇଛି। ଭାରତରେ ମଧ୍ୟ ବିଭିନ୍ନ କାର୍ଯ୍ୟର ସିଦ୍ଧି ପାଇଁ ବେଙ୍ଗକୁ ପୂଜାର୍ଚ୍ଚନା କରାଯିବା ସହ ବେଙ୍ଗ ପାଇଁ ସମର୍ପିତ ଗୋଟିଏ ମନ୍ଦିର ମଧ୍ୟ ଅଛି।

ଉତ୍ତର ପ୍ରଦେଶର ଲଖିମ୍‌ପୁର ଖିରି ଜିଲ୍ଲାସ୍ଥିତ ଓୟଲ୍ ଅଞ୍ଚଳରେ ବେଙ୍ଗ ପାଇଁ ସମର୍ପିତ ଏହି ବିଶେଷ ମନ୍ଦିର ଅଛି। ପ୍ରାୟ ୨୦୦ ବର୍ଷ ପୁରୁଣା ଏହି ମନ୍ଦିରର ବିଶେଷତ୍ୱ ହେଉଛି ଏହା ଗୋଟିଏ ବିଶାଳ ପଥର ବେଙ୍ଗର ପିଠି ଉପରେ ଅବସ୍ଥିତ। ବେଙ୍ଗର ମୁଖ ଉତ୍ତର ଦିଗକୁ ରହିଥିବା ବେଳେ ପଛଭାଗ ଦକ୍ଷିଣ ଦିଗକୁ ଅଛି। ଦୁଇଟି ଗୋଡ଼ ପୂର୍ବଦିଗକୁ ଏବଂ ଅନ୍ୟ ଦୁଇଟି ଗୋଡ଼ ପଶ୍ଚିମ ଦିଗକୁ ରହିଛି। ବେଙ୍ଗର ପିଠି ଉପରେ ସୁଉଚ୍ଚ ଅଷ୍ଟକୋଣୀୟ ପିଣ୍ଡି ନିର୍ମାଣ କରାଯାଇଛି, ଯାହାକି ଦେଖିବାକୁ ଶ୍ରୀଯନ୍ତ୍ର ଭଳି। ଗର୍ଭ ଗୃହକୁ ଯିବା ପାଇଁ ସିଡ଼ି ନିର୍ମାଣ ହୋଇଛି। ଗର୍ଭଗୃହରେ ଧଳା ମାର୍ବଲ୍ ପଥରରେ ପ୍ରାୟ ୩ଫୁଟ ଉଚ୍ଚ ଶକ୍ତିସ୍ଥଳ ନିର୍ମାଣ କରାଯାଇଛି, ଯାହା ଉପରେ ଶିବଲିଙ୍ଗ ବିରାଜମାନ ଅଛନ୍ତି। ଉକ୍ତ ଶକ୍ତିସ୍ଥଳରେ ସହସ୍ରଦଳ ପଦ୍ମଫୁଲର ଆକୃତି ଦେଖିବାକୁ ମିଳିଥାଏ। ଗର୍ଭଗୃହର ଦ୍ୱାର ପୂର୍ବ ଦିଗକୁ ରହିଥିବା ବେଳେ ଗର୍ଭଗୃହ ବାହାରେ ପରିକ୍ରମା ମାର୍ଗ ଅଛି। ଶିବଲିଙ୍ଗ ଉପରେ ଅର୍ପିତ ଦୁଗ୍ଧ ଓ ଜଳ ଭୂତଳ ନାଳ ପଟେ ଆସି ବେଙ୍ଗର ମୁହଁରୁ ବାହାରିଥାଏ, ଯାହାକୁ ଭକ୍ତମାନେ ଶିବ ପାଦୁକା ଭାବେ ଗ୍ରହଣ କରିଥା'ନ୍ତି।

ଏହା ବିଶ୍ୱର ଏକମାତ୍ର ମନ୍ଦିର, ଯେଉଁଠି ମହାଦେବ ବେଙ୍ଗପୃଷ୍ଠରେ ବିରାଜମାନ କରିଛନ୍ତି। ଏହି ମନ୍ଦିରକୁ ଓୟଲ୍‌ର ରାଜା ବଖ୍‌ସ ସିଂ ପ୍ରାକୃତିକ ବିପର୍ଯ୍ୟୟରୁ ରାଜ୍ୟ ଓ ପ୍ରଜାଙ୍କ ସୁରକ୍ଷା ପାଇଁ ନିର୍ମାଣ କରିଥିଲେ। ବିଶ୍ୱାସ ରହିଛି ଯେ, ଏହି ମନ୍ଦିରରେ ପୂଜାର୍ଚ୍ଚନା କଲେ ପ୍ରାକୃତିକ ବିପର୍ଯ୍ୟୟର ବିପଦ ରହେ ନାହିଁ। ଓୟଲ୍ ରାଜବଂଶ ଶୈବ ଉପାସକ ଥିବାରୁ ମନ୍ଦିର ଭିତରେ ପୂଜା ପାଉଥିବା ଶିବଲିଙ୍ଗ ମଣ୍ଡୁକଯନ୍ତ୍ର ଉପରେ ଉପବିଷ୍ଟ ଅଛନ୍ତି। କୁହାଯାଏ ଯେ, ଏହି ମନ୍ଦିରର ବାସ୍ତୁ ପରିକଳ୍ପନା କପିଳା ନାମକ ଜଣେ ମହାନ ତାନ୍ତ୍ରିକଙ୍କ ଦ୍ୱାରା କରାଯାଇଥିଲା। ତେଣୁ ମାଣ୍ଡୁକ୍ୟ ତନ୍ତ୍ର ଦ୍ୱାରା ମନ୍ଦିରର ନିର୍ମାଣ ଶୈଳୀ ଯୋଗୁଁ ଭକ୍ତ ଆକର୍ଷିତ ହୋଇ ଆସିଥା'ନ୍ତି। ସାଧାରଣ ଦିନ ଅପେକ୍ଷା ଦୀପାବଳି ଏବଂ ଶିବରାତ୍ରି ଦିନ ଏହି ମନ୍ଦିରରେ ଅଧିକ ଜନଗହଳି ଦେଖାଯାଏ। ଏହି ମନ୍ଦିରର ବିଶେଷତ୍ୱ ହେଉଛି, ଏହି ଶିବଲିଙ୍ଗର ରଙ୍ଗ ଗୋଟିଏ ଦିନରେ ଦୁଇଥର ପରିବର୍ତ୍ତନ ହୋଇଥାଏ। ଏହି ମନ୍ଦିରର ଆଉ ଏକ ବିଶେଷତ୍ୱ ହେଉଛି ଅନ୍ୟ ଶୈବପୀଠରେ ନନ୍ଦୀ ବସିଥିବା ଅବସ୍ଥାରେ ଦେଖିବାକୁ ମିଳୁଥିବା ବେଳେ ଏଠାରେ ଥିବା ନନ୍ଦୀଙ୍କ ମୂର୍ତ୍ତି ଦଣ୍ଡାୟମାନ ସ୍ୱରୂପରେ ନିର୍ମାଣ କରାଯାଇଛି। ତନ୍ତ୍ର ଅନୁସାରେ ବେଙ୍ଗ ହେଉଛି ସମୃଦ୍ଧି, ସୌଭାଗ୍ୟ, ପ୍ରଜନନ ଓ କ୍ଷମତାର ପ୍ରତୀକ। ତେଣୁ ଏହି ବେଙ୍ଗ ମନ୍ଦିର ଓୟଲ୍ ରାଜବଂଶର ପୂଜାର୍ଚ୍ଚନାର କେନ୍ଦ୍ରସ୍ଥଳୀ ଥିଲା। ବର୍ତ୍ତମାନ ଏହି ମନ୍ଦିରକୁ ଉତ୍ତର ପ୍ରଦେଶର ନର୍ମଦେଶ୍ୱର ମନ୍ଦିର ବୋଲି କୁହାଯାଉଛି।

ବର୍ତ୍ତମାନ ସମୟରେ ଭକ୍ତମାନେ ଆର୍ଥିକ କଷ୍ଟ ଦୂର, ଋଣମୁକ୍ତ ହେବା ଓ ନୂତନ ବ୍ୟବସାୟରେ ଆର୍ଥିକ ଉନ୍ନତି କାମନା କରି ଏହି ମନ୍ଦିରକୁ ଆସି ମହାଦେବ ଏବଂ ବେଙ୍ଗକୁ ବିଶେଷ ପୂଜାର୍ଚ୍ଚନା କରିଥା'ନ୍ତି। ବିଶ୍ୱାସ ରହିଛି ଯେ, ନିଷ୍ଠାର ସହିତ ପୂଜାର୍ଚ୍ଚନା ପରେ ଖୁବ୍ ଅଳ୍ପଦିନରେ ସମସ୍ତ ଆର୍ଥିକ ସମସ୍ୟା ଦୂର ହୋଇଯାଏ। ମହାଦେବଙ୍କ ସହିତ ବେଙ୍ଗ ପୂଜା କଲେ ଅନ୍ୟାନ୍ୟ ମନସ୍କାମନା ମଧ୍ୟ ଅବିଳମ୍ବେ ପୂରଣ ହୋଇଥାଏ ବୋଲି ସ୍ଥାନୀୟ ଲୋକମାନଙ୍କ ଅନୁଭବରୁ ଜାଣିବାକୁ ମିଳେ।(କ୍ରମଶଃ) ●

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପୂର୍ବତନ ବିଧାୟକ କୁଳମଣି ରାଉତଙ୍କ ପରଲୋକ

ଡେରାବିଶ/ପଞ୍ଚୁପାଣ୍ଡବ, ୧୫।୧(ସମିସ): ବରୀ-ଡେରାବିଶର ପୂର୍ବତନ ବିଧାୟକ କୁଳମଣି ରାଉତ (୭୮)ଙ୍କ ଆଜି ଭୁବନେଶ୍ୱରସ୍ଥ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି ଚିକିତ୍ସିତ ହୋଇଆସୁଥିଲେ। ତାଙ୍କ ପରଲୋକରେ ଡେରାବିଶ ବ୍ଲକ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମରଶରୀର ବ୍ଲକ ଅଧୀନସ୍ଥ ଚାନ୍ଦୋଳ ଫାଣ୍ଡି ଛକରେ ଅପେକ୍ଷାରତ ଜନସାଧାରଣ ତାଙ୍କୁ ଶେଷ ଦର୍ଶନ କରିବା ପାଇଁ ଭିଡ଼ ଜମାଇଥିଲେ। ପରେ ଏକ ଶୋଭାଯାତ୍ରାରେ ବିଭିନ୍ନ ପଞ୍ଚାୟତକୁ ନିଆଯାଇ ରାତିରେ ବ୍ଲକ୍ ଅନ୍ତର୍ଗତ କୁରୁଜଙ୍ଗା ପଞ୍ଚାୟତର ଶଙ୍କରପୁରସ୍ଥ ତାଙ୍କ ବାସ ଭବନରେ ପହଞ୍ଚିଥିଲା ଓ ଶୋକାକୁଳ ପରିବେଶରେ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।



ସ୍ୱର୍ଗତ ରାଉତ କେବଳ ବ୍ଲକ ଅଞ୍ଚଳ ନୁହେଁ ସମଗ୍ର କେନ୍ଦ୍ରାପଡ଼ା ଜିଲ୍ଲାରେ ଜଣେ ବନ୍ଧୁ ବତ୍ସଳ, ପରୋପକାରୀ, ଅମାୟିକ ବ୍ୟକ୍ତିତ୍ୱ ଭାବେ ପରିଚିତ ଥିଲେ। ୧୯୯୦ରୁ ୧୯୯୫ ପର୍ଯ୍ୟନ୍ତ ସେ ତତ୍କାଳୀନ ବରୀ-ଡେରାବିଶ ନିର୍ବାଚନମଣ୍ଡଳୀର ବିଧାୟକ ଭାବେ ନିର୍ବାଚିତ ହୋଇ ବହୁ ଲୋକାଭିମୁଖୀ କାର୍ଯ୍ୟ କରିଥିଲେ। ଆଜି ତାଙ୍କ ବିୟୋଗ ଖବର ପାଇ ବରିଷ୍ଠ ବିଜେଡି ନେତା ରବି ସାମଲ, ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର, ବରିଷ୍ଠ କଂଗ୍ରେସ ନେତା ରତିକାନ୍ତ କାନୁନ୍‌ଗୋ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଓ ଦେବାଶିଷ ନାୟକ, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, କଂଗ୍ରେସ ନେତା ଜୟନ୍ତ ମହାନ୍ତି, ଡେରାବିଶ ବ୍ଲକ ଅଧ୍ୟକ୍ଷା ପ୍ରଭାତୀ ମଲ୍ଲିକ, ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ପୂର୍ବତନ ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ସମାଜସେବୀ ସୁଖଦାନନ୍ଦ ପ୍ରଧାନ, ଉମେଶ ଚନ୍ଦ୍ର ତ୍ରିପାଠୀ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ପୂର୍ବତନ ମନ୍ତ୍ରୀ ତଥା ଆଳି ବିଧାୟକ ପ୍ରତାପ କେଶରୀ ଦେବ, କେନ୍ଦ୍ରପଡା ବିଧାୟକ ଗଣେଶ୍ୱର ବେହେରା, ରାଜନଗର ବିଧାୟକ ଧ୍ରୁବ ସାହୁ, ମାହାଙ୍ଗା ବ୍ଲକର ପୂର୍ବତନ ଅଧ୍ୟକ୍ଷ କିଶୋର ସିଂହ, ବରିଷ୍ଠ ବିଜେଡି ନେତା ହଳଧର ଦାଶ, ମହେନ୍ଦ୍ର ସିଂହ, ରାଜେଶ ପଣ୍ଡା, ଡେରାବିଶ କଲେଜ ପରିଚାଳନା କମିଟିର ପୂର୍ବତନ ସଭାପତି ଶରତ କର ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ସୁନା ବ୍ୟବସାୟୀଙ୍କୁ ଆୟକର ବିଭାଗର ଜେରା

କଟକ,୧୫।୧(ସମିସ): କଟକ ସୁନା ବଜାରରେ ଆୟକର ବିଭାଗର ବଡ଼ଧରଣର ଚଢ଼ଉ କରିଛି। ଗତକାଲି ପୁରୀଘାଟ ଥାନା ସମ୍ମୁଖସ୍ଥ ଚେକିଂରେ ୪୦ ଲକ୍ଷ ଟଙ୍କା ଜବତ ମାମଲାରେ ସୁନା ବ୍ୟବସାୟୀଙ୍କୁ ଅଟକ ରଖାଯାଇଛି। ପୁରୀଘାଟ ଥାନା ପରିସରରେ ଆୟକର ବିଭାଗର ଏକ ୩ ଜଣିଆ ଉଚ୍ଚସ୍ତରୀୟ ଟିମ୍ କୋଲକାତାର ବ୍ୟବସାୟୀ ମିଲନ ଆଦିକଙ୍କୁ ଦୀର୍ଘ ସମୟ ଧରି ଜେରା କରିଛନ୍ତି। ଏହି ଘଟଣାରେ କଟକର ବିଭାଗକୁ ଖବର ଦେଇଥିଲା। ଏହି ମାମଲାରେ ସବୁଠାରୁ ରହସ୍ୟଜନକ ଦିଗ ହେଉଛି ବ୍ୟବସାୟୀ ତାରକନାଥ ସାହାଙ୍କ ଆଭିମୁଖ୍ୟ। ଆୟକର ବିଭାଗ ପକ୍ଷରୁ ତାଙ୍କୁ ହାଜର ହେବା ପାଇଁ ବାରମ୍ବାର ନୋଟିସ ଜାରି କରାଯାଇଥିଲେ ହେଁ, ସେ ଏପର୍ଯ୍ୟନ୍ତ ତଦନ୍ତରେ ସହଯୋଗ କରିନାହାନ୍ତି କିମ୍ବା କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ଦେଖା ଦେଇନାହାନ୍ତି। ଏହି ନିରବତା ଏବେ ଅନେକ ପ୍ରଶ୍ନ ସୃଷ୍ଟି କରିଛି। ସେ କ'ଣ ନିଜର ବେଆଇନ କାରବାର ଧରାପଡ଼ିବା ଭୟରେ

### ୪୦ ଲକ୍ଷ ଜବତ ମାମଲା: ଅଭିଯୁକ୍ତକୁ ହସ୍ତାନ୍ତର କଲା ପୁରୀଘାଟ ଥାନା ପୁଲିସ




ତାରକନାଥ ସାହାଙ୍କୁ ପୁଲିସ କିମ୍ବା ଆୟକର ବିଭାଗ ଧରି ପାରିନାହିଁ।

ସୂଚନା ମୁତାବକ, ମିଲନ ଆଦିକ କୋଲକାତାରୁ ସୁନା ଆଣି କଟକର ପ୍ରତିଷ୍ଠିତ ବ୍ୟବସାୟୀ ତାରକନାଥ ସାହାଙ୍କୁ ହସ୍ତାନ୍ତର କରିଥିଲେ। ଏହାର ପ୍ରତିବଦଳରେ ସେ ୪୦ ଲକ୍ଷ ଟଙ୍କାର ନଗଦ ଅର୍ଥ ନେଇ ଫେରୁଥିବା ବେଳେ ପୁରୀଘାଟ ପୁଲିସର ନିୟମିତ ଯାଞ୍ଚ ସମୟରେ ଧରାପଡ଼ିଥିଲେ। ପୁଲିସ ଯେତେବେଳେ ଏତେ ପରିମାଣର ଅର୍ଥ ପାଇଁ ବୈଧ କାଗଜପତ୍ର ମାଗିଥିଲା, ମିଲନ ସନ୍ତୋଷଜନକ ଉତ୍ତର ଦେଇପାରି ନଥିଲେ। ଫଳରେ ପୁଲିସ ଟଙ୍କା ଜବତ କରିବା ସହ ତାଙ୍କୁ ଅଟକ ରଖି ଆୟକର ଲୁଚିଛନ୍ତି କି? କୋଲକାତାରୁ କଟକକୁ ହେଉଥିବା ଏହି ସୁନା ପରିବହନ କ'ଣ ବେଆଇନ ଉପାୟରେ ହେଉଛି? ଆୟକର ବିଭାଗ ଏବେ କେବଳ ଏହି ୪୦ ଲକ୍ଷ ଟଙ୍କା ଉପରେ ନୁହେଁ, ବରଂ ତାରକନାଥଙ୍କ ପୁରା ବ୍ୟବସାୟିକ ସାମ୍ରାଜ୍ୟ ଉପରେ ନଜର ରଖିଛି। ଟିକସ ନିୟମର ଖୋଲାଖୋଲି ଉଲ୍ଲଂଘନ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ମିଲନ ଆଦିକଙ୍କ ବୟାନରେ ଥିବା ଅସଙ୍ଗତି ବିଭାଗର ସନ୍ଦେହକୁ ଆହୁରି ଦୃଢ଼ କରିଛି। ଯଦି ସୁନା ବ୍ୟବସାୟୀ ଶୀଘ୍ର ହାଜର ନହୁଅନ୍ତି, ତେବେ ଆଗାମୀ ଦିନରେ ତାଙ୍କ ବାସଭବନ ଓ ପ୍ରତିଷ୍ଠାନ ଉପରେ ଚଢ଼ଉ ହେବାର ସମ୍ଭାବନା ରହିଛି।

■ ସୁବର୍ଣ୍ଣପୁର ଜିଲ୍ଲାରେ ଗୃହରକ୍ଷୀ ନିଯୁକ୍ତିରେ ଅନିୟମିତତା

## ରାଜ୍ୟ ଗୃହ ବିଭାଗକୁ ହାଇକୋର୍ଟଙ୍କ ଜବାବ ତଲବ

କଟକ,୧୫।୧(ସମିସ): ସୁବର୍ଣ୍ଣପୁର ଜିଲ୍ଲାରେ ଗୃହରକ୍ଷୀ ନିଯୁକ୍ତି ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ଅଭିଯୋଗ କରି ଦାୟର ମାମଲାର ଆଜି ପ୍ରାରମ୍ଭିକ ଶୁଣାଣି କରିଛନ୍ତି ହାଇକୋର୍ଟ। ଏହି ମାମଲାରେ ପ୍ରତିପକ୍ଷ ରାଜ୍ୟ ଗୃହ ବିଭାଗ, କେନ୍ଦ୍ରାଞ୍ଚଳ ଆଇଜି, ସୁବର୍ଣ୍ଣପୁର ଏସପିଙ୍କ ସମେତ ଚୟନ ତାଲିକାରେ ସ୍ଥାନିତ ୧୩ ପ୍ରାର୍ଥୀଙ୍କୁ ହାଇକୋର୍ଟ ନୋଟିସ ଜାରି କରି ପକ୍ଷ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆକାଶ ସ' ଓ ଅନ୍ୟ ୭ ଜଣଙ୍କ ତରଫରୁ ଦାୟର ଦୁଇ ମାମଲାର ଏକତ୍ର ଶୁଣାଣି କରି ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ସେହିଭଳି ଏହି ଜିଲ୍ଲାରେ ଗୃହରକ୍ଷୀ ନିଯୁକ୍ତି ମାମଲାର ଚୂଡାନ୍ତ ରାୟ ଉପରେ ନିର୍ଭର କରିବ ବୋଲି ହାଇକୋର୍ଟ କହିଛନ୍ତି। ଫେବ୍ରୁଆରୀ ୨୩କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି।

ମାମଲାରୁ ପ୍ରକାଶ ଯେ ସୁବର୍ଣ୍ଣପୁର ଜିଲ୍ଲାରେ ୯୨ଟି ଗୃହରକ୍ଷୀ ପଦ ପୂରଣ ପାଇଁ ୨୦୨୫, ମେ ୧୯ ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଜଣେ ପ୍ରାର୍ଥୀ କେବଳ ଗୋଟିଏ ଥାନାରେ ଖାଲିଥିବା ପଦରେ ନିଯୁକ୍ତି ପାଇଁ ଆବେଦନ କରିପାରିବେ ବୋଲି କୁହାଯାଇଥିଲା। ଆବେଦନକାରୀ ସୋନପୁର ଥାନାରେ ଖାଲିଥିବା ୩୦ ପଦ ପାଇଁ ଦରଖାସ୍ତ କରି ଲିଖିତ ପରୀକ୍ଷାରେ ଆବେଦନକାରୀ ଯୋଗ୍ୟତା ଅର୍ଜନ କରିଥିବା ନେଇ ଡିସେମ୍ବର ୩ରେ କର୍ତ୍ତୃପକ୍ଷ ଅବଗତ କରିଥିଲେ। ଆବେଦନକାରୀ ଶାରୀରିକ ପରୀକ୍ଷା ଓ ସାକ୍ଷାତକାର ଦେଇଥିଲେ। ୨୦୨୬, ଜାନୁଆରୀ ୫ରେ ଚୂଡାନ୍ତ ଚୟନ ତାଲିକାରେ ଆବେଦନକାରୀ ସ୍ଥାନ ପାଇ ନଥିଲେ। ସୋନପୁର ଥାନାଞ୍ଚଳ ବାହାରର ୧୩ଜଣ ପ୍ରାର୍ଥୀଙ୍କୁ ଏହି ଥାନାରେ ଖାଲି ଥିବା ପଦ ପାଇଁ ଚୟନ କରାଯାଇଥିବା ଆବେଦନକାରୀ ଅଭିଯୋଗ କରିବା ସହ ଚୟନ ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ହୋଇଥିବା ଆବେଦନକାରୀ ଦର୍ଶାଇଛନ୍ତି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ସହସ୍ରାଂଶୁ ସୌରଭ ଓ ନିରଞ୍ଜନ ହୋତା ମାମଲା ପରିଚାଳନା କରୁଛନ୍ତି।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.
EPC-CECONIIIBBS2025031,
ତା.14.08.2025ରିଖ ର ଶୁଦ୍ଧିପତ୍ର ସଂ.02

ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତିରେ ନିମ୍ନବର୍ଣ୍ଣିତ ରୂପାନ୍ତରଣ କରାଯାଇଛି, ଦୟାକରି ଯାହା ପ୍ରତି ଧ୍ୟାନ ଦେବା ଆବଶ୍ୟକ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ପ୍ରକାଶିତ ଅନୁଯାୟୀ (ଶୁଦ୍ଧିପତ୍ର ସଂ.01)- ତା.27.01.2026 ରିଖ 1200 ଘଟିକା, ପଢ଼ାଯିବା ଆବଶ୍ୟକ - ତା.16.02.2026 ରିଖ 1200 ଘଟିକା।

ଅନ୍ୟ ସମସ୍ତ ନିୟମ ଏବଂ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ।

ସମ୍ପୂର୍ଣ୍ଣ ବିବରଣୀ ନିମନ୍ତେ, ଇଚ୍ଛୁକ ଟେଣ୍ଡରଦାତାମାନଙ୍କୁ ୱେବ୍‌ସାଇଟ୍ www.ireps.gov.in ଅବଲୋକନ କରିବାକୁ ପରାମର୍ଶ ଦିଆଯାଉଛି।

ମୁଖ୍ୟ ପ୍ରଶାସନିକ ଅଧିକାରୀ(ନିର୍ମାଣ)/ ଭୁବନେଶ୍ୱର

PR-232/CI/25-26


## ଗଛରେ ପିଟିହେଲା ବାଇକ୍; ୨ ଯୁବକ ମୃତ

ଖଲ୍ଲିକୋଟ,୧୫।୧(ସମିସ): ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ ମୁକୁନ୍ଦପୁର ଛକରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୨ ଜୀବନ ଯାଇଛି। ଭାରସାମ୍ୟ ହରାଇ ଏକ ବାଇକ୍ ରାସ୍ତା କଡ଼ରେ ଥିବା ଏକ ଗଛରେ ପିଟି ହେବାରୁ ଦୁଇ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଖଲ୍ଲିକୋଟ ଥାନା କେଶପୁର ପାଟଣା ସାହିର ଶୁଭମ୍ ସାହୁ ଓ ଅମିତ୍ ସାହୁ।

ଗୁରୁବାର ସନ୍ଧ୍ୟାରେ ଶୁଭମ୍ ଓ ଅମିତ୍ ଏକ ବାଇକ୍‌ରେ ସାନଘାଟି ପଟୁ ଖଲ୍ଲିକୋଟ ଅଭିମୁଖେ ଆସୁଥିବା ବେଳେ ମୁକୁନ୍ଦପୁର ଛକରେ ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଏକ ଗଛରେ ବାଇକ୍‌ଟି ପିଟି ହୋଇଥିଲା। ଦୁହେଁ ଗଛରେ ପିଟି ହୋଇ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି ଏକ ଅଟୋରେ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିବାବେଳେ ସେଠାରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ। ଖଲ୍ଲିକୋଟ ପୁଲିସ ମେଡ଼ିକାଲରେ ପହଞ୍ଚି ଶବ ଜବତ କରି ତଦନ୍ତ ଆରମ୍ଭ କରିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଇରାନ ମୁହାଁ...

ଏହାପୂର୍ବରୁ ୟୁଏସ୍‌ଏସ୍ ଆବ୍ରାହାମ ଲିଙ୍କନ ଦକ୍ଷିଣ ଚୀନ ସାଗରରେ ରୁଟିନ ଅପରେସନ କରୁଥିଲା। ଏହି ଗ୍ରୁପ୍‌ରେ ଏକ ସୁପରକ୍ୟାରିୟର, ୩-୬ ବିଧ୍ୱଂସକ, ୧-୨ ବୁଡ଼ାଜାହାଜ, ୭ରୁ ୮ ହଜାର ସୈନ୍ୟ, ୬୫-୭୦ ବିମାନ (ଏଫ୍-୩୫ଏସ୍, ଏଫ/ଏ-୧୮ ଏସ୍) ସାମିଲ ଥିଲା।

ଇତିମଧ୍ୟରେ ତେହରାନରୁ ମିଳିଥିବା ରିପୋର୍ଟ ଅନୁଯାୟୀ ସେଠାରେ ସରକାର ବିରୋଧୀ ବିକ୍ଷୋଭ ଜାରି ରହିଛି। ତେବେ ବିକ୍ଷୋଭକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ବିକ୍ଷୋଭକାରୀମାନଙ୍କୁ ଦମନ ପାଇଁ ହୋଇଥିବା କାର୍ଯ୍ୟାନୁଷ୍ଠାନରେ ୫ ହଜାରରୁ ଅଧିକ ଲୋକ ନିହତ ହୋଇଥିବା ଜଣାପଡ଼ିଛି। ଏହାକୁ ଦୃଷ୍ଟିରେ ରଖି ଭାରତ ସମେତ ଅନେକ ଦେଶ ସେମାନଙ୍କ ନାଗରିକମାନଙ୍କୁ ଇରାନରୁ ଫେରାଇ ଆଣିବାରେ ଲାଗିଛନ୍ତି।

### ସୁପ୍ରିମ କୋର୍ଟରେ ବି...

ଦରକାର। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଫେବୃଆରୀ ୩ରେ ହେବ ବୋଲି ତାରିଖ ଧାର୍ଯ୍ୟ କରାଯାଇଛି। ଇଡି ଚଢ଼ଉ ବେଳର ସିସିଟିଭି ଫୁଟେଜ ସୁରକ୍ଷିତ ରଖିବା ଲାଗି ସୁପ୍ରିମ କୋର୍ଟ ମମତା ବାନାର୍ଜୀ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାରେ ବେଙ୍ଗଲ ପୁଲିସ ଡିଜି ରାଜୀବ କୁମାର, କୋଲକାତା ପୁଲିସ କମିସନର ମନୋଜ ବର୍ମା ଏବଂ ଅନ୍ୟ ଅଧିକାରୀଙ୍କୁ ସସପେଣ୍ଡ କରିବା ସହିତ ଏହି ମାମଲାର ସିବିଆଇ ଦ୍ୱାରା ତଦନ୍ତ ପାଇଁ ଇଡି ପକ୍ଷରୁ ଯେଉଁ ପିଟିସନ ଦାଖଲ କରାଯାଇଛି, ସେସଂପର୍କରେ କେନ୍ଦ୍ର ସରକାର ଓ ପଶ୍ଚିମ ବଙ୍ଗ ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ସୂଚନାଯୋଗ୍ୟ ଯେ ଜାନୁଆରୀ ୮ରେ ଇଡି ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ଆଇଟି ମୁଖ୍ୟ ଓ ରାଜନୈତିକ ପରାମର୍ଶଦାତା ସଂସ୍ଥା (ଆଇ- ପ୍ୟାକ୍)ର ନିର୍ଦ୍ଦେଶକ ପ୍ରତୀକ ଜୈନଙ୍କ ଘର ଓ କମ୍ପାନୀ ପରିସରରେ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ରାଜ୍ୟ ପୁଲିସ ଅଧିକାରୀମାନଙ୍କ ସହ ସେଠାରେ ପହଞ୍ଚିଥିଲେ ଓ ପ୍ରମାଣ ସମ୍ପର୍କିତ ଫାଇଲଗୁଡ଼ିକୁ ସେଠାରୁ ନେଇଯାଇଥିଲେ। ଅନ୍ୟପକ୍ଷରେ ମମତା ଅଭିଯୋଗ କରିଥିଲେ ଯେ ଆଇପାକ୍ ଅଫିସରୁ ତୃଣମୂଳ କଂଗ୍ରେସର ନିର୍ବାଚନ ରଣନୀତି ଫାଇଲ ଚୋରି କରିବା ଉଦ୍ଦେଶ୍ୟରେ ଇଡି ଚଢ଼ଉ କରିଥିଲା। କୋଇଲା ଦୁର୍ନୀତି ମାମଲାରେ ଦୁଇ ବର୍ଷ ତଳେ ଚଢ଼ଉ ନକରି ଇଡି ଏବେ କାହିଁକି ଚଢ଼ଉ କରିଥିଲା ବୋଲି ସେ ପ୍ରଶ୍ନ କରିଥିଲେ।

କୋର୍ଟରେ ସିଲିସିଟିର ଜେନେରାଲ ତୁଷାର ମେହେଟା ଓ ଅତିରିକ୍ତ ସଲିସିଟର ଜେନେରାଲ ଏସ୍‌ଭି ରାଜୁ ଇଡି ତରଫରୁ ଆଜି ପକ୍ଷ ରଖିଥିଲେ। ସେହିପରି ବରିଷ୍ଠ ଓକିଲ କପିଲ ସିବଲ ପଶ୍ଚିମବଙ୍ଗ ସରକାର ତରଫରୁ ଦଲିଲ ଉପସ୍ଥାପନ କରିଥିଲେ। ପୂର୍ବରୁ ଏହି ମାମଲାରେ ପଶ୍ଚିମବଙ୍ଗ ସରକାର ଦାଏର କରିଥିବା ଆବେଦନକୁ କୋଲକାତା ହାଇକୋର୍ଟ ଖାରଜ କରିଥିଲେ। ଏହି ଚଢ଼ାଉରେ କିଛି ଜବତ କରାଯାଇ ନଥିଲା ବୋଲି ଇଡି କୋର୍ଟରେ ସ୍ପଷ୍ଟ କରିଥିଲା।

### ବିଧାୟକ ସନା ମହାକୁଡ଼...

ମିଶ୍ର କହିଛନ୍ତି ଯେ ଦଳର ନେତା ତଥା ବିଧାୟକଙ୍କ ଗତିବିଧି ନେଇ ସମସ୍ତ ରିପୋର୍ଟ ନବୀନ ପଟ୍ଟନାୟକଙ୍କ ନିକଟରେ ରହିଛି। ଯିଏ ବି ଦଳ ବିରୋଧରେ ଷଡ଼ଯନ୍ତ୍ର କରିବ, ଦଳକୁ ଦୁର୍ବଳ କରିବା ପାଇଁ ପ୍ରୟାସ କରିବ ସେମାନଙ୍କ ବିରୋଧରେ କଠୋରରୁ କଠୋରତମ ନିଷ୍ପତ୍ତି ନେବାରେ କ୍ଷମତା ମଧ୍ୟ ନବୀନଙ୍କ ନିକଟରେ ରହିଛି। ସେ ସବୁକିଛି ଦୃଷ୍ଟିରେ ରଖି ଓ ଭାବିଚିନ୍ତି ନିଷ୍ପତ୍ତି ନେଇଥାନ୍ତି। ଉଭୟ ବିଧାୟକ ଦଳକୁ ଦୁର୍ବଳ କରିବାକୁ ପ୍ରୟାସ କରିଥିବା ଦଳର ସଭାପତିଙ୍କ ନିଷ୍ପତ୍ତିରୁ ସ୍ପଷ୍ଟ ବୋଲି ସେ କହିଛନ୍ତି। ବିଜେଡିର ଅନ୍ୟତମ ବିଧାୟକ ଗଣେଶ୍ୱର ବେହେରା ମଧ୍ୟ ସମାନ କଥା ଦୋହରାଇଛନ୍ତି। ଆମେ ଏନେଇ ସଭାପତିଙ୍କ ନିକଟରୁ ଅବଗତ ହୋଇଛୁ। ଉଭୟ ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ଥିବା ସଭାପତି ସେମାନଙ୍କୁ ସୂଚନା ଦେଇଛନ୍ତି ବୋଲି ଶ୍ରୀ ବେହେରା କହିଛନ୍ତି।

### ଲୋକଙ୍କୁ ଭୁଆଁ...

ଟୋଲ୍‌ଗେଟ୍ ଗୁଡ଼ିକରେ ଏସ୍‌ଟିଏ ପକ୍ଷରୁ ଇ-ଡିଟେକ୍ସନ ବ୍ୟବସ୍ଥା ଲଗାଯାଇଛି। ଏହି ବ୍ୟବସ୍ଥାରେ ଲୋକଙ୍କ ଫାସଟ୍ୟାଗକୁ ରିଡିଂ କରି ଯାହାର କୌଣସି ବୈଧ କାଗଜପତ୍ର ନ ଥିବ ସେମାନଙ୍କୁ ଚାଲାଣ କରାଯାଉଛି। ତେବେ ଏହି ବ୍ୟବସ୍ଥାକୁ ନେଇ ତୀବ୍ର ଜନ ଅସନ୍ତୋଷ ଦେଖାଯିବା ପରେ ଇ-ଡିଟେକ୍ସନ ବ୍ୟବସ୍ଥାକୁ ଆସନ୍ତା ଏପ୍ରିଲ୍ ମାସ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ବିଭାଗୀୟ ମନ୍ତ୍ରୀ ଦେଇଥିବା ନିର୍ଦ୍ଦେଶ ସତ୍ତ୍ୱେ ଏବେ ବି ରାଜ୍ୟରେ ଇ-ଡିଟେକ୍ସନ ବ୍ୟବସ୍ଥାରେ ଟୋଲ୍‌ଗେଟ୍‌ଠାରେ ଲୋକଙ୍କୁ ମୋଟା ଅଙ୍କର ଜରିମାନା କରାଯାଉଛି। ଅନ୍ୟପଟେ ନିୟମ ଉଲ୍ଲଂଘନକାରୀଙ୍କ ସହ ଏଠାରେ ଗାଡ଼ିର ସମସ୍ତ କାଗଜ ପତ୍ର ବୈଧ ଥିବା ସତ୍ତ୍ୱେ ମଧ୍ୟ ଜରିମାନା କରାଯାଉଛି।

ସତ୍ୟଜିତ ମଲ୍ଲିକ ନାମକ ଜଣେ ବ୍ୟକ୍ତି ତାଙ୍କ କାର ନଂ ଓଡି୩୩ଏଏଲ୬୧୫୩ର ଇନ୍‌ସ୍ୟୁରାନ୍ସ ଅବଧି ଗତ ୧୦ ତାରିଖରେ ଶେଷ ହେବାର ଥିଲା। ଏହା ପୂର୍ବରୁ ସେ ଗତ ୮ ତାରିଖରେ ନିଜ ଗାଡ଼ି ଇନ୍‌ସ୍ୟୁରାନ୍ସ ନବୀକରଣ କରାଇଥିଲେ। ଏହାସତ୍ତ୍ୱେ ଗତ ୧୦ ତାରିଖରେ ଗୁରାପଲ୍ଲୀ ଟୋଲଗେଟ୍, ୧୧ ଓ ୧୨ ତାରିଖରେ ଗୁଡ଼ିପଡ଼ା ଟୋଲ୍‌ଗେଟରୁ ମୋଟ୍ ୩ ଟା ଚାଲାଣ କରାଯାଇଛି। ଇନ୍‌ସ୍ୟୁରାନ୍ସ ନ ଥିବା ଦର୍ଶାଇ ୪ ହଜାର ଲେଖାଏ ୩ ଟି ଚାଲଣରେ ମାଲିକଙ୍କ ପାଖକୁ ୧୨ ହଜାର ଟଙ୍କାର ଚାଲାଣ ଆସିଛି। ଏହାକୁ ନେଇ ସେ ଆଶ୍ଚର୍ଯ୍ୟ ପ୍ରକଟ କରିବା ସହ ବୈଧ ଇନ୍ସ୍ୟୁରାନ୍ସ ଥିବା ସତ୍ତ୍ୱେ କିପରି ଚାଲାଣ କରାଗଲା ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି।

ଅନ୍ୟ ଏକ ଘଟଣାରେ ସୁରେଶ ସାହୁ ନାମକ ଜଣେ ବ୍ୟକ୍ତି ନିଜ ଟ୍ରକ୍‌ର ଇନସ୍ୟୁରାନ୍ସ ଅବଧି ଗତ ୯ ତାରିଖରେ ଶେଷ ହେବା ପୂର୍ବରୁ ନବୀକରଣ କରାଇଥିଲେ। ଏମ୍-ପରିବହନରେ ମଧ୍ୟ ଇନସ୍ୟୁରାନ୍ସ ନବୀକରଣ ନେଇ ତଥ୍ୟ ଅପଡେଟ୍ ହୋଇସାରିଥିଲା। ଏହା ସତ୍ତ୍ୱେ ୧୦-୧୨ ତାରିଖ ମଧ୍ୟରେ ୩ ଟି ଚାଲାଣ ତାଙ୍କୁ ପଠାଯାଇଛି। ଯାହାକୁ ନେଇ ଶ୍ରୀ ସାହୁ ଅସନ୍ତୋଷ ପ୍ରକାଶ କରିବା ସହ ସରକାରଙ୍କୁ ବଦନାମ କରିବା ପାଇଁ ପରିବହନ ବିଭାଗ ଏମିତି କାମ କରୁଥିବା ଅଭିଯୋଗ ଆଣିଛନ୍ତି। ନିକଟରେ ପ୍ରାଣ ହରାଇଥିବା ସାମ୍ବାଦିକା ଶୀଳା ପଟ୍ଟନାୟକଙ୍କ ମୃତ୍ୟୁ ପାଇଁ ଟୋଲଗେଟରୁ ଏଭଳି ଅତର୍କିତ ଚାଲାଣ ବ୍ୟବସ୍ଥାକୁ ଦାୟୀ କରାଯାଉଛି। କାରଣ ତାଙ୍କର କାର୍ ଥିବା ସତ୍ତ୍ୱେ ପିୟୁସିସି ନ କରିପାରି ଥିବା ଯୋଗୁଁ ସେ ପୁରୀକୁ ସ୍କୁଟି ଧରି ଯିବାକୁ ବାଧ ହୋଇଥିଲେ। ରାସ୍ତାରେ ଗଦା ହୋଇଥିବା ବାଲିରେ ପଡ଼ି ତାଙ୍କ ସମେତ ଦୁଇ ଜଣଙ୍କ ଜୀବନ ଯାଇଥିଲା। ଏତେ ସବୁ ଘଟଣା ପରେ ଏହି ବ୍ୟବସ୍ଥାକୁ ଏପ୍ରିଲ୍ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ମନ୍ତ୍ରୀ ବିଭୂତି ଭୂଷଣ ବେହେରା ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର କାହିଁକି ଏହାକୁ ଏସ୍‌ଟିଏ ବନ୍ଦ କରୁନାହିଁ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।


**ବିଜ୍ଞପ୍ତି**

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଆମ ହସ୍‌ପିଟାଲ୍ କର ଭିଜନ୍ ଚକ୍ଷୁ ଚିକିତ୍ସାଳୟ, ୧୦, ଜନପଥ, ସତ୍ୟନଗର, ଭୁବନେଶ୍ୱର ର ରୋଗୀମାନଙ୍କର ଚିକିତ୍ସା ଜନିତ ନଥିପତ୍ର, ୦୧/୦୪/୨୦୧୯ ଠାରୁ ୩୧/୦୩/୨୦୨୦ ପର୍ଯ୍ୟନ୍ତ ନଷ୍ଟ କରି ଦିଆଯିବ। ଯେଉଁ ରୋଗୀମାନେ ଏହି ସମୟସୀମା ମଧ୍ୟରେ ହସ୍‌ପିଟାଲ୍‌କୁ ଚିକିତ୍ସା ପାଇଁ ଆସିଥିବେ, ସେମାନଙ୍କର ଯଦି କୌଣସି ଅଭିଯୋଗ ଥାଏ, ଏହି ବିଜ୍ଞାପନ ପ୍ରକାଶିତ ହେବାର ୧୫ ଦିନ ମଧ୍ୟରେ ନିମ୍ନଲିଖିତ ଠିକଣାରେ ଜଣାଇବାକୁ ଅନୁରୋଧ।

ପରବର୍ତ୍ତୀ ସମୟରେ ଉପରୋକ୍ତ ସମୟସୀମା ମଧ୍ୟରେ ନଥିପତ୍ର ପାଇଁ ହସ୍‌ପିଟାଲ୍ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିର୍ଦ୍ଦେଶକ
କର ଭିଜନ୍ ଚକ୍ଷୁ ଚିକିତ୍ସାଳୟ
୧୦, ଜନପଥ, ସତ୍ୟନଗର, ଭୁବନେଶ୍ୱର

C-2905

**OFFICE OF THE MUNICIPAL COUNCIL, TALCHER**

**'e' – Procurement Notice**

Tender Reference No.TCRM-10/2025-26
Bid Identification No. 2026_ORULB_124488
No. 152/Dt. 12.01.2026

Bid documents consisting of works with their estimated cost, cost of tender paper, EMD, time of completion, Class of Contractor, court affidavit and the set of terms & conditions of Contract and other necessary documents can be seen in Govt. website i.e. www.tendersorissa.gov.in

1) Name of the Work :- Civil work as mentioned in the website.
2) No. of works :- 1 No.
3) Estimated Cost :- Rs.60.39 lakhs
4) Period of Completion :- As per DTCN
5) Date & time of availability of Bid document in the portal :- dt.13.01.2026 at 4.00 PM
6) Last date & time for receipt of Bid in the portal :- dt.27.01.2026 at 5.00 PM
7) Date of Opening (technical bid) Bid :- dt.28.01.2026 at 11.00 AM
8) Name & Address of the Officer inviting the bid :- Executive Officer, Talcher Municipality
9) The bidders have to participate in ONLINE bidding only.

Further details can be seen from the procurement portal i.e. www.tendersorissa.gov.in

OIPR-

Executive Officer
Talcher Municipality

ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ, ନବରଙ୍ଗପୁର — H-51

**OFFICE OF THE REGULATED MARKET COMMITTEE: NABARANGPUR**
AT/ GANDHINAGAR, PO/DIST-NABARANGPUR-764059. (Odisha)
FAX/ Tel.No.06858-222105 E.Mail-ID- awmornab@gmail.com

No. 400/RMC — Dated 12.01.2026

**E-Procurement (Invitation for BIDS)**

Tender Call Notice No.394/RMC Dated. 12.01.2026
Bid Identification No. 01 e-Procurement Notice No. 01 of 2025-26

The Regulated Market Committee, Nabarangpur invites tender from the approved contractors of appropriate Class for Development Works of different Markets. Detailed Tender Call Notice along with conditions of contract and notice inviting tender may be seen and download from the website. www.tenderorissa.gov.in and www.nabaranagpur.odisha.gov.in the date availing of tender online is form 11.00 A.M. of 13.01.2026 to 31.01.2026, up to 5 P.M. the tender will be opened on 03.02.2026 at 11.00 A.M.

OIPR-

Sub Collector cum Chairman
RMC, Nabarangpur

C-1948

**GOVERNMENT OF ODISHA**
OFFICE OF THE SUPERINTENDING ENGINEER
P.H. DIVISION, BHANJANAGAR AT CHATRAPUR
Phone – 06811 263909- FAX – 06811 263950 - E-mail – eephchpr@gmail.com
NATIONAL COMPETITIVE BIDDING THROUGH e-Procurement

**1st Corrigendum dated.13.01.2026**
To Bid Identification No. 65/ 03 / SPH(C) / 2025-26 dt. 31.12.2025
Tender Id. 2026_PHEO_124210_1

Name of work- Procurement , installation, testing and commissioning of Multijet water meter at consumer end of Chatrapur NAC under AAP- 2025-26 -SUJAL

| Sl.No | As uploaded in the tender | Revised as per Corrigendum |
|---|---|---|
| 1 | Availability of Bid Documents for online bidding Dt.14.01.2026 at 17.30 Hrs | Availability of Bid Documents for online bidding Dt.21.01.2026 at 17.30 Hrs |
| 2 | Last date of seeking clarification on dt.13.01.26 at 17.30 Hrs | Last date of seeking clarification on dt.20.01.26 at 17.30 Hrs |
| 3 | Opening of Technical Bid on Dt.15.01.2026 at 01.00 PM | Opening of Technical Bid on Dt.22.01.2026 at 01.00 PM |

All other terms and conditions in the DTCN remains unaltered.

OIPR-

Additional Chief Engineer (PH)
P.H. Division, Bhanjanagar
at Chatrapur

**SALE**

(1) JCB 3 DX Backhoe Loader, Model - 2022, Registration No-OD-33-AF-4895, in as is where is condition (2) TATA Hitachi Ex-70, Model 2022, Machine Sl No-P070-20168 , in as is where is condition, Contact: M/S Sundaram Finance Limited, BHUBANESWAR BRANCH, Ph:0674-2544772 within 7 days.

**AFFIDAVIT**

By virtue of an affidavit sworn before **Executive Magistrate Padampur** on Dated **25th September 2025**, I, **Mr. Rabindra Kumar Bhoi**, Address S/o- **Pruthwiraj Bhoi, At- Gyan, Po- Gyan, Dist- Bargarh, PIN- 768049, Odisha,** declare that I have changed the name of my **Son** from **"Ariyan Bhoi"** to **"Premraj Bhoi"**. Henceforth, He shall be known as **"Premraj Bhoi"** for all purposes.

**Rabindra Kumar Bhoi**

**AFFIDAVIT**

By virtue of an affidavit before Notary Public Bhubaneswar, on 24.12.2025. I Dhananjaya Panda resident of At- Aliha, Po- Singiri, Ps- Aul, Dist- Kendrapara, Odisha, PIN- 754215, declare that I have change my name from Dhanarjay Panda to Dhananjaya Panda. Henceforth I shall be known as **DHANANJAYA PANDA** for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar dated 12/01/2026, C.F No. 46/12 Jan 2026. I, Sibu Mistri, S/O Nimain Mistri, At- Ram Nagar, Ram Nagar, Kendrapara, Odisha, Pin- 754224, declare that I have changed my owned name Madan Mohan Besra to Sibu Mistri. Henceforth, I shall be known as new name Sibu Mistri for all purposes.

**Sibu Mistri**

**AFFIDAVIT**

I, Anita Panigrahi, aged about 61 years, W/o- Bichitrananda Panigrahi, resident of Plot No-963, Lewis Road, Samantrapur, Ps- Lingaraj, Bhubaneswar, Dist- Khurda, Pin- 751002, Odisha do hereby declare by this affidavit No.111, dtd-15/01/2026, that now onwards I shall be known as **RUBY PANIGRAHI** for all future purposes.

**AFFIDAVIT**

By virtue of an affidavit no. 3689/2026 sworn before In The Court Of The Executive Magistrate, Pallahara, Dtd 09-01-20261, KHAGESWAR SAHU S/O- PANCHANANA SAHU At- Hatighincha, Po-Phapand P.S- Pallahara, Dist.- Angul declare that I have changed my name from KASTU SAHU to KHAGESWAR SAHU. Henceforth, I Shall be known as KHAGESWAR SAHU for all purposes.

**KHAGESWAR SAHU**

**AFFIDAVIT**

I, Jagmohan Angarai, resident of Village Mirigichara, PO Gobarghati, PS Kalinganagar, Dist. Jajpur, Odisha – 755026, do hereby declare that the name of my minor son has been changed from "Kosher Kumar Angarai" to "Kishor Kumar Angarai" as per affidavit no.3184 sworn before the Executive Magistrate, Sukinda, Jajpur on dtd.29.12.2025. Henceforth, my minor son shall be known and identified as **Kishor Kumar Angarai** for all purposes.

**AFFIDAVIT**

By virtue of an affidavit no.59 before the Executive Magistrate, Nabarangpur, dtd.15.01.2026, I, Lakshi Bhatra, Vill- Bamuni, PO Mokiya, PS- Papadahandi, Dist- Nabarangpur do hereby declare that my name has been incorrectly mentioned as "Lakhi Bhatra" instead of "Lakshi Bhatra" in my State Bank of India records. That both the names "Lakhi Bhatra" & "Lakshi Bhatra" is one and the same person i.e. myself. Henceforth, I shall be known as **Lakshi Bhatra** for all purposes.

**AFFIDAVIT**

By virtue of an affidavit sworn before Executive Magistrate, Kanas, No-4706, dated- 23/12/2025. I, **Sri Balaram Baliyarsingh,** resident At- Dhuanla, PO- Kesharpur, Block- Kanas, PS- Kanas, Dist- Puri, Odisha, Pin- 752019 declare that I have changed the name of my son's from **Biswajit Baliyarsingh to Abhiram Baliyarsingh.** Henceforth, he shall be known as **Abhiram Baliyarsingh** for all purposes.

**Balaram Baliyarsingh**

**AFFIDAVIT**

Monalisa Martha, W/o: Army No- 10535798L, Rank: HAV, Name: Dinabandhu Martha residing of Village Hatasahi, Dalaisahi, Po-Manikagoda, Ps- Bolagarh, Dist- Khordha. I want to change my name from Manolisa Matha to Monalisa Martha wrongly written in my husband's service records vide affidavit No.1383, Dt.- 06.12.2025.

**AFFIDAVIT**

By virtue of an affidavit sworn before Executive Magistrate, Odagaon on dt. 15/01/2026 I Laxmidhar Jena @ Iswar Jena, S/o-Baikuntha Jena @ Gnjeya Jena At- Bilamanpur, Po/Ps- Odagaon, Dist-Nayagarh, declare that my name has been mentaioned as Laxmidhara Jena, S/o- Baikuntha Jena in My Adhar Card. Where as in the ROR vide Khata no- 69/88 Under JayamangalaPrasada My name has been mentioned as Iswar jena, S/o- Ganjeya jena. Now I will be known as Laxmidhar Jena, S/o-Baikuntha Jena for all future purposes.

**LOST**

I, **Bauribandhu Tad**, S/o Sadasiba Tad, resident of Village/P.O- Ratapat, P.S- Badamba, Dist- Cuttack Odisha do hereby declare that, on **12/01/2026** while I am going from my residence to sub-register office my original documents bearing sale deed **RSD ID No. 1245, dtd- 24/05/1993** has been lost in somewhere. If anyone finds it kindly Contact to **9937875541.**

**AFFIDAVIT**

By Virtue of an affidavit Before the Executive Magistrate, Jagatsinghpur. I **Laxmipriya Samantasinghar**, aged about 57 years, W/o: Niranjan Samantasinghar, of Vill: Orissagarh (Purunagarh), P.O.: Ashrampatana, P.S./Dist.: Jagatsinghpur, Odisha have changed my name from Renubala Samantasinghar to **Laxmipriya Samantasinghar.** Henceforth, I shall be known as **Laxmipriya Samantasinghar** for all purposes. Laxmipriya Samantasinghar and Renubala Samantasinghar is one and same person and there in no other person residing in the said name in the above said address/ village except me.

जसमीत कौर उर्फ बिन्नी पुत्री दलजीत सिंह छाबड़ा निवासी डेलीमार्केट नियर नागपुर होटल जयभवन निवासी राउरकेला पिन-769001
H-C-J-Part III 2 (नमूना काबिल फरोख्त) **सम्मन वास्ते करारबाद तनकोह तलब** (आर्डर कायदा 1 व 5) नम्बर मुकदमा 291/2020 न्यायालय प्रधान न्यायाधीश परिवार न्यायालय संत कबीर नगर 1 मुदद्ई मनप्रीत सिंह उर्फ शानू बनाम जसमीत कौर उर्फ विन्नी मुद्दाअलेह साकिन ने आपके नाम नालिश बावत हरगाह के दायर की है लिहाजा आपको हुक्म होता है बतारीख 05/02/2026 माह सन् ई0 बावत बजे दिन के अदालत या मारफत वकील के जो मुकदमा के हालात से करार वाकई वाकिफ किया गया हो और कुछ उपूर अहम मतअल्लिका का जबाव दे सके या जिसके साथ कोई और शक्श हो कि जबाव सवालात दे सके हाजिर हो दावा करे और आपको लाजिम है कि उसी राज जुमला के दस्तदाला करना चाहता हो। आपको इत्तला दी जाती है अगर बरोज मजकूर आप हाजिर न होंगे तो मुकदमा बगैर हाजिर आपको मसमुआ और फैसला होगा। शक्त मेरे दस्तखत और मुहर अदालत आज ब 22 तारीख माह 12 ई0 2025 जारी किया। नाम अदालत-नम्बर मुकदमा-नाम फरीकैन-**इत्तिला** (1) अगर आपको यह अन्देशा हो कि आपके प्रवाह अपनी मर्जी से हाजिर न होगे तो आप अदालत हाजा से सम्मन नमुराद जारी करा सकते है कि गवाह हाजिर हो । वह जबरन हाजिर कराया जाय और जिन दस्तावेज को किसी से पेश कराने का आप इस्पेकाल रखते है वह उससे पेश कराई बशर्ते कि आप खर्चा जरूरी अदालत में दाखिल करके इस अस्त्र को दरख्वास्त गुजरावें। (2)अगर आप मुतालवा मुद्दई की तस्लीम करते तो आपका लाजिम है कि खाना खर्चा नालिश अदालत में दाखिल करें ताकि कार्यवाही इजेराय डिग्री के आपका जान व माल दोनो पर हो न करना पड़े। न्यायालय प्रधान न्यायाधीश परिवार न्यायालय संत कबीर नगर ।

**AFFIDAVIT**

By an affidavit CF No.35/ Dtd.12.01.2026 sworn before Executive Magistrate, Bhubaneswar. I, Muna Nayak, S/o- Syam Nayak, R/o Qr No.- 140, Kedarpalli Basti, Near Mangala Temple, Bapuji Nagar, Bhubaneswar, Dist.- Khordha, Pincode- 751009 declare that in Aadhaar my name is mentioned as Muna Nayak but in LIC Policy No.598324072 my name is wrongly mentioned as Sunil Nayak instead of Muna Nayak. Hence, I have changed from my wrong name Sunil Nayak to correct name Muna Nayak, for all future purposes. I declare that Muna Nayak and Sunil Nayak is one and same person.

## ଠିକା କର୍ମଚାରୀ ଦରମା ନ ପାଇବା ଘଟଣା

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜିଲ୍ଲାପାଳଙ୍କ ଛାନଭିନ୍

ନୟାଗଡ଼,୧୫ ।୧(ସମିସ)

ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଦଲାଲରାଜ ଚାଲିବା, କର୍ମଚାରୀଙ୍କୁ ୧୦ ମାସର ଦରମା ନ ମିଳିବା ସମ୍ପର୍କରେ ଖବରପାଇ ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ ଗୁରୁବାର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ଘଟଣାର ଛାନଭିନ୍ କରିଛନ୍ତି । ଦରମା ପାଇ ନ ଥିବା କର୍ମଚାରୀଙ୍କୁ ଭେଟିବା ସହ ଖୁବଶୀଘ୍ର ବକେୟା ଦରମା ପ୍ରଦାନ ବ୍ୟବସ୍ଥା କରିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହ ଆଲୋଚନା କରିଛନ୍ତି । କୌଣସି କର୍ମଚାରୀଙ୍କ ଦରମା ବକେୟା ନ ରହିବା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଛନ୍ତି । ଏହାସହ ଚିକିତ୍ସାଳୟକୁ ପରିଷ୍କାର ଓ ପରିଚ୍ଛନ୍ନ ରଖିବା ଉପରେ ଗୁରୁତ୍ୱ ଦେଇଛନ୍ତି ।

ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଗଞ୍ଜାମ ମ୍ୟାନପାୱାର ଆଣ୍ଡ ସିକ୍ୟୁରିଟି ସର୍ଭିସ ଠିକା ସଂସ୍ଥାରେ କାର୍ଯ୍ୟରତ ୩ ଜଣ କର୍ମଚାରୀଙ୍କ ବକେୟା ଦରମା ପ୍ରଦାନ କରାଯାଇନାହିଁ । ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ ଲିଜା ମାଝୀ, ଦେବାଶିଷ ମହାପାତ୍ର, ବ୍ରହ୍ମାନନ୍ଦ ରାଉତଙ୍କ ଦରମା ମିଳି ନ ଥିବା ଅଭିଯୋଗ ହୋଇଛି । ଏହି କର୍ମଚାରୀମାନେ ଇସିଜି ଦାୟିତ୍ୱ ସହ

### ଅଡୁଆରେ ମହର୍ଷି ସ୍କୁଲ ଯୋଗ ଶିକ୍ଷକ
### ଦୁଇଟି ମାମଲା ରୁଜୁ, ଚାଲିଛି ତଦନ୍ତ

ଅନ୍ୟ କାର୍ଯ୍ୟରେ ବି ନିୟୋଜିତ ହେଉଥିଲେ । ୨୦୨୪ ଅକ୍ଟୋବରରୁ ୨୦୨୫ ଜୁଲାଇ ପର୍ଯ୍ୟନ୍ତ ଠିକାସଂସ୍ଥା ଦରମା ଦେଇ ନ ଥିବାରୁ ସେମାନେ ଦୁଇଦିନ ହେବ ଇସିଜି ସେବା ବନ୍ଦ କରିଥିଲେ । ବୁଧବାର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପୁଷ୍ପା ନୀଳିମା ଲାକ୍ରା ଇସିଜି ସେଣ୍ଟରକୁ ଯାଇ ଘଟଣାର ଅନୁଧ୍ୟାନ କରିଥିଲେ । ଉଭୟ ମ୍ୟାନେଜର ଓ କର୍ମଚାରୀଙ୍କୁ ଘଟଣା ସମ୍ପର୍କରେ ପଚାରି ବୁଝିବା ପରେ ବକେୟା ଦରମା ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ । ତେବେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସାମ୍ନାରେ ଗଞ୍ଜାମ ମ୍ୟାନପାୱାର ଆଣ୍ଡ ସିକ୍ୟୁରିଟି ସର୍ଭିସର ସ୍ଥାନୀୟ ତତ୍କାଳୀନ ମ୍ୟାନେଜର ତଥା ସେର୍ଫଟ ବର୍ତ୍ତମାନ ମ୍ୟାନେଜର ଶରତ ପ୍ରଧାନଙ୍କ ପୋଲ ଖୋଲିଯିବାରୁ ସେ ଉତକ୍ଷିପ୍ତ ହୋଇପଡ଼ିଥିଲେ । କର୍ମଚାରୀ ଦେବାଶିଷଙ୍କୁ ହାତ ଉଠାଇବା ସହ ଗାଳିଗୁଲଜ କରିଥିବା ନେଇ ଦେବାଶିଷ ଟାଉନଥାନାରେ ଅଭିଯୋଗ କରିଛନ୍ତି । ଏହାସହ ଜଣେ ମହିଳା କର୍ମଚାରୀଙ୍କୁ ସେ ଅସଦ୍‌ବ୍ୟବହାର କରିଥିବା ଥାନାରେ ଅଭିଯୋଗ ହୋଇଛି । ପୁଲିସ ଅଭିଯୋଗ ଆଧାରରେ ଦୁଇଟି ମାମଲା ରୁଜୁ କରିଛି । ଫଳରେ ଠିକାସଂସ୍ଥା ମ୍ୟାନେଜର ଶରତ ପ୍ରଧାନଙ୍କ ପାଇଁ ଏବେ ଅଡୁଆ ବଢ଼ିଛି ।

ନୟାଗଡ଼ ସହରରେ ଅବସ୍ଥିତ ମହର୍ଷି ବିଦ୍ୟାଳୟରେ ଯୋଗ ଶିକ୍ଷକ ଭାବେ କାର୍ଯ୍ୟ କରୁଥିବା ଶରତ ପ୍ରଧାନ ପୂର୍ବରୁ ଗଞ୍ଜାମ ମ୍ୟାନପାୱାର ଆଣ୍ଡ ସିକ୍ୟୁରିଟି ସର୍ଭିସ ଏବଂ ଏବେ ସେର୍ଫଟ ଠିକାସଂସ୍ଥାରେ ମ୍ୟାନେଜର ଭାବେ କାର୍ଯ୍ୟ କରୁଛନ୍ତି । ଦୁଇ ଦୁଇଟି ସଂସ୍ଥାରେ କାର୍ଯ୍ୟରତ ପ୍ରଧାନ ଅନେକ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ଶୋଷଣ କରୁଥିବା ପୂର୍ବରୁ ଅଭିଯୋଗ ହୋଇଆସୁଛି । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ବଡ଼ପଣ୍ଡାମାନଙ୍କୁ ହାତ କରି କର୍ମଚାରୀ ନିଯୁକ୍ତି ଆଳରେ ଲକ୍ଷ ଲକ୍ଷ ଟଙ୍କା ଆଦାୟ କରାଯାଉଛି । କର୍ମଚାରୀଙ୍କୁ ସଠିକ ଭାବେ ବେତନ ପ୍ରଦାନ କରାଯାଉ ନ ଥିବା ଏବଂ ହଇରାଣ କରାଯାଉଥିବା ଅଭିଯୋଗ ହୋଇଛି । ଏହି ଦୁଇ ମାମଲାକୁ ନୟାଗଡ଼ ଟାଉନଥାନା ଅଧିକାରୀ ରଶ୍ମିରଞ୍ଜନ ପ୍ରଧାନ ଗୁରୁତ୍ୱର ସହ ନେଇ ଛାନଭିନ କରୁଥିବା ସୂଚନା ଦେଇଛନ୍ତି ।

## ଗଣିଆରେ ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ



ଗଣିଆ,୧୫ ।୧(ସମିସ): ୨୦୨୬ ଖରିଫ ବର୍ଷ ପାଇଁ ଗଣିଆରେ ମାଣ୍ଡିଆ ମଣ୍ଡି ଉଦଘାଟିତ ହୋଇଛି । ମୁଖ୍ୟଅତିଥି ଭାବେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କୃଷି ଅଧିକାରୀ ଶିବନାରାୟଣ ସିଂ, ଶ୍ରୀଅନ୍ନ ଅଭିଯାନର ଡେପୁଟି ପ୍ରୋଜେକ୍ଟ ଡାଇରେକ୍ଟର ସ୍ୱାଗତିକା ପତି, ଟିଡିସିସିଓଲର ଡିଏମଓ ଉମାକାନ୍ତ ବଳବନ୍ତରାୟ, ଶ୍ରୀଅନ୍ନ ଅଭିଯାନ ସଂଯୋଜିକା ଅମ୍ବିକା ଦତ୍ତ, ବ୍ଲକ କୃଷି ଅଧିକାରୀ ମୋନାଲିସା ବେହେରା, ଗଣିଆ ଉନ୍ନୟନ କମିଟି ସଭାପତି ଉଷା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ମୁଖ୍ୟଅତିଥି ପାଣିଗ୍ରାହୀ ମାଣ୍ଡିଆର ଉପକାରିତା ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଇବା ସହ ମାଣ୍ଡିଆ ଚାଷକୁ ବ୍ୟାପକ କରିବାକୁ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ । ପ୍ରଥମ ଦିନରେ ୧୦ ଚାଷୀ ମଣ୍ଡିରେ ୧୫ କ୍ୱିଣ୍ଟାଲ ମାଣ୍ଡିଆ ପ୍ରଦାନ କରିଥିଲେ । ଗ୍ରାମ୍ୟ ମହିଳା ବିକାଶ କେନ୍ଦ୍ର ତରଫରୁ ଲଘୁ ଶସ୍ୟ ଖାଦ୍ୟ ମହୋତ୍ସବ ଉଦଘାଟନ କରାଯାଇଛି । ମହିଳାମାନେ ମାଣ୍ଡିଆରୁ ପ୍ରସ୍ତୁତ ଅନେକ ଖାଦ୍ୟ ସାମଗ୍ରୀ ତିଆରି କରି ଅତିଥିଙ୍କୁ ପ୍ରଦାନ କରିଥିଲେ । ଚଳିତ ବର୍ଷ ଗଣିଆରେ ୫୫୦ କ୍ୱିଣ୍ଟାଲ ମାଣ୍ଡିଆ ସଂଗ୍ରହ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ଗଣିଆ ଉନ୍ନୟନ କମିଟି ସଭାପତି ଉଷା ପଟ୍ଟନାୟକ ପ୍ରକାଶ କରିଛନ୍ତି ।

### କଙ୍ଗାରୁ କୋର୍ଟରେ ନିର୍ଯାତନା ଓ ସାମାଜିକ ବାସନ୍ଦ ପ୍ରସଙ୍ଗ

## ସରକାରଙ୍କୁ ହାଇକୋର୍ଟଙ୍କ ଜବାବ ତଲବ

କଟକ,୧୫ ।୧(ସମିସ): ନୟାଗଡ଼ ଜିଲ୍ଲା ରଣପୁର ଅଞ୍ଚଳରେ କଙ୍ଗାରୁ କୋର୍ଟ ଜରିଆରେ ଏକ ପରିବାରକୁ ନିର୍ଯାତନା ଓ ସାମାଜିକ ବାସନ୍ଦ ଅଭିଯୋଗ ପ୍ରସଙ୍ଗରେ ରୁଜୁ ମାମଲାର ଶୁଣାଣି କରି ରାଜ୍ୟ ସରକାରଙ୍କୁ ଜବାବ ତଲବ କରିଛନ୍ତି ହାଇକୋର୍ଟ । ମାମଲାରେ ତଥ୍ୟ ଉପସ୍ଥାପନ ପାଇଁ ସରକାର ଅଧିକ ସମୟ ଲୋଡ଼ିଥିବା ବେଳେ ହାଇକୋର୍ଟ ଏଥିପାଇଁ ଅନୁମତି ପ୍ରଦାନ କରି ଜାନୁଆରୀ ୨୨କୁ ମାମଲାର ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ କରିଛନ୍ତି । ସରୋଜିନୀ ଭୋଳଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ ବି.ପି. ରାଉତରାୟ ଏହି ନିର୍ଦ୍ଦେଶ ଦେଇଛନ୍ତି ।

ଆବେଦନକାରୀ ନୟାଗଡ଼ ଜିଲ୍ଲା ରଣପୁର ଥାନା ଅଞ୍ଚଳର ବାସିନ୍ଦା । ତାଙ୍କ ସ୍ୱାମୀ, ପୁଅ ଓ ଅନ୍ୟ ପରିବାର ସଦସ୍ୟଙ୍କୁ ୨୦୨୪ ଅକ୍ଟୋବର ୨୭ରେ ମରଣାନ୍ତକ ଆକ୍ରମଣ ହୋଇଥିଲା । ଗୁରୁତର ଅବସ୍ଥାରେ ଆବେଦନକାରୀଙ୍କ ସ୍ୱାମୀ ଆଇସିୟୁରେ ରହି ଚିକିତ୍ସିତ ହୋଇଥିବା ବେଳେ ପୁଅର ଆଖି ନଷ୍ଟ ହୋଇଯାଇଥିଲା । ଅନ୍ୟପଟରେ ଏହି ବ୍ୟକ୍ତିମାନେ ଗ୍ରାମରେ କଙ୍ଗାରୁ କୋର୍ଟ ବସାଇ ଆବେଦନକାରୀଙ୍କ ପରିବାରକୁ ଗାଁରୁ ବାସନ୍ଦ କରିବାରୁ ସେମାନଙ୍କୁ ଘର ଛାଡ଼ି ଗାଁ ବାହାରେ ରହିବାକୁ ବାଧ କରାଯାଇଛି । ଆବେଦନକାରୀ ଓ ତାଙ୍କ ପରିବାର ସଦସ୍ୟଙ୍କୁ ଆବଶ୍ୟକ ସୁରକ୍ଷା ପ୍ରଦାନ ସହ ସେମାନଙ୍କ ମୌଳିକ ଅଧିକାର ଯେପରି ଅକ୍ଷୁଣ୍ଣ ରହିବ ତାହା ସୁନିଶ୍ଚିତ କରିବା ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଉ ବୋଲି ଆବେଦନରେ ଉଲ୍ଲେଖ କରାଯାଇଛି । ମାମଲାରେ ଗୃହ ବିଭାଗ, ପୁଲିସ ଡିଜି, ନୟାଗଡ଼ ଜିଲ୍ଲାପାଳ, ଏସପି, ଶରଣକୁଳ ଏସଡିପିଓ, ରଣପୁର ଥାନା ଆଇଆଇସିଙ୍କୁ ପକ୍ଷଭୁକ୍ତ କରାଯାଇଛି । ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ସୂର୍ଯ୍ୟକାନ୍ତ ଦ୍ୱିବେଦୀ, ସତ୍ୟଶିବ ଦାଶ ଓ କ୍ଷେତ୍ରମୋହନ ହାତୀ ମାମଲା ପରିଚାଳନା କରୁଛନ୍ତି ।

## ସର୍ବଭାରତୀୟ ଦଶପଲ୍ଲା କପ୍, କେରଳ ବିଜୟୀ

ଦଶପଲ୍ଲା,୧୫ ।୧(ସମିସ): ସ୍ୱୋଟିଭ ସ୍ୱୋର୍ଟସ ସୋସାଇଟି ଆନୁକୂଲ୍ୟରେ ସ୍ଥାନୀୟ ଗାନ୍ଧୀ ମଇଦାନରେ ଆୟୋଜିତ ୨୬ତମ ଦଶପଲ୍ଲା କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଗୁରୁବାର ଗ୍ରୁପ-ବି ୨ୟ ଦିନ ମ୍ୟାଚ୍ ଶେଷ ହୋଇଛି । କେରଳ ଫୁଟବଲ ଏକାଡେମୀ ଭଞ୍ଜନଗରକୁ ୫-୧ ଗୋଲରେ ପରାସ୍ତ କରିଛି । ରେଫରୀ ରାଜକିଶୋର ମହାନ୍ତି ମ୍ୟାଚ୍ ପରିଚାଳନା କରିଥିଲେ । ଲାଇନ୍ସରେ ରବୀନ୍ଦ୍ର ନାୟକ, ପ୍ରସନ୍ନ ନାୟକ ଓ ଫୋର୍ଥ ଅଫିସିଆଲ୍ ଭାବେ ଅଶୋକ ପ୍ରଧାନ ସହଯୋଗ କରିଥିଲେ । ମୁଖ୍ୟଅତିଥି କ୍ରୀଡ଼ାବିତ ତଥା ସମାଜସେବୀ ସାଗର ପଟ୍ଟନାୟକ ଯୋଗଦେଇଥିଲେ । ଶୁକ୍ରବାର ଗ୍ରୁପ-ବି ୨ୟ ଲିଗ ୨ୟ ମ୍ୟାଚରେ ଆଜିର ବିଜେତା ବନାମ ବରଗଡ଼ ୟୁନାଇଟେଡ୍ ସ୍ପୋର୍ଟ୍ସ କ୍ଲବ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବା ନେଇ ସମ୍ପାଦକ ଭବାନୀ ପ୍ରସାଦ ମିଶ୍ର ସୂଚନା ଦେଇଛନ୍ତି ।

## ନାଣ୍ଡିଗିରିରେ ଶୀତବସ୍ତ୍ର ବାଣ୍ଟିଲେ ଚିତ୍ତରଞ୍ଜନ

ଓଡ଼ଗାଁ,୧୫ ।୧(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକର ଅନ୍ୟତମ ବିଚ୍ଛିନ୍ନାଞ୍ଚଳ ନାଣ୍ଡିଗିରି ଗାଁରେ ତଫସିଲଭୁକ୍ତ ଜନଜାତିର ୩୮ ପରିବାରକୁ ନନ୍ଦିଘୋର ଗ୍ରାମର ଚିତ୍ତରଞ୍ଜନ ଚୌଧୁରୀ ଶୀତବସ୍ତ୍ର ସହ ଜଳଖିଆ ପ୍ୟାକେଟ୍ ବାଣ୍ଟିଛନ୍ତି । ଚାଷଜମି ନାହିଁ, କିଛି କାମଧନ୍ଦା ନ ଥିବା ବେଳେ ରାସନ କାର୍ଡ ମାଧ୍ୟମରେ ଚାଉଳ ଗଣ୍ଡେ ମିଳୁଥିବାରୁ କୌଣସି ମତେ ସଂସାର ଚଳିଯାଉଛି । ଲୋକଙ୍କ ପାଖରେ ଖାଦ୍ୟ, ବସ୍ତ୍ର ଓ ବାସଗୃହ ପରି



ମୌଳିକ ଆବଶ୍ୟକତା ନ ଥିବା ବେଳେ ଶୀତବସ୍ତ୍ର ଖଣ୍ଡେ ପାଇ ସେମାନଙ୍କ ମଧ୍ୟରେ ଉତ୍ସାହ ଖେଳିଯାଇଥିଲା । ଗୁରୁବାର ଚିତ୍ତରଞ୍ଜନଙ୍କ ଜନ୍ମଦିନ ଥିବାବେଳେ ଏହାକୁ ନିଆରା ଢଙ୍ଗରେ ପାଳିବା ପାଇଁ ସକାଳେ ସାଥୀ ଶୁଭକାନ୍ତ ଚୌଧୁରୀ, ଗଜେନ୍ଦ୍ର ମହାରଣା, ବରୁଣ ନାୟକ, ମହେଶ୍ୱର ସ୍ୱାଇଁ, ଦିଲୀପ ସାମନ୍ତରାୟ, ସତ୍ୟନାରାୟଣ ଚୌଧୁରୀ, ଜିତେନ୍ଦ୍ର ବେହେରା, ମନୋଜ ପଟ୍ଟନାୟକ ପ୍ରମୁଖଙ୍କ ସହ ନାଣ୍ଡିଗିରିରେ ପହଞ୍ଚି ଶୀତବସ୍ତ୍ର ପ୍ରଦାନ କରିଥିଲେ । ସବୁବେଳେ ଗ୍ରାମବାସୀଙ୍କ ସୁଖ ଓ ଦୁଃଖର ସାଥୀ ହୋଇ ରହିବେ ବୋଲି ଚିତ୍ତରଞ୍ଜନ ପ୍ରତିଶ୍ରୁତି ଦେଇଛନ୍ତି ।

### ଗଣିଆରେ ନୂଆ ଥାନା ଅଧିକାରୀ

## ପେସାରେ ପୁଲିସ, ନିଶା ତାଙ୍କର ସଙ୍ଗୀତ

ନୟାଗଡ଼,୧୫ ।୧(ସମିସ): ନୟାଗଡ଼ ଜିଲ୍ଲା ଗଣିଆ ଥାନା ଅଧିକାରୀ ଭାବେ ଯୋଗଦେଇଛନ୍ତି ଇନ୍ସପେକ୍ଟର ଟଙ୍କଧର ଛତ୍ରିଆ । ଟଙ୍କଧର ପେସାରେ ପୁଲିସ କର୍ମଚାରୀ ହୋଇଥିବା ବେଳେ ସର୍ବଦା ଏହାକୁ ସମ୍ମାନ ଓ ଗୁରୁତ୍ୱ ଦେଇଆସୁଛନ୍ତି । ତେବେ ନିଶା ତାଙ୍କର ସଙ୍ଗୀତ । ଅନେକ ସମ୍ବଲପୁରୀ ଗୀତର ଗାୟକ ଟଙ୍କଧର ଜଣେ ଭିନ୍ନ ମଣିଷ । ଭବାନୀପାଟଣାରେ ତାଙ୍କ ଜନ୍ମସ୍ଥାନ । ବାପା ବିନୋଦ ଛତ୍ରିଆଙ୍କ ଦ୍ୱାରା ଅନୁପ୍ରାଣିତ ଟଙ୍କଧର ନୟାଗଡ଼ ଜିଲ୍ଲା ପୁଲିସରେ ଯୋଗଦେବା ପରେ ବିଭାଗରେ ଖୁସିର ମାହୋଲ ଖେଳିଯାଇଛି । ଜଣେ ଅନନ୍ୟ

**ଅନେକ ଗୀତର ଗାୟକ ଟଙ୍କଧର**



କଳାର ଅଧିକାରୀ ଟଙ୍କଧରଙ୍କ ଗୀତ ମିଲିୟନ ମିଲିୟନ ଭ୍ୟୁ ଯାଇଥିବା ୟୁଟ୍ୟୁବରୁ ଦେଖିବାକୁ ମିଳିଛି । ଲୋକପ୍ରିୟ ଗାୟିକା ଅସୀମା ପଣ୍ଡାଙ୍କ ସହ ତାଙ୍କ ଡୁଏଟ ସଙ୍ଗୀତ ବେଶ୍ ଭାଇରାଲ ହୋଇଛି । ସବୁଠାରୁ ଅଧିକ ଲୋକପ୍ରିୟ ହୋଇଛି "ମୋତେ ପ୍ରେମ ହେଲା ଦିନୁ' ଗୀତ । ଏହି ଗୀତ ୬ ମିଲୟନ ଭ୍ୟୁ ଯାଇଥିବା ଦେଖିବାକୁ ମିଳିଛି । ସେହିଭଳି ଅନ୍ୟ ଏକ ଗୀତ "ଦିଲ୍ ଚୁରା କେ ନା ଯା' ଗୀତ ମଧ୍ୟ ବେଶ୍ ଚର୍ଚ୍ଚିତ ବୋଲି ଜଣାପଡ଼ିଛି । "ଜାନୁ ଜାନୁ' ମିଲିୟନ୍ ଭ୍ୟୁ ଯାଇଛି । ଲିପ୍ସା ମହାପାତ୍ରଙ୍କ ସହ ତାଙ୍କର ଏହି ଡୁଏଟ୍ ସଙ୍ଗୀତ ମନ ମତାଣିଆ ହୋଇଛି । ସେହିଭଳି "ଲାଲ ଗୁଲାପି ଗାଲ୍' ଅନ୍ୟ ଏକ ଭାଇରାଲ ସଙ୍ଗୀତ ବୋଲି ଦେଖିବାକୁ ମିଳିଛି । ୨୦୧୭ରେ ଓଡ଼ିଶା ପୁଲିସରେ ଟଙ୍କଧର ଏସ୍‌ଆଇ ଭାବେ ନିଯୁକ୍ତି ପାଇଥିଲେ । ଟ୍ରେନିଂ ପରେ ସେ ସୋନପୁର ଜିଲ୍ଲାରେ ଏସ୍‌ଆଇ ଭାବେ କାର୍ଯ୍ୟ କରି ନିକଟରେ ପଦୋନ୍ନତି ପାଇଥିଲେ । ତାଙ୍କୁ ନୟାଗଡ଼ ଜିଲ୍ଲାକୁ ବଦଳି କରାଯିବା ପରେ ନୟାଗଡ଼ ଏସ୍‌ପି ଏସ୍ ସୁଶ୍ରୀ ତାଙ୍କୁ ଗଣିଆ ଥାନା ଅଧିକାରୀ ଭାବେ ଦାୟିତ୍ୱ ପ୍ରଦାନ କରିଛନ୍ତି । ଗଣିଆ ଥାନାରେ ଟଙ୍କଧର ଯୋଗଦେଇଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଶାନ୍ତିଶୃଙ୍ଖଳା ରକ୍ଷା ଓ ଅପରାଧ ନିୟନ୍ତ୍ରଣ ମୁଖ୍ୟ ଦାୟିତ୍ୱ ରହିବ ବୋଲି ସେ କହିଛନ୍ତି । ଏବେ ସଙ୍ଗୀତ ଜଗତରୁ ଟଙ୍କଧର ନିଜକୁ ଦୂରେଇ ରଖିଥିବା କହିଛନ୍ତି ।

## ବ୍ୟବସାୟୀଙ୍କ ଘରୁ ୨ ଲକ୍ଷ ଟଙ୍କା ସହ ୪୦ ଲକ୍ଷର ଗହଣା ଲୁଟ୍

ଖଣ୍ଡପଡ଼ା,୧୫ ।୧(ସମିସ): ଖଣ୍ଡପଡ଼ା ଥାନା ଖଲିସାହି ଗ୍ରାମର ବିଶିଷ୍ଟ ଲୁଗା ଓ ଗହଣା ବ୍ୟବସାୟୀ ବିଜି ପୃଷ୍ଟିଙ୍କ ଘରୁ ବଡ଼ଧରଣର ଡକାୟତି ହୋଇଥିବା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାୟୀ, ବୁଧବାର ରାତି ପ୍ରାୟ ୨ଟାରେ ୫ଜଣ ମୁଖାଧାରୀ ଦୁର୍ବୃତ୍ତ ଗ୍ୟାସ କଟର ଦ୍ୱାରା ଘର ପଛ ପାଖ ଦୁଇଟି ଲୁହା କବାଟ କାଟି ଭିତରେ ପଶିଥିଲେ । ବିଜି, ତାଙ୍କ ସ୍ତ୍ରୀ ଓ ମାଆଙ୍କ ବେକରେ ଦୁର୍ବୃତ୍ତମାନେ ଛୁରୀ ଓ ଭୁଜାଲି ଲଗାଇ ଧମକ ଦେବା ସହିତ ଟଙ୍କା ଓ ଅଳଙ୍କାର ଦେବାକୁ କହିଥିଲେ । ଜୀବନ ପ୍ରତି ବିପଦ ଥିବା ଜାଣି ବିଜିଙ୍କ ସ୍ତ୍ରୀ ଷ୍ଟିଲ ଆଲମିରା ଖୋଲି ଦୁର୍ବୃତ୍ତଙ୍କୁ ୩୦୦ ଗ୍ରାମ ସୁନାଗହଣା, ୨ କେଜି ରୁପା ଗହଣା ଓ ୨ ଲକ୍ଷ ଟଙ୍କା ଦେଇଥିଲେ । ପରେ ଅଳଙ୍କାର ଦୋକାନ ଖୋଲିବାକୁ କହି ଦୋକାନ ଚାବି ନେଇ ଯିବାବେଳେ ବଜାରରେ ପୁଲିସ ପାଟ୍ରୋଲିଂ କରୁଥିବାରୁ ଦୁର୍ବୃତ୍ତମାନେ ସାହସ କରିପାରି ନ ଥିଲେ । ପରେ ସମସ୍ତେ ଫେରାର ହୋଇଯାଇଥିଲେ । ଚୋରି ହୋଇଥିବା ସୁନା ଓ ରୁପା ଅଳଙ୍କାର ମୂଲ୍ୟ ୪୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅଭିଯୋଗରେ ଦର୍ଶାଯାଇଛି । ଅନ୍ୟପଟେ ଚୋରି ହୋଇଥିବା ସ୍ଥାନରୁ ମାତ୍ର ୫୦ ମିଟର ଦୂରରେ ପୁଲିସ ଭ୍ୟାନ ଏବଂ ପୁଲିସ ଉପସ୍ଥିତିକୁ ଚୋରମାନେ ଖାତିର କରି ନ ଥିବା ପୁଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ବୋଲି ଅଞ୍ଚଳରେ ଚର୍ଚ୍ଚା ହେଉଛି । ଅନ୍ୟପକ୍ଷରେ ପୁଲିସ ଓ ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ଥାନାଧିକାରୀ କୃତିବାସ ହରିଚନ୍ଦନ କହିଛନ୍ତି ।

**ଖଲିସାହି ବଜାରରୁ ବାରମ୍ବାର ଚୋରି ପୁଲିସ ପାଇଁ ଚ୍ୟାଲେଞ୍ଜ**

## ନୀଳମାଧବଙ୍କ ମନ୍ଦିରରେ ବଦଳାଯାଉନି ଧ୍ୱଜା

ଖଣ୍ଡପଡ଼ା,୧୫ ।୧(ସମିସ): ଶ୍ରୀଜଗନ୍ନାଥଙ୍କ ଆଦିପୀଠ ନୀଳମାଧବଜୀଉ ମନ୍ଦିରରେ ମହାଦୀପ ଏବଂ ଧ୍ୱଜାବନ୍ଧା କାର୍ଯ୍ୟ ନେଇ ଦୁଇବର୍ଷ ଧରି ବାଦବିବାଦ ଦେଖାଦେଇଛି । ଏହି ଦୁଇ ସେବା ନିମନ୍ତେ ସୁବାସ ମହାପାତ୍ର ନିୟୋଜିତ ରହିଛନ୍ତି । ତେବେ ସେ ଅସୁସ୍ଥ ଥିବାରୁ ବାରମ୍ବାର ଦେବୋତ୍ତର ବିଭାଗ ତଥା ତହସିଲଦାରଙ୍କୁ ଲିଖିତ ଭାବେ ଅବଗତ କରାଯିବା ସତ୍ତ୍ୱେ କୌଣସି ସମାଧାନ ହୋଇନାହିଁ । ଅନ୍ୟପକ୍ଷରେ ନୀଳମାଧବ ମନ୍ଦିର ଦେବୋତ୍ତର ବିଭାଗ କର୍ମଚାରୀମାନେ ହଜାର ହଜାର ଟଙ୍କା ଦରମା ନେବା ସତ୍ତ୍ୱେ ନିଜ କାର୍ଯ୍ୟପାଇଁ ମନ୍ଦିର ଉପରକୁ ଦୈନିକ ଯାଉ ନ ଥିବା ଅଭିଯୋଗ ହୋଇଛି । ସ୍ୱଳ୍ପ ଦରମା ନେଉଥିବା ୪ କର୍ମଚରୀଙ୍କ ଦ୍ୱାରା ବାଧବାଧକତାରେ ମାଧବଙ୍କ ନୀତିକାନ୍ତି ଚାଲିଛି । ଦହି, କ୍ଷୀର, କର୍ପୂର, ଅଗୁର, ବଳିତା କାଠି ଦାୟିତ୍ୱରେ ଥିବା ସୁପରଭାଇଜରଙ୍କ ପାଇଁ ନୀତିକାନ୍ତିରେ ବ୍ୟାଘାତ ଘଟୁଥିବା ସେବାୟତମାନେ ଅଭିଯୋଗ କରିଛନ୍ତି । ସେହିପରି ଏକାଦଶୀରେ ମହାଦୀପ ଉଠିବା ପରେ ଦେବୋତ୍ତର କର୍ମଚାରୀ ବିଳମ୍ବରେ ମନ୍ଦିରକୁ ଯାଇ ମନ୍ଦିରରେ ଧ୍ୱଜା ଲଗାଇବା ପାଇଁ ସେବାୟତ ସୁବାସ ମହାପାତ୍ରଙ୍କ ସହ ଆଲୋଚନା କରିବା ପରେ ମଧ୍ୟ ଗୁରୁବାର ସନ୍ଧ୍ୟା ସୁଦ୍ଧା ଧ୍ୱଜା ବଦଳାଯାଇ ନ ଥିବାରୁ ପୂଜକ ସମାଜ ପକ୍ଷରୁ କ୍ଷୋଭ ପ୍ରକାଶ ପାଇଛି ।

**ଦେବୋତ୍ତର ବିଭାଗ ସବୁ ଜାଣି ଅଜଣା**



## ଅବକାରୀ କର୍ମଚାରୀଙ୍କୁ ମଦ ମାଫିଆଙ୍କ ଆକ୍ରମଣ

ନୟାଗଡ଼,୧୫ ।୧(ସମିସ): ନୟାଗଡ଼ ସଦରଥାନା ବୋଦାପଡ଼ା ଗ୍ରାମରେ ବେଆଇନ ଦେଶୀ ମଦ କାରବାର ହେଉଥିବା ଖବର ପାଇ ଗୁରୁବାର ଅବକାରୀ ବିଭାଗ ଚଢ଼ଉ କରିଥିଲା । ବିଭାଗର ମୋବାଇଲ ସ୍କ୍ୱାଡ୍ ଅଧିକାରୀ ସୁରେଶ ଚନ୍ଦ୍ର ଚାନ୍ଦିଙ୍କ ନେତୃତ୍ୱରେ ଚଢ଼ଉ ହୋଇଥିଲା । ତେବେ ଚଢ଼ଉ ବେଳେ ମଦ ମାଫିଆ ଜଗବନ୍ଧୁ ଷଣ୍ଢ ଏବଂ ତାଙ୍କ ୪ ସହଯୋଗୀ ଅବକାରୀ କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । କର୍ମଚାରୀମାନେ ମଦ ଖୋଜୁଥିବା ସମୟରେ ଗୋପି ଷଣ୍ଢ, ଜଳିଆ ଷଣ୍ଢ, କିରଣ ଓ ବାପୁନୀଙ୍କ ସମେତ ମଦ ମାଫିଆ ଜଗବନ୍ଧୁ ଠେଙ୍ଗାବାଡ଼ି ଧରି ସେମାନଙ୍କୁ ଅତର୍କିତ ଆକ୍ରମଣ କରିଥିଲେ । ବିନା ଅସ୍ତ୍ରରେ ଚଢ଼ଉ ପାଇଁ ଯାଇଥିବା ଅବକାରୀ କର୍ମଚାରୀମାନେ ଲହୁଲୁହାଣ ହୋଇଥିଲେ । କର୍ମଚାରୀ ଦେବୀପ୍ରସାଦ ପାଣି, ନୀଳଲୋହିତ ମଲ୍ଲିକ ଏବଂ କୈବଲ୍ୟ ସ୍ୱାଇଁ ଆହତ ହୋଇଛନ୍ତି । ଅନ୍ୟପଟେ କର୍ମଚାରୀଙ୍କୁ ଆକ୍ରମଣ ସମୟରେ ଜିଲ୍ଲା ପୁଲିସର ଏସ୍କର୍ଟ ଭ୍ୟାନ ସେହି ରାସ୍ତା ଦେଇ ଯାଉଥିଲା । ଏସ୍କର୍ଟ ଭ୍ୟାନ ନଜରକୁ ଏହା ଆସିବା ପରେ ସେମାନେ ଅବକାରୀ କର୍ମଚାରୀଙ୍କୁ ମଦ ମାଫିଆଙ୍କ କବଳରୁ ରକ୍ଷା କରିଥିଲେ । ଅନ୍ୟମାନେ ସେଠାରୁ ଖସି ଯାଇଥିବା ବେଳେ ମଦ ମାଫିଆ ଜଗବନ୍ଧୁଙ୍କୁ ଧରି ଅବକାରୀ କର୍ମଚାରୀମାନେ ରକ୍ତାକ୍ତ ଅବସ୍ଥାରେ ସଦର ଥାନାରେ ପହଞ୍ଚିଥିଲେ । ଜଗବନ୍ଧୁଙ୍କୁ ପୁଲିସ ହେପାଜତରେ ଦେଇ ସମସ୍ତ କର୍ମଚାରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ନେଇଛନ୍ତି । ଏହି ଘଟଣାକୁ ନେଇ ମୋବାଇଲ ସ୍କ୍ୱାଡ୍ ଅଧିକାରୀ ଓ କର୍ମଚାରୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।



**୩ ଆହତ, ୫ ଜଣଙ୍କ ନାଁରେ ମାମଲା**

### ବିଧାନସଭାର ପବ୍ଲିକ ଅଣ୍ଡରଟେକିଂ କମିଟିର ଭାପୁର ଗସ୍ତ

## ଧାନମଣ୍ଡି ଓ ଧାନସଂଗ୍ରହ କେନ୍ଦ୍ର ଉଦ୍‌ଘାଟିତ




ଭାପୁର,୧୫ ।୧(ସମିସ): ବିଧାନସଭାର ପବ୍ଲିକ ଅଣ୍ଡରଟେକିଂ କମିଟି ସଦସ୍ୟମାନେ ଜିଲ୍ଲାପାଳଙ୍କ ଉପସ୍ଥିତିରେ ଗୁରୁବାର ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଫତେଗଡ଼ଠାରେ ବ୍ଲକର ପ୍ରଥମ ଧାନମଣ୍ଡି ଉଦଘାଟନ କରିଛନ୍ତି । ଚାଷୀ ଧାନ ଅମଳ କରି ଅଭାବୀ ବିକ୍ରି କରିବା ପରେ ଅମଳର ଦୁଇମାସ ପରେ ଶୁକ୍ରବାର ବ୍ଲକରେ ଧାନମଣ୍ଡି ଖୋଲିଛି । କମିଟି ଅଧ୍ୟକ୍ଷ ତଥା ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ନେତୃତ୍ୱରେ ପାଞ୍ଚଜଣିଆ ଦଳ ଭାପୁର ପହଞ୍ଚିଥିଲେ । ଏହି ଦଳରେ ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର, ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ, ଝରିଗାଁ ବିଧାୟକ ନରସିଂହ ପାତ୍ର, ଖଣ୍ଡପଡ଼ା ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ ରହିଥିଲେ । ଜିଲ୍ଲାପାଳ ମଧୁମିତା ରଥ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାର, ଭାପୁର ବିଡିଓ ସାରଦା ପ୍ରସନ୍ନ ପଣ୍ଡା, ତହସିଲଦାର ଲୋପାମୁଦ୍ରା ରଥ, ସରପଞ୍ଚ ମଞ୍ଜୁଲତା ସେଠୀ, ସାଂସଦଙ୍କ ବ୍ଲକ ପ୍ରତିନିଧି ତୋଫାନ ପ୍ରଧାନ, ସେବା ସମବାୟ ସମିତି ସମ୍ପାଦକ ଆଶୁତୋଷ ସାହୁ ଉପସ୍ଥିତ ରହିଥିଲେ । ୫ ଚାଷୀଙ୍କଠାରୁ ୨ ଶହ କୁଇଣ୍ଟାଲ ଧାନ କିଣାଯାଇଛି । ଏହାସହ ଫତେଗଡ଼ଠାରେ ଏକ ଧାନ ସଂଗ୍ରହ କେନ୍ଦ୍ରକୁ ମଧ୍ୟ କମିଟି ସଦସ୍ୟମାନେ ଉଦଘାଟନ କରିଛନ୍ତି ।

### ପୂର୍ବାଞ୍ଚଳ ବିଶ୍ୱବିଦ୍ୟାଳୟ ହକି

## ଉତ୍କଳ ଦଳରେ ରଣପୁରର ୫ ଖେଳାଳି

ରଣପୁର,୧୫ ।୧(ସମିସ): ରାଉରକେଲାଠାରେ ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ହକି ପ୍ରତିଯୋଗିତା ଚାଲୁ ରହିଛି । ଏଥିରେ ଭାଗନେବାକୁ ଉତ୍କଳ ବିଶ୍ୱବିଦ୍ୟାଳୟ ତାହାର ଦଳ ଘୋଷଣା କରିଛି । ଦଳରେ ରଣପୁରର ୫ ଖେଳାଳି ସ୍ଥାନ ପାଇଛନ୍ତି । ସେମାନେ ହେଲେ ହାପି ମାଝୀ, ସିବୁନି ବାରିକ, ବାଦଲ ପାଟଶାଣୀ, ଜ୍ଞାନଜିତ୍ ବେହେରା ଓ ଝୁମର କୁମାର ସାହୁ । ଭାରତର ଅନ୍ୟତମ ପ୍ରାଚୀନ ତଥା ଲୋକପ୍ରିୟ ଖେଳ ହକିରେ ଏତେ ଖେଳାଳି ରାଜ୍ୟସ୍ତରୀୟ ଦଳରେ ସ୍ଥାନ ପାଇଥିବାରୁ ଏଠାରେ ଖୁସିର ଲହର ଖେଳିଯାଇଛି । ଏଠାରେ ହକି ଖେଳର ଉନ୍ନତି ଲାଗି ସରକାର ଏକ ହକି ଗ୍ରାଉଣ୍ଡ ନିର୍ମାଣ କରିବାକୁ ସାଧାରଣରେ ଦାବି ହେଉଛି ।



### ଶୁଖିଲା ପଡ଼ିଲାଣି ମହାନଦୀ

## ନୟାଗଡ଼ ସହରବାସୀଙ୍କୁ ମିଳିବନି ପାନୀୟ ଜଳ

ନୟାଗଡ଼,୧୫ ।୧(ସମିସ)

### ୩୨ ଲକ୍ଷ ବ୍ୟୟରେ ଖୋଳାଯାଉଛି ଅସ୍ଥାୟୀ କେନାଲ



ରୁକ୍ଷୀ ଓ ବଳରାମ ପାହାଡ଼ ପାଦଦେଶରେ ଅବସ୍ଥିତ ନୟାଗଡ଼ ସହରରେ ଭୂତଳ ଜଳସ୍ତର ହ୍ରାସ ପାଇଁ ପାନୀୟ ଜଳର ଅଭାବ ବଡ଼ ସମସ୍ୟା ହୋଇଛି । ଜିଲ୍ଲାର ଜୀବନରେଖା କୁହାଯାଉଥିବା ମହାନଦୀରୁ ପାଇପ ଯୋଗେ ନୟାଗଡ଼ ସହରବାସୀଙ୍କୁ ପାନୀୟ ଜଳ ଯୋଗାଇ ଦିଆଯାଉଛି । ଜନସ୍ୱାସ୍ଥ୍ୟ ଉପଖଣ୍ଡ ପକ୍ଷରୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଥିବା ବେଳେ ମହାନଦୀ ଏ ବର୍ଷ ଶୁଖିଲା ପଡ଼ିଥିବାରୁ ଏବେ ଜଟିଳ ପରିସ୍ଥିତି ସୃଷ୍ଟି ହୋଇଛି । ମହାନଦୀ ଧାର ଗୋକୁଳାନନ୍ଦ ପୀଠଠାରୁ ବାମ ପାର୍ଶ୍ୱକୁ ବୁଲି ଯାଇଥିବା ଦେଖାଯାଇଛି । ଜଳଧାର ଶୁଖିବା ଆରମ୍ଭ ହୋଇଛି । ମହାନଦୀରେ ପାଣି ମଧ୍ୟ ବହୁତ କମ ପ୍ରବାହିତ ହେଉଛି । ଏଭଳି ସ୍ଥିତିରେ ଖଣ୍ଡପଡ଼ା ବ୍ଲକ ବଡ଼ବାଣପୁର ନିକଟରେ ରହିଥିବା ପମ୍ପ ହାଉସ ନିକଟରେ ଜଳ ସମସ୍ୟା ସୃଷ୍ଟି ହେବା ନିଶ୍ଚିତ ବୋଲି ଜଣାପଡ଼ିଛି । ପମ୍ପ ହାଉସ ନିକଟକୁ ଜଳଧାର ଆଣିବା ପାଇଁ ଜନସ୍ୱାସ୍ଥ୍ୟ ବିଭାଗ ଅସ୍ଥାୟୀ କେନାଲ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛି । ୩୨ ଲକ୍ଷ ଟଙ୍କା ବ୍ୟୟରେ ଏହି କାର୍ଯ୍ୟ କରାଯିବାକୁ ବ୍ୟବସ୍ଥା ହୋଇଥିବା ବିଭାଗୀୟ ଅଧିକାରୀଙ୍କ ନିକଟରୁ ସୂଚନା ମିଳିଛି । ମହାନଦୀରେ ଦୁଇଟି ହିଟାଚି ମେସିନ ସହାୟତାରେ ଜଳଧାରଠାରୁ ବାଣପୁର ପମ୍ପ ହାଉସ ପର୍ଯ୍ୟନ୍ତ ଅସ୍ଥାୟୀ କେନାଲ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି । ଜିଲ୍ଲାର ଜୀବନରେଖା ମହାନଦୀ କେବଳ ସରକାରଙ୍କ ଅଯୋଗ୍ୟ ପଣିଆରୁ ଶୁଖିବାକୁ ବସିଛି । ଛତିଶଗଡ଼ ସରକାର ବ୍ୟାରେଜ୍ ନିର୍ମାଣ କରିବା, ଅସ୍ଥାୟୀ ବାଲିବନ୍ଧ ନିର୍ମାଣ କରି କଳକାରଖାନାକୁ ପାଣି ଦେବା ଦ୍ୱାରା ଓଡ଼ିଶାରେ ମହାନଦୀ ଶୁଖିବା ପରିସ୍ଥିତି ସୃଷ୍ଟି ହୋଇଛି । ପୂର୍ବରୁ ମହାନଦୀରେ ବର୍ଷସାରା ପାଣି ଅଭାବ ରହୁ ନ ଥିବା ବେଳେ ଗତ ୧୦ ବର୍ଷ ହେବ ସାଂଘାତିକ ପରିସ୍ଥିତି ସୃଷ୍ଟି ହୋଇଛି । ଛତିଶଗଡ଼ ସରକାର କୌଣସି ପରିସ୍ଥିତିରେ ପାଣି ଛାଡୁ ନ ଥିବାରୁ ବ୍ୟାପକ ସମସ୍ୟା ସୃଷ୍ଟି ହେଉଛି । ଚାଷଜମିକୁ ପାଣି ମିଳୁ ନ ଥିବା ବେଳେ ନିକଟସ୍ଥ ସହରଗୁଡ଼ିକୁ ମଧ୍ୟ ପାନୀୟ ଜଳ ବ୍ୟବସ୍ଥା ଫେଲ୍ ମାରିବ ବୋଲି ଆଶଙ୍କା କରାଯାଉଛି ।

## ଜଣ୍ଡିସ ସଂକ୍ରମଣ ଘଟଣା

# ଖୋଲିଲା ନବୋଦୟ ସ୍କୁଲ; ଆସିନାହାନ୍ତି ପିଲା

ଖୋର୍ଦ୍ଧା,୧୫।୧ (ସମିସ): ଗୁରୁଜଙ୍ଗସ୍ଥିତ ନବୋଦୟ ବିଦ୍ୟାଳୟରେ ଜଣ୍ଡିସ ସଂକ୍ରମଣ ଘଟଣା ପରେ ସ୍କୁଲକୁ ୭ଦିନ ପାଇଁ ଛୁଟି ଘୋଷଣା କରାଯାଇଥିଲା। ଗୁରୁବାର ସ୍କୁଲ ଖୋଲିଛି, ସ୍କୁଲକୁ କେବଳ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀମାନେ ପ୍ରାକ୍ଟିକାଲ୍ ପରୀକ୍ଷା ଦେବାକୁ ଆସିଥିଲେ। ପରୀକ୍ଷାର୍ଥୀ ମାନଙ୍କୁ ମେଡିକାଲ ଟେଷ୍ଟ କରାଯାଇ ପରୀକ୍ଷା ପାଇଁ ଅନୁମତି ପ୍ରଦାନ କରାଯାଇଛି। କିଛି ଛାତ୍ରଛାତ୍ରୀ ହଷ୍ଟେଲରେ ରହିଥିବା ବେଳେ କିଛି ଛାତ୍ରଛାତ୍ରୀ ନିଜେ ଯିବାଆସିବା କରି ପରୀକ୍ଷା ଦେଉଛନ୍ତି। ଅନ୍ୟ କୌଣସି ଶ୍ରେଣୀର ଛାତ୍ରଛାତ୍ରୀମାନେ କେହି ଆସି ନାହାନ୍ତି। ସ୍କୁଲ୍‌ର ଛାତ୍ରଛାତ୍ରୀଙ୍କ ସଂଖ୍ୟା ୫୬୦। ସ୍କୁଲରେ ଥିବା ୫୨ଟି ସ୍ଥାନରେ ସମସ୍ତ ପାଣି ଟାଙ୍କି, ଟ୍ୟାପ୍, ବାଥ ରୁମ୍, ସ୍କୁଲ ପରିସର, ଭୋଜନାଳୟ ସବୁ କୁ ବିଶୋଧନ କରାଯାଇଛି। ବିଭିନ୍ନ ସ୍ଥାନ ରୁ ପାଣି ନମୁନା ସଂଗ୍ରହ କରାଯାଇ ପୁନଶ୍ଚ ପରୀକ୍ଷା ପାଇଁ ପଠାଯାଇଛି। ସ୍ୱାସ୍ଥ୍ୟ ବିଭାଗର ରିପୋର୍ଟକୁ



ଅପେକ୍ଷା କରାଯାଇଛି। ସେଠାରୁ ରିପୋର୍ଟ ଆସିଲେ ସମସ୍ତ ଛାତ୍ରଛାତ୍ରୀଙ୍କୁ ସ୍କୁଲ ଆସିବାକୁ ଅନୁମତି ପ୍ରଦାନ କରାଯିବ ବୋଲି ଅଧ୍ୟକ୍ଷା କବିତା କର ସୂଚନା ଦେଇଛନ୍ତି। ନ୍ୟପକ୍ଷରେ ଅଧିକାଂଶ ଛାତ୍ରଛାତ୍ରୀ ଏବେ ବି ଜଣ୍ଡିସ ରୋଗ ରେ ଆକ୍ରାନ୍ତ ହୋଇ ଘରେ ରହି ଚିକିତ୍ସିତ ହେଉଛନ୍ତି। ଜଳ ଉତ୍ସରୁ ଜଣ୍ଡିସ୍ ବ୍ୟାପିଥିବା ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ ସ୍ପଷ୍ଟ କରିଛନ୍ତି। ଅଭିଭାବକମାନେ ନିଜ ପିଲାଙ୍କ ସ୍ୱାସ୍ଥ୍ୟ କୁ ନେଇ ଚିନ୍ତାରେ ଅଛନ୍ତି। ମୁଣ୍ଡ ଉପରେ ବାର୍ଷିକ ପରୀକ୍ଷା ପାଖେଇ ଆସୁଛି। ସମସ୍ତ ପରିସ୍ଥିତି କୁ ଦୃଷ୍ଟିରେ ରଖି ଖୁବ୍ ଶୀଘ୍ର ନିରାପଦ ଓ ଶୈକ୍ଷିକ ବାତାବରଣ ଫେରାଇ ଆଣିବାକୁ ଉଦ୍ୟମ ରହିଛି ବୋଲି ଅଧ୍ୟକ୍ଷା କବିତା କର ସୂଚନା ଦେଇଛନ୍ତି।

# ମଙ୍ଗଳାଯୋଡ଼ି ଇକୋ ଟୁରିଜିମ୍ ସ୍ଥଳ ପରିଦର୍ଶନ କଲେ ରାଜ୍ୟପାଳ

ଟାଙ୍ଗୀ,୧୫।୧ (ସମିସ): ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ରାଜ୍ୟର ପ୍ରଥମ ମହିଳା ଡ. ଜୟଶ୍ରୀ କମ୍ଭମପାଟିଙ୍କ ସହିତ ଗୁରୁବାର ଦିନ ଖୋର୍ଦ୍ଧା ଜିଲ୍ଲାର ମଙ୍ଗଳାଯୋଡି ଆର୍ଦ୍ରଭୂମି ପରିଦର୍ଶନ କରିଥିଲେ। ଟାଙ୍ଗୀ ଥାନା ଅଧିନସ୍ଥ ମଙ୍ଗଳାଯୋଡିରେ ପହଞ୍ଚିବା ପରେ ରାଜ୍ୟପାଳଙ୍କୁ ଖୋର୍ଦ୍ଧା ଜିଲ୍ଲାପାଳ ଅମୃତ ଋତୁରାଜଙ୍କ ସମେତ ବରିଷ୍ଠ ଅଧିକାରୀମାନେ ସ୍ୱାଗତ କରିଥିଲେ। ଚିଲିକା ହ୍ରଦ କୂଳରେ ଅବସ୍ଥିତ ମଙ୍ଗଳାଯୋଡିର ଇକୋ-ପର୍ଯ୍ୟଟନ ସ୍ଥଳ ଏହାର ମନୋରମ ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ସମୃଦ୍ଧ ଜୈବ ବିବିଧତା ପାଇଁ ପ୍ରସିଦ୍ଧ । ଏହାକୁ ଉପଭୋଗ କରିବା ସମୟରେ ରାଜ୍ୟପାଳ ବିଦେଶୀ ପକ୍ଷୀମାନଙ୍କୁ ଦେଖିବା



ଏବଂ ଗୋଷ୍ଠୀ ପରିଚାଳିତ ଇକୋ-ପର୍ଯ୍ୟଟନ କାର୍ଯ୍ୟକଳାପ ବିଷୟରେ ଅଭିଜ୍ଞତା ହାସଲ କରିବା ପାଇଁ ଆର୍ଦ୍ରଭୂମି ମଧ୍ୟରେ ଡଙ୍ଗାରେ ଯାତ୍ରା କରିଥିଲେ। ରାଜ୍ୟପାଳ ସ୍ଥାନୀୟ ବାସିନ୍ଦା ଏବଂ ସଂରକ୍ଷଣ ତଥା ପରିବେଶ-ପର୍ଯ୍ୟଟନ କାର୍ଯ୍ୟକଳାପରେ ସକ୍ରିୟ ଭାବରେ ଜଡିତ ଗୋଷ୍ଠୀର ସଦସ୍ୟମାନଙ୍କ ସହିତ ଆଲୋଚନା କରିଥିଲେ। ରାଜ୍ୟପାଳ କହିଥିଲେ ଯେ, ମଙ୍ଗଳାଯୋଡିର ଶାନ୍ତ ସୌନ୍ଦର୍ଯ୍ୟ ଏବଂ ପକ୍ଷୀମାନଙ୍କର ପ୍ରାକୃତିକ ବାସସ୍ଥାନରେ ପ୍ରବାସୀ ପକ୍ଷୀଙ୍କ ଦୃଶ୍ୟ ପ୍ରକୃତରେ ପ୍ରେରଣାଦାୟକ। ରାଜ୍ୟର ଅନ୍ୟ ପରିବେଶଗତ ଭାବରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ମାନଙ୍କରେ ଏହିପରି ଗୋଷ୍ଠୀ ପରିଚାଳିତ ସଂରକ୍ଷଣ ମଡେଲଗୁଡ଼ିକୁ କାର୍ଯ୍ୟକାରୀ କରିବାର ଆବଶ୍ୟକତା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ। ଆଜି ଅପରାହ୍ନ ସାଢେ ୩ ଟାରେ ରାଜ୍ୟପାଳ ଏଠାରେ ପହଞ୍ଚିବା ପରେ ବିହଙ୍ଗ ବିହାର ମଙ୍ଗଳାଯୋଡିରେ ତିନି ଘଣ୍ଟା ଅବସ୍ଥାନ କରିବା ପରେ ସନ୍ଧ୍ୟା ୬ ଟାରେ ଫେରିଥିବା ଜଣାପଡିଛି। ଜିଲ୍ଲା ପ୍ରଶାସନ ତରଫରୁ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

● ଡକାୟତି ଉଦ୍ୟମ ପଣ୍ଡ

## ଖସିଗଲେ ଡକାୟତ, ଛାଡ଼ିଗଲେ ସରଞ୍ଜାମ

ଖୋର୍ଦ୍ଧା,୧୫।୧(ସମିସ): ଖୋର୍ଦ୍ଧା ସହରରେ ମାତିଛନ୍ତି ଡକାୟତି। ଏହି କ୍ରମରେ ଗତକାଲି ରାତିରେ ଆଦର୍ଶ ଥାନା ଅନ୍ତର୍ଗତ ମଙ୍ଗଳାନଗରରେ ଏକ ଗ୍ୟାଙ୍ଗ ଡକାୟତି କରିବାକୁ ଯୋଜନା କରି ଘର କବାଟ ଏବଂ ତାଲା ଭାଙ୍ଗିବା ସରଞ୍ଜାମ ଧରି ପଶିବାକୁ ଉଦ୍ୟମ କରୁଥିବା ସମୟରେ ସ୍ଥାନୀୟ ଲୋକଙ୍କ ପାଟି ଶୁଣି ସେଠାରେ ସରଞ୍ଜାମ ସବୁ ଛାଡି ପଳାଇଥିଲେ। ଦୌଡିବା ସମୟ ରେ ହିନ୍ଦୀ ଭାଷାରେ ଧମକ ଦେଇ ଚାଲିଯାଇଥିଲେ। ସେମାନଙ୍କ ଚପଲ, ସରଞ୍ଜାମ ତଳେ ପଡ଼ି ଯାଇଥିଲା। ଲୋକମାନେ ରାତିରେ ପୁଲିସ ପିସିଆରକୁ ଫୋନ କରିଥିଲେ ସୁଦ୍ଧା ସହଯୋଗ ପାଇନଥିଲେ। କିଛି ଦିନ ତଳେ ମଙ୍ଗଳା ନଗର ଲେନ୍-୫ ରେ ଜଣେ ବ୍ୟକ୍ତିଙ୍କ ଘରେ ଗ୍ରିଲ୍ ତାଡି ଡକାୟତି କରିବାକୁ ଉଦ୍ୟମ କରିଥିଲେ। ଆଜି ସକାଳୁ ସ୍ଥାନୀୟ ଲୋକଙ୍କ ଠାରୁ ଖବରପାଇ ଆଦର୍ଶ ଥାନା ପୁଲିସ ଘଟଣାସ୍ଥଳକୁ ଆସି ତଦନ୍ତ କରି ଡକାୟତମାନେ ଛାଡ଼ି ଯାଇଥିବା ଚପଲ, ଚେଂଚି, ଗେଟ ତଡା ସରଞ୍ଜାମ ସବୁ ଜବତ କରି ପୁଲିସ ତଦନ୍ତ ଆରମ୍ଭ କରିଛି। ପୁଲିସ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ରାଜ୍ୟ ଶିଶୁ ଅଧିକାର ଓ ସୁରକ୍ଷା ଆୟୋଗଙ୍କ ଜନଶୁଣାଣି ଶିବିର ଓ କ୍ୟାମ୍ପ କୋର୍ଟ




ଖୋର୍ଦ୍ଧା,୧୫।୧(ସମିସ): ରାଜ୍ୟ ଶିଶୁ ଅଧିକାର ଓ ସୁରକ୍ଷା ଆୟୋଗଙ୍କ ଜନ ଶୁଣାଣି ଶିବିର ଆଜି ଜିଲ୍ଲାପାଳଙ୍କ ଜୟୀରାଜଗୁରୁ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଏହି ଶିବିରରେ ଆୟୋଗ ର ଅଧ୍ୟକ୍ଷା ବବିତା ପାତ୍ର, ସଭ୍ୟା କସ୍ତୁରୀ ମିଶ୍ର ଏବଂ ସଭ୍ୟା ଚନ୍ଦନା ଦାସ ପ୍ରମୁଖ ଉପସ୍ଥିତ ରହି ଶିଶୁ ସୁରକ୍ଷା ସମ୍ପର୍କିତ ଅଭିଯୋଗ ଗୁଡିକର ଜନଶୁଣାଣି କରିଥିଲେ। ଶିବିରରେ ୪୮ଟି ଅଭିଯୋଗ ଗ୍ରହଣ କରାଯାଇଛି। ତନ୍ମଧ୍ୟରୁ ଗୋଟିଏ ଶିଶୁ ଚାଲାଣ, ୨ଟି ଯୌନ ଉତ୍ପୀଡନ, ୧୧ଟି ଆଧାର କାର୍ଡ, ୨ଟି ଭିନ୍ନକ୍ଷମ ଭତ୍ତା, ୨ଟି ଜନ୍ମ ପ୍ରମାଣ ପତ୍ର, ନିଶା ନିବାରଣ ୧ଟି ଏବଂ ୨୯ଟି ଆର୍ଥିକ ସହାୟତା ନିମନ୍ତେ ରହିଥିଲା। ଅପରାହ୍ନରେ କ୍ୟାମ୍ପ କୋର୍ଟ ମାଧ୍ୟମରେ ୨୦ଟି ଶିକ୍ଷା ଅଧିକାର ଉଲ୍ଲଙ୍ଘନ ଅଭିଯୋଗର ସମାଧାନ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଇଛି। ଶିବିରକୁ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା ପରିଚାଳନା କରିଥିଲେ। ଡେପୁଟି କଲେକ୍ଟର ଶ୍ରୀତପା ମିଶ୍ର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବାଣୀଶ୍ରୀ ପଟ୍ଟନାୟକ ଏବଂ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ର ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ। ଏହି ଜନ ଶୁଣାଣି ଏବଂ କ୍ୟାମ୍ପ କୋର୍ଟରେ ଜିଲ୍ଲା ସମାଜ ମଙ୍ଗଳ ଅକାରୀ କୁସୁମ ପ୍ରହରାଜ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରଶ୍ମିବାଳା ପରିଡା, ଖୋର୍ଦ୍ଧା ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଭରତ ଚନ୍ଦ୍ର ପ୍ରଧାନ, ବାଲିପାଟଣା ବ୍ଲକ ଶିକ୍ଷା ଅଧିକାରୀ ଡ. ପ୍ରଭାତ ରଥ, ଡିଏସ୍‌ପି ସ୍ମିତା ମଞ୍ଜରି ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ।

## ଅଟ୍ରି ମକର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା



ବେଗୁନିଆ,୧୫।୧(ସମିସ): ବେଗୁନିଆ ବ୍ଲକ ବାଘମାରୀ ପଞ୍ଚାୟତ ଅନ୍ତର୍ଗତ ଅଟ୍ରି ଉଷ୍ଣପ୍ରସ୍ରବଣ ପରିସରରେ ଜିଲା ପ୍ରଶାସନ ଓ ମକର ମହୋତ୍ସବ କମିଟିର ସହଯୋଗରେ ସଂସ୍କୃତି ପର୍ଯ୍ୟଟନ ବିଭାଗ ପକ୍ଷରୁ ୧୧ତମ ବାର୍ଷିକ ମକର ମହୋତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ମକର ମହୋତ୍ସବ କମିଟିର ସଭାପତି ବିଧାୟକ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତା ଓ ଶିକ୍ଷକ ସୁଧାକର ସେଠୀଙ୍କ ସଂଯୋଜନାରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂହ ମୁଖ୍ୟ ଅତିଥି, ଉପାଧ୍ୟକ୍ଷ ଗୋପୀନାଥ ମହାରଣା ମୁଖ୍ୟବକ୍ତା, ଜିଲ୍ଲା ପରିଷଦ ସଭ୍ୟ ପ୍ରକାଶ ଚନ୍ଦ୍ର ସାହୁ ଓ ସମସ୍ତ ସମିତି ସଭ୍ୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମହୋତ୍ସବ ସମସ୍ତଙ୍କୁ ଏକଜୁଟ କରି ଭାଇଚାରା ବାର୍ତ୍ତା ବହନ କରିଥାଏ ବୋଲି ମତ ପ୍ରକାଶ କରିବା ସହ ଅଞ୍ଚଳର ବିଭିନ୍ନ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ସଭାର ପ୍ରାରମ୍ଭରେ ଓଡ଼ିଶା ଆଦର୍ଶ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ସ୍ୱାଗତ ସଙ୍ଗୀତ ଗାନ କରିଥିବା ବେଳେ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଅଭିନେତ୍ରୀ ପୁନମ, ପଲିଟିକାଲ ଆଖଡ଼ା କଳାକାର, ଢେମସା, ମଡର୍ଣ୍ଣ ଡ୍ୟାନସ, ନୁପୁର ଡ୍ୟାନସ ଗ୍ରୁପ ଓ ଉଚ୍ଚ ବିଦ୍ୟାଳୟସ୍ତରୀୟ ନୃତ୍ୟ ପ୍ରତିଯୋଗିତା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଧାନମଣ୍ଡି ଉଦ୍‌ଘାଟିତ

ବୋଲଗଡ଼,୧୫।୧(ସମିସ): ବୋଲଗଡ଼ ବ୍ଲକ ଶ୍ରୀ ଚନ୍ଦନପୁର ପାଟଣା ସେବା ସମବାୟ ସମିତିର ଧାନ ମଣ୍ଡି ଉଦଘାଟିତ ହୋଇଯାଇଛି । ମୁଖ୍ୟ ଅତିଥି ରୂପେ ବ୍ଲକ ଅଧ୍ୟକ୍ଷା ହୁଲାସ ପ୍ରଧାନ, ସମ୍ମାନିତ ଅତିଥି ରୂପେ ପରିଚାଳନା କମିଟି ସଭାପତି ତଥା ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ପ୍ରକାଶ ଚନ୍ଦ୍ର ରାଉତରାୟ, ସ୍ଥାନୀୟ ସରପଞ୍ଚ ପ୍ରଫୁଲ୍ଲ କୁମାର ପ୍ରଧାନ, ବାଙ୍କୋଇ ରାଜସ୍ୱ ନିରୀକ୍ଷକ ସମରେନ୍ଦ୍ର ମହାରଥା ପ୍ରମୁଖ ଯୋଗଦେଇ ଧାନ ମଣ୍ଡି ଉଦଘାଟନ କରିଥିଲେ। ସମିତିର ସମ୍ପାଦକ ବାଙ୍କନିଧି ମହାରଣା, ଦୁର୍ଯ୍ୟୋଧନ ରାଉତ, ଡାଟା ଅପରେଟର ମିକିନା ମାନସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସମିତି ପରିଚାଳନା ପରିଷଦ ସଦସ୍ୟ ଭଗବାନ ମହାରଣା, ଅର୍ଜୁନ ଜେନା, ସନ୍ତୋଷ ମାଝୀ, ଗାଗୁଣି ଚରଣ ସ୍ୱାଇଁ, ରମାମଣୀ ନାୟକ ପ୍ରମୁଖଙ୍କ ସମେତ ମଣ୍ଡିରେ ଧାନ ବିକ୍ରି ପାଇଁ ଆସିଥିବା ଚାଷୀମାନେ ଉପସ୍ଥିତ ଥିଲେ। ମଣ୍ଡି ଉଦଘାଟନୀ ଦିବସରେ ମଣ୍ଡିରେ ଧାନ କ୍ରୟ ପାଇଁ ୨୨ ଜଣ ଚାଷୀଙ୍କୁ ଟୋକନ ଦିଆଯାଇଥିଲା।

## ବେଲୁନ ଫାଟି ନାକରେ ପଶିଗଲା; ଶିଶୁ ମୃତ

ନିରାକାରପୁର, ୧୫।୧ (ସମିସ): ଖୋର୍ଦ୍ଧା ଜିଲା ହଜ ପଞ୍ଚାୟତ ତଥା ଜଙ୍କିଆ ଥାନା ସିକୋଫାଣ୍ଡି ଅନ୍ତର୍ଗତ ନିଧିପୁର ଗ୍ରାମର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାଳବାଟିକାରେ ପାଠ ପଢୁଥିବା ଏହି ଗ୍ରାମର ଅଭୟ ପାଇକରାୟଙ୍କ ୬ବର୍ଷ ବୟସ୍କ ଏକମାତ୍ର ପୁଅ ତାପସ କୁରୁକୁରି ଖାଇ ପ୍ୟାକେଟ ଭିତରେ ଥିବା ଛୋଟ ବେଲୁନକୁ ତାପସ ପାଟିରେ ଫୁଙ୍କିବା ବେଳେ ବେଲୁଟି ହଠାତ୍ ଫାଟିଯାଇ ତାର ନାକ ଭିତରେ ପଶି ଯାଇଥିଲା। ତାପସକୁ ପରିବାର ଲୋକେ ଚିକିତ୍ସା ନିମନ୍ତେ ସଂଗେସଂଗେ ବୋତଳମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ବହୁତ ଚେଷ୍ଟା କରିଥିଲେ ମଧ ବେଲୁନକୁ ବାହାର କରି ପାରିନଥିଲେ। ସେଠାରୁ ତାକୁ ଖୋର୍ଦ୍ଧାଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଡାକ୍ତର ସେଠାରେ ପିଲାଟିକୁ ମୃତ ଘୋଷଣା କରିଥିଲେ।

## ବାଇକ ସହ ଗଞ୍ଜେଇ ଜବତ, ଅଭିଯୁକ୍ତ ଗିରଫ

ବାଣପୁର, ୧୫।୧(ସମିସ) : ବାଣପୁର ଥାନା ପୁଲିସ ବୁଧବାର ରାତ୍ରରେ ବାଣପୁର ଆଦିବାସୀ ନିଳାଦ୍ରିପ୍ରସାଦ ମାଳ ଅଞ୍ଚଳର ବିରଜାଇ ମନ୍ଦିର ନିକଟରେ ମକର ମେଳା ଚାଲିଥିବାରୁ ପାଟ୍ରୋଲିଂ କରୁଥିବା ସମୟରେ ଜଣେ ଯୁବକ ଏକ ବାଇକ ପଛରେ ଜରିଅଖା ବସ୍ତାରେ ଗଞ୍ଜେଇ ବୋଝେଇ କରି ବିକ୍ରୀ କରିବା ପାଇଁ ନେଉଥିବା ଦେଖି ସନ୍ଦେହ କରି ତଲାସିବାରେ ଉକ୍ତ ବସ୍ତାରୁ ୨କେଜି ୫ଶହ ଗ୍ରାମ ଗଞ୍ଜେଇ ମିଳିଥିଲା। ଗଞ୍ଜେଇ ଜବତ ସହ ଏଥିରେ ସଂପୃକ୍ତ ଅଭିଯୁକ୍ତ ଗଂଜାମ ଜିଲ୍ଲା ଶେରଗଡ଼ ଥାନା ପାଇକସାହି ଗ୍ରାମର ଗଣେଶ ସାହୁ (୨୭)କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି।

## ୧୭ରୁ ପଲ୍ଲିଶ୍ରୀ ମେଳା

ଖୋର୍ଦ୍ଧା,୧୫।୧(ସମିସ): ଜିଲ୍ଲା ପ୍ରଶାସନ ଓ ଓରମାସ ପକ୍ଷରୁ ଆସନ୍ତା ୧୭ରୁ ୨୩ ତାରିଖ ପର୍ଯ୍ୟନ୍ତ ପଲ୍ଲିଶ୍ରୀ ମେଳା ସ୍ଥାନୀୟ ଟିଏଲସି ରୋଡସ୍ଥିତ ବିଡିଏ ପଡ଼ିଆରେ ଅନୁଷ୍ଠିତ ହେବ। ରାଜ୍ୟ ସରକାର ଓ ଭାରତ ସରକାରଙ୍କ ଭିଜନ, ବିକଶିତ ଓଡ଼ିଶା-୨୦୩୬ ଏବଂ ଏହା ବିକଶିତ ଭାରତ-୨୦୪୭କୁ ସାକାର କରିବା ନିମନ୍ତେ ସ୍ୱଦେଶୀ ଜ୍ଞାନ କୌଶଳ ଓ ଆତ୍ମ ନିର୍ଭର ଭାରତ ଭିତ୍ତିଭୂମିକୁ ସୁଦୃଢ କରିବା ଏବଂ ମହିଳା ସଶକ୍ତିକରଣକୁ ପ୍ରୋତ୍ସାହନ ଦେବା ନିମନ୍ତେ ସୁଭଦ୍ରା ଶକ୍ତି ମେଳା ମଧ ଅନୁଷ୍ଠିତ ହେବ। ମେଳାରେ ୨୧୦ଟି ଷ୍ଟଲ ନିର୍ମାଣ ହେବା ପାଇଁ ସ୍ଥିର କରାଯାଇଛି। ମେଳାରେ ସ୍ୱଚ୍ଛତା, ସୁରକ୍ଷା ଓ ଅନ୍ୟାନ୍ୟ ଦିଗ ପ୍ରତି ଦୃଷ୍ଟି ଦିଆଯାଇଛି।

# ପାହାଡ଼ରେ ବିସ୍ଫୋରଣ ବନ୍ଦ ଦାବି

ଖୋର୍ଦ୍ଧା,୧୫।୧(ସମିସ): ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ବ୍ରହ୍ମପୁରା ମୌଜା ରେ ଚାଲିଥିବା ଖଣି ବ୍ଲାଷ୍ଟିଂକୁ ବିରୋଧ କରି ଆଜି ଗ୍ରାମବାସୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପ୍ରତିବାଦ କରିଛନ୍ତି। ଗାଁ ନିକଟରେ ବିପଦପୂର୍ଣ୍ଣଭାବେ ବ୍ଲାଷ୍ଟିଂ ବନ୍ଦ କରିବାକୁ ଦାବି କରିଛନ୍ତି। ଏ ନେଇ ଗ୍ରାମବାସୀ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ଅଭିଯୋଗ ଅନୁସାରେ, ବ୍ରହ୍ମପୁରା ମୌଜାର ପ୍ଲଟ ନଂ-୦୨ ଓ ଖାତା ନଂ- ୩୨୯ ଟି ବ୍ରହ୍ମପୁରା ଗାଁ ନିକଟରେ ରହିଛି। ଗାଁ ନିକଟରେ ଖଣିରେ ବିସ୍ଫୋରଣ ଲାଗି ପ୍ରଶାସନ ଜନୈକ ବ୍ୟକ୍ତିଙ୍କୁ ଅନୁମତି ଦେଇଛି। ଅନୁମତି ପତ୍ରରେ ଖଣି ନିକଟରେ ଜନବସତି ନଥିବା ଦର୍ଶାଯାଇଛି। ମାତ୍ର ଖଣିକୁ ଲାଗି ଗାଁ, ସ୍କୁଲ, ଘରୋଇ କଲେଜ ରହିଛି। ସେହିପରି ଏହାର ଅଳ୍ପ କିଛି ଦୂରରେ ଆଦର୍ଶ ବିଦ୍ୟାଳୟ,




ଆଂଚଳିକ ପରିବହନ ବିଭାଗ କାର୍ଯ୍ୟାଳୟ ମଧ ରହିଛି। ସରକାରୀ କାର୍ଯ୍ୟାଳୟ ଓ ଶିକ୍ଷାନୁଷ୍ଠାନ, ଗାଁ ନିକଟରେ ଥାଇ ମଧ ବିପଦପୂର୍ଣ୍ଣଭାବେ ବ୍ଲାଷ୍ଟିଂ କରିବାକୁ କିପରି ଅନୁମତି ଦିଆଗଲା ତାହାକୁ ନେଇ ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ଉକ୍ତ ଖଣିରେ ବ୍ଲାଷ୍ଟିଂ କରାଗଲେ ଗାଁର ଘର ଗୁଡିକରେ ଫାଟ ସୃଷ୍ଟି ହେଉଛି। ଏଥିସହିତ ନିକଟରେ ଥିବା ଚାଷଜମି ଓ ଜଙ୍ଗଲ ନଷ୍ଟ ହେବା ସହ ଜନଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। ଗତ ୫ତାରିଖରେ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଥିଲେ। ଅଭିଯୋଗକୁ ଜିଲ୍ଲାପାଳ ଗୁରୁତର ସହ ନେଇଥିବାବେଳେ ପ୍ରଶାସନ ପକ୍ଷରୁ ଖଣି କୁ ବ୍ଲାଷ୍ଟିଂ କରିବାକୁ ବନ୍ଦ କରାଯାଇଥିଲା। ମାତ୍ର ପୁଣି ଉକ୍ତ ଖଣିରେ ବିସ୍ଫୋରଣ କରିବାକୁ ପ୍ରସ୍ତୁତି କରାଯାଉଛି। ଜାଣିବା ପରେ ଗ୍ରାମବାସୀ ପ୍ରତିବାଦ କରିବାରେ ସେମାନଙ୍କୁ ବିଭିନ୍ନ ପ୍ରକାର ଧମକ ଦେଉଥିବା ଅଭିଯୋଗ କରିଛନ୍ତି। ଗ୍ରାମବାସୀ ଏ ନେଇ ଆଜି ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ଶ୍ରୀ ବେଉରା ଏହାର ତଦନ୍ତ ଦାୟିତ୍ୱ ଖଣି ଅଧିକାରୀ ସୁକେସ୍ମିତା ମାଝୀଙ୍କୁ ପ୍ରଦାନ କରିଛନ୍ତି।

# କଂଗ୍ରେସ ଦଳ ପକ୍ଷରୁ ଶକ୍ତି ଅଭିଯାନ

ଜଟଣୀ, ୧୫।୧(ସମିସ): ଜିଲ୍ଲା ଯୁବ କଂଗ୍ରେସ ସଭାପତି ସମ୍ବିତ କୁମାର ମଙ୍ଗରାଜଙ୍କ ନେତୃତ୍ୱରେ ଶକ୍ତି ଅଭିଯାନ କାର୍ଯ୍ୟକ୍ରମ ଆୟୋଜନ ହୋଇଯାଇଛି। ଲୋକସଭା ବିରୋଧୀଦଳ ନେତା ରାହୁଲ ଗାନ୍ଧୀଙ୍କ ଆହ୍ୱାନ କ୍ରମେ ନାରୀ ମାନଙ୍କୁ ନିର୍ବାଚନ କ୍ଷେତ୍ରରେ ଶତକଡା ୪୦ ଭାଗ ସଂରକ୍ଷଣ, ସ୍ୱାବଲମ୍ବୀ, ରୋଜଗାରକ୍ଷମ, ସମାଜର ମୁଖ୍ୟ ସ୍ରୋତରେ ସାମିଲ କରାଯିବା ସହିତ ରାଜ୍ୟ ସରକାର ଅପାରଗତା ପାଇଁ ଛୋଟ ନାବାଳିକା ଶିଶୁ ଗଣଧର୍ଷଣର ଶିକାର ହୋଇ ମୃତ୍ୟୁବରଣ କରିଥିବା, ଛାତ୍ରୀ ଗର୍ଭବତୀ, ଗଣଦୁଷ୍କର୍ମ ନେଇ ଯୁବ କଂଗ୍ରେସ ତରଫରୁ ନାରୀ ଶକ୍ତି ଅଭିଯାନ କର୍ମଶାଳା ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅଖିଳ ଭାରତୀୟ ଯୁବ କଂଗ୍ରେସ ସହ ସମ୍ପାଦିକା ରାଷ୍ଟ୍ରୀୟ ପ୍ରଭାରୀ ଖୁସି ଟିଗା, ରାଜ୍ୟ ଯୁବ କଂଗ୍ରେସ କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ମହାନ୍ତି, ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ବିଶ୍ୱଜିତ ଲେଙ୍କା, ଜଟଣୀ ନଗର କଂଗ୍ରେସ ସଭାପତି ଅଶୋକ ମଙ୍ଗରାଜ ପ୍ରମୁଖ ଯୋଗଦେଇ ନାରୀମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଅଭିଭାଷଣ ମାଧ୍ୟମରେ ଅବଗତ କରାଇଥିଲେ।

## ନିରାକାରପୁର ବଣିକ ସଂଘର ବାର୍ଷିକ ଅଧିବେଶନ

ନିରାକାରପୁର,୧୫।୧ (ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଦହିଖାଇ ଠାକୁରାଣୀଙ୍କ ପୀଠରେ ନିରାକାରପୁର ବଣିକ ସଂଘର ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ସଭାପତି ଆର୍ତ୍ତତ୍ରାଣ ରାଉତରାୟ ସଭାପତିତ୍ୱ କରିଥିବାବେଳେ ବ୍ୟବସାୟୀ ବନ୍ଧୁ ମାନଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଂଘ ଉପସଭାପତି ସନାତନ ବାରିକ, ସମ୍ପାଦକ ବଳରାମ ରାଉତରାୟ, ସହ ସମ୍ପାଦକ ଆନନ୍ଦ ବାଘସିଂହ, କୋଷାଧ୍ୟକ୍ଷ ମୁକ୍ତିକାନ୍ତ ସାହୁ, ମୁଖ୍ୟ ଉପଦେଷ୍ଟା କେଶବ ଚନ୍ଦ୍ର ରାଉତରାୟ, ଉପଦେଷ୍ଟା ମୃତ୍ୟୁଞ୍ଜୟ ସାହୁ, ନବ କିଶୋର ସାହୁ, ଦଣ୍ଡପାଣି ବଳିଆରସିଂହ, ସ୍ୱପ୍ନେଶ୍ୱର୍ ରାଉତରାୟ ଓ ଆର୍ତ୍ତତ୍ରାଣ ସାହୁ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ମତାମତ ପ୍ରଦାନ କରିଥିଲେ।

## ଗୋଳବାଇ ଗାଁରେ ହାତୀ



ନିରାକାରପୁର,୧୫।୧ (ସମିସ): ଖୋର୍ଦ୍ଧା ଫରେଷ୍ଟ ଡିଭିଜନ ଅନ୍ତର୍ଗତ ଟାଙ୍ଗୀ ରେଞ୍ଜ ବର୍ତ୍ତମାନ ହାତୀ ଅଭୟାରଣ୍ୟ ଭାବେ ପରିଚିତ। ବର୍ଷ ବର୍ଷ ଧରି ଏହି ଅଞ୍ଚଳରୁ ହାତୀ ପଲ ଅନ୍ୟତ୍ର ଯାଉ ନାହାଁନ୍ତି। ଘଞ୍ଚ ଜଙ୍ଗଲ ନଥିବାରୁ ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ହୋଇ ଧନ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛନ୍ତି। ଏହି ରେଞ୍ଜ ଅଧିନସ୍ଥ ଖୋର୍ଦ୍ଧା ବ୍ଲକ ଗୋଳବାଇ ଗ୍ରାମ ମଧ୍ୟକୁ ଆଜି ସକାଳେ ଏକ ଦନ୍ତା ପଶି ଆସି ଗୋଟିଏ ଘର ଆଗରେ ଥିବା କଦଳୀ ଗଛ ଖାଉଥିବାର ଦେଖିବାକୁ ମିଳିଥିଲା। ପରେ ଉକ୍ତ ହାତୀଟି ନିକଟସ୍ଥ ଜଙ୍ଗଲକୁ ପଳାଇଥିଲା।

## ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ନିରାକାରପୁର,୧୫।୧ (ସମିସ): ଖୋର୍ଦ୍ଧା ଜିଲ୍ଲା ରାମେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ଶକ୍ତିପ୍ରିୟା ସାହୁ ସଭାପତିତ୍ୱ କରିଥିବାବେଳେ କ୍ରୀଡା ଶିକ୍ଷୟିତ୍ରୀ ସୁନୀତା ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥି ଭାବେ ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ନଗେନ୍ଦ୍ର କୁମାର ଦତ୍ତ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦିବ୍ୟସିଂହ ତ୍ରିପାଠୀ, ଅବସରପ୍ରାପ୍ତ ଶିକ୍ଷକ ତଥା ଆଲୁମିନା କମିଟି ସଭାପତି ଚକ୍ରଧର ତ୍ରିପାଠୀ, ଆଲୁମିନା କମିଟି ସମ୍ପାଦକ ବିରେନ୍ଦ୍ର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କୃତୀ କ୍ରୀଡ଼ା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ବିଜେତା ବାନାର୍ଜୀ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଫକୀରମୋହନ ସେନାପତିଙ୍କ ଜୟନ୍ତୀ

ଚିଲିକା,୧୫ ।୧(ସମିସ): ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜୟନ୍ତୀ ଚିଲିକା ପୂଜ୍ୟପୂଜା ସଂସଦ ଓ ନାରୁଣୀସ୍ଥ ବରିଷ୍ଠ ନାଗରିକ ସଂଘର ମିଳିତ ଆନୁକୂଲ୍ୟରେ ବିଶ୍ୱନାଥ କଲ୍ୟାଣ ମଣ୍ଡପଠାରେ ପାଳିତ ହୋଇଯାଇଛି। ବରିଷ୍ଠ ନାଗରିକ ସଂଘର ସଭାପତି ଅଶ୍ୱିନୀ ମହାପାତ୍ରଙ୍କ ସଭାପତିତ୍ୱରେ ଓ ଚିଲିକା ପୂଜ୍ୟପୂଜା ସଂସଦର ସଭାପତି ଦିଲ୍ଲୀପ ଶତପଥୀଙ୍କ ସଂଯୋଜନାରେ ଅନୁଷ୍ଠିତ ଜୟନ୍ତୀ ସଭାରେ ବରିଷ୍ଠ ନାଗରିକ ସଂଘର ଉପସଭାପତି ଭରତ ଚନ୍ଦ୍ର ସାହୁ, ସଂପାଦକ ଦେବେନ୍ଦ୍ର ନାଥ ମହାରଥୀ, ଯୁଗ୍ମ ସଂପାଦକ ମକରଧ୍ୱଜ ପଲେଇ, ସଂଗଠନ ସଂପାଦକ ହରିବନ୍ଧୁ ମିଶ୍ର, ନାରୁଣୀ କଲେଜର ପ୍ରାକ୍ତନ ଲାଇବ୍ରେରୀଆନ୍ ରାମଚନ୍ଦ୍ର ମାର୍ଥା, ଅଧ୍ୟାପକ ଗୋଲକ ବିହାରୀ ବାରିକ, ଚିଲିକା ଆଞ୍ଚଳିକ ବିକାଶ ପରିଷଦର ପୂର୍ବତନ ସଂପାଦକ ଗୋଦାବରୀଶ ବିଶ୍ୱାଳ, ହରିପୁର ସରପଞ୍ଚଙ୍କ ପ୍ରତିନିଧି ବିଜୟ ବେହେରା, ପୂର୍ବତନ ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ପଟ୍ଟନାୟକ, ପୂର୍ବତନ ବନପାଳ ଭାଗିରଥୀ ମହାପାତ୍ର, ରମେଶ ଚନ୍ଦ୍ର ଭୋଳ, ପ୍ରଭାକର ଦାଶ, ଲକ୍ଷ୍ମୀଧର ସାହୁ ଓ ରାଜକିଶୋର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।

## ବିପୁଳ ପୋଚ ଓ ମଦ ଜବତ

ବାଲୁଗାଁ, ୧୫।୧(ସମିସ): ଖୋର୍ଦ୍ଧା ଜିଲ୍ଲା ଅବକାରୀ ଅଧିକ୍ଷକ ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ବାଲୁଗାଁ, ଟାଙ୍ଗୀ, ବେଗୁନିଆ ଓ ଜଟଣୀ ଅବକାରୀ ବିଭାଗ ମିଳିତ ଭାବେ ବାଲୁଗାଁ ଅବକାରୀ ଅଧିକାରୀ ଅଜିତ କୁମାର ପାତ୍ରଙ୍କ ନେତୃତ୍ୱରେ ମୁଦୁଲିଡ଼ିହ ଜଙ୍ଗଲ ଅଞ୍ଚଳରେ ଚଢାଉ କରି ସମୁଦାୟ ୧୫ଶହ ୬୦ଲିଟର ଦେଶୀ ମହୁଲି ମଦ ଜବତ କରିବା ସହ ୧୧ହଜାର ୧ଶହ କେଜି ମହୁଲି ପୋଚ ଜବତ କରି ସେ ସବୁକୁ ନଷ୍ଟ କରି ଦିଆଯାଇଛି। ହେଲେ ଉକ୍ତ ସ୍ଥାନରୁ ମଦ ପ୍ରସ୍ତୁତ କାରୀମାନେ ଫେରାର ହୋଇଯାଇଛନ୍ତି। ଚଢ଼ଉରେ ଟାଙ୍ଗୀ ଅବକାରୀ ଅଧିକାରୀ ରମେଶ ଚନ୍ଦ୍ର ବାରିକ, ବେଗୁନିଆ ଅବକାରୀ ଅଧିକାରୀ ସଂଜୟ ସୁବୁଦ୍ଧି, ଜଟଣୀ ଅବକାରୀ ଏସଆଇ ରାମଚନ୍ଦ୍ର ବାରିକ ଓ ବାଲୁଗାଁ ଏଏସଆଇ ମିନକେତନ ମହାଲିକ ପ୍ରମୁଖ ସାମିଲ ଥିଲେ।

## ଛାତ୍ରୀଙ୍କୁ ଅସଦାଚରଣ, ଗଣିତ ଶିକ୍ଷକ ଗିରଫ

ଖୋର୍ଦ୍ଧା,୧୫।୧(ସମିସ): ଗୁରୁଜଙ୍ଗସ୍ଥିତ ନବୋଦୟ ବିଦ୍ୟାଳୟରେ ଜଣ୍ଡିସ ସଂକ୍ରମଣ ଘଟଣାରୁ ଦାଗ ନ ଲିଭୁଣୁ ପୁଣି ଚର୍ଚ୍ଚାରେ ରହିଛି ଏହି ଅନୁଷ୍ଠାନ। ଗୁରୁ ଶିଷ୍ୟ ପରମ୍ପରାରେ ଲାଗିଛି କଳଙ୍କ। ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ କରି ଗଣିତ ଶିକ୍ଷକ ଗିରଫ ହୋଇଛନ୍ତି। ଗିରଫ ଗଣିତ ଶିକ୍ଷକ ହେଲେ ଢେଙ୍କାନାଳ କାମାକ୍ଷାନଗର ଚିରିଡାମାଳିର ଅମରେନ୍ଦ୍ର ସାହୁ (୫୫)। ଗତକାଲି ସନ୍ଧ୍ୟା ୭.୩୫ରେ ବିଦ୍ୟାଳୟ ପରିସରରେ ସାଇକଲରେ ବୁଲୁଥିଲେ ଜନୈକ ଅଷ୍ଟମ ଶ୍ରେଣୀ ଛାତ୍ରୀ। ଏହି ସମୟରେ ଗଣିତ ଶିକ୍ଷକ ଅମରେନ୍ଦ୍ର ଛାତ୍ରୀଙ୍କ ନିକଟକୁ ଯାଇ ତାଙ୍କୁ ଅସଦାଚରଣ କରିଥିଲେ। ଏ ନେଇ ଛାତ୍ରୀଜଣକ ଘରକୁ ଯାଇ ପରିବାର ଆଗରେ ଘଟଣା ସମ୍ପର୍କରେ କହିଥିଲେ। ଛାତ୍ରୀଙ୍କ ବାପା ଆଜି ସନ୍ଧ୍ୟାରେ ଆଦର୍ଶ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଉପରେ ପୁଲିସ ଏକ ମାମଲା ରୁଜୁ କରି ଗଣିତ ଶିକ୍ଷକଙ୍କୁ ଗିରଫ କରିଛି।

# ପିତ୍ରାଳୟରୁ ମା'ଭଗବତୀଙ୍କ ପୀଠକୁ ଗଲା ମକର ତାଡ଼

ବାଣପୁର,୧୫ ।୧(ସମିସ) : ଭଗବତୀ କ୍ଷେତ୍ର ବାଣପୁରର ଅଧିଷ୍ଠାତ୍ରୀ ଦେବୀ ମା'ଭଗବତୀଙ୍କ ଶକ୍ତିପୀଠରେ ମକର ଉତ୍ସବ ମା'ଙ୍କ ମାନବୀୟ ଲୀଳାର ଏକ ଅନନ୍ୟ ଉଦାହରଣ। ମା'ଙ୍କ ପୀଠର ସମସ୍ତ ଜାନିଯାତ୍ରା ପର୍ବପର୍ବାଣୀ ଅନ୍ୟ ଶକ୍ତିପୀଠ ଠାରୁ ସଂପୂର୍ଣ୍ଣ ନିଆରା ହୋଇଥିବା ବେଳେ ମକର ସଂକ୍ରାନ୍ତି ପ୍ରତ୍ୟୁଷରୁ ମା'ଙ୍କ ଅଙ୍ଗରାଗ ମାଜଣା ହୋଇ ମହାପ୍ରସାଦ ଅର୍ପଣ ପରେ ବେଶ ହୋଇଥିଲା। ପରେ ବଲ୍ଲଭ ଆଳତି ବଢିବା ପରେ ସର୍ବ ସାଧାରଣ ନୈବେଦ୍ୟ ଅର୍ପଣ ହୋଇ ଚିଲିକା ମଧ୍ୟସ୍ଥ ପୂର୍ବ ଦିଗ ରକ୍ଷାକାରିଣୀ ଭଉଣୀ ମା'କାଳିଜାଇଙ୍କ ପୀଠରୁ ପାରିକୁଦ ଗଡ଼ର ରାଜା ପଠାଇଥିବା ମକର ଯାତ୍ରା ନିମନ୍ତ୍ରଣ ରକ୍ଷା କରି ସେବକଙ୍କ ହାତରେ ଆଜ୍ଞାମାଳ ସହିତ ଶାଢ଼ି, ଚୁଡ଼ି, ସିନ୍ଦୁର, ଅଳତା, ଓଢ଼ଣୀ, ଫୁଲ, ଗଜାମୁଆଁ ନେଇ ମା'କାଳିଜାଇଙ୍କ ପୀଠକୁ ଯାଇ ରାଜାଙ୍କ ହାତରେ ଅର୍ପଣ ପରେ ଭଉଣୀ ମା'କାଳିଜାଇଙ୍କୁ ଲାଗି କରାଇଥିଲେ। ସେହିପରି ପଶ୍ଚିମ ଦିଗ ରକ୍ଷାକାରିଣୀ ଭଉଣୀ ମା' ବିରିଯାଇଙ୍କ ମକର ଯାତ୍ରା ନିମନ୍ତ୍ରଣ ରକ୍ଷା କରି ସେହି ପୀଠକୁ ମଧ ସେବକଙ୍କ ହାତରେ ଆଜ୍ଞାମାଳ ସହ ଶାଢି, ଚୁନରି, ଚୁଡ଼ି, ସିନ୍ଦୁର, ଅଳତା, ଫୁଲ, ନୂଆ ଅରୁଆ ଚାଉଳ, ଗୁଡ, ଘିଅ, କଦଳୀ, ନଡ଼ିଆ, ମସଲା, ଫଳମୂଳ, ଗଜାମୁଆଁ ଆଦି ପଠାଯାଇ ଥିଲା।



ଭଉଣୀ ଭଉଣୀ ପରସ୍ପର ମଧ୍ୟରେ ସୁସଂପର୍କ ଦିଆନିଆ ସାମାଜିକ ମୂଲ୍ୟବୋଧ ଭିତିକ ମାନବୀୟ ଲୀଳାର ସୁନ୍ଦର ପରିକଳ୍ପନା ମା ଭଗବତୀଙ୍କ ପୀଠରେ କାହିଁ କେଉଁ କାଳରୁ ଚଳି ଆସୁଛି। ସଂଧ୍ୟାରେ ମା'ଙ୍କ ଚଳନ୍ତି ପ୍ରତିମା କାଠି ଠାକୁରାଣି ବାପଘର ଦକ୍ଷେଶ୍ୱର ଦେବଙ୍କ ମନ୍ଦିରରେ ମକରବେଢ଼ା ସାରି ବାଜା ରୋଶଣିରେ ଘଣ୍ଟ, କାହାଳି ଛତ୍ର ତରାଶ ସହିତ ନିଜ ମନ୍ଦିରକୁ ଯାତ୍ରା କରିଥିଲେ। ଦକ୍ଷେଶ୍ୱର ମନ୍ଦିରରେ ଶୁଦ୍ଧପୂତ ଭାବରେ ପ୍ରସ୍ତୁତ ମକର ତାଡ଼ ଅତି ନିଷ୍ଠାର ସହିତ ପାଳିଆମାଳି ସେବାୟତମାନେ ମା'ଙ୍କ ମନ୍ଦିରକୁ ନେଇ ଥିବା ବେଳେ ସେଠାରେ ମା'ଙ୍କ ଠାରେ ମକର ନୈବେଦ୍ୟ ଘଣ୍ଟ କାହାଳି ବାଜି ଧୂପ କରାଯାଇ ମକର ଆଳତି ବଢ଼ିଥିଲା। ପରେ ସେବାୟତ ଓ ସର୍ବସାଧାରଣଙ୍କୁ ଉକ୍ତ ମକର ଚାଉଳ ପ୍ରସାଦ ବଣ୍ଟନ କରାଯାଇଥିଲା। ପବିତ୍ର ମକର ସଂକ୍ରାନ୍ତିରେ ମା'ଙ୍କୁ ଦର୍ଶନ କରି ମକରପ୍ରସାଦ ପାଇବା ପାଇଁ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ପରେ ମା'ଙ୍କ ବଡ଼ଶିଙ୍ଗାର ହୋଇ ଖେଚଡ଼ି, ଡାଲି, ଆମ୍ବିଳ, ମାଛ ମହୁର, ମାଛ ଗୁଣ୍ଡି ଭଜା ସହିତ କାନ୍ତି କାକରା, ଛେନାପଣା ଧୂପ ହୋଇ ମା'କାଠି ଠାକୁରାଣୀ ପିତ୍ରାଳୟ ଦକ୍ଷେଶ୍ୱର ମନ୍ଦିରକୁ ବାହୁଡ଼ିଥିଲେ। ମନ୍ଦିରରେ ରାତ୍ର ପହଡ଼ ହୋଇଥିଲା।

# ଶ୍ରୀମନ୍ଦିର ଭିତରେ ମୋବାଇଲ୍; ଭିଡିଓ ଭାଇରାଲ

■ ମାମଲା ପଞ୍ଜୀକରଣର ଘଣ୍ଟାକ ଭିତରେ ଧରାପଡ଼ିଲା ଅଭିଯୁକ୍ତ
■ ୬ ମାସରେ ୨୬ ମାମଲା ରୁଜୁ କରିଛି ପୁଲିସ
■ ୧୬ ଗୁପ୍ତ କ୍ୟାମେରା ଯୁକ୍ତ ଚଷମା ଓ ୧୧ ମୋବାଇଲ୍ ଜବତ

ପୁରୀ,୧୫।୧(ସମିସ): ଶ୍ରୀମନ୍ଦିର ଭିତରକୁ ମୋବାଇଲ ଫୋନ ନେବା ଉପରେ କଡ଼ା କଟକଣା ରହିଛି। ସୁରକ୍ଷା ଦୃଷ୍ଟିକୋଣରୁ ଏହାର ଯଥେଷ୍ଟ ଗୁରୁତ୍ୱ ରହିଥିଲେ ମଧ୍ୟ ଏହି କଟକଣାକୁ ଅନେକ ବେଖାତିର କରୁଛନ୍ତି। ଫଳରେ ବିଭିନ୍ନ ସମୟରେ ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ ହେଉଛି। ଏହା ଉପରେ ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ରୋକ୍ ଲାଗିପାରି ନାହିଁ। ଏବେ ଆନନ୍ଦ ବଜାରରେ ଜଣେ ବ୍ୟକ୍ତି ଖୁଲମ୍‌ଖୁଲା ମୋବାଇଲରେ କଥା ହେଉଥିବାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ଏହି ଘଟଣାକୁ ବେଶ୍ ଗମ୍ଭୀରତାର ସହ ନେଇଛି ମନ୍ଦିର ପ୍ରଶାସନ। ଏ ନେଇ ସିଂହଦ୍ୱାର ଥାନାରେ ମନ୍ଦିର ସୁରକ୍ଷା ଅଧିକାରୀ ଅଭିଯୋଗ କରିବା ପରେ ପୁଲିସ ସମ୍ପୃକ୍ତ ବ୍ୟକ୍ତିଙ୍କୁ କାବୁ କରିଛି। ସେ ହେଉଛନ୍ତି ଦୋଳମଣ୍ଡପ ସାହିର ରମେଶ ଚନ୍ଦ୍ର ସାହୁ। ବଡ଼ କଥା ହେଉଛି, ମନ୍ଦିର ସେବାୟତ ଓ କର୍ମଚାରୀଙ୍କ ପାଇଁ ମଧ୍ୟ ମୋବାଇଲ୍ ଫୋନ୍ ବ୍ୟବହାର ଉପରେ କଟକଣା ଥିବାବେଳେ ଅବଡ଼ା ଦୋକାନରେ କାମ କରୁଥିବା ବ୍ୟକ୍ତି କିପରି ମୋବାଇଲ୍ ନେଇ ଭିତରକୁ ଯାଉଛନ୍ତି?

ଶ୍ରୀମନ୍ଦିର ଉପରେ ଆତଙ୍କବାଦୀ ଆକ୍ରମଣର ଆଶଙ୍କା ରହିଛି। ଏ ନେଇ ବିଭିନ୍ନ ସମୟରେ ଗୋଇନ୍ଦା ବିଭାଗ ରିପୋର୍ଟ ଦେଉଛି। ଏହାକୁ ନଜରରେ ରଖି ଶ୍ରୀମନ୍ଦିରର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ପ୍ରତି ଦ୍ୱାରରେ ସୁରକ୍ଷା କର୍ମଚାରୀ ମୁତୟନ ରହୁଛନ୍ତି। ପ୍ରବେଶ ପଥରେ ଭକ୍ତଙ୍କୁ ଯାଞ୍ଚ କରାଯାଉଛି। କୌଣସି ଅଘଟଣକୁ ଆଶଙ୍କା କରି କିଛିବର୍ଷ ହେବ ଜାତୀୟ ସୁରକ୍ଷା ବାହିନୀ (ଏନ୍‌ଏସ୍‌ଜି) ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ କରିଛନ୍ତି। ହେଲେ ବଡ଼ଦେଉଳର ସୁରକ୍ଷା ବ୍ୟବସ୍ଥା ଯେ ଧର୍ମକୁ ଆଖିଠାର ତାହା ମୋବାଇଲ୍ କଟକଣାକୁ ଦେଖିଲେ ଜଣାପଡୁଛି। ଶ୍ରୀମନ୍ଦିର ଆଇନ ଅନୁଯାୟୀ, ମନ୍ଦିର ଭିତରକୁ କେବଳ ୪ ଜଣ ବରିଷ୍ଠ ଅଧିକାରୀ ଯଥା ମୁଖ୍ୟ ପ୍ରଶାସକ, ଜିଲ୍ଲାପାଳ, ଏସ୍‌ପି ଏବଂ ଶ୍ରୀମନ୍ଦିର ସୂଚନା ଅଧିକାରୀ ମୋବାଇଲ୍ ଫୋନ୍ ନେଇପାରିବେ। ଏମାନଙ୍କ ବ୍ୟତୀତ ଅନ୍ୟ କେହି ମୋବାଇଲ୍ ଫୋନ୍ ନେଲେ ଆଇନ ଅନୁଯାୟୀ ଜରିମାନା ଆଦାୟର ବ୍ୟବସ୍ଥା ରହିଛି। ଯେହେତୁ ଏହା ଶ୍ରୀମନ୍ଦିର ସୁରକ୍ଷା ପ୍ରସଙ୍ଗ ସହ ଜଡ଼ିତ ତେଣୁ ଏହାକୁ କଡ଼ାକଡ଼ି ପାଳନ କରିବା ଲାଗି ଚାରିଦ୍ୱାରରେ ଯାଞ୍ଚ ବ୍ୟବସ୍ଥା ରହିଛି। ଏହାସତ୍ତ୍ୱେ ଶ୍ରୀମନ୍ଦିର ଭିତରକୁ ଯାଉଛି ମୋବାଇଲ୍ ଫୋନ୍। ଫଳରେ ବିଭିନ୍ନ ସମୟରେ ମନ୍ଦିରର ଭିତର ଫଟୋ ଏବଂ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏପରିକି ଗର୍ଭଗୃହ ଫଟୋ, ରତ୍ନସିଂହାସନରେ ଚତୁର୍ଦ୍ଧାବିଗ୍ରହଙ୍କ ଫଟୋ ବି ବାହାରକୁ ଆସିଛି। ଏହା ପରଠାରୁ ମୋବାଇଲ ଫୋନ କଟକଣା ଆହୁରି କଡ଼ାକଡ଼ି କରାଯାଇଥିବା ବେଳେ ମଝିରେ ମଝିରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି।

ଅନ୍ୟପକ୍ଷରେ ଆନନ୍ଦବଜାରରେ ଜଣେ ବ୍ୟକ୍ତି ମୋବାଇଲ ଫୋନରେ ଖୁଲମ୍‌ଖୁଲା କଥା ହେଉଥିବାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଏହାକୁ ବେଶ୍ ଗମ୍ଭୀରତାର ସହ ନେଇଥିଲା ମନ୍ଦିର ପ୍ରଶାସନ। ଏ ସଂକ୍ରାନ୍ତରେ ଏସ୍‌ପି ପ୍ରତୀକ୍ ସିଂ କହିଚନ୍ତି, ଶ୍ରୀମନ୍ଦିର ସୁରକ୍ଷା ପ୍ରଶାସକ ହେମନ୍ତ ପାଢ଼ୀ ଏ ନେଇ ସିଂହଦ୍ୱାର ଥାନାରେ ଗୁରୁବାର ଅଭିଯୋଗ କରିଥିଲେ। ପୁଲିସ ଶ୍ରୀଜଗନ୍ନାଥ ମନ୍ଦିର ଆଇନ ୧୯୫୪ରେ ଏକ ମାମଲା (ନଂ.୧୩/୨୬) ରୁଜୁ କରି ତ୍ୱରିତ ଭାବେ ଅନୁସନ୍ଧାନ କରିଥିଲା। ମାମଲା ପଞ୍ଜୀକରଣ ହେବାର ଘଣ୍ଟାଏ ମଧ୍ୟରେ ସମ୍ପୃକ୍ତ ବ୍ୟକ୍ତି ରମେଶ ଚନ୍ଦ୍ର ସାହୁଙ୍କୁ ଧରିବାରେ ସଫଳ ହୋଇଛି। ସେ ଆନନ୍ଦ ବଜାରରେ ଥିବା ନରସିଂହ ମହାପାତ୍ରଙ୍କ ଅବଢ଼ା ଦୋକାନରେ କାମ କରୁଥିଲେ ବୋଲି ଏସ୍‌ପି କହିଛନ୍ତି। ସେହିପରି ଏସ୍‌ପି ଶ୍ରୀ ସିଂ କହିଛନ୍ତି, ପୁଲିସ ଶ୍ରୀମନ୍ଦିର ସୁରକ୍ଷା ପ୍ରସଙ୍ଗକୁ ବେଶ୍ ଗମ୍ଭୀରତାର ସହ ଗ୍ରହଣ କରିଆସୁଛି। ଗତ ୬ ମାସ ମଧ୍ୟରେ ପୁଲିସ ୨୬ଟି ମାମଲା ରୁଜୁ କରିଥିବାବେଳେ ୧୬ଟି ଗୁପ୍ତ କ୍ୟାମେରା ସଂଯୁକ୍ତ ଚଷମା ଏବଂ ୧୧ଟି ମୋବାଇଲ ଫୋନ୍ ଜବତ କରିଛି। ଶ୍ରୀମନ୍ଦିର ସୁରକ୍ଷା ଆମ ସମସ୍ତଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ଯେକୌଣସି ବ୍ୟକ୍ତି ଏହାକୁ ଉଲ୍ଲଂଘନ କରିବେ ତାଙ୍କ ବିରୋଧରେ ଶ୍ରୀମନ୍ଦିର ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆଗକୁ ଶ୍ରୀମନ୍ଦିର ପ୍ରଶାସନ ସହ ଆଲୋଚନା କରାଯାଇ ମୋବାଇଲ ଫୋନ୍ କଟକଣାକୁ ଆହୁରି କଡ଼ାକଡ଼ି କରାଯିବ ବୋଲି ଏସ୍‌ପି ଶ୍ରୀ ସିଂ କହିଛନ୍ତି।

# ମହାପ୍ରଭୁଙ୍କୁ ଦର୍ଶନ କଲେ ଶିଳ୍ପା ସେଟ୍ଟୀ



ପୁରୀ,୧୫।୧(ସମିସ): ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି ବଲିଉଡ୍ ଅଭିନେତ୍ରୀ ଶିଳ୍ପା ସେଟ୍ଟୀ। ଗୁରୁବାର ପୂର୍ବାହ୍ଣରେ ଶିଳ୍ପା ତାଙ୍କ ମାଆ ସୁନନ୍ଦା, ଭଉଣୀ ସମିତା, ସମ୍ପର୍କୀୟ ଆକାଂକ୍ଷା ଅଗ୍ରୱାଲ, ରବି କୁମାର ପ୍ରମୁଖଙ୍କ ସହ କଡ଼ା ସୁରକ୍ଷା ମଧ୍ୟରେ ଆସି ଶ୍ରୀମନ୍ଦିର ନିକଟରେ ପହଞ୍ଚିଥିଲେ। ତାଙ୍କୁ କୌଳିକ ପଣ୍ଡାଙ୍କ ସମେତ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇଥିଲା। ସମସ୍ତେ ସିଂହଦ୍ୱାର ଦେଇ ମନ୍ଦିରକୁ ପ୍ରବେଶ କରିଥିଲେ। ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। ଏଥିସହ ମା' ବିମଳା, ମା' ମହାଲକ୍ଷ୍ମୀ ଓ ଅନ୍ୟ ପାର୍ଶ୍ୱ ଦେବଦେବୀଙ୍କୁ ମଧ୍ୟ ଦର୍ଶନ କରିଥିଲେ। ପ୍ରାୟ ୧ ଘଣ୍ଟାରୁ ଅଧିକ ସମୟ ଶ୍ରୀମନ୍ଦିର ଭିତରେ ବିତାଇଥିଲେ ଶିଳ୍ପା ଓ ତାଙ୍କ ପରିବାର ସଦସ୍ୟ। ତାଙ୍କ କୌଳିକ ପଣ୍ଡା ଇପ୍ସିତ ପ୍ରତିହାରୀ ସକାଳ ଧୂପରେ ବାହାରିଥିବା ମହାପ୍ରଭୁଙ୍କ ଖେଚୁଡ଼ି ଭୋଗ ଦେଇଥିଲେ। ଶିଳ୍ପାଙ୍କ ମାଆ ପୂର୍ବରୁ ପୁରୀ ଆସି ରତ୍ନସିଂହାସନ ପାଖକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ମହାପ୍ରଭୁଙ୍କ ଡୋରି ଲାଗିବାରୁ ସେ ପୁଣି ପୁରୀ ଆସି ଦର୍ଶନ କରିବାର ସୌଭାଗ୍ୟ ପାଇଥିଲେ ବୋଲି କହିଛନ୍ତି ଶିଳ୍ପାଙ୍କ ମାଆ ସୁନନ୍ଦା। ଅନ୍ୟପକ୍ଷରେ ସିଂହଦ୍ୱାରଠାରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶିଳ୍ପା କହିଛନ୍ତି, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରି ସେ ଆଜି ବେଶ୍ ଖୁସି ଓ ଆନନ୍ଦିତ। ଜୟ ଜଗନ୍ନାଥ ଧ୍ୱନି ଦେଇ ସେ କହିଥିଲେ, ଚାରିଧାମ ଯାତ୍ରା ମଧ୍ୟରୁ ଏହା ଶ୍ରେଷ୍ଠ ଧାମ। ଏଠାକାର ପ୍ରଶାସନ ମଧ୍ୟ ବେଶ୍ ସହଯୋଗ କରିଛି। ତେବେ ତାଙ୍କର ଆଗାମୀ ଚଳଚ୍ଚିତ୍ର 'ଦି ଡେଭିଲ୍' ନେଇ ସେ କୌଣସି ପ୍ରତିକ୍ରିୟା ଦେଇ ନ ଥିଲେ। ତେବେ ବଲିଉଡ୍ ସୁନ୍ଦରୀ ଶିଳ୍ପାଙ୍କୁ ଦେଖିବା ପାଇଁ ସିଂହଦ୍ୱାର ନିକଟରେ ଲୋକଙ୍କ ବେଶ୍ ଭିଡ଼ ଲାଗିଥିଲା।

# ସୁନ୍ଦରଗଡ଼ରେ ବୃଦ୍ଧାଙ୍କୁ ନିର୍ମମ ହତ୍ୟା; ଜଣେ ଅଟକ

ରାଉରକେଲା,୧୫ ।୧(ସମିସ): ସୁନ୍ଦରଗଡ଼ ଜିଲ୍ଲାର ଟାଉନ ଥାନା ଅଧୀନ ଶଙ୍କରା ଗୌଡ଼ପଡ଼ା ଅମଲିପାଲି ଅଞ୍ଚଳରେ ଜଣେ ବୃଦ୍ଧାଙ୍କୁ ପଥରରେ ଛେଚି ହତ୍ୟା ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି। ମୃତା ବୃଦ୍ଧା ହେଉଛନ୍ତି ଗୁରୁବାରୀ ମାଝୀ (୫୯)। ତାଙ୍କ ମୁଣ୍ଡକୁ କେହି ଦୁର୍ବୃତ୍ତ ପଥରରେ ଛେଚି ହତ୍ୟା କରିବା ପରେ ଅମଲିପାଲି ମଝି ପୋଖରୀ ନିକଟସ୍ଥ ଏକ ବିଲରେ ଫିଙ୍ଗି ଦେଇଥିବା ସୂଚନା ମିଳିଛି। ଏହି ଘଟଣାରେ ଜଣେ ଯୁବକକୁ ହତ୍ୟା ଅଭିଯୋଗରେ ଟାଉନଥାନାରେ ଅଟକରଖି ପୁଲିସ ପଚରାଉଚରା କରୁଥିବା ଜଣାପଡ଼ିଛି। ଗୁରୁବାର ଖବରପାଇ ସୁନ୍ଦରଗଡ଼ ଏସ୍‌ପି ଅମ୍ରିତପାଲ କୌରଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଡିପିଓ ନିର୍ମଳ କୁମାର ମହାପାତ୍ରଙ୍କ ସମେତ ଟାଉନ ଥାନା ପୁଲିସ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ସୂଚନା ମୁତାବକ ଗୁରୁବାରୀ ମାଝୀ ଅମଲିପାଲି ନିକଟ ବାଇପାସ୍ ନିକଟରେ ଗୋପାଳ ଲାକ୍ରାଙ୍କ ସହ ଏକ ଭଡ଼ା ଘରେ ରହୁଥିଲେ। ବୁଧବାର ଅପରାହ୍ଣରେ ସେ ଶଙ୍କରାରେ ବାସ କରୁଥିବା ତାଙ୍କ ସମ୍ପର୍କୀୟଙ୍କ ଘରକୁ ଟଙ୍କା ମାଗିବାକୁ ଯାଉଛି ବୋଲି ଗୋପାଳଙ୍କୁ କହି ଘରୁ ବାହାରି ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ନ ଫେରି ନ ଥିଲେ। ତେଣୁ ଗୁରୁବାର ସକାଳେ ଗୋପାଳ ବିଭିନ୍ନ ଆଡେ ଖୋଜାଖୋଜି କରି ଆଉ ଗୁରୁବାରିଙ୍କର କୌଣସି ପତ୍ତା ପାଇ ନ ଥିଲେ। ଆଜି ସ୍ଥାନୀୟଲୋକେ ଶୌଚ ପାଇଁ ପୋଖରୀକୁ ଯାଇଥିବା ବେଳେ ବୃଦ୍ଧାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଦେଖି ପୁଲିସକୁ ସୂଚନା ଦେଇଥିଲେ। ଟାଉନଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ କରିଥିଲେ। ପୁଲିସ ସାଇଣ୍ଟିଫିକ୍ ଟିମ ସହ ପୁଲିସ ସନ୍ଧାନୀକୁକୁର ପହଞ୍ଚି ହତ୍ୟାକାଣ୍ଡର ତଦନ୍ତ କରିଥିଲେ। ପରେ ଏସ୍‌ପି ଅମ୍ରିତପାଲ କୌର, ଅତିରିକ୍ତ ଏସ୍‌ପି ଶାନ୍ତା ନୂତନ ସାମଦ ଏବଂ ଏସ୍‌ଡିପିଓ ନିର୍ମଳ କୁମାର ମହାପାତ୍ର ପହଞ୍ଚି ପରିସ୍ଥିତିର ଅନୁଧ୍ୟାନ କରିଥିଲେ। ବୃଦ୍ଧାଙ୍କ ମୁହଁକୁ ପଥରରେ ଛେଚି ହତ୍ୟା କରାଯାଇଥିବାରୁ ପ୍ରଥମେ ଗ୍ରାମବାସୀ ଚିହ୍ନି ପାରି ନ ଥିଲେ। ହେଲେ ଗୋପାଳ ଘଟଣାସ୍ଥଳରେ ପହଞ୍ଚି ତାହା ଗୁରୁବାରୀ ମାଝୀଙ୍କର ଶବ ବୋଲି ଚିହ୍ନଟ କରିଥିଲେ। ପୁଲିସ ଏହି ଘଟଣାରେ ଏକ ହତ୍ୟା ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ୫୨ ମାଓବାଦୀଙ୍କ ଆତ୍ମସମର୍ପଣ



ମାଲକାନଗିରି, ୧୫ ।୧(ସମିସ): ମାଓ ସଙ୍ଗଠନ ଦିନକୁ ଦିନ ଭାଙ୍ଗିବା ସହ ଦୁର୍ବଳ ହେବାକୁ ଲାଗିଥିବା ବେଳେ ଆଜି ପୁଣି ଶକ୍ତ ଧକ୍କା ଲାଗିଛି। ୧କୋଟି ୪୧ ଲକ୍ଷ ଇନାମି ୫୨ ଜଣ ମାଓବାଦୀ ମାଓ ସଙ୍ଗଠନ ଛାଡି ପୁଲିସ ନିକଟରେ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ବିଜାପୁରରେ ଆତ୍ମସମର୍ପଣ କରିଥିବା ଏହି ସମସ୍ତ ମାଓବାଦୀଙ୍କ ନାମରେ ମୋଟ ୧କୋଟି ୪୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା। ଆତ୍ମ ସମର୍ପଣକାରୀଙ୍କ ମଧ୍ୟରେ ଅନେକ କୁଖ୍ୟାତ ମାଓବାଦୀ, ଦକ୍ଷିଣ ଉପ-ଜୋନାଲ ବ୍ୟୁରୋ ଏବଂ ମାଓ ସଂଗଠନର ଡିଭିସିଏମ୍, ପିପିସିଏମ, ଏସିଏମ୍ ଭଳି କ୍ୟାଡର ଓ ମାଓ ସଦସ୍ୟ ରହିଛନ୍ତି। ଆଜି ଆତ୍ମସମର୍ପଣ କରିଥିବା ଏହି ସମସ୍ତ ମାଓବାଦୀଙ୍କୁ ସରକାରୀ ନୀତି ନିୟମ ଅନୁଯାୟୀ ସହାୟତା ରାଶି ପ୍ରଦାନ ସହ ଥଇଥାନ କରାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

# ଦୁର୍ଘଟଣାରେ ଗଲା ୪ ଜୀବନ

## ବାଇକ୍-ସ୍କୁଟି ମୁହାଁମୁହିଁ; ୨ ମୃତ, ଦୁଇ ଗୁରୁତର

ତୁରୁମୁଙ୍ଗା, ୧୫।୧ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ତଥା ତୁରୁମୁଙ୍ଗା ଥାନା କେନ୍ଦେଇପଶି ରାସ୍ତାର କେନ୍ଦୁଆପଡ଼ା ହନୁମାନ ଛକ ନିକଟରେ ଗୁରୁବାର ଅପରାହ୍ଣରେ ବାଇକ ଓ ସ୍କୁଟି ମଧ୍ୟରେ ଦୁର୍ଘଟଣା ଘଟିଛି। ଏଥିରେ ୨ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨ ଜଣ ଗୁରୁତର ହୋଇଛନ୍ତି। ମୃତ ବାଇକ ଚାଳକ ଜଣକ ହେଉଛନ୍ତି ତୁରୁମୁଙ୍ଗା ଥାନା ଡଲଙ୍ଗ ଗ୍ରାମର ବିଦ୍ୟାଧର ମହାନ୍ତଙ୍କ ପୁଅ ସରୋଜ (୧୯)। ସେହିପରି ମୃତ ସ୍କୁଟି ଚାଳକ ହେଉଛନ୍ତି ରାଇସୁଆଁ ଥାନା ଡିମ୍ବ ଗ୍ରାମର ବିଶ୍ୱନାଥ ମୁଣ୍ଡାଙ୍କ ପୁଅ ଦୀପକ (୨୫)। ଗୁରୁତର ପଟୁଲିଆ ଗ୍ରାମର ସରୋଜ ମୁଣ୍ଡା (୧୮) ଓ ମଙ୍ଗଳପୁର ଗ୍ରାମର ଲିଟୁନ ମହାନ୍ତ (୨୧)ଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ପଠାଯାଇଛି। ବାଇକ୍‌ରେ ସରୋଜ ମହାନ୍ତ ଓ ଲିଟୁନ ଡଲଙ୍ଗରୁ ମାମୁଘର ମଙ୍ଗଳପୁରକୁ ଆସୁଥିବା ବେଳେ ପାଟଣା (ପୁଟୁଲିଆ)ରୁ ସରୋଜ ଓ ଦୀପକ ମୁଣ୍ଡା ସ୍କୁଟିରେ ଡିମ୍ବକୁ ଯାଉଥିଲେ। ତୁରୁମୁଙ୍ଗା ପୁଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିଦ୍ୱୟକୁ ଜବତ କରି ଘଟଣାର ତଦନ୍ତ କରୁଛି।

## ବାଇକକୁ ଧକ୍କାଦେଲା ଦ୍ରୁତଗାମୀ ଟ୍ରକ୍ — ଶାଶୂ, ଜ୍ୱାଇଁଙ୍କ ମୃତ୍ୟୁ

■ ବିଶୋଇ, ୧୫।୧ (ସମିସ): ମୟୂରଭଞ୍ଜ ଜିଲ୍ଲା ବିଶୋଇ ଥାନା ଅନ୍ତର୍ଗତ ୪୯ ନଂ ଜାତୀୟ ରାଜପଥସ୍ଥିତ ବନେଇକଳା ଛକ ନିକଟରେ ଗୁରୁବାର ଏକ ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ କରଞ୍ଜିଆ ଥାନା ଅନ୍ତର୍ଗତ ସର୍ୱଧି ଗ୍ରାମର ଗୁରୁଚରଣ ଲୋହାର (୫୦) ଓ ବିଶୋଇ ଥାନା ଅନ୍ତର୍ଗତ ନୂଆଗାଁ ଗ୍ରାମର ତ୍ରିଲୋଚନ ବିନ୍ଧାଣିଙ୍କ ସ୍ତ୍ରୀ ପାର୍ବତୀ ବିନ୍ଧାଣି(୬୫)। ଦୁଇ ମୃତକ ସମ୍ପର୍କରେ ଶାଶୂ ଜ୍ୱାଇଁ ଅଟନ୍ତି। ଅପରାହ୍ଣ ପ୍ରାୟ ୫ଟା ସମୟରେ ଗୁରୁଚରଣ ନିଜ ଶାଶୂ ସହିତ ଏକ ବାଇକ (ଓଡି୦୯ବି ୭୮୮୭) ଯୋଗେ ନିଜ ସମ୍ପର୍କୀୟ ଘର ବରାଜିଆଣି ଗ୍ରାମରୁ ୪୯ ନଂ ଜାତୀୟ ରାଜପଥ ଦେଇ ନୂଆଗାଁକୁ ଫେରୁଥିଲେ। ଏହି ସମୟରେ ଯଶିପୁର ଆଡ଼କୁ ଖୁବ ଦ୍ରୁତ ଗତିରେ ଯାଉଥିବା ଏକ ଟ୍ରକ (ଓଡି ୩୫ଡି ୩୦୭୭) ଉକ୍ତ ବାଇକକୁ ପଛପଟୁ ଧକ୍କା ଦେଇଥିଲା। ଘଟଣାଟି ଏତେ ଭୟଙ୍କର ଥିଲା ଯେ ଟ୍ରକଟି ବାଇକକୁ ଧକ୍କା ଦେଇ କିଛି ଦୂରତା ଘୋଷାଡ଼ି ନେଇଥିଲା। ଫଳରେ ଦୁଇ ବାଇକ ଆରହୀ ବାଇକ ସହ ଟ୍ରକ ଚକ ତଳେ ଚାପି ହୋଇ ଘଟଣାସ୍ଥଳରେ ପ୍ରାଣ ହରାଇଥିଲେ। ଟ୍ରକ ଡ୍ରାଇଭର ଘଟଣାସ୍ଥଳରୁ ଚମ୍ପଟ ମାରିଛି। ଖବରପାଇ ମଣଦା ଫାଣ୍ଡି ଅଧିକାରୀ ଶରତ ଚନ୍ଦ୍ର ଧଳଙ୍କ ନେତୃତ୍ୱରେ ପୁଲିସ୍ ଟିମ ପହଞ୍ଚି ତଦନ୍ତ କରିବା ସହ ବିଶୋଇ ଥାନାରେ ଏକ ଅପମୃତ୍ୟୁ ମାମଲା ଜରିଆରେ ବ୍ୟବଚ୍ଛେଦ ପାଇଁ ଶବକୁ ରାଇରଙ୍ଗପୁରକୁ ପଠାଇଛନ୍ତି। ମୃତକ ପରିବାରଙ୍କୁ ଯଥାଶୀଘ୍ର କ୍ଷତିପୂରଣ ଦାବି ନେଇ ସ୍ଥାନୀୟ ଅଞ୍ଚଳରେ ଦାବି ହୋଇଛି।

# ରବିବାରଠୁ ମୟୂରଭଞ୍ଜ ଜିଲ୍ଲାରେ ପକ୍ଷୀ ଗଣନା

■ ତାଲିମ ଶିବିର ଓ ମକଡ୍ରିଲ ସମ୍ପନ୍ନ
■ ବିଦେଶୀ ପକ୍ଷୀଙ୍କ ଗତିବିଧି ଓ ସଂଖ୍ୟା କରାଯିବ ରେକର୍ଡ

ବାରିପଦା, ୧୫ ।୧(ସମିସ): ମୟୂରଭଞ୍ଜ ଜିଲ୍ଲାରେ ପକ୍ଷୀ ଗଣନା ୧୮ ତାରିଖ ରବିବାରଠାରୁ ଆରମ୍ଭ ହେବ। ଜିଲ୍ଲାର ଶିମିଳିପାଳ ଓ ସମସ୍ତ ବନଖଣ୍ଡରେ ଏହି ଗଣନା କାର୍ଯ୍ୟ ଆରମ୍ଭ ହେବ। ଆର୍ଦ୍ରଭୂମିରେ ପ୍ରତିବର୍ଷ ଶୀତଋତୁ ପ୍ରାରମ୍ଭରେ ଜଳାଶୟମାନଙ୍କୁ ଆସୁଥିବା ପକ୍ଷୀ ଗଣନା କାର୍ଯ୍ୟ ଆରମ୍ଭ ହୋଇଥାଏ। ଜିଲ୍ଲାରେ ଥିବା ଶିମିଳିପାଳ ଅଭୟାରଣ୍ୟ ତଥା ବାରିପଦା, କରଞ୍ଜିଆ ଓ ରାଇରଙ୍ଗପୁର ବନଖଣ୍ଡ ଅଧୀନରେ ଥିବା ବିଭିନ୍ନ ଜଳଭଣ୍ଡାର, ଆର୍ଦ୍ରଭୂମିରେ ପାଖାପାଖି ୧୦୦ରୁ ଅଧିକ ସ୍ଥାନରେ ଏହି ପକ୍ଷୀ ଗଣନା କାର୍ଯ୍ୟ ହେବ। ପ୍ରତିବର୍ଷ ଭଳି ଚଳିତ ବର୍ଷ ବାରିପଦା ବନଖଣ୍ଡ ଅନ୍ତର୍ଗତ ୭ଟି ବନାଞ୍ଚଳର ୪୪ଟି ଆର୍ଦ୍ରଭୂମିରେ ଏହି ଗଣନା କରାଯିବାକୁ ନେଇ ସ୍ଥିର ହୋଇଛି। ୨୦୦ରୁ ଅଧିକ ବନ କର୍ମଚାରୀ ବେତନଟୀ, ଉଦଳା, ଦେଉଳି, ବାଙ୍ଗିରିପୋଷି ଆଦି ଅଞ୍ଚଳର ଜଳାଶୟରେ ଗଣନା କରିବେ। ବନ କର୍ମଚାରୀଙ୍କ ସମେତ ଓୟୁଏଟି, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ବନ୍ୟପ୍ରାଣୀ ବିଭାଗ ଛାତ୍ରଛାତ୍ରୀ ଓ ଏନଜିଓ ସଦସ୍ୟ



ସଦସ୍ୟା ଗଣନା ପ୍ରକ୍ରିୟାରେ ସାମିଲ ହେବେ। ସକାଳ ୭ଟାରୁ ଦିନ ୧୧ଟା ପର୍ଯ୍ୟନ୍ତ ଗଣନା କାର୍ଯ୍ୟ ଚାଲିଛି। ଶୀତଋତୁରେ ବିଦେଶୀ ପକ୍ଷୀଙ୍କ ଗତିବିଧିକୁ ଲକ୍ଷ୍ୟ ରଖାଯାଇଛି। ପୂର୍ବ ବର୍ଷ ଅପେକ୍ଷା ଚଳିତ ବର୍ଷ ଅଧିକ ବିଦେଶୀ ପକ୍ଷୀ ଆସିବାର ସମ୍ଭାବନା ରହିଛି ବୋଲି ବାରିପଦା ବନଖଣ୍ଡ ଅଧିକାରୀ ସୂଚନା ଦେଇଛନ୍ତି।


# ପୁଲିସର ରାଜ୍ୟବ୍ୟାପୀ ଅପରେସନ ଷ୍ଟ୍ରାଇକ୍

■ ଜାମିନବିହୀନ ଅପରାଧରେ ୧୮୯ ଗିରଫ
■ ମଦ୍ୟପ ଚାଳକଙ୍କଠାରୁ ୧୧.୮୯ ଲକ୍ଷ ଜରିମାନା ଆଦାୟ

କଟକ,୧୫।୧(ସମିସ): ମକର ସଂକ୍ରାନ୍ତି ପର୍ବକୁ ଶାନ୍ତିଶୃଙ୍ଖଳା, ସୁରକ୍ଷା ଓ ସୁସ୍ଥ ପରିବେଶରେ ପାଳନ ସୁନିଶ୍ଚିତ କରିବା ସହ ଅପରାଧ ଓ ଅପରାଧୀଙ୍କ ଉପରେ ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ ଓଡ଼ିଶା ପୁଲିସ ପକ୍ଷରୁ 'ଅପରେସନ୍ ଷ୍ଟ୍ରାଇକ' ଅଭିଯାନ କରାଯାଇଥିଲା। ଏହି ସମୟରେ ସାରାରାଜ୍ୟରେ ୩୬୭ଟି ଅବକାରୀ ମାମଲା ରୁଜୁ କରାଯାଇ ୩୫,୫୯୯ ଲିଟର ଦେଶୀମଦ, ୫୭୧.୨୬୧ ଲିଟର ବିଦେଶୀ ମଦ ଏବଂ ୩୮ ବୋତଲ କଫ୍ ସିରପ୍ ଜବତ ସହ ୨୨ ଜଣଙ୍କୁ ଗିରଫ କରାଯାଇଛି। ସେହିପରି ବିଭିନ୍ନ ଜୁଆ ଆଡ୍ଡାରେ ପୁଲିସ ଚଢ଼ଉ କରି ୧୨ଟି ମାମଲା ରୁଜୁ କରିବା ସହ ୪ ଜଣଙ୍କୁ ଗିରଫ କରି ୧ ଲକ୍ଷ ୮ ହଜାର ଟଙ୍କା ନଗଦ ଜବତ କରିଛି। ମଦ୍ୟପାନ କରି ଗାଡ଼ି ଚାଳନା ଅଭିଯୋଗରେ ୨୭୨ଟି ମାମଲା ରୁଜୁ କରାଯାଇ ୧୧ ଲକ୍ଷ ୮୯ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ନିଶାଦ୍ରବ୍ୟ ଚୋରାଚାଲାଣ ଅଭିଯୋଗରେ ୧୩ ଜଣଙ୍କୁ ଗିରଫ କରାଯିବା ସହ ୧୫୯ କେଜି ଗଞ୍ଜେଇ, ୮୯.୦୧ ଗ୍ରାମ ବ୍ରାଉନ ସୁଗାର, ବନ୍ଧୁକ, ମାରଣାସ୍ତ୍ର ଓ ଚାରିଚକିଆ ଯାନ ଜବତ କରାଯାଇଛି। ଏହି ସମୟ ମଧ୍ୟରେ ବେଆଇନ ବନ୍ଧୁକ ଚୋରାଚାଲାଣ ମାମଲାରେ ୪ଟି ମାମଲା ରୁଜୁ କରାଯାଇ ୨ଟି ଦେଶୀ ବନ୍ଧୁକ ଓ ୧ଟି ପିସ୍ତଲ ଜବତ କରାଯିବା ସହ ୧୧ ଜଣ ଅପରାଧୀଙ୍କୁ ଗିରଫ କରିଥିଲା ପୁଲିସ। ସେହିପରି ଜାମିନବିହୀନ ଅପରାଧରେ ସାରା ରାଜ୍ୟରେ ୧୮୯ ଜଣଙ୍କୁ ଗିରଫ କରାଯାଇଛି। ଲଘୁ ଖଣିଜ ଦ୍ରବ୍ୟ ଓ ଗୋ-ଚାଲାଣ ରୋକିବା ଅଭିଯାନରେ ୨୩ଟି ମାମଲା ରୁଜୁ କରାଯାଇ ୭ ଜଣଙ୍କୁ ଗିରଫ କରାଯାଇଛି। ଏଥିରେ ୨୪ଟି ବାଲି ବୋଝେଇ ଗାଡ଼ି ଏବଂ ୨ଟି ଗୋ-ଚାଲାଣ ଗାଡ଼ି ଜବତ କରାଯାଇଛି। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ନିର୍ଦ୍ଦେଶ ଅନୁଯାୟୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାରଙ୍କ ତତ୍ତ୍ୱାବଧାନରେ ରାଜ୍ୟର ସମସ୍ତ ଜିଲ୍ଲାର ଏସପିମାନେ 'ଅପରେସନ୍ ଷ୍ଟ୍ରାଇକ୍' ଅଭିଯାନରେ ସକ୍ରିୟ ଭାବେ ସାମିଲ ହୋଇଥିଲେ।

# ଅନ୍ତର୍ଜାତୀୟ ନିର୍ବାଚନ ମୈଦାନରେ ଲିଟିଲ ମିସ୍ ପଦ୍ମାଳୟା ନନ୍ଦ

■ ଆଇୱାଇଆର୍ ପଦବୀ ପାଇଁ ବିଶ୍ୱର ୪ ଜଣଙ୍କ ମଧ୍ୟରେ ପଦ୍ମାଳୟା
■ ଆସନ୍ତାକାଲି ଜେନେଭାରୁ ଘୋଷଣା ହେବ ଫଳାଫଳ



ଭୁବନେଶ୍ୱର,୧୫ ।୧(ସମିସ): ୨୦୧୭ ମସିହାରେ ପ୍ରଥମ ଭାରତୀୟ ଭାବେ ଦେଶ ପାଇଁ ମୁକୁଟ ଜିତି ଆଣିଥିବା ଲିଟିଲ ମିସ୍ ୟୁନିଭର୍ସ ଇଣ୍ଟରନେଟ ପଦ୍ମାଳୟା ନନ୍ଦ ଆଉ ଏକ ଅନ୍ତର୍ଜାତୀୟ ସଫଳତା ପାଇଁ ପ୍ରସ୍ତୁତ ହେଉଛନ୍ତି। ଏଥିପାଇଁ ସେ ଆଉ ଏକ ଅନ୍ତର୍ଜାତୀୟ ନିର୍ବାଚନ ମୈଦାନରେ ଲଢ଼େଇ କରୁଛନ୍ତି। ଜାତିସଂଘ ସହବନ୍ଧିତ ଅନୁଷ୍ଠାନ ୱାଇଜମ୍ୟାନ ଇଣ୍ଟରନେସନାଲର ଅନ୍ତର୍ଜାତୀୟ ଯୁବ ପ୍ରତିନିଧି (ଆଇ.ୱାଇ.ଆର)୨୦୨୬-୨୮ ପଦବୀ ପାଇଁ ସେ ପୃଥିବୀର ୪ଜଣଙ୍କ ମଧ୍ୟରେ ମନୋନୀତ ହେବାର ଗୌରବ ଅର୍ଜନ କରି ନିର୍ବାଚନ ମୈଦାନରେ ଅବତୀର୍ଣ୍ଣ ହେଉଛନ୍ତି। ବିଶ୍ୱବ୍ୟାପୀ ଅନ୍‌ଲାଇନ ଭୋଟିଂ ଶେଷ ହୋଇଥିବା ବେଳେ ୪ ପ୍ରତିଯୋଗୀଙ୍କ ଭାଗ୍ୟ ସିଲ୍ ହୋଇଛି। ଆସନ୍ତାକାଲି ୧୬ ଜାନୁଆରୀରେ ୱାଇଜମ୍ୟାନ ଇଣ୍ଟରନେସନାଲର ଜେନେଭାସ୍ଥିତ ଅନ୍ତର୍ଜାତୀୟ ମୁଖ୍ୟାଳୟରେ ଅନୁଷ୍ଠାନିକ ଭାବେ ଫଳାଫଳ ଘୋଷଣା କରାଯିବ। ପୃଥିବୀର ଏହି ୪ଜଣ ମନୋନୀତ ଯୁବ ପ୍ରତିନିଧିଙ୍କ ମଧ୍ୟରେ ପଦ୍ମାଳୟାଙ୍କ ବ୍ୟତୀତ ତାଇୱାନର ଜୁନଲୁନ ୱୁ, ଜମିୟାର କ୍ରିଷ୍ଟାବେଲ୍ଲେ ବ୍ରାଉନ, ଭାରତ ବାଙ୍ଗାଲୁରୁର ରାୟନ ଜେମ୍‌ସ ମନୋନୀତ ହୋଇ ନିର୍ବାଚନ ଲଢୁଛନ୍ତି।

ଏହି ବିଶ୍ୱ ସ୍ତରୀୟ ମାର୍ଯ୍ୟଦାପୂର୍ଣ ନିର୍ବାଚନରେ ସମଗ୍ର ବିଶ୍ୱର ବିଭିନ୍ନ ପ୍ରାନ୍ତ ୮ଟି ଭାଗରେ ବିଭକ୍ତ ହୋଇ ସମୁଦାୟ ୪୮ଟି ନେତୃସ୍ତରୀୟ ପ୍ରତିନିଧି ଭାବରେ ଭୋଟ୍ ରହିଛି। ଏହି ପଦବୀ ପାଇଁ ମନୋନୀତ ହେବାରେ ପଦ୍ମାଳୟା ନନ୍ଦ ପ୍ରଥମ ଓଡ଼ିଆ। ନିର୍ବାଚିତ ହେଲେ ସେ ୨୦୨୬-୨୮ ମସିହା ପର୍ଯ୍ୟନ୍ତ ଦୁଇବର୍ଷ ପାଇଁ ଆନ୍ତର୍ଜାତୀୟ ଯୁବ ପ୍ରତିନିଧି ଭାବେ କାର୍ଯ୍ୟକରି ବିଶ୍ୱ ବ୍ୟାପି ଯୁବ ସମୁଦାୟର ନେତୃତ୍ୱ ନେବେ। ଓଡିଶା ହାଇକୋର୍ଟ ଓ ସୁପ୍ରିମ କୋର୍ଟର ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦ ଓ ଡାକ୍ତର ଶୁଭସୁଧା ପ୍ରିୟଦର୍ଶିନୀଙ୍କ କନ୍ୟା ପଦ୍ମାଳୟା ଏବେ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ମନୋବିଜ୍ଞାନ ବିଭାଗର ସ୍ନାତକୋତ୍ତର ପ୍ରଥମ ବର୍ଷର ଛାତ୍ରୀ।

# ପ୍ରଥମେ ନାମ ବଦଳିଲା, ଏବେ ସେବା ବନ୍ଦ

# ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ ମନ୍ଦିରରେ ଯୋଗ ଓ ଫିଜିଓଥେରାପି ବନ୍ଦ

ଭୁବନେଶ୍ୱର,୧୫ ।୧(ସମିସ): ସାଧାରଣ ଲୋକଙ୍କୁ ସହଜ, ସୁଲଭ ଓ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ଯୋଗାଇଦେଉଥିବାର ଡିଣ୍ଡିମ ପିଟୁଥିବା ରାଜ୍ୟ ବିଜେପି ସରକାର ଧୀରେ ଧୀରେ ଜନତାଙ୍କ ସମାଲୋଚନାର ଶିକାର ହେବାରେ ଲାଗିଛି। ନୂଆ ସରକାରଠାରୁ ଲୋକମାନେ କିଛି ନୂଆ ପାଇବାର ଆଶା ରଖିଥିବାବେଳେ ଗତ ଦେଢ଼ବର୍ଷ ଭିତରେ କେବଳ ପୁରୁଣା ଯୋଜନା ବା ଅନୁଷ୍ଠାନର ରଙ୍ଗ ଓ ନାମ ପରିବର୍ତ୍ତନ ଛଡ଼ା ଏ ସରକାରରୁ ଅନ୍ୟ କିଛି ମିଳି ନ ଥିବା ଆଲୋଚନା ହେଉଛି। ଏମିତି ଅନେକ ଉଦାହରଣ ମଧ୍ୟରେ ସାମିଲ ହୋଇଛି ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ର। ଭୁବନେଶ୍ୱର ମହାନଗର ନିଗମ ଅଧୀନସ୍ଥ ବିଭିନ୍ନ ଅଞ୍ଚଳରେ ରହିଥିବା ୧୮ଟି ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଆରୋଗ୍ୟ ମନ୍ଦିରରେ ନିତିଦିନିଆ ଯୋଗ ଓ ଫିଜିଓଥେରାପି ସେବା ଗତ ୧୧ ତାରିଖରୁ ବନ୍ଦ ହୋଇଯାଇଛି। ସରକାର ପରିବର୍ତ୍ତନ ପରେ ପ୍ରଥମେ 'ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର'ର ନାମ ବଦଳାଯାଇ 'ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ ମନ୍ଦିର' କରାଗଲା। ଏହାପରେ ଆରୋଗ୍ୟ ମନ୍ଦିରରେ ପ୍ରଥମେ ଲାବ୍ରୋଟୋରୀ ବନ୍ଦ କରିଦିଆଯାଇ ଏଠାରୁ ଲାବ୍ରୋଟୋରୀ ଟେକନିସିଆନ୍ ଓ ଜଣେ ସହାୟିକାଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଗଲା। ଏହାର କିଛି ଦିନ ବ୍ୟବଧାନ ପରେ ଗତ ୧୧ ତାରିଖରୁ ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ ମନ୍ଦିରରେ ଆଉ ଯୋଗ ଓ ଫିଜିଓଥିରାପି କେନ୍ଦ୍ର ଚାଲିବ ନାହିଁ ବୋଲି ନିର୍ଦ୍ଦେଶ ଆସିଛି। ଏନ୍‌ଏଚ୍‌ଏମ୍ ଅଧୀନରେ ରହିଥିବା ଏହି ଆରୋଗ୍ୟ ମନ୍ଦିରଗୁଡ଼ିକ ସ୍ଥାନୀୟ ଲୋକଙ୍କ ପାଇଁ ବେଶ୍ ସହାୟକ ହେଉଥିବା ବେଳେ ବିନା କୌଣସି ନୋଟିସ୍‌ରେ ଏହି ଚିକିତ୍ସା ବନ୍ଦ କରାଯାଇଥିବାରୁ ଏଠାରେ ନିୟୋଜିତ କର୍ମୀ ଓ କର୍ମଚାରୀଙ୍କ ସମେତ ଯୋଗ ଓ ଫିଜିଓଥେରାପି ଚିକିତ୍ସା ସେବା ପାଉଥିବା ରୋଗୀମାନେ ନିରାଶ ହୋଇଛନ୍ତି।

ସୂଚନାଅନୁସାରେ, ବିଏମ୍‌ସି ଅଧୀନରେ ରହିଥିବା



ବିଭିନ୍ନ ୱାର୍ଡରେ ୧୮ଟି 'ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର' (ହେଲଥ୍ ଆଣ୍ଡ ୱେଲନେସ୍ ସେଣ୍ଟର) ରହିଛି। ବରମୁଣ୍ଡା ରେଣ୍ଟାଲ କଲୋନୀ, ସାମନ୍ତରାପୁର, ଆଚାର୍ଯ୍ୟବିହାର, ଲକ୍ଷ୍ମୀସାଗର, ଆଇଗିଣିଆ, ବଡ଼ଗଡ ଶବରସାହି, ଚକେଇସିଆଣି, ପଲାସପଲ୍ଲୀ, ସୁନ୍ଦରପଦା, କଳିଙ୍ଗ ବିହାର, ନିଳାଦ୍ରୀବିହାର ସେକ୍ଟର-୫, ପାତ୍ରପଡ଼ା, ଶ୍ରିବହାର, ହଂସପାଳ, ପଳାଶୁଣି, କଳାରାହାଙ୍ଗ ଆଦି ଆଦି ଅଞ୍ଚଳରେ ଏହା ଆରମ୍ଭ ହୋଇଥିଲା। ଏନ୍‌ଏଚ୍‌ଏମ୍ (ନ୍ୟାସନାଲ ହେଲଥ୍ ମିଶନ) ଦ୍ୱାରା ପରିଚାଳିତ ଏହି କେନ୍ଦ୍ରରେ ଜଣେ ଡାକ୍ତର, ଫାର୍ମାସିଷ୍ଟଙ୍କ ସମେତ ଲାବୋରେଟୋରୀ ଟେକ୍ନିସିଆନ୍‌ଙ୍କୁ ନିଯୁକ୍ତ କରାଯାଇଥିବା ବେଳେ ବିଭିନ୍ନ ଔଷଧ ଉପଲବ୍ଧ ହେଉଥିଲା। ସେହିପପରି ଲାବୋରେଟୋରୀ ନିର୍ମାଣ କରାଯାଇ ଜଣେ ଟେକ୍ନିସିଆନ୍ ଓ ସହାୟିକାଙ୍କୁ ମଧ୍ୟ ନିଯୁକ୍ତ କରାଯାଇ ବିଭିନ୍ନ ପରୀକ୍ଷା କରାଯାଉଥିଲା। ପରବର୍ତ୍ତୀ ସମୟରେ ଯୋଗ ଗୁରୁ, ଜଣେ ଫିଜିଓଥିରାପିଷ୍ଟଙ୍କୁ ନିଯୁକ୍ତ କରାଯାଇଥିଲା। ଏବେ ଏହିସବୁ କେନ୍ଦ୍ରରେ ଯୋଗ ଓ ଫିଜିଓଥେରାପି ଚିକିତ୍ସା ବନ୍ଦ ହୋଇଯାଇଛି।

ଅନ୍ୟପକ୍ଷରେ ସହରରେ ମୋଟ୍ ୧୮ଟି କେନ୍ଦ୍ରରୁ

## କର୍ମଚାରୀଙ୍କ ସମେତ ରୋଗୀ ନିରାଶ

ଭିଏସଏସନଗର, ବରମୁଣ୍ଡା ରେଣ୍ଟାଲ କଲୋନୀ, ସାମନ୍ତରାପୁର, ଆଚାର୍ଯ୍ୟବିହାରର ନିଜସ୍ୱ ଗୃହ ରହିଥିବା ବେଳେ ବାକି ୧୪ଟି ଭଡ଼ାରେ ଚାଲିଥିବା ସୂଚନା ରହିଛି। ତେବେ ଆସନ୍ତା ମାର୍ଚ୍ଚ ମାସରୁ ଏବାବଦକୁ ଦିଆଯାଉଥିବା ଭଡ଼ା ବନ୍ଦ କରାଯିବାକୁ ମଧ୍ୟ ସୂଚନା ରହିଛି। ତେବେ ଏଠାରେ ରହିଥିବା ବିଭିନ୍ନ ଯନ୍ତ୍ରପାତି ଓ କାର୍ଯ୍ୟ କରୁଥିବା କର୍ମଚାରୀମାନେ କ'ଣ କରିବେ ବୋଲି ପ୍ରଶ୍ନ କରିଛନ୍ତି। ସବୁଠାରୁ ବଡ଼କଥା ହେଉଛି, ପ୍ରତିଦିନ ଚାଲୁଥିବା ଯୋଗ ଏବଂ ଫିଜିଓଥେରାପି ସେବାକୁ ୧୫ ଦିନିଆ କରାଯାଇ କର୍ମଚାରୀଙ୍କୁ ମଧ୍ୟ ୧୫ ଦିନ ଦରମା ଦେଇଥିଲା ଏନ୍‌ଏଚ୍‌ଏମ୍। ଏହାକୁ ସ୍ଥାନୀୟ ଲୋକେ ବିରୋଧ କରି ବିଏମ୍‌ସି ମେୟରଙ୍କ ଓ କମିଶନରଙ୍କ ସହ ଆଲୋଚନା ପରେ ବାକି ୧୫ ଦିନର ଦରମା ଦିଆଯାଉଥିବା ଜଣାପଡ଼ିଛି। ତେବେ ମାସିକ ଦରମା ଯୋଗ ଗୁରୁ ଓ ଫିଜିଓଥେରାପିଷ୍ଟ ଦୁଇଟି ଭିନ୍ନ ଭିନ୍ନ ସ୍ଥାନରୁ ଦରମା ପାଉଥିବା ବେଳେ ଏହି ସେବା ବନ୍ଦ କରାଯିବା ନେଇ କର୍ମଚାରୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।

ବର୍ତ୍ତମାନ ଯେଉଁଭଳି ଭାବେ ଜୀବନଶୈଳୀରେ ପରିବର୍ତ୍ତନ ଦେଖାଦେଇଛି, ତାହାର ଫଳସ୍ୱରୂପ ଅତି କମ୍ ବୟସରେ ବିଭିନ୍ନ ରୋଗର ଶିକାର ହେଉଛନ୍ତି ଛୋଟ ପିଲାଙ୍କ ଠାରୁ ବୟସ୍କ ବ୍ୟକ୍ତି। ଏଥିରୁ ବର୍ତ୍ତିବା ପାଇଁ ଯୋଗ ହେଉଛି ପ୍ରମୁଖ ଚିକିତ୍ସା ବୋଲି ଡାକ୍ତରମାନେ ପରାମର୍ଶ ଦେଉଛନ୍ତି। ଫଳରେ ସକାଳୁ ସକାଳୁ ଯୋଗ କରିବାକୁ ଲୋକମାନେ ବେଶ୍ ଆଗ୍ରହ ପ୍ରକାଶ କରୁଛନ୍ତି। ସେହିପରି ବୟସ୍କମାନେ ଆଣ୍ଠୁଗଣ୍ଠି ବ୍ୟଥାଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ଅସ୍ଥିଶଲ୍ୟ ରୋଗରେ ଆକ୍ରାନ୍ତ ହୋଇ ଫିଜିଓଥେରାପି ଚିକିତ୍ସାକୁ ଭରସା କରୁଛନ୍ତି। କୌଣସି ଘରୋଇ ହସ୍ପିଟାଲ ବା ଫିଜିଓଥେରାପି କ୍ଲିନିକ୍‌ରେ ଏଥିପାଇଁ ମୋଟୋ ଅଙ୍କର ଅର୍ଥ ଦେବାକୁ ପଡୁଥିବା ବେଳେ ନିକଟସ୍ଥ ସ୍ୱାସ୍ଥ୍ୟ ଓ ଆରୋଗ୍ୟ ମନ୍ଦିର ଗରୀବ ଓ ମଧ୍ୟବିତ୍ତଙ୍କ ଭରସା ପାଲଟିଥିଲା। ସରକାରଙ୍କ ତରଫରୁ ବିନା ମୂଲ୍ୟରେ ଯୋଗାଇ ଦିଆଯାଉଥିବା ଏହି ଚିକିତ୍ସା ଦ୍ୱାରା ବହୁ ସଂଖ୍ୟାରେ ଲୋକେ ଉପକୃତ ହେଉଥିଲେ। ଏବେ ଏହି କେନ୍ଦ୍ରଗୁଡ଼ିକ ବନ୍ଦ ଯୋଗୁଁ ଅନେକ ଚିକିତ୍ସାରୁ ବଞ୍ଚିତ ହୋଇଛନ୍ତି। ତେଣୁ ଫଳରେ ସ୍ଥାନୀୟ ଅଞ୍ଚଳରେ ନିୟମିତ ଫିଜିଓଥେରାପି ଓ ଯୋଗ କରିବାକୁ ସେମାନେ ନିବେଦନ କରିଛନ୍ତି। ଏନେଇ ଆରୋଗ୍ୟ ମନ୍ଦିରର ଜଣେ କର୍ମଚାରୀ କହିଛନ୍ତି ୩ବର୍ଷ ପାଇଁ ହୋଇଥିବା ଚୁକ୍ତି ଶେଷ ହୋଇଥିବା ବେଳେ ଏହାକୁ ନବୀକରଣ(ରିନ୍ୟୁ) କରାଯାଇ ନ ଥିବାରୁ ଏଭଳି ସମସ୍ୟା ହୋଇଛି।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟରୁ ସଫଳତା ମିଳିବ। ସନ୍ତାନଙ୍କ ପ୍ରଗତିରେ ଅଭିଭାବକ ଖୁସି ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ଭଲ କାର୍ଯ୍ୟ ଯୋଗୁଁ ସମାଜରେ ପ୍ରତିଷ୍ଠା ବଢ଼ିବ।

**ବୃଷ:** ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ବହୁତ ଭଲ। ବିଦ୍ୟାର୍ଥୀମାନେ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ।

**ମିଥୁନ:** କୌଣସି କ୍ଷେତ୍ରରୁ ଆଘାତ ପାଇପାରନ୍ତି। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। ବିଦ୍ୟାର୍ଥୀମାନେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ।

**ସିଂହ:** ଶତ୍ରୁଙ୍କୁ ଦୁର୍ବଳ ମନେ କରନ୍ତୁନି। ଅଟକି ଥିବା କାର୍ଯ୍ୟ ସମାପନ ହେବ। ବିଦ୍ୟାର୍ଥୀମାନେ ଖେଳମନସ୍କ ହେବେ। ବ୍ୟବସାୟ ଦୃଷ୍ଟିରୁ ଦିନଟି ବହୁତ ଭଲ। ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିବେ।

**କର୍କଟ:** ଜୀବନସାଥୀଙ୍କ ସାନ୍ନିଧ୍ୟ ମିଳିବ। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ପରିବାରବର୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ପ୍ରଭୁ ମହାଦେବଙ୍କ ଆରାଧନା କରନ୍ତୁ।

**କନ୍ୟା:** ପ୍ରେମ ବ୍ୟାପାରରେ ସମସ୍ୟା ଦେଖାଦେବ। ଗୁରୁଜନଙ୍କ ପରାମର୍ଶ ନେଇ ନୂତନ କାର୍ଯ୍ୟରେ ଯୋଗ ଦିଅନ୍ତୁ। ପିଲାମାନେ ଖେଳକୁଦରେ ସମୟ ବିତାଇବେ।

**ତୁଳା:** ଭୂମି, ଯାନବାହନ କିଣିବାର ଅଧିକ ସମ୍ଭାବନା ରହିଛି। ଅଭିଭାବକମାନେ ସନ୍ତାନଙ୍କ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପ୍ରତିକୂଳ ପରିସ୍ଥିତିରେ ଧୈର୍ଯ୍ୟହରା ହୁଅନ୍ତୁନି। ବନ୍ଧୁମିଳନ ଯୋଗ ରହିଛି।

**ବିଛା:** ସ୍ୱାସ୍ଥ୍ୟ ଭଲ ରହିବ। ସନ୍ତାନଙ୍କ ଖୁସିରେ ଖୁସି ହେବେ। ଅଚାନକ ଖୁସି ଖବର ମିଳିବ। ବିଦ୍ୟାର୍ଥୀ ପରୀକ୍ଷାରେ କୃତକାର୍ଯ୍ୟ ହେବ। ମହିଳାମାନଙ୍କୁ ମୁଖ୍ୟ ଦାୟିତ୍ୱ ମିଳିବ।

**ଧନୁ:** ସୃଜନଶୀଳତା ବୃଦ୍ଧି ପାଇବ। ଅଧିକ ଖର୍ଚ୍ଚାନ୍ତ ହେବେ। ପ୍ରେମ ବ୍ୟାପାରରେ ସଫଳ ହେବେ। କର୍ମକ୍ଷେତ୍ରରେ ବଡ଼ ଦାୟିତ୍ୱ ମିଳିପାରେ। ସନ୍ତାନଙ୍କ କ୍ୟାରିୟରକୁ ନେଇ ଅଭିଭାବକ ଚିନ୍ତାରେ ରହିବେ।

**ମକର:** ସରକାରୀ ଚାକିରିଆଙ୍କ ପାଇଁ ଆଜି ଦିନଟି ବହୁତ ଭଲ। ବନ୍ଧୁଙ୍କ ସହିତ ମନୋରଞ୍ଜନ କରିବେ। ପିଲାମାନେ ପଢ଼ାପ୍ରତି ଅଧିକ ଧ୍ୟାନ ଦେବେ। ଦିନଟି ବେଶ୍ ହସଖୁସିରେ ବିତିବ।

**କୁମ୍ଭ:** ଅଚାନକ ମନ ଭିତରେ ପରିବର୍ତ୍ତନ ଆସିବ। ଆର୍ଥିକ ସମସ୍ୟା ରହିବନି। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଆୟ ଅନୁସାରେ ଅଧିକ ବ୍ୟୟ ହେବ। ଭଗବାନଙ୍କ ପୂଜାର୍ଚ୍ଚନା କରନ୍ତୁ।

**ମୀନ:** ଜମି କିଣାବିକା ଯୋଗ ରହିଛି। ଅଧିକ ଲାଭ ପାଇବା ଆଶାରେ ଭୁଲ୍ କରନ୍ତୁନି। ପାରିବାରିକ ସମସ୍ୟା ସମାଧାନ ହେବ। ମହିଳାମାନେ ଘର କାମରେ ବ୍ୟସ୍ତ ରହିବେ।

## ଆଜିର ଇତିହାସ

- ୧୬୮୧- ମହାରାଷ୍ଟ୍ରର ରାୟଗଡ଼ କିଲ୍ଲାରେ ଛତ୍ରପତି ଶିବାଜୀଙ୍କ ପୁତ୍ର ଶମ୍ଭାଜୀଙ୍କର ରାଜ୍ୟାଭିଷେକ ହୋଇଥିଲା।
- ୧୭୬୧- ଇଂରେଜମାନେ ଫ୍ରାନ୍ସ କବ୍‌ଜାରୁ ପଣ୍ଡିଚେରୀକୁ ଛଡ଼ାଇ ନେଲେ।
- ୧୯୩୮- ପ୍ରଖ୍ୟାତ ବଙ୍ଗଳା ସାହିତ୍ୟିକ ଶରତ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ପରଲୋକ।
- ୧୯୮୫- ଥାଇଲାଣ୍ଡରେ ଶିକ୍ଷକ ଦିବସ ପାଳନ ଆରମ୍ଭ।
- ୨୦୦୩- ଦ୍ୱିତୀୟଥର ମହାକାଶକୁ ଯାତ୍ରା କଲେ କଳ୍ପନା ଚାୱଲା।

## ଅଲ୍ଲୁଙ୍କ ଫିଲ୍ମରେ କାଜଲ





ସାଉଥ୍ ସୁପରଷ୍ଟାର୍ ଅଲ୍ଲୁ ଅର୍ଜୁନ୍ 'ପୁଷ୍ପା' ସିରିଜ୍‌ର ସଫଳତା ପରେ ପ୍ୟାନ୍ ଇଣ୍ଡିଆ ଷ୍ଟାର୍ ହୋଇ ଯାଇଛନ୍ତି। ଏବେ ସେ ଏଟ୍‌ଲିଙ୍କ ଫିଲ୍ମ 'AA22xA6'କୁ ନେଇ ବ୍ୟସ୍ତ ଅଛନ୍ତି। ସାଇନ୍ସ ଫିକ୍ସନ୍ ଉପରେ ଆଧାରିତ ଏହି ଫିଲ୍ମରେ ଅଲ୍ଲୁଙ୍କ ବିପକ୍ଷରେ ଦୀପିକା ପାଦୁ୍ୟକୋନ୍ ଦେଖାଯିବେ। ଇତିମଧ୍ୟରେ ଅଲ୍ଲୁଙ୍କ ହାତକୁ ଆହୁରି ଦୁଇଟି ବଡ଼ ପ୍ରୋଜେକ୍ଟ ଆସିଛି। ଲୋକେଶ କନଗରାଜଙ୍କ ଏକ ଫିଲ୍ମ ପାଇଁ ତାଙ୍କୁ ଯୋଗାଯୋଗ କରିଥିବା ଜଣାପଡ଼ିଛି। ଏହାବାଦ୍ ତ୍ରିବିକ୍ରମ ମଧ୍ୟ ତାଙ୍କୁ ଏକ ଫିଲ୍ମ ପାଇଁ ଅଫର୍ ଦେଇଛନ୍ତି। ତେବେ ଅଲ୍ଲୁ ଏଟ୍‌ଲିଙ୍କ ସହ ଯେଉଁ ଫିଲ୍ମ କରୁଛନ୍ତି ତାହାର ବଜେଟ୍ ୮୦୦ କୋଟିରୁ ଊର୍ଦ୍ଧ୍ୱ ରହିଛି। ଏହି ଫିଲ୍ମ ଦୁଇଟି ପାର୍ଟରେ ଆସିବ। ଏହାର ପ୍ରଥମ ପାର୍ଟ ୨୦୨୭ ଆରମ୍ଭରେ ରିଲିଜ୍ କରାଯିବା ପାଇଁ ଯୋଜନା କରାଯାଇଛି। ଏଥିରେ ଏକାଧିକ କଳାକାର ନଜର ଆସିବେ। ଦୀପିକାଙ୍କ ବାଦ୍ ଏଥିରେ ରଶ୍ମିକା ମନ୍ଦାନା, ମୃଣାଳ ଠାକୁରଙ୍କୁ ବି ନେବା ପାଇଁ ଯୋଜନା କରାଯାଉଛି। ଏବେ ଏହି ଫିଲ୍ମରେ କାଜଲଙ୍କୁ ଏଣ୍ଟ୍ରି କରାଇବା ପାଇଁ ଫିଲ୍ମ ନିର୍ମାତା ଯୋଜନା କରିଛନ୍ତି। କାଜଲ ଏଥିରେ ଜଣେ ପୁଲିସ ଅଫିସର ଭୂମିକାରେ ନଜର ଆସିବେ। ଅବଶ୍ୟ ଏନେଇ 'AA22xA6' ଟିମ୍ ପକ୍ଷରୁ ବିଧିବଦ୍ଧ ଭାବେ କିଛି ସୂଚନା ଆସିନାହିଁ। ଏହାର ପ୍ରଯୋଜନା ଦାୟିତ୍ୱରେ ସନ୍ ପିକଚର୍ସ ରହିଛି।

## କିମ୍‌ଙ୍କ ରହସ୍ୟମୟ ଜୀବନ



ଉତ୍ତର କୋରିଆର ଏକଚ୍ଛତ୍ରବାଦୀ ଶାସକ କିମ୍ ଜୋଙ୍ଗ ଉନ୍‌ଙ୍କ ବ୍ୟକ୍ତିଗତ ଜୀବନ ସହିତ ଜଡ଼ିତ ଅନେକ କଥା କୌଣସି ରହସ୍ୟଠାରୁ କମ୍ ନୁହେଁ। ତାଙ୍କ ବିଷୟରେ ସବୁଠାରୁ ଚର୍ଚ୍ଚିତ ଗୁପ୍ତ କଥା ହେଉଛି ତାଙ୍କର ସ୍ୱିସ୍ ଶିକ୍ଷା। କିଶୋରାବସ୍ଥାରେ ସେ ସ୍ୱିଜରଲ୍ୟାଣ୍ଡରେ ରହି ବର୍ନର ଏକ ପ୍ରତିଷ୍ଠିତ ଘରୋଇ ସ୍କୁଲରେ ପାଠ ପଢ଼ୁଥିଲେ ବୋଲି କୁହାଯାଏ। ଏଠାରେ ସେ ଛଦ୍ମ ନାଁରେ ପାଠ ପଢ଼ୁଥିଲେ। ସହପାଠୀମାନେ ତାଙ୍କୁ ପାକ୍ ଉନ୍ ନାଁରେ ଜାଣିଥିଲେ। ସେ ପାଠପଢ଼ାରେ ସେତେ ବେଶି ଉନ୍ନତ ନ ଥିଲେ, କିନ୍ତୁ ସଙ୍ଗୀତ ଏବଂ ବାସ୍କେଟବଲ୍ ପ୍ରତି ତାଙ୍କର ଆଗ୍ରହ ଅଧିକ ଥିଲା। ପାଠପଢ଼ାରେ ତାଙ୍କୁ ଭଲ ଗ୍ରେଡ୍ ନ ମିଳିବାରୁ ସେ ଅଲଗା ସ୍କୁଲକୁ ସ୍ଥାନାନ୍ତରିତ ହୋଇ ଯାଇଥିଲେ। ସେଠାରେ ସେ ଅନ୍ୟ ସାଧାରଣ ଛାତ୍ରଙ୍କ ଭଳି ଜୀବନ ଅତିବାହିତ କଲେ। ସେହିପରି ଅନେକ ରିପୋର୍ଟରେ ଏକଥା ବି ଦାବି କରାଯାଇଛି ଯେ, ପ୍ରକୃତ ପରିଚୟକୁ ଲୁଚାଇବା ଲାଗି ସେ ଛଦ୍ମ ନାମ ବ୍ୟବହାର କରୁଥିଲେ। ଅନ୍ୟପଟେ ୨୦୧୧ ମସିହାରେ ତାଙ୍କ ପିତା କିମ୍ ଜଙ୍ଗ୍ ଇଲ୍‌ଙ୍କ ମୃତ୍ୟୁ ପରେ, ସେ କୌଣସି ଆନୁଷ୍ଠାନିକ ସାମରିକ ତାଲିମ ବିନା ସର୍ବୋଚ୍ଚ କ୍ଷମତା ଗ୍ରହଣ କରିଥିଲେ। ସେ ଉତ୍ତର କୋରିଆର ତୃତୀୟ ଶାସକ ଭାବେ ଶାସନଭାର ଗ୍ରହଣ କରିଥିଲେ। ତାଙ୍କ ଜେଜେ ବାପା ଦ୍ୱିତୀୟ କିମ୍ ସୁଙ୍ଗ୍ ଉତ୍ତର କୋରିଆର ପ୍ରଥମ ଏକଚ୍ଛତ୍ରବାଦୀ ଶାସକ ଥିଲେ। ଏହାପରେ କିମ୍‌ଙ୍କ ବାପା ଉତ୍ତର କୋରିଆର ଶାସକ ହୋଇଥିଲେ। ତାଙ୍କର ମୃତ୍ୟୁପରେ କିମ୍ ଜୋଙ୍ଗ୍ ଉନ୍ ଶାସନ ଭାର ସମ୍ଭାଳୁଛନ୍ତି। ଏକଥା ବି ଦାବି କରାଯାଏ ଯେ, କିମ୍ ତାଙ୍କ ଜେଜେବାପା ଦ୍ୱିତୀୟ କିମ୍ ସୁଙ୍ଗ୍‌ଙ୍କ ଭଳି ଦେଖାଯିବା ପାଇଁ ପ୍ଲାଷ୍ଟିକ୍ ସର୍ଜରୀ କରିଥିଲେ। ଜେଜେବାପାଙ୍କ ଲୋକପ୍ରିୟତା ହାସଲ କରିବା ଉଦ୍ଦେଶ୍ୟରେ ସେ ଏପରି କରିଥିବା କୁହାଯାଏ। କିମ୍ ଜୋଙ୍ଗ ଉନ୍ କେଉଁ ମସିହାରେ ଜନ୍ମଗ୍ରହଣ କରିଛନ୍ତି ତାକୁ ନେଇ ମଧ୍ୟ ଆଜି ପର୍ଯ୍ୟନ୍ତ କେହି ବି ସଠିକ୍ ଉତ୍ତର ଦେଇପାରିନାହାନ୍ତି। ଅନେକ ଗଣମାଧ୍ୟମ ରିପୋର୍ଟରେ ସେ ୧୯୮୩ ମସିହାରେ ଜନ୍ମଗ୍ରହଣ କରିଥିବା ଦାବି କରାଯାଉଥିବାବେଳେ ଆଉ କେତେକରେ ସେ ୧୯୮୪ରେ କରିଛନ୍ତି ବୋଲି କୁହାଯାଏ। ଏଭଳି ପରିସ୍ଥିତିରେ ତାଙ୍କର ବୟସ ନିର୍ଣ୍ଣୟ କରିବା କଷ୍ଟକର ହୋଇଯାଏ। ଆଜି ମଧ୍ୟ ତାଙ୍କ ବ୍ୟକ୍ତିଗତ ଜୀବନ ରହସ୍ୟଘେରରେ ରହିଛି।

## ପରିବାକୁ ପାଣିରେ ନା ବାମ୍ଫରେ ସିଝାଇବା ଭଲ

ସୁସ୍ଥ ରହିବା ଲାଗି ସିଝା ଖାଦ୍ୟ ଖାଇବାକୁ ପରାମର୍ଶ ଦିଆଯାଏ। ସେହିପରି ପନିପରିବାରେ ଭିଟାମିନ୍, ମିନେରାଲ, ଫାଇବର ଏବଂ ଆଣ୍ଟିଅକ୍ସିଡାଣ୍ଟ ଥିବାରୁ ଏହା ଶରୀର ପାଇଁ ଖୁବ୍ ଉପଯୋଗୀ। ତେବେ ପନିପରିବାକୁ ବାମ୍ଫରେ ନା ଗରମପାଣିରେ ସିଝାଇବା ଉଚିତ ସେନେଇ ଅନେକ ଦ୍ୱନ୍ଦ୍ୱରେ ରୁହନ୍ତି। ତେବେ ବାମ୍ଫରେ ସିଝାଯାଉଥିବା ପନିପରିବାଗୁଡ଼ିକରେ ଏହାକୁ ପାଣିରେ ବୁଡ଼ାଯାଏ ନାହିଁ। ଫଳରେ ଏଥିରେ ଭିଟାମିନ୍ ସି, ଫୋଲେଟ ଏବଂ ଭିଟାମିନ ବି କମ୍ପ୍ଲେକ୍ସ ଭଳି ପୋଷକ ତତ୍ତ୍ୱ ସୁରକ୍ଷିତ ରହେ। ସେହିଭଳି ପାଳଙ୍ଗ, ଗାଜର, ବ୍ରୋକଲି ଭଳି ପରିବାକୁ ବାମ୍ଫରେ ସିଝାଇବା ଦ୍ୱାରା ଏହାର ରଙ୍ଗ ଏବଂ ସ୍ୱାଦରେ କୌଣସି ପ୍ରଭାବ ପଡ଼ି ନ ଥାଏ। ଏଣୁ ଏହାକୁ ଖାଇବା ସହଜ ହୋଇଥାଏ। ଏହାବାଦ୍ ବାମ୍ଫରେ ସିଝାଯାଉଥିବା ପରିବାଗୁଡ଼ିକ ଶୀଘ୍ର ହଜମ ହୋଇ ପାଚନତନ୍ତ୍ରକୁ ମଜଭୁତ କରିଥାଏ। ସେହିପରି ପରିବାକୁ ପାଣିରେ ସିଝାଇବା ଦ୍ୱାରା ଏଥିରେ ଥିବା ପୋଷକତତ୍ତ୍ୱଗୁଡ଼ିକ ପାଣିରେ ମିଶିଯାଏ। ଅନେକ ଲୋକ ପରିବାକୁ ସିଝାଇବା ପରେ ତା'ର ପାଣିକୁ ଫିଙ୍ଗି ଦିଅନ୍ତି। ଏହାଦ୍ୱାରା ପରିବାର ସବୁ ପୋଷକତତ୍ତ୍ୱ ପାଣି ଦ୍ୱାରା ବାହାରକୁ ଚାଲିଯାଏ। ଅନେକ ସମୟରେ ଲୋକେ ନ ଘୋଡ଼ାଇ ବି ପରିବା ସିଝାନ୍ତି। ଏହାଦ୍ୱାରା ପରିବାର ସବୁ ପୋଷକ ତତ୍ତ୍ୱ ବାମ୍ଫ ମାଧ୍ୟମରେ ଉଡ଼ିଯାଏ। ତେବେ ଷ୍ଟିମର ନ ଥିଲେ, କୌଣସି ଛଣାରେ ବି ପରିବାକୁ ବାମ୍ଫ ଦେଇ ସିଝାଯାଇ ପାରିବ। ଅନ୍ୟପଟେ ପରିବାକୁ ବେଶି ସମୟ ରାନ୍ଧିବା ମଧ୍ୟ ଅନୁଚିତ। ପାଣିରେ ପରିବାକୁ ସିଝାଉଥିଲେ ଏହି ପାଣିକୁ ନ ଫୋପାଡ଼ି ଏହାକୁ ସୁପ୍, ଡାଲି ଏବଂ ଗ୍ରେଭିରେ ବ୍ୟବହାର କରାଯାଇ ହେବ। ଧିମା ଆଞ୍ଚରେ ପରିବା ରାନ୍ଧିବା ଦ୍ୱାରା ପୋଷକତତ୍ତ୍ୱ ସୁରକ୍ଷିତ ରହେ।



## ସଞ୍ଜୀବନୀ

## ଶୀତକାଳୀନ ବିଷର୍ଣ୍ଣତା

**ଶୀତଋତୁରେ ଦିନ ଛୋଟ ହୋଇଥାଏ। ସୂର୍ଯ୍ୟାଲୋକର ଅବଧି ହ୍ରାସପାଉଥିବାରୁ ମସ୍ତିଷ୍କରେ କେତେକ ସ୍ୱତନ୍ତ୍ର ପରିବର୍ତ୍ତନ ସଂଘଟିତ ହୋଇଥାଏ। ଏହି ସମୟରେ ମାନସିକ ଅବସାଦ ପ୍ରକାଶ ପାଇଥାଏ। ଏହି ଶୀତକାଳୀନ ବିଷର୍ଣ୍ଣତାକୁ କୁହାଯାଏ 'ଉଇଣ୍ଟର ବ୍ଲୁ'। ଡାକ୍ତରୀ ଭାଷାରେ ଏହା 'ସିଜ୍‌ନାଲ ଆଫେକ୍ଟିଭ ଡିସ୍‌ଅର୍ଡର'। ପୁରୁଷଙ୍କ ତୁଳନାରେ ମହିଳା ବେଶୀ ଆକ୍ରାନ୍ତ ହୋଇଥାନ୍ତି। ବସନ୍ତଋତୁର ଶେଷ କିମ୍ବା ଗ୍ରୀଷ୍ମଋତୁର ଆରମ୍ଭରେ ଏହି ଅସୁସ୍ଥତା ଆପେ ଆପେ ଅପସରିଯାଏ।**

ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ

ଶୀତ ଋତୁରେ ମାନସିକ ଅବସାଦଗ୍ରସ୍ତ ଅଧିକ ବିଷର୍ଣ୍ଣ ହୋଇ ଆତ୍ମହତ୍ୟାପ୍ରବଣ ହୋଇ ପଡ଼ନ୍ତି। ଭାରତର ସର୍ବତ୍ର ଏହି ରୋଗୀଙ୍କୁ ଦେଖିବା ପାଇଁ ମିଳିଥାଏ। ଶୀତଦିନେ ଲୋକେ କିଣାକିଣିରେ ବେଶୀ କ୍ରେଡିଟ୍‌କାର୍ଡ ବ୍ୟବହାର କରିଥାନ୍ତି, ଅଧିକ ମଦ୍ୟପାନ କରିଥାନ୍ତି, ଚକୋଲେଟ ଖାଇଥାନ୍ତି। ଆତ୍ମହତ୍ୟା ସହ ଶିଶୁ ନିର୍ଯ୍ୟାତନାର ହାର ବଢ଼ିଯାଏ। ଏହି ଲକ୍ଷଣମାନ ମାନସିକ ଅବସାଦକୁ ସୂଚାଇଥାଏ।

### ଶୀତକାଳୀନ ବିଷର୍ଣ୍ଣତାର ଲକ୍ଷଣ

କ୍ଳାନ୍ତି, ଶାରୀରିକ ସାମର୍ଥ୍ୟରେ ହାନି, କ୍ରୋଧୀ ସ୍ୱଭାବ, ସାମାନ୍ୟ ଯନ୍ତ୍ରଣାରେ ବେଶୀ ଯନ୍ତ୍ରଣାର ଅନୁଭବ, କ୍ଷୁଧାବୃଦ୍ଧି, ମିଠା ପ୍ରତି ଆସକ୍ତି, ଓଜନ ବୃଦ୍ଧି, ସାଧାରଣ ଭାବେ କମ୍ ନିଦ, କିନ୍ତୁ ନିଦ୍ରାର ଅବଧିବୃଦ୍ଧି, ହାତ, ପାଦ ଓଜନିଆ, କାମପ୍ରତି ଅନାଗ୍ରହ, କୋଷ୍ଠକାଠିନ୍ୟ, ଚିଡ଼ିଚିଡ଼ା, ସ୍ଫୁର୍ତ୍ତିଶୀଳତା ହ୍ରାସ ଆଦି ଲକ୍ଷଣ ପ୍ରକାଶ ପାଏ।



### ପ୍ରତିକାର ବ୍ୟବସ୍ଥା

ପ୍ରତ୍ୟହ ୪୫ରୁ ୯୦ ମିନିଟ୍ ଧରି ଖରାରେ ବିତେଇବା, ଶାରୀରିକ ପରିଶ୍ରମ କରିବା, ବେଶୀ ପରିମାଣର ତଟକା ପରିବା ଓ ଫଳ ଖାଇବା ଜରୁରି। ହୃଦୟଖୋଲି ସମସ୍ତଙ୍କ ସହ ମିଶିବା, ଗୀତ ଗାଇବା ଓ ଶୁଣିବା, ଖେଳିବା, ଦୈନିକ ଠିକ୍ ସମୟେ ଖାଦ୍ୟ ଗ୍ରହଣ କଲେ ଏହା ଜୈବଘଡ଼ିକୁ ନିୟନ୍ତ୍ରଣ କରିବାରେ ସହାୟକ ହୁଏ। ଏଥିସହ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ବ୍ୟବହାର କରିବା ଦ୍ୱାରା ମାନସିକ ବିଷାଦରୁ ମୁକ୍ତି ମିଳିପାରେ।

'ଅଭୀପ୍ସା'
ସେକ୍ଟର-୬, ପ୍ଲଟ୍ ନଂ-୧୧୩୧
ଅଭିନବ ବିଡ଼ାନାସୀ, କଟକ

## କର୍କଟ ନିୟନ୍ତ୍ରଣରେ ଆଧୁନିକ ଚିକିତ୍ସା

କର୍କଟ ସହ ଲଢ଼ିବା ପାଇଁ ବିଭିନ୍ନ ଅତ୍ୟାଧୁନିକ ଚିକିତ୍ସା ପଦ୍ଧତି ରହିଛି। ଏହିକ୍ରମରେ ଏବେ କୋରିଆ ଆଡଭାନ୍ସଡ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି(କେଏଆଇଏସ୍‌ଟି)ର ଗବେଷକମାନେ ଏକ ନୂତନ ଚିକିତ୍ସା ପଦ୍ଧତି ବିକଶିତ କରିଛନ୍ତି। ଏହି ନୂତନ ଚିକିତ୍ସା ପଦ୍ଧତି ଦ୍ୱାରା ଲିକ୍ୟୁଡ୍ କ୍ୟାନ୍‌ସର ଯଥା ରକ୍ତ କର୍କଟ ଏବଂ ଲିମ୍ଫୋମାରେ ବିଶେଷ ଫଳ ମିଳୁଛି। ଏଥିରେ ଟ୍ୟୁମରକୁ ସିଧାସଳଖ ଏକ ଔଷଧ (ଲିପିଡ କ୍ଷୁଦ୍ରତମ କଣିକା) ଦିଆଯାଏ। ଏହାଦ୍ୱାରା ଟ୍ୟୁମର ପାର୍ଶ୍ୱରେ ଥିବା ମାକ୍ରୋଫେଜ୍ ଗ୍ରହଣ କରି ନିଜର ରୋଗ ପ୍ରତିରୋଧକ ଶକ୍ତି ଦ୍ୱାରା ଟ୍ୟୁମର କୋଷକୁ ନିୟନ୍ତ୍ରଣ ରଖିଥାଏ। ମାକ୍ରୋଫେଜ୍‌ରେ ହେଉଥିବା ପରିବର୍ତ୍ତନକୁ କାର୍-ମାକ୍ରୋଫେଜ୍ କୁହାଯାଏ। ଏହାଦ୍ୱାରା ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ କର୍କଟର କୋଷକୁ ନିୟନ୍ତ୍ରଣ କରି କର୍କଟକୁ ବଢ଼ିବାକୁ ଦେଇ ନ ଥାଏ। ଏହା ପାରମ୍ପରିକ ଚିକିତ୍ସା ପଦ୍ଧତିଠାରୁ ଅଧିକ ପ୍ରଭାବୀ। ଏଥିରେ ନିଜସ୍ୱ ରୋଗପ୍ରତିରୋଧକ ଶକ୍ତି ଦ୍ୱାରା କର୍କଟ ନିୟନ୍ତ୍ରଣ ହେଉଥିବାରୁ କମ୍ ପାର୍ଶ୍ୱପ୍ରତିକ୍ରିୟା ହୋଇଥାଏ। ଅନ୍ୟପଟେ ସଲିଡ୍ ଟ୍ୟୁମର ଯଥା ଗ୍ୟାଷ୍ଟ୍ରିକ, ଫୁସ୍‌ଫୁସ୍ ଏବଂ ଯକୃତ କର୍କଟରେ ଏହି ଚିକିତ୍ସା ଅପେକ୍ଷାକୃତ କମ୍ ଗ୍ରହଣୀୟ। କାରଣ ଏହି ସବୁ କୋଷର ବାହ୍ୟ ଆବରଣ ଅପେକ୍ଷାକୃତ କଠିନ। ମାକ୍ରୋଫେଜ୍ ଏହି କଠିନ ଆବରଣକୁ ଭେଦ କରି କ୍ୟାନ୍‌ସର କୋଷକୁ ନଷ୍ଟ କରିବା ଚ୍ୟାଲେଞ୍ଜ ହୋଇଥାଏ। ତେବେ ଆଗାମୀ ଦିନରେ ଏହି ଚିକିତ୍ସା ପଦ୍ଧତି କିପରି ଅଧିକ ଫଳପ୍ରଦ ହେବ ତାହା ଉପରେ ଗବେଷକମାନେ ବିଶେଷ ଧ୍ୟାନ ଦେଉଛନ୍ତି।



## ହୃଦ୍‌ଘାତ ପାଇଁ ସ୍ମାର୍ଟ ମେସିନ୍

ହୃଦ୍‌ଘାତ ପରେ ରୋଗୀଙ୍କ ଯତ୍ନ ନେବାକୁ ଜାପାନ, ଆମେରିକା ଏବଂ ଭାଲେନ୍‌ସିଆର ବୈଜ୍ଞାନିମାନେ ଏକ ସ୍ୱୟଂଚାଳିତ ସ୍ମାର୍ଟ ମେସିନ୍ ତିଆରି କରିଛନ୍ତି। ଏହାର ନାଁ ଏସିଆଇଏସ୍। ଏହି ମେସିନ୍‌ଟି ଡାକ୍ତରଙ୍କ ତତ୍ତ୍ୱାବଧାନରେ କାମ କରିବ। ରୋଗୀଙ୍କୁ ଔଷଧ ଦେବା ସହ ସ୍ୱାସ୍ଥ୍ୟସ୍ଥିତିକୁ ନଜର ରଖିବ। ଡାକ୍ତର ରୋଗୀର ରକ୍ତ ଚାପ କେତେ ରହିବ, ହୃଦ୍‌ଗତି, ଅମ୍ଳଜାନ କେତେ ଆବଶ୍ୟକ ଏହା ଧାର୍ଯ୍ୟ କରନ୍ତି। ମେସିନ୍‌ଟି ପୀଡ଼ିତଙ୍କ ସ୍ୱାସ୍ଥ୍ୟସ୍ଥିତି ଆଧାରରେ ଔଷଧ ମାତ୍ରା ଦେବ। ପ୍ରାୟତଃ ଡାକ୍ତର ରୋଗୀଙ୍କୁ ଔଷଧ ଦେଇ ତାର ପ୍ରଭାବକୁ ନଜର ରଖି ଆବଶ୍ୟକ ହେଲେ ଔଷଧ ବଦଳାନ୍ତି। ଏହି ମେସିନ୍ ପ୍ରତି ମିନିଟ୍‌କୁ ରୋଗୀଙ୍କୁ ନଜର ରଖିବ। ଆବଶ୍ୟକ ହେଲେ ଔଷଧ ବଦଳାଇବ। ମେସିନ୍‌ଟି ସେବିକା ଏବଂ ଡାକ୍ତରଙ୍କ କାମ ସହଜ କରିବ। ଅନ୍ୟମାନଙ୍କ ଉପରେ ନିର୍ଭରଶୀଳଥିବା ରୋଗୀଙ୍କ ପାଇଁ ମେସିନ୍‌ଟି ବରଦାନ ସଦୃଶ। ହୃଦ୍‌ଘାତ ରୋଗୀଙ୍କୁ ଏହା ସାହାଯ୍ୟ କରିବ। ହୃଦ୍‌ଘାତ ପରେ ହୃଦୟ ଉପରେ ଅଧିକ ଚାପ ପଡ଼ିଥାଏ। ମେସିନ୍ ଏହି ରୋଗୀଙ୍କ ଦେଖାଶୁଣା ସହ ଶରୀରର ଅମ୍ଳଜାନକୁ ନିୟନ୍ତ୍ରଣ କରିଥାଏ। ଆଗାମୀ ଦିନରେ ସ୍ମାର୍ଟ ମେସିନ୍ ଚିକିତ୍ସା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ।



## ଓଜନ କମାଇବ ବ୍ରୋକଲି

**ବ୍ରୋକଲିରେ ଭିଟାମିନ୍, ଖଣିଜଦ୍ରବ୍ୟ ଏବଂ ଫାଇବର ରହିଛି। ଏହା ଶରୀରକୁ ଶକ୍ତି ଯୋଗାଇବା ସହ ରୋଗ ଦୂର କରିଥାଏ। ଓଜନ ହ୍ରାସ କରୁଥିବା ଲୋକଙ୍କ ପାଇଁ ଏହା ଲାଭଦାୟକ ହୋଇଥାଏ।**

- ବ୍ରୋକଲିରେ କମ୍ କ୍ୟାଲୋରୀ ଏବଂ ଫାଇବର ଅଧିକ ଥାଏ। ଏହାକୁ ଖାଇବା ଦ୍ୱାରା ପେଟ ଭରି ରହେ। ଓଜନ ନିୟନ୍ତ୍ରଣ ସହିତ ରକ୍ତ ଶର୍କରାକୁ ସନ୍ତୁଳିତ ରଖିବାରେ ଏହା ସାହାଯ୍ୟ କରେ।
- ବ୍ରୋକଲି ରକ୍ତଚାପକୁ ସନ୍ତୁଳିତ ରଖେ। ଖରାପ କୋଲେଷ୍ଟ୍ରଲକୁ କମ୍ କରେ।
- କ୍ୟାଲ୍‌ସିୟମ ଏବଂ ଭିଟାମିନ୍-କେ'ରେ ଭରପୁର ବ୍ରୋକଲି ଅସ୍ଥିକୁ ଶକ୍ତ କରି ଅଷ୍ଟିଓପୋରୋସିସ ପରି ସମସ୍ୟାକୁ କମ୍ କରେ। ଛୋଟ ପିଲା, ମହିଳା ଏବଂ ବୟସ୍କଙ୍କ ପାଇଁ ବ୍ରୋକଲି ସେବନ ହିତକର। ଏଥିରେ ଥିବା ଲୌହସାର ରକ୍ତ ଅଭାବକୁ ପୂରାକରେ।
- ଏହା ରୋଗ ପ୍ରତିରୋଧକ କ୍ଷମତାକୁ ବଢ଼ାଏ।



## ସୁସ୍ଥ ରହିବା ପାଇଁ ପଛକୁ ଚାଲନ୍ତୁ

ସୁସ୍ଥ ଓ ଫିଟ୍ ରହିବାକୁ ବିଶେଷଜ୍ଞମାନେ ଚାଲିବାକୁ ସୁପାରିସ କରନ୍ତି। ସାଧାରଣତଃ ଦଶ ହଜାର ପାଦ ଚାଲିବା ସ୍ୱାସ୍ଥ୍ୟ ପାଇଁ ଭଲ ବୋଲି କୁହାଯାଇଥାଏ। ହେଲେ ଅଫିସ୍, ଘର ତଥା ବିଭିନ୍ନ ଦାୟିତ୍ୱ ଭିତରେ ଲୋକେ ଦଶ ହଜାର ପାଦ ଚାଲିପାରନ୍ତି ନାହିଁ। ଏଥିପାଇଁ ଜଣେ ରେଟ୍ରୋ ୱାକିଂ ବା ପଛକୁ ଚାଲି ପାରିବେ। ଏଥିରେ ଜଣେ ବ୍ୟକ୍ତିଙ୍କୁ ଦିନରେ ୫ରୁ ୧୦ ମିନିଟ୍ ପଛକୁ ଚାଲିବାକୁ ହୋଇଥାଏ। ୧୦୦ଥର ପଛକୁ ଚାଲିବା ପାଖାପାଖି ୧୦୦୦ ସାଧାରଣ ପାଦ ଚାଲିବା ସହିତ ସମାନ। ଆରମ୍ଭରୁ କାନ୍ଥ କିମ୍ବା ରେଲିଂ ସାହାରା ନେଇ ଏହି ଚାଲିବା ଅଭ୍ୟାସ କରାଯାଏ। ପରେ ସମତଳ ସ୍ଥାନ ଯଥା ହଲ୍ ବା ଉଦ୍ୟାନରେ ଚାଲିବାକୁ ହୋଇଥାଏ। ଏହି ଚାଲିବା ଶୈଳୀରୁ ଶରୀରର ବିଭିନ୍ନ ମାଂସପେଶୀ ସକ୍ରିୟ ହୋଇଥାଏ। ଆଣ୍ଠୁଗଣ୍ଠି, ପିଠି ଯନ୍ତ୍ରଣା ଦୂର ହୋଇପାରେ। ମାନସିକ ଏକାଗ୍ରତା ବୃଦ୍ଧି ପାଏ। ଓଜନ ନିୟନ୍ତ୍ରଣ କରିବାରେ ଏହା ବେଶ୍ ଫଳପ୍ରଦ।

ପୁରୁଷ ହକି ଇଣ୍ଡିଆ ଲିଗ୍

# କାଲିଠୁ କମ୍ପିବ କଳିଙ୍ଗ: ଖେଳାଯିବ ୧୪ ମ୍ୟାଚ୍

## ଘରୋଇ ମାଟିରେ ଦ୍ୱିତୀୟ ଟାଇଟଲ୍ ଲକ୍ଷ୍ୟରେ କଳିଙ୍ଗ



ଭୁବନେଶ୍ୱର, ୧୫।୧ (ସମିସ): ଫ୍ରାଞ୍ଚାଇଜଭିତ୍ତିକ ହକି ଟୁର୍ଣ୍ଣାମେଣ୍ଟ ହକି ଇଣ୍ଡିଆ ଲିଗ୍ (ଏଚ୍ଆଇଏଲ୍)ର ଚଳିତ ୭ମ ସଂସ୍କରଣର ଚେନ୍ନଇ ଓ ରାଞ୍ଚି ଲେଗ୍ ଶୁକ୍ରବାର ଶେଷ ହେବ। ଅନ୍ତିମ ତଥା ୩ୟ ପର୍ଯ୍ୟାୟ ଶନିବାରଠାରୁ ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହେବ। ଜାନୁଆରୀ ୨୬ ତାରିଖ ପର୍ଯ୍ୟନ୍ତ ଏଠାରେ ଖେଳାଯିବାକୁ ଥିବା ଅନ୍ତିମ ପର୍ଯ୍ୟାୟରେ ମୋଟ୍ ୧୪ଟି ମ୍ୟାଚ୍ ଖେଳାଯିବ। ଯେଉଁଥିରେ ଗ୍ରାଣ୍ଡ ଫାଇନାଲ ସମେତ ୯ଟି ଲିଗ୍, ୨ଟି କ୍ୱାଲିଫାୟର ଏବଂ ଗୋଟିଏ ଲେଖାଏ ଏଲିମିନେଟର୍ ଓ କାଂସ୍ୟ ପଦକ ମ୍ୟାଚ୍ ରହିଛି। ସାଧାରଣତନ୍ତ୍ର ଦିବସରେ ଉଭୟ ସ୍ୱର୍ଣ୍ଣ ପଦକ ଓ କାଂସ୍ୟ ପଦକ ଲାଗି ମ୍ୟାଚ୍ ଅନୁଷ୍ଠିତ ହେବ। ଫଳରେ ଶନିବାରଠୁ ୧୦ ଦିନ ଧରି କମ୍ପିବ କଳିଙ୍ଗ। ବିଶ୍ୱର ଅନେକ ତାରକା ହକି ଖେଳାଳିଙ୍କ କ୍ରୀଡ଼ା କୌଶଳକୁ ଅତି ନିକଟରୁ ପୁଣିଥରେ ଦେଖିବାର ସୁଯୋଗ ପାଇବେ ଓଡ଼ିଶାର କ୍ରୀଡ଼ାପ୍ରେମୀ।

### ପଏଣ୍ଟ ଟେବଲ୍

| ଦଳ | ମ୍ୟାଚ୍ | ବିଜୟ | ସୁ.ବି. | ସୁ.ପ. | ପରାଜୟ | ପଏଣ୍ଟ |
|---|---|---|---|---|---|---|
| କଳିଙ୍ଗ ଲାନ୍ସର୍ସ | ୪ | ୩ | ୧ | ୦ | ୦ | ୧୧ |
| ଏଚ୍ଆଇଏଲ୍ ଜିସି | ୫ | ୩ | ୦ | ୧ | ୧ | ୧୦ |
| ତାମିଲନାଡୁ ଡ୍ରାଗନ୍ସ | ୫ | ୧ | ୨ | ୦ | ୨ | ୭ |
| ରାଞ୍ଚି ରୟାଲ୍ସ | ୪ | ୨ | ୦ | ୦ | ୨ | ୬ |
| ବେଙ୍ଗଲ ଟାଇଗର୍ସ | ୫ | ୨ | ୦ | ୦ | ୩ | ୬ |
| ହାଇଦରାବାଦ | ୫ | ୧ | ୦ | ୨ | ୨ | ୫ |
| ସୁରମା ହକି କ୍ଲବ | ୪ | ୧ | ୧ | ୦ | ୨ | ୫ |
| ଏସ୍‌ଜି ପାଇପର୍ସ | ୪ | ୧ | ୦ | ୧ | ୨ | ୪ |

ବି.ଦ୍ର.: ସୁ.ବି.- ସୁଟ୍ଆଉଟ୍ ବିଜୟ, ସୁ.ପ- ସୁଟ୍ଆଉଟ୍ ପରାଜୟ

### ଅପରାଜେୟ ସହ ଶୀର୍ଷରେ କଳିଙ୍ଗ

ଓଡ଼ିଶାଭିତ୍ତିକ ଦଳ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଚଳିତ ସଂସ୍କରଣରେ ବେଶ୍ ଦମ୍‌ଦାର ପ୍ରଦର୍ଶନରେ ରହିଛି। ବେଲ୍‌ଜିୟମର ଆର୍ଥର ଭାନ ଡୋରେନଙ୍କ ନେତୃତ୍ୱରେ ଖେଳୁଥିବା କଳିଙ୍ଗ ଦଳ ବର୍ତ୍ତମାନ ସୁଦ୍ଧା ୪ଟି ମ୍ୟାଚ୍ ଖେଳି ୪ ବିଜୟ ସହ ୧୧ ପଏଣ୍ଟ ପାଇ ଆଠ ଦଳୀୟ ଟେବଲ୍ ତାଲିକାର ଶୀର୍ଷରେ ରହିଛି। ଘରୋଇ ପରିବେଶରେ ଲାନ୍ସର୍ସ ଲିଗ୍ ପର୍ଯ୍ୟାୟର ଆଉ ୩ଟି ମ୍ୟାଚ୍ ଖେଳିବାକୁ ବାକି ରହିଛି। ଚେନ୍ନଇ ଓ ରାଞ୍ଚିରେ ହାସଲ କରିଥିବା ବିଜୟଧାରାକୁ ଭୁବନେଶ୍ୱରରେ ବଜାୟ ରଖିବାକୁ ଲାନ୍ସର୍ସ ଲକ୍ଷ୍ୟ ରଖିଛି। ଏଚ୍ଆଇଏଲ୍ ଇତିହାସରେ କଳିଙ୍ଗ ଲାନ୍ସର୍ସ ୨୦୧୭ ରେ ଥରେ ମାତ୍ର ଚାମ୍ପିଅନ ହେବାର ସୌଭାଗ୍ୟ ଲାଭ କରିଛି। ତେଣୁ ୯ ବର୍ଷ ପରେ କଳିଙ୍ଗ ଘରୋଇ ପରିବେଶରେ ଏହାର ଦ୍ୱିତୀୟ ଟାଇଟଲ୍ ଜିତିବା ସ୍ୱପ୍ନକୁ ସାକାର କରିବା ଲକ୍ଷ୍ୟରେ ଟର୍ଫକୁ ଓହ୍ଲାଇବ।

### କଳିଙ୍ଗ ପର୍ଯ୍ୟାୟର କାର୍ଯ୍ୟସୂଚୀ

| ତାରିଖ | ମ୍ୟାଚ୍ | ସମୟ |
|---|---|---|
| ୧୭।୧ | ବେଙ୍ଗଲ ଟାଇଗର୍ସ-ହାଇଦରାବାଦ୍ ତୁଫାନ୍ସ | ସନ୍ଧ୍ୟା ୫ଟା |
| ୧୭।୧ | କଳିଙ୍ଗ ଲାନ୍ସର୍ସ-ଏସ୍‌ଜି ପାଇପର୍ସ | ରାତି ୭ଟା ୩୦ |
| ୧୮।୧ | ଏସ୍‌ଜି ପାଇପର୍ସ-ବେଙ୍ଗଲ ଟାଇଗର୍ସ | ସନ୍ଧ୍ୟା ୫ଟା |
| ୧୮।୧ | କଳିଙ୍ଗ ଲାନ୍ସର୍ସ-ତାମିଲନାଡୁ ଡ୍ରାଗନ୍ସ | ରାତି ୭ଟା ୩୦ |
| ୧୯।୧ | ଏଚଆଇଏଲ୍ ଜିସି-ରାଞ୍ଚି ରୟାଲ୍ସ | ରାତି ୭ଟା ୩୦ |
| ୨୦।୧ | ହାଇଦରାବାଦ୍ ତୁଫାନ୍ସ-ଏଚଆଇଏଲ୍ ଜିସି | ସନ୍ଧ୍ୟା ୫ଟା |
| ୨୦।୧ | କଳିଙ୍ଗ ଲାନ୍ସର୍ସ-ସୁରମା ହକି କ୍ଲବ | ରାତି ୭ଟା ୩୦ |
| ୨୧।୧ | ତାମିଲନାଡୁ ଡ୍ରାଗନ୍ସ-ରାଞ୍ଚି ରୟାଲ୍ସ | ରାତି ୭ଟା ୩୦ |
| ୨୨।୧ | ଏସ୍‌ଜି ପାଇପର୍ସ-ସୁରମା ହକି କ୍ଲବ | ରାତି ୭ଟା ୩୦ |
| ୨୩।୧ | କ୍ୱାଲିଫାୟର-୧ (ପ୍ରଥମ ବନାମ ଦ୍ୱିତୀୟ) | ସନ୍ଧ୍ୟା ୫ଟା |
| ୨୩।୧ | ଏଲିମିନେଟର୍ (ତୃତୀୟ ବନାମ ଚତୁର୍ଥ) | ରାତି ୭ଟା ୩୦ |
| ୨୫।୧ | କ୍ୱାଲିଫାୟର-୨ (କ୍ୱା.-୧ ପରାଜିତ - ଏ.ବିଜେତା) | ରାତି ୭ଟା ୩୦ |
| ୨୬।୧ | କାଂସ୍ୟ ପଦକ ମ୍ୟାଚ୍ | ସନ୍ଧ୍ୟା ୫ଟା |
| ୨୬।୧ | ଫାଇନାଲ | ରାତି ୭ଟା ୩୦ |

ସମସ୍ତ ମ୍ୟାଚ୍ ସୋନି ସ୍ପୋର୍ଟ୍ସ ଓ ଡିଡି ସ୍ପୋର୍ଟ୍ସରେ ପ୍ରସାରିତ ହେବ

### କଳିଙ୍ଗରେ ଟିକଟ ଫ୍ରି

ଓଡ଼ିଶାର କ୍ରୀଡ଼ାପ୍ରେମୀ ଏଥର କଳିଙ୍ଗରେ ଖେଳାଯିବାକୁ ଥିବା ସମସ୍ତ ୧୪ଟି ମ୍ୟାଚକୁ ମାଗଣାରେ ଦେଖିପାରିବେ। ଦର୍ଶକ ବିନା କୌଣସି ଦେୟରେ ନିଜ ନିଜର ଟିକଟ୍ ଅନଲାଇନରେ ବୁକ୍ କରି ଷ୍ଟାଡିୟମରେ ଖେଳ ଉପଭୋଗ କରିବେ। ଏଚ୍ଆଇଏଲ୍ ଗଭର୍ଣ୍ଣିଂ କାଉନସିଲର ଅଧ୍ୟକ୍ଷ ଦିଲୀପ ତିର୍କୀ ନିକଟରେ ଏହା ଘୋଷଣା କରିଥିଲେ। ଦର୍ଶକମାନେ https://ticketgenie.in/event/Hero-Hockey-India-League-2025-26 ୱେବ୍‌ସାଇଟ୍‌ରେ ନିଜ ଟିକଟ ସଂରକ୍ଷିତ କରିପାରିବେ।

## ସୁରମା ହକି କ୍ଲବ୍‌ର ବଡ଼ ବିଜୟ

ରାଞ୍ଚି,୧୫।୧(ଏଜେନ୍ସି): ପୁରୁଷ ହକି ଇଣ୍ଡିଆ ଲିଗ୍‌ରେ ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ସୁରମା ହକି କ୍ଲବ୍ ୩-୧ ଗୋଲରେ ଏଚ୍ଆଇଏଲ୍ ଗଭର୍ଣ୍ଣିଂ କାଉନ୍ସିଲ୍‌କୁ ହରାଇ ବଡ଼ ବିଜୟ ହାସଲ କରିଛି। ବିଜୟୀ ଦଳ ପକ୍ଷରୁ ସୁରମା ପକ୍ଷରୁ ପ୍ରଥମ ୩ଟି ଗୋଲ ହୋଇଥିଲା। ଅଧିନାୟକ ହରମନପ୍ରୀତ ସିଂହ ୨ଟି ଓ ଗୁରଜାନ୍ତ ସିଂହ ଗୋଟିଏ ଗୋଲ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧ ଖେଳ ଶେଷ ସୁଦ୍ଧା ସୁର୍ମା ୨-୦ ଗୋଲରେ ଆଗୁଆ ରହିଥିଲା। ପ୍ରଥମାର୍ଦ୍ଧ ଖେଳ ପରେ ୩୮ତମ ମିନିଟ୍‌ରେ ସୁରମା ପକ୍ଷରୁ ହରମନପ୍ରୀତ୍ ଫିଲ୍ଡ ଗୋଲ ଦେଇ ଦଳକୁ ୩-୦ରେ ଅଗ୍ରଣୀ କରାଇଥିଲା। କିନ୍ତୁ ଖେଳ ଶେଷ ହେବାକୁ ଗୋଟିଏ ମିନିଟ୍ ବାକିଥିଲାବେଳେ ଗଭର୍ଣ୍ଣିଂ କାଉନ୍ସିଲ ପକ୍ଷରୁ କେନ୍ ରସେଲ ପେନାଲ୍ଟି କର୍ଣ୍ଣରରୁ ଗୋଟିଏ ଗୋଲ ଶୁଝାଇଦେଇଥିଲେ। ଆସନ୍ତାକାଲି ସୁରମା ହକି କ୍ଲବ୍ ଓ ରାଞ୍ଚି ରୟାଲ୍ସ ମୁକାବିଲା ସହ ହକି ଇଣ୍ଡିଆର ଲିଗ୍‌ର ରାଞ୍ଚି ଲେଗ୍ ଶେଷ ହେବ। ଏହା ପରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍‌ରେ ଏଚ୍ଆଇଏଲ୍‌ର ତୃତୀୟ ତଥା ଶେଷ ପର୍ଯ୍ୟାୟ ମୁକାବିଲା ଶନିବାରଠାରୁ ଆରମ୍ଭ ହେବ।

## ଡବ୍ଲ୍ୟୁପିଏଲ୍: ଶେଷରେ ଜିତିଲା ୟୁପି

ନଭି ମୁମ୍ବଇ, ୧୫।୧ (ଏଜେନ୍ସି): ଚଳିତ ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ରେ ୟୁପି ୱାରିୟର୍ଜ ପ୍ରଥମ ବିଜୟ ସ୍ୱାଦ ଚାଖିଛି। ଗୁରୁବାର ଅନୁଷ୍ଠିତ ମ୍ୟାଚରେ ମେଗ୍ ଲାନ୍ନିଙ୍କ ୟୁପି ଦଳ ୭ ୱିକେଟରେ ଡିଫେଣ୍ଡିଂ ତଥା ଦୁଇଥରର ବିଜେତା ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି। ୧୬୨ ରନର ଟାର୍ଗେଟ୍‌କୁ ପିଛା କରିଥିବା ୟୁପି ୧୮.୧ ଓଭରରେ ୩ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ହର୍ଲିନ ଦେଓଲ ୧୨ ଚୌକା ବଳରେ ୩୯ ବଲରୁ ୬୪ ରନର ଅପରାଜିତ ଅର୍ଦ୍ଧଶତକୀୟ ପାଳି ଖେଳି ଦଳକୁ ଏହି ପ୍ରତୀକ୍ଷିତ ବିଜୟ ଭେଟି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚୋଲେ ଟ୍ରିୟନ ଅପରାଜିତ ୨୭, ଅଧିନାୟକ ଲାନ୍ନିଂ ଓ ଫୋଏବ ଲିଚଫିଲ୍ଡ ଉଭୟ ୨୫ ରନର ଉପଯୋଗୀ ପାଳି ଖେଳିଥିଲେ। ଘରୋଇ ମୁମ୍ବାଇର ନାଟାଲୀ ସ୍କିଭର-ବ୍ରଣ୍ଟଙ୍କୁ ୨ଟି ୱିକେଟ୍ ମିଳିଥିଲା। ପୂର୍ବରୁ ନାଟାଲୀଙ୍କ ୬୫ ରନ ବଳରେ ପ୍ରଥମେ ବ୍ୟାଟିଂ କରି ମୁମ୍ବାଇ ୫ ୱିକେଟ୍‌ରେ ୧୬୧ ରନ କରିଥିଲା। ଏଥିସହ ହ୍ୟାଟ୍ରିକ ପରାଜୟ ପରେ ୟୁପି ବିଜୟ ପଏଣ୍ଟ ପାଇଛି। ଶୁକ୍ରବାର ଗୁଜରାଟ ଜାଏଣ୍ଟ୍ସ ଓ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ମ୍ୟାଚ୍ ଖେଳାଯିବ।

■ ଜାତୀୟ ଖୋ ଖୋ'ରେ ଓଡ଼ିଶାକୁ ଡବଲ୍ ପଦକ


## ମହିଳାଙ୍କୁ ରୌପ୍ୟ; ପୁରୁଷ ଜିତିଲେ କାଂସ୍ୟ



ଭୁବନେଶ୍ୱର, ୧୫।୧ (ସମିସ): ତେଲଙ୍ଗାନାର କାଜିପେଟସ୍ଥିତ ରେଲୱେ ଷ୍ଟାଡିୟମରେ ଅନୁଷ୍ଠିତ ଜାତୀୟ ସିନିଅର ଚାମ୍ପିଅନସିପ୍‌ର ୫୮ତମ ସଂସ୍କରଣରେ ଓଡ଼ିଶା ଡବଲ୍ ପଦକ ସଫଳତା ପାଇଛି। ଓଡ଼ିଶା ବାଳିକା ଦଳ ରୌପ୍ୟ ପଦକ ଜିତିଥିବାବେଳେ ପୁରୁଷ ଦଳ କାଂସ୍ୟରେ ସନ୍ତୁଷ୍ଟ ରହିଛି। ଗୁରୁବାର ଅନୁଷ୍ଠିତ ମହିଳା ଫାଇନାଲରେ ଓଡ଼ିଶା କଡ଼ା ସଂଘର୍ଷ କରିଥିଲେ ମଧ୍ୟ ମାତ୍ର ୧ ପଏଣ୍ଟ (୨୩-୨୨)ରେ ଶକ୍ତିଶାଳୀ ମହାରାଷ୍ଟ୍ର ନିକଟରୁ ହାରିଯାଇଛି। ଗତ ବର୍ଷ ପୁରୀରେ ଅନୁଷ୍ଠିତ ୫୭ତମ ସଂସ୍କରଣରେ ମଧ୍ୟ ଓଡ଼ିଶାକୁ ହରାଇ ମହାରାଷ୍ଟ୍ର ମହିଳା ଦଳ ଚାମ୍ପିଅନ ହୋଇଥିଲା। ଅପରପକ୍ଷରେ ପୁରୁଷ ବିଭାଗରେ ରେଳବାଇ ଦଳ ୨୬-୨୧ ପଏଣ୍ଟରେ ମହାରାଷ୍ଟ୍ରକୁ ହରାଇ ଟାଇଟଲ୍ ବଜାୟ ରଖିଛି। ପୁରୁଷରେ କାଂସ୍ୟ ପଦକ ମୁକାବିଲାରେ ଓଡ଼ିଶା ବିଜୟୀ ହୋଇଛି। ମହିଳା ବିଭାଗରେ ଅର୍ଚ୍ଚନା ମାଝୀ ପ୍ରତିଯୋଗିତାର ଶ୍ରେଷ୍ଠ ମହିଳା ଖେଳାଳି ହୋଇଛନ୍ତି। ପଦକ ବିଜୟୀ ଓଡ଼ିଶା ଦଳକୁ ରାଜ୍ୟ ଖୋ ଖୋ ସଂଘର ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର ଓ ଅନ୍ୟ କର୍ମକର୍ତ୍ତା ଅଭିନନ୍ଦନ ଜଣାଇଛନ୍ତି।

## ନ୍ୟୁଜିଲାଣ୍ଡ ସିରିଜ୍‌ରୁ ସୁନ୍ଦର ବାଦ୍; ବିଶ୍ୱକପ୍‌ରେ ଖେଳିବା ନେଇ ସନ୍ଦେହ

ମୁମ୍ବଇ,୧୫।୧(ଏଜେନ୍ସି): ଆହତ ଅଲରାଉଣ୍ଡର ୱାଶିଂଟନ ସୁନ୍ଦର ଆସନ୍ତା ୨୧ରୁ ଆରମ୍ଭ ହେବାକୁ ଥିବା ନ୍ୟୁଜିଲାଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ରୁ ବାଦ୍ ପଡ଼ିଛନ୍ତି। ତାଙ୍କ ସ୍ଥାନରେ ବିସିସିଆଇ ଏଯାଏ ଅନ୍ୟ କୌଣସି ଖେଳାଳିଙ୍କୁ ସାମିଲ କରିନାହିଁ। ନ୍ୟୁଜିଲାଣ୍ଡ ସିରିଜ୍ ଲାଗି ଖୁବ୍ ଶୀଘ୍ର ନିଷ୍ପତ୍ତି ନିଆଯିବ, କିନ୍ତୁ ଜାନୁଆରୀ ୩୦ ସୁଦ୍ଧା ବିଶ୍ୱକପ୍ ଲାଗି ବଦଳ ଖେଳାଳିଙ୍କ ନାମ ଘୋଷଣା କରାଯିବ। ସୂଚନାଯୋଗ୍ୟ ନ୍ୟୁଜିଲାଣ୍ଡ ସହ ବରୋଦାରେ ଜାନୁଆରୀ ୯ ତାରିଖ ପ୍ରଥମ ଦିନିକିଆ ମ୍ୟାଚ୍‌ରେ ବୋଲିଂ କରୁଥିଲାବେଳେ ସୁନ୍ଦର ଆହତ ହୋଇଥିଲେ। ଏହା ପରେ ତାଙ୍କୁ ଅବଶିଷ୍ଟ ଦିନିକିଆ ସିରିଜ୍‌ରୁ ବାଦ୍ ଦିଆଯାଇଥିଲା। ସ୍କାନ ପରେ ଆହତ ସମସ୍ୟା ଗୁରୁତର ହେବାରୁ ତାଙ୍କୁ



ମଧ୍ୟ ଟି-୨୦ ସିରିଜ୍‌ରୁ ବାଦ୍ ଦିଆଯାଇଛି। ସେ ଖୁବ୍ ଶୀଘ୍ର ବେଙ୍ଗାଲୁରୁସ୍ଥିତ ସେଣ୍ଟର ଅଫ୍ ଏକ୍ସିଲେନ୍ସିରେ ଯୋଗ ଦେବାକୁ କୁହାଯାଇଛି। ତାଙ୍କ ବଦଳରେ କିଏ ଦଳରେ ସାମିଲ ହେବେ ତାହା ସ୍ଥିର ହୋଇନାହିଁ।

ସେହିପରି ବିଜୟ ହଜାରେ ଟ୍ରଫି ଖେଳୁଥିବାବେଳେ ତିଲକ ବର୍ମା ଆହତ ହୋଇଥିଲେ। ତାଙ୍କୁ ନ୍ୟୁଜିଲାଣ୍ଡ ବିପକ୍ଷ ଟି-୨୦ ସିରିଜ୍‌ର ପ୍ରଥମ ୩ଟି ମ୍ୟାଚ୍‌ରୁ ବାଦ୍ ଦିଆଯାଇଥିଲା। ଉଭୟଙ୍କ ଆହତ ସମସ୍ୟା ଗୁରୁତର ହୋଇଥିବାରୁ ଫେବୃଆରୀ ୭ରୁ ଆରମ୍ଭ ହେବାକୁ ଯାଉଥିବା ଟି-୨୦ ବିଶ୍ୱକପ୍‌ରେ ଅଂଶଗ୍ରହଣ ନେଇ ସନ୍ଦେହ ରହିଛି।

୧୯ ବର୍ଷରୁ କମ୍ ବିଶ୍ୱକପ୍ କ୍ରିକେଟ: ହେନିଲ ପଟେଲଙ୍କୁ ୫ ୱିକେଟ୍

## ବର୍ଷାରେ ଭାରତର ବିଜୟ ଅଭିଯାନ



ବୁଲାୱାୟୋ,୧୫।୧(ଏଜେନ୍ସି): ବର୍ଷା ବାଧାପ୍ରାପ୍ତ ମ୍ୟାଚ୍‌ରେ ଆମେରିକାକୁ ୬ ୱିକେଟରେ ପରାସ୍ତ କରି ପ୍ରତିଭାବାନ ଖେଳାଳିମାନଙ୍କୁ ନେଇ ଗଠିତ ଭାରତ ୧୯ ବର୍ଷରୁ କମ୍ ଦଳ ବିଶ୍ୱକପ୍‌ରେ ବିଜୟ ଅଭିଯାନ ଆରମ୍ଭ କରିଛି। ଜିମ୍ବାୱେର ବୁଲାୱାୟୋସ୍ଥିତ କ୍ୱିନ୍ ସ୍ପୋର୍ଟ୍ସ କ୍ଲବ୍‌ରେ ଏହି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ଆମେରିକା ୩୫.୨ ଓଭରରେ ୧୦୭ ରନ୍ କରିଥିଲା। ଦଳ ପକ୍ଷରୁ ନୀତୀଶ ସୁଦିନ ସର୍ବାଧିକ ୩୬, ଅଦନିତ ଝାମ୍ବ ୧୮, ସାହିଲ ଗର୍ଗ ଓ ଅର୍ଜୁନ ମହେଶ ୧୬ ରନ୍ ଲେଖାଏଁ କରିଥିଲେ। ଭାରତ ପକ୍ଷରୁ ବାମହାତୀ ପେସ୍ ବୋଲର ହେନିଲ ପଟେଲ ୫ଟି ୱିକେଟ ପାଇଥିଲେ।

### ଶୁକ୍ରବାର ବିଶ୍ୱକପ୍ ମୁକାବିଲା

| | |
|---|---|
| ପାକିସ୍ତାନ ବନାମ ଇଂଲଣ୍ଡ | ହରାରେ |
| ଅଷ୍ଟ୍ରେଲିଆ ବନାମ ଆୟର୍ଲାଣ୍ଡ | ୱିଣ୍ଡୋହକ୍ |
| ଆଫଗାନିସ୍ତାନ- ଦକ୍ଷିଣ ଆଫ୍ରିକା | ୱିଣ୍ଡୋହକ୍ |

ଜବାବରେ ୧୦୮ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଭାରତ ତୃତୀୟ ଓଭରରେ ବିସ୍ଫୋରକ ଓପନର ବୈଭବ ସୂର୍ଯ୍ୟବଂଶୀଙ୍କୁ ହରାଇଥିଲା। ସେ ମାତ୍ର ୨ ରନ୍‌ରେ ପ୍ରତିପକ୍ଷ ପେସ୍ ବୋଲର ରିତଭିକ୍ ଆପିଡିଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ୪ ଓଭରରେ ୧ ୱିକେଟ ହରାଇ ୨୧ ରନ୍ କରିଥିଲାବେଳେ ବର୍ଷା ଓ ଘଡଘଡି ଯୋଗୁ ଖେଳ ବନ୍ଦ ରହିଥିଲା। ବର୍ଷା ଛାଡିବା ପରେ ମ୍ୟାଚ୍‌କୁ ୩୭ ଓଭର ବିଶିଷ୍ଟ କରାଯାଇଥିଲା ଓ ୩୭ ଓଭରରେ ୯୬ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟକରାଯାଇଥିଲା। ଏହି ଲକ୍ଷ୍ୟକୁ ପିଛା କରି ଭାରତ ୧୭.୨ ଓଭରରେ ୪ ୱିକେଟ ହରାଇ ୯୯ ରନ୍ କରିବା ସହ ୬ ୱିକେଟରେ ମ୍ୟାଚ୍ ଜିତିନେଇଥିଲା। ମ୍ୟାଚ୍ ଜିତିଲା ବେଳକୁ ଅଭିଜ୍ଞାନ କୁଣ୍ଡୁ ୪୨ ଓ କନିସ୍କ ଚୋହାନ ୧୦ ରନ୍‌ରେ ଅପରାଜିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଆୟୁଷ ମାହାତ୍ରେ ୧୯, ବିହାନ ମାଲହୋତ୍ରା ୧୮ ଓ ବେଦାନ୍ତ ତ୍ରିବେଦୀ ୨ ରନ୍ କରିଥିଲେ। ଆପିଡିଙ୍କୁ ୨ଟି ୱିକେଟ ମିଳିଥିଲା। ଭାରତ ତାହାର ଦ୍ୱିତୀୟ ମ୍ୟାଚ୍ ବାଂଲାଦେଶ ସହ ଜାନୁଆର ୧୭ରେ ଖେଳିବ।

### ୱେଷ୍ଟଇଣ୍ଡିଜ୍‌ର ସହଜ ବିଜୟ

ୱିଣ୍ଡୋହକ୍: ଏହି ବିଶ୍ୱକପ୍‌ର ପ୍ରଥମ ଦିନରେ ଆଉ ୨ଟି ମ୍ୟାଚ୍ ଖେଳାଯାଇଥିଲା। ନାମିବ୍ୟାର ୱିଣ୍ଡୋହକ୍‌ଠାରେ ଅନୁଷ୍ଠିତ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍ ୫ ୱିକେଟରେ ତାଞ୍ଜାନିଆକୁ ପରାସ୍ତ କରିଛି। ସେହିପରି ବର୍ଷା, ଖରାପ ପାଗ ଓ ଓଦା ପଡ଼ିଆ ଯୋଗୁଁ ଘରୋଇ ଜିମ୍ବାୱେ ଓ ସ୍କଟଲାଣ୍ଡ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍ ବାତିଲ କରାଯାଇଛି। ନାମିବ୍ୟାର ୱିଣ୍ଡୋହେକ୍‌ଠାରେ ଅନୁଷ୍ଠିତ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ତାଞ୍ଜାନିଆ ୧୨୨ ରନ୍ କରିଥିଲା। ଜବାବରେ ୱେଷ୍ଟଇଣ୍ଡିଜ୍ ୨୧ ଓଭରରେ ୫ ୱିକେଟ ହରାଇ ବିଜୟୀ ହୋଇଥିଲା। ଓପନର ତାନେଜ ଫ୍ରାନସିସ୍ ୫୨ ଓ ଜୁଏଲ ଆଣ୍ଡ୍ର୍ୟୁ ୪୪ ରନ୍ କରିଥିଲେ। କିନ୍ତୁ ତାଞ୍ଜାନିଆ ଇନିଂସରେ ୭ ଓଭରରୁ ୨୩ ରନ୍ ଦେଇ ୨ଟି ୱିକେଟ ନେଇଥିବା ଶାକ୍ୱାନ ବେଲେଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

## ଜାତୀୟ ମହିଳା ଫୁଟ୍‌ବଲ୍ ଦଳରେ ୩ ଓଡ଼ିଆ





କଟକ,୧୫।୧(ସମିସ): ଏଏଫସି ମହିଳା ଏସିଆ କପ୍ ପୂର୍ବରୁ ଭାରତୀୟ ମହିଳା ଫୁଟବଲ ଦଳ ଏକ୍ସପୋଜର ଟୁର୍‌ରେ ତୁର୍କୀ ଯାତ୍ରା କରିଛି। ସେଠାରେ ଏଫସି ମେଟାଲିଷ୍ଟ, ଏଫସି ଜୁରିକ ଏବଂ ଏଫସି ସିଲିରେନ୍ ବିପକ୍ଷରେ ତିନୋଟି ମ୍ୟାଚ୍ ଖେଳିବ। ତେବେ ୨୬ ଜଣିଆ ଭାରତୀୟ ଦଳରେ ତିନି ଓଡ଼ିଆଙ୍କୁ ସ୍ଥାନ ମିଳିଛି। ଏମାନେ ହେଲେ ମିଡଫିଲ୍ଡର ଯଶୋଦା ମୁଣ୍ଡା, ଫରୱାର୍ଡ ପ୍ୟାରୀ ଖାଖା ଏବଂ ଡିଫେଣ୍ଡର ଜୁଲି କିଶାନ। ହରିୟାଣାର ଗୁରୁଗ୍ରାମରେ ତିନି ଦିନିଆ ଅଭ୍ୟାସ ସେସନ ଶେଷ କରିବା ପରେ ତିନିଜଣ ଜାତୀୟ ଦଳ ସହ ତୁର୍କୀ ଯାତ୍ରା କରିଛନ୍ତି। ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ) ସମ୍ପାଦକ ଟଙ୍କଧର ତ୍ରିପାଠୀ ଏବଂ ସମ୍ପାଦକ ଆଶୀର୍ବାଦ ବେହେରା ଉପରୋକ୍ତ ତିନି ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ଦର୍ଶନଙ୍କୁ ୫ ୱିକେଟ; ଅମନଙ୍କ ଶତକ

## ବିଜୟ ହଜାରେ ଟ୍ରଫି ଫାଇନାଲରେ ବିଦର୍ଭ

ବେଙ୍ଗାଲୁରୁ,୧୫।୧(ଏଜେନ୍ସି): ଦର୍ଶନ ନାଲକାଣ୍ଡେଙ୍କ ଘାତକ ବୋଲିଂ ଓ ଅମନ ମୋଖାଡେଙ୍କ ଶତକ ସହାୟତାରେ ବିଦର୍ଭ ୬ ୱିକେଟରେ କର୍ଣ୍ଣାଟକକୁ ଏଠାରେ ଚାଲିଥିବା ବିଜୟ ହଜାରେ ଟ୍ରଫି ଦିନିକିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଛି। ଆସନ୍ତାକାଲି ପଞ୍ଜାବ ଓ ସୌରାଷ୍ଟ୍ର ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ। ଏହି ମ୍ୟାଚ୍‌ର ବିଜେତା ସହ ବିଦର୍ଭ ସହ ଆସନ୍ତା ରବିବାର ୧୮ ତାରିଖରେ ଫାଇନାଲ ମୁକାବିଲା ହେବ। ଏହି ମ୍ୟାଚ୍‌ରେ ଦର୍ଶନ ନାଲକାଣ୍ଡେ ୪୮ ରନ୍‌ରେ ୫ ଓ ଯଶ ଠାକୁର ୬୪ ରନ୍‌ରେ ୨ ୱିକେଟ ନେବା ଫଳରେ ପ୍ରଥମେ ବ୍ୟାଟିଂ କରି କର୍ଣ୍ଣାଟକ ୨୮୦ ରନ୍ କରିଥିଲା। କରୁନ ନାୟାର ୭୬ ଓ କ୍ରିଷନ ଶ୍ରୀଜିତ ୫୪ ରନ କରିଥିଲେ। ଜବାବରେ ଅମନ ମୋଖାଡେଙ୍କ ୧୨୨ ବଲ୍‌ରେ ୧୩୮, କର୍ଣ୍ଣାଟକର ପୂର୍ବତନ ଖେଳାଳି ରବିକୁମାର ସମର୍ଥଙ୍କ ଅପରାଜିତ ୭୬ ଓ ଧ୍ରୁବ ସୋରୀଙ୍କ ୪୭ ରନ୍ ସହାୟତାରେ ବିଦର୍ଭ ୭ ୱିକେଟ ଓ ୩.୪ ଓଭର ଖେଳ ବାକିଥାଇ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ପ୍ରତିପକ୍ଷ ଦଳର ଅଭିଳାଷ ସେଟ୍ଟୀଙ୍କୁ ୩ ୱିକେଟ ମିଳିଥିଲା। ଅମନଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

ବାଂଲା ଖେଳାଳିଙ୍କ ଦାବି ଆଗରେ ମୁଣ୍ଡ ନୁଆଁଇଲା ବୋର୍ଡ

## ତାମିମ୍‌ଙ୍କୁ ଭାରତୀୟ ଏଜେଣ୍ଟ କହିଥିବା ନଜମୁଲ ବହିଷ୍କୃତ

ଢାକା,୧୫।୧(ଏଜେନ୍ସି): ମୁସ୍ତାଫିଜୁର ରହେମାନ ବିବାଦରେ ବାଂଲାଦେଶର ବିସ୍ଫୋରକ ଓପନର ତାମିମ୍ ଇକବାଲଙ୍କୁ ଭାରତୀୟ ଏଜେଣ୍ଟ କହିଥିବା ବୋର୍ଡ ନିର୍ଦ୍ଦେଶକ ଏମ୍ ନାଜମୁଲ ଇସ୍‌ଲାମଙ୍କୁ ବାଂଲାଦେଶ କ୍ରିକେଟ ବୋର୍ଡ ବହିଷ୍କୃତ କରିଛି। ଏହା ସହ ତାଙ୍କ ଉପରେ ଥିବା ସମସ୍ତ ଦାୟିତ୍ୱକୁ ବୋର୍ଡ ପ୍ରତ୍ୟାହାର କରିନେଇଛି। ତାଙ୍କୁ ମଧ୍ୟ ବୋର୍ଡର ଅର୍ଥନୈତିକ କମିଟିର ଅଧ୍ୟକ୍ଷ ପଦରୁ ବିଦା କରାଯାଇଛି। ଏହା କେବଳ ସମ୍ଭବ ହୋଇଛି ବାଂଲାଦେଶ ଖେଳାଳିଙ୍କ ଯୋଗୁଁ। ଖେଳାଳି କଲ୍ୟାଣ ସଂଘ ଓ ପ୍ରାୟ ସମସ୍ତ ବରିଷ୍ଠ ଖେଳାଳି ତାମିମ୍‌ଙ୍କ ପ୍ରତି ଏପରି ମନ୍ତବ୍ୟକୁ ନାପସନ୍ଦ କରିବା ସହ ତୀବ୍ର ସମାଲୋଚନା କରିଥିଲେ। ସେ (ନାଜମୁଲ) ତାଙ୍କ ମନ୍ତବ୍ୟ ଲାଗି ସର୍ବସାଧାରଣରେ କ୍ଷମା ପ୍ରାର୍ଥନା କରନ୍ତୁ ଓ ପରେ ଇସ୍ତଫା ଦିଅନ୍ତୁ ବୋଲି ବାଂଲା ଖେଳାଳି ସଂଘ ଦାବି କରିଥିଲା। କିନ୍ତୁ ନାଜମୁଲ କ୍ଷମା ତ ମାଗି ନ ଥିଲେ, ବରଂ ଭାରତ-ଶ୍ରୀଲଙ୍କାରେ ଫେବୃଆରୀ ୭ରୁ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍‌ରୁ ବାଂଲାଦେଶ ଓହରି ଆସିଲେ ଖେଳାଳିଙ୍କୁ କୌଣସି କ୍ଷତିପୂରଣ ଦିଆଯିବ ନାହିଁ ବୋଲି ଘୋଷଣା କରି ଆଉଏକ ବିବାଦ ସୃଷ୍ଟି କରିଥିଲେ। ଏହାର ପ୍ରଭାବ ଆଜି ଦେଖାଦେଇଥିଲା। ନାଜମୁଲ୍‌ଙ୍କୁ ବହିଷ୍କାର କରାଯିବା ଦାବିରେ ଖେଳାଳି ଓ ଖେଳାଳି କଲ୍ୟାଣ ସଂଘ ଅଟଳ ରହିଥିଲେ। ଏ ସମ୍ପର୍କରେ ବୋର୍ଡ କିଛି ନିଷ୍ପତ୍ତି ନ ନେବାରୁ ଆଜି ବାଂଲାଦେଶ ପ୍ରିମିୟର ଲିଗ୍‌ରେ ଥିବା ମ୍ୟାଚ୍ ଖେଳିବାକୁ ମନା କରିଦେଇଥିଲେ। ଏହା ଫଳରେ ଆଜି ହେବାକୁ ଥିବା ମ୍ୟାଚ୍ ସମ୍ଭବ ହୋଇପାରି ନ ଥିଲା। ଆଜି ସନ୍ଧ୍ୟାରେ ବାଂଲା କ୍ରିକେଟ ବୋର୍ଡ ସଭାପତି ଅମିନୁଲ ଇସ୍‌ଲାମ ନିର୍ଦ୍ଦେଶକ ପଦରେ ଥିବା ନାଜମୁଲଙ୍କୁ ବୋର୍ଡରୁ ବହିଷ୍କାର କରିଛନ୍ତି।



ସୂଚନାଯୋଗ୍ୟ ବାଂଲା ଖେଳାଳି ମୁସ୍ତାଫିଜୁର ରହେମାନଙ୍କୁ ବିସିସିଆଇ ଭାରତରେ ହେଉଥିବା ଆଇପିଏଲ୍‌ରୁ ବିଦା କରିବା ପରେ ଏହି ବିବାଦ ସୃଷ୍ଟି ହୋଇଥିଲା। ରହେମାନଙ୍କୁ ବିଦା କରିବା ପରେ ବାଂଲାଦେଶ ଭାରତରେ ବିଶ୍ୱକପ୍ ଖେଳୁ ବୋଲି ତାମିମ୍ ଇଚ୍ଛା ପ୍ରକାଶ କରିଥିଲେ। ଏଥିଲାଗି ନାଜମୁଲ ତାଙ୍କୁ ଭାରତୀୟ ଏଜେଣ୍ଟ ବୋଲି ଫେସ୍‌ବୁକ୍‌ରେ ଏକ ପୋଷ୍ଟ କରି ସମାଲୋଚନା କରିଥିଲେ। ଏହା କିନ୍ତୁ ଖେଳାଳିଙ୍କୁ ବହୁତ ବାଧିଥିଲା। ସମସ୍ତ ବରିଷ୍ଠ ଖେଳାଳି ଓ ଖେଳାଳି କଲ୍ୟାଣ ସଂଘ ଏହାକୁ ଦୃଢ଼ ବିରୋଧ କରିବା ସହ ନାଜମୁଲଙ୍କୁ ବହିଷ୍କାର କରିବାକୁ ଦାବି କରିଥିଲେ। ଶେଷରେ ଖେଳାଳିଙ୍କ ଦାବି ଆଗରେ ବୋର୍ଡ ମୁଣ୍ଡ ନୁଆଁଇଥିଲା ଓ ନାଜମୁଲ୍‌ଙ୍କୁ ସମସ୍ତ ପଦରୁ ବହିଷ୍କାର କରିଥିଲା। ଦୀର୍ଘ ୧୬ ବର୍ଷ ଧରି ବାଂଲାଦେଶ ପକ୍ଷରୁ କ୍ରିକେଟ ଖେଳିଥିବା ତାମିମ୍‌ଙ୍କ ପ୍ରତି ଏଭଳି ମନ୍ତବ୍ୟକୁ ଖେଳାଳି ସଂଘ ଗ୍ରହଣ କରିପାରି ନ ଥିଲେ। ପରେ ଟି-୨୦ ବିଶ୍ୱକପ୍‌ରୁ ବାଂଲାଦେଶ ଓହରିଗଲେ ଖେଳାଳିଙ୍କୁ କୌଣସି କ୍ଷତିପୂରଣ ଦିଆଯିବ ନାହିଁ ବୋଲି କହିବା ପରେ ନିଆଁରେ ଘିଅ ଢାଳିବା ଭଳି ହୋଇଥିଲା। ଏବେ ସେ ବହିଷ୍କୃତ ହେବା ପରେ ପରିସ୍ଥିତି କ'ଣ ହେବ ତାହା ଦେଖିବାକୁ ବାକି ରହିଛି।

## ଜାତୀୟ ଦୃଷ୍ଟିହୀନ କ୍ରିକେଟ ଶନିବାରରୁ

ଭୁବନେଶ୍ୱର,୧୫।୧(ସମିସ): ସମର୍ଥନମ୍ ଟ୍ରଷ୍ଟ, କ୍ରିକେଟ ଆସୋସିଏସନ ଫର ବ୍ଲାଇଣ୍ଡ ଇନ୍ ଇଣ୍ଡିଆ (ସିଏବିଆଇ) ଏବଂ କ୍ରିକେଟ ଆସୋସିଏସନ ଫର ଭିଜୁଆଲୀ ଇମ୍ପେଆରଡ୍ (ସିଏଭିଆଇ)ର ମିଳିତ ସହଯୋଗରେ ଇଣ୍ଡସଇଣ୍ଡ ବରିଷ୍ଠ ଜାତୀୟ ମହିଳା ଦୃଷ୍ଟିହୀନ କ୍ରିକେଟ ପ୍ରତିଯୋଗିତା ଶନିବାରଠାରୁ ଭୁବନେଶ୍ୱରରେ ଆୟୋଜିତ ହେବ। ରାଜଧାନୀ ଉପକଣ୍ଠସ୍ଥ ହାଇଟେକ୍ ମେଡିକାଲ କଲେଜ ଗ୍ରାଉଣ୍ଡରେ ଜାନୁଆରୀ ୨୨ ତାରିଖଯାଏ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ୧୮ଟି ଦଳ ଅଂଶଗ୍ରହଣ କରୁଛନ୍ତି। ଏହି ଦଳଗୁଡିକୁ ୫ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ଗ୍ରୁପ୍-ଏ'ରେ ମଧ୍ୟପ୍ରଦେଶ (ଚାମ୍ପିଅନ), ରାଜସ୍ଥାନ, ତାମିଲନାଡୁ ଓ କେରଳ, ଗ୍ରୁପ୍-ବି'ରେ କର୍ଣ୍ଣାଟକ, ଝାଡଖଣ୍ଡ, ଦିଲ୍ଲୀ ଓ ଗୁଜରାଟ, ଗ୍ରୁପ୍-ସି'ରେ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ବିହାର ଓ ଚଣ୍ଡିଗଡ, ଗ୍ରୁପ୍-ଡି'ରେ ମହାରାଷ୍ଟ୍ର, ତେଲଙ୍ଗାନା ଓ ଉତ୍ତରପ୍ରଦେଶ, ଗ୍ରୁପ୍-ଇ'ରେ ପଶ୍ଚିମବଙ୍ଗ, ହରିୟାଣା ଓ ଆସାମ ରହିଛନ୍ତି। ହାଇଟେକ୍ ମେଡିକାଲ କଲେଜ୍ ଅଡିଟୋରିୟମ୍‌ରେ ଆସନ୍ତାକାଲି ରାତି ୮ଟା ବେଳେ ଏହି ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ଉତ୍ସବ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି ବୋଲି ସିଏଭିଆଇ ସଭାପତି ମହମ୍ମଦ୍ ଜାଫର ଇକ୍‌ବାଲ ଜଣାଇଛନ୍ତି।

## ନୀରଜଙ୍କ ନୂଆ କୋଚ୍

ନୂଆଦିଲ୍ଲୀ, ୧୫।୧ (ଏଜେନ୍ସି): ଦୁଇଥରର ଅଲିମ୍ପିକ୍ସ ପଦକ ବିଜେତା ନୀରଜ ଚୋପ୍ରା ନୂଆ କୋଚ୍ ଜୟ ଚୌଧୁରୀଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ଆରମ୍ଭ କରିଛନ୍ତି। ସିଜନ ପୂର୍ବରୁ ଏହି ପ୍ରସ୍ତୁତି ଲାଗି ନୀରଜ ଦକ୍ଷିଣ ଆଫ୍ରିକାର ପୋଶ୍ଚେଫ୍‌ଷ୍ଟ୍ରମକୁ ପସନ୍ଦ କରିଛନ୍ତି। କ୍ରୀଡ଼ା ମନ୍ତ୍ରଣାଳୟର ମିଶନ ଅଲିମ୍ପିକ ସେଲ୍ (ଏମ୍‌ଓସି) ନୂଆ କୋଚ୍ ଚୌଧୁରୀଙ୍କ ନେତୃତ୍ୱରେ ଦକ୍ଷିଣ ଆଫ୍ରିକାରେ ୩୨ ଦିନିଆ ଏହି ପ୍ରସ୍ତୁତି ଲାଗି ଅନୁମତି ପ୍ରଦାନ କରିଛି। ଏଥିଲାଗି ସାଇ ୧୧.୮୦ ଲକ୍ଷ ଟଙ୍କା ପ୍ରଦାନ କରିଥିବା ଜଣାପଡ଼ିଛି। ଗତ ସପ୍ତାହରେ ନୀରଜ ଚେକ୍ ଗଣରାଜ୍ୟର କିମ୍ବଦନ୍ତୀ ଜାଭେଲିନ ଥ୍ରୋ' ପ୍ରଶିକ୍ଷକ ଜାନ୍ ଜେଲେଜ୍ନିଙ୍କଠାରୁ ଅଲଗା ହୋଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS